
ସେବା ସଦନ

"ସେବା-ସାହିତ୍ୟ-ମନ୍ଦିର"ର ତୃତୀୟ ଅବଦାନ :—

# ସେବା-ସଦନ

'ମିନତି," "ଅଭିଯୋଗ", "ବଡ଼ଘରର ଝିଅ",
"ଡଲମାନ ଜାତକ," ଓ 'ବୈଷ୍ଣବ'ର

ଲେଖକ :—

ନରସିଂହ ସାହୁ

ପ୍ରକାଶିକା :—

**ଶ୍ରୀ ମତୀ ଗୀତାରାଣୀ ବିଶୋଇ**

ମାଲିପଡ଼ା—କଟକ

ପ୍ରକାଶିକାଙ୍କ ଦ୍ୱାରା ସର୍ବସତ୍ତ୍ୱ ସଂରକ୍ଷିତ

ପ୍ରଥମ ମୁଦ୍ରଣ—**ସେପ୍‌ଟେମ୍ବର, ୧୯୫୨**

ଏକହଜାର

ମୂଲ୍ୟ—ଦେଢ଼ଟଙ୍କା ମାତ୍ର,

ମୁଦ୍ରାକର:—

**ଶ୍ରୀ ସାଧୁଚରଣ ପଟ୍ଟନାୟକ**

**ଓରିଏଣ୍ଟ ପ୍ରେସ**

କଟକ

# ଉତ୍ସର୍ଗ

ସେବା-ଅବତାର,

ଆଚାର୍ଯ୍ୟ ହରିହର ଦାସ ମହୋଦୟ ସମୀପେଷୁ !

ଆଜି ବଡ଼ ସେହିମାନେ, ଯୋଉମାନେ ସୁଟ୍ ପିନ୍ଧନ୍ତି, ସିଗାରେଟ୍ ଖାଆନ୍ତି, ମଟର ଚଢ଼ନ୍ତି, ସୁଖଐଶ୍ୱର୍ଯ୍ୟ ଭୋଗବିଳାସ କୋଳରେ ବୁଡ଼ି ରହନ୍ତି । ତମଭଳିଆ ଅକର୍ମାକୋଡ଼ିଙ୍ଗ, ମଳି-ମୁଣ୍ଡିଆଙ୍କୁ ଏ ଯୁଗରେ ପଚାରିବ କିଏ? ଚିହ୍ନିବ କିଏ? ଆଜି ଚହଟଚକ୍‌କଣ କଥା କହି ଯିଏ ପରର ଚକ୍ଷୁ ଚିପି ପାରିଲା ସେହି ବଡ଼; ଆପଣା ଢୋଲ ଆପେ ପିଟି ଯିଏ ପାଞ୍ଚ ଜଣରେ ଦେଖେଇ ହେଇ ପାରିଲା ସେହି ନେତା । ଏ ଯୁଗରେ ଜାଲ, ଜୁଆଚୋରି, ଭଣ୍ଡାମି, ଧପ୍‌ପାବାଜି କରି ଯିଏ ଯେତେ ବେଶୀ ପରର ହାଡ଼ଭଙ୍ଗା ପରିଶ୍ରମ ଚୋରିକରି ପାରେ, ଯେତେ ବେଶୀ ଅନାଥ ଅସହାୟଙ୍କର ଛାତିର ରକ୍ତ ଶୋଷି ବିଳାସବ୍ୟସନର ରଙ୍ଗହାବେଲି ଜଳାଇପାରେ ସେ ସେତେ ବେଶୀ ପାରଙ୍ଗମ, ସେତେ ବେଶୀ ଉପଯୁକ୍ତ । ସମାଜର ସ୍ତରେସ୍ତରେ ଏହି ମହାକାଳ ଫଳ ଧୋବଧାଉଳିଆଙ୍କ ସଂଖ୍ୟା ଏତେ ବେଶୀ ହେଲଣି ଯେ ତମ ଭଳିଆ ନୁଖୁରା କେଶ, ମଳିନ ବେଶ ମଣିଷଙ୍କୁ ଆଜି ସେମାନେ ଫୁଟିକରେ ଉଡ଼ାଇଦେବେ— ତମର ଦରନଙ୍ଗଳା ରୂପ ସାଙ୍ଗକୁ ଖାଙ୍କଡ଼ା ପେଟ ଦେଖିଲେ ସେମାନେ ହସିହସି ଗଡ଼ିଯିବେ । କହିବେ—ବୁଦ୍ଧୁ ପାଗଳ ......

ସତେ ଆମର ଆଜି ଏମିତି ଅଧଃପତନ ହେଇଛି — କ୍ଷମତା ମୋହରେ ଆମେ ଆଜି ଏମିତି ଅନ୍ଧ ହେଇ ଯାଇଛୁ ଯେ ତମ ଭଳିଆ ଆଜୀବନ-ତ୍ୟାଗୀ, ଋଷିପ୍ରତିମ ସାଧକଙ୍କୁ ଚିହ୍ନି ପାରିବା ଆମ ପକ୍ଷରେ ଏକ ଦୁରୂହ ବ୍ୟାପାର ।

କିନ୍ତୁ ହେ ଦେବତା ! ତମେ ଯେତେ ଦୀନ, ହୀନ, ମଳିନ ବେଶରେ ଥିଲେହେଁ ଏ ଦଳିତ, ମଥିତ, ବନ୍ୟା-ପ୍ରପୀଡ଼ିତ ଜାତି କେବେ ତମକୁ ଭୁଲି ପାରିବ ନାହିଁ । ଆଜିଠାରୁ ହଜାର ବର୍ଷ ପରେ ଯଦି ଏହି ଜାତିରୁ କେହି ଯୁବକ ସେବା ଆଦର୍ଶରେ ଅନୁପ୍ରାଣିତ ହୋଇ ପରପାଇଁ ଢ'ବୁନ୍ଦା ଲୁହ ଢାଳିଦିଏ, ତେବେ ସେ ଆଗ ମନେ ପକେଇବ ତମକୁ—ଆଗ ମଥା ନୋଇଁବ ତମ

ପବିତ୍ର ଚରଣତଳେ । ସେତେବେଳକୁ ଏ ମଠର ଚଡ଼ା ନେତାଏ ମହନ୍ତଙ୍କ ପାଉଁଶ ହୋଇ କୁଆଡ଼େ ମିଳେଇ ଯିବେଣି—ତାଙ୍କ ସଉଖୀନିଆ ଦେହ, ଚକମକିଆ ପୋଷାକ ଆଉ ତାଙ୍କ ସ୍ତାବକଙ୍କର ଖୋସାମଦ ପ୍ରଶଂସା—ସବୁ କୁଆଡ଼େ ମିଳେଇଯିବଣି କାଳର କରାଳ ବକ୍ଷରେ । କିନ୍ତୁ ତୁମ ନାଁ—ତମ ଯଶ—ତମ ଗୌରବର ସୌରଭ ଚିରଦିନ ପାଇଁ ମହକୁଥିବ — ଚିରଦିନ ଏ ଜାତି ପ୍ରାଣରେ ଜାଜ୍ଜ୍ୱଲ୍ୟମାନ ହୋଇ ଶୋଭାପାଉଥିବ—ପୂଜା ପାଉଥିବ ।

ହେ ସନ୍ୟାସି ! ମଣିଷ ଜାତିକି ତମେ ଭଲପାଅ । ସାନବଡ଼ ଗରିବଡାଲବର ଭେଦ ନ ରଖି ତମେ ଦେଶର ଅଗଣିତ ଦୀନ, ଦୁଃଖୀ, ଦରିଦ୍ର, ରୋଗୀ, ଶୋଷୀ, ଭୋକୀଙ୍କର ସେବାରେ ହସିହସି ଜୀବନକୁ ଭସାଇ ଦିଅ । କାମ କରିକରି ତମେ କୁବ୍ଜ ହେଲଣି— ସେବା କରିକରି ତମର ଅଖି ଭାଙ୍ଗିଲଣି—ପେଟ ଆସି ପିଠିରେ ଲାଗିଲଣି । ତଥାପି ତମେ କ୍ଳାନ୍ତ—ବିଶ୍ରାମ ନାହିଁ, ବିଶ୍ରାମ ନାହିଁ, ବିଷାଦ ନାହିଁ ।

ହେ ଯୋଗି ! ହେ ତ୍ୟାଗି ! ହେ ସାଧୁ ! ହେ ମହାପୁରୁଷ ! ଏ ଜାତି ତମର ପୂଜା କରି ଜାଣିନାହିଁ । ତମର ମହତ୍ତ୍ୱ ଉପଲବ୍ଧି କରି ପାରି ନାହିଁ । କିନ୍ତୁ ହେ ଉଦାର ! ଉତ୍କଳମଣିଙ୍କ ଭଳି ତମେ ମଧ୍ୟ ଆପଣା ଉଦାରତା ଗୁଣରେ ଏ ଜାତିକି କ୍ଷମା କର—ଏ ଜାତିକି ଅଭିଶାପ ନ ଦେଇ ଆଶୀର୍ବାଦ କର ।

ହେ ପୁଣ୍ୟାତ୍ମା ! ଏ ଅଧମ ଅତି ସାମାନ୍ୟ - ଅତି ଅକିଞ୍ଚନ ତଥାପି ତମରି ଚରଣସରୋଜରେ ମନଧ୍ୟାନ ରଖି ମୁଁ ଗଢ଼ିଛି ଏଇ ପଥର କୁନ୍ଦିଆଖଣ୍ଡି । ଜାଣେନା, ପଦଧୂଳି ଦେଇ ତମେ ଏଇଟିକୁ ପବିତ୍ର କରିବ କି ନା । ଏହି କୁନ୍ଦିଆ ଭିତରେ ମୁଁ ପୁଣି ବଢ଼େଇଛି ଯୋଡ଼ିଏ ମଣିଷ—"ସାଗର" ଆଉ "ହେମନ୍ତ" । ତମରି ସେବା ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ସେମାନେ ଆଗେଇଛନ୍ତି ଆଗକୁ । ଅବଶ୍ୟ କେତେଦୂର କୃତକାର୍ଯ୍ୟ ହେଇଛନ୍ତି, ତା' ମୁଁ ଜାଣେ ନା । ତା' ତମେହିଁ ବୁଝ—ତମେହିଁ ବୁଝ ଦେବତା ? ତମରି ଆଶୀର୍ବାଦରେ ତାଙ୍କ ଜୀବନ ବିକଶିତ ହେଉ—

— ନରସିଂହ —

୨୪ । ୩ । ୫୧

—୧—

ଗାଁ ଝିଅ ବୋହୂମାନଙ୍କ ହୁଳହୁଳି ସାଙ୍ଗରେ ହୋଉଥିବା ଶୁଭ ଶଙ୍ଖଟିଏ ବାଜିଉଠିଲା ମହାପାତ୍ରଙ୍କ ଦୁଆରେ, ସେଦିନ ସତେ ଅବା ରଡ଼ ନିଆଁ ମୁଣ୍ଡାଏ ଖସିପଡ଼ିଲା ସୁମନ୍ତ ଛାତି ଉପରେ। ରାତି ପାହିଲେ ବାହା। କୁଣିଆମଇତ୍ରଙ୍କ ଗହଳଚହଳରେ ଘର କମ୍ପୁଛି। ମହୁରୀ, ଯୋଡ଼ିନାଗରା, ତେଲିଙ୍ଗି ବାଜା, ବଡ଼ବାଜାରେ ଦାଣ୍ଡଘାଟ ଫାଟି ପଡ଼ୁଛି। ଏତେବଡ଼ ବାଲିମାହି ଗାଁର ପିଲାଠୁ ବୁଢ଼ାଯାଏ ସଭିଙ୍କ ମୁହଁରେ ହସ, ସଭିଙ୍କ ମନରେ ଆନନ୍ଦ। କିନ୍ତୁ ଯାହାପାଇଁ ଏତେ ଆୟୋଜନ, ତା' ପ୍ରାଣରେ ବହୁଛି ଦୁଃଖ ଅଶାନ୍ତିର ଏକ ଦାରୁଣ ଝଡ଼। ମଲ୍ଲୀ ଫୁଲଟି ଭଳି ସେ ଏକାବେଳକେ ମଳିନ ; ମଲ୍ଲୀକଢ଼ି ଭଳି ସେ ଏକାବେଳକେ ପାଣ୍ଡୁର, ନିଷ୍ପ୍ରଭ, ଜ୍ୟୋତିହୀନ। ହୃଦୟ ଭାବମୟ ହେଲେ ମଣିଷ ମୂକ ହୁଏ; ଦୁଃଖର ଆତିଶଯ୍ୟ ହେଲେ ଆଖିରୁ ଲୋତକ ଶୁଖିଯାଏ। ଆଜି ଠିକ୍ ସେହି ଅବସ୍ଥାରେ ଘାରି ହେଉଛି ସୁମନ୍ତ। ଆଜି ତା' ତୁଣ୍ଡରେ

ଭାଷା ନାହିଁ, ପିଣ୍ଡରେ ପ୍ରାଣ ନାହିଁ, ଆଖିରେ ଲୁହ ନାହିଁ କି ଛାତିରେ କୋହ ନାହିଁ। ଶରତ ସକାଳର ଝରା ଶେଫାଳି ଭଳି ଭରା ଯୌବନ ନେଇ ସେ ଝରି ପଡ଼ୁଛି ମାଟିରେ ; ସୁଖଶାନ୍ତିର ସୁନେଲୀ ସ୍ୱପ୍ନଲୋକରୁ ସକଳ ମାୟାମମତା ତୁଟେଇ ସେ ଖସିପଡ଼ୁଛି ଏହି ବାସ୍ତବତାର ମାଟି ଗୋଡ଼ ଦୁନିଆରେ। ସେ ଖାଲି ସେହିକଥା ଭାବୁଛି। ଗୁମ୍ଫାବାଳର କୁହୁକ ଭଳି ସେହି କଥାସବୁ ମୂଳରୁ ଶେଷଯାଏ ଟିକିନଖି ହୋଇ ଆଜି ଆଗରେ ତା'ର ନାଚିଯାଉଛି।

କିନ୍ତୁ ବାଟ ଚାଲିବା ଯେତେ ସହଜ, ଅଟକି ପଡ଼ି ପଛକୁ ଫେରି ଚାହିଁବା ସେତେ ସହଜ ନୁହେଁ। ଜୀବନର ଅସରନ୍ତି କର୍ମ-ପ୍ରବାହ ଭିତରେ ଅହରହ ଆପଣାକୁ ବୁଡ଼େଇ ରଖି ମଣିଷ ଯେତେବେଳେ ଆଗେଇ ଚାଲିଥାଏ, ସେତେବେଳେ ସେ ଭୁଲି ଯାଇଥାଏ ତା'ର ସକଳ ବ୍ୟଥା, ତା'ର ସକଳ ଗୁପ୍ତଫଟା କଲିଜାଥରା ବିରହ-ବେଦନା। ଯେତେ ଦୁଃଖ, ଦୁର୍ଦ୍ଦଶାରେ ସେ ଘାଣ୍ଟି ହେଉଥାଉ ପଛକେ, ଯେତେ ହା-ହୁତାଶ ଭିତରେ ତା' ପ୍ରାଣ କଲବଲ, ଔହଲଓଲ ହେଉଥାଉ ପଛକେ, ଯଦି ସେ ସଦା-ସର୍ବଦା ନାନାଦି କାମକାର୍ଯ୍ୟରେ ମଜ୍ଜି ରହେ, ତେବେ ସେ ସବୁ ଭୁଲିଯାଏ ଅକ୍ଳେଶରେ। କିନ୍ତୁ କାମ କରୁକରୁ ଯେତେବେଳେ ସେ ଟିକିଏ ଅଟକିଯାଏ, ବାଟ ଚାଲୁଚାଲୁ ଯେତେବେଳେ ସେ ଟିକିଏ ଠିଆ ହୋଇ ପଛକୁ ଫେରିଚାହେଁ, ସେତେବେଳେ ହିଁ ଚମକିଉଠେ —ସେତେବେଳେ ତା' ପ୍ରାଣର ପ୍ରତ୍ୟେକ ତନ୍ତ୍ରୀ ଝଙ୍କାରିଉଠେ ବୀଣାର କରୁଣ ମୂର୍ଚ୍ଛନା ଭଳି। ଜୀବନର ସବୁ ଦୁଃଖ, ସବୁ ଅବସାଦ, ସବୁ ଗ୍ଲାନି, ସବୁ ହା-ହୁତାଶ ସେତିକିବେଳେ ଆସି ହାଜିରହୁଏ ତା' ଆଗରେ। ଚଲାପଥରେ ଆଉ ପାହୁଣ୍ଡଟିଏ ଆଗେଇ ନପାରି ସେ ସେଇଠି ବସିପଡ଼େ, ସେଇଠି ଗଡ଼ିପଡ଼େ।

—ଦୁଇ—

ସୁମନ୍ତର ଆଜ ସେହି ଦଶା । ଆଜଯାଏ ସେ କିଛି ଭାବୁ ନଥିଲା । ସ୍ତେଟବଡ଼ ନାନାଦି ଘରକାମରେ ସବୁବେଳେ ବ୍ୟସ୍ତ ରହି ଚିନ୍ତା କରିବାକୁ ସେ କେବେହେଲେ ଅବସର ପାଉ ନଥିଲା । କିନ୍ତୁ ଆଜ ଯେତେବେଳେ ଧୀରସ୍ଥିର ଭାବରେ ବସି ସେ ଆମୂଳ-ଚୂଳ ସବୁକଥା ଭାବିଗଲା, ସେତେବେଳେ ବର୍ଷାଦିନର କୂଳଉଚ୍ଛୁଳା ନଈ ଭଳି ତା'ର ରୁଦ୍ଧ ଆବେଗ ସ୍ରୋତ ଫାଟେଇ ବାହାରି ପଡ଼ିଲା ପଦାକୁ । ସେ ପଛକୁ ଫେରି ଚାହିଁଲା । କାହିଁ କେଉଁ ସୁଦୂର ଅତୀତର ଲୁଚିଲା, ଲିଭିଲା, ମଉଳା ସ୍ମୃତି ସବୁ ଘଡ଼ିକେ ଆସି ଖେଳିବୁଲିଲା ଆଖି ଆଗରେ । ଶୋଇଲା ମନ ଚେଇଁ ଉଠିଲା—ଥିର ପାଣି ଚହଲି ଗଲା । ଅତୀତର କେତେ ଦୁଃଖସୁଖ, ହସଖେଳ, ରାଗରୁଷା, ମାନଅଭିମାନ—ସବୁ ଆଜି ଗୋଟିଗୋଟି ହୋଇ ମନେ ପଡ଼ିଲା ତା'ର । 'ଆଉ ତା' ସାଙ୍ଗରେ ମନେ ପଡ଼ିଲା ସେହି ଶତସ୍ମୃତିଭରା, ଗୀତ-ଗୁଞ୍ଜନମୁଖର କୋଳାହଳମୟ ଦିନଟି—ଯୋଉଦିନ ବସନ୍ତ ଆସିଥିଲା, ମଳୟ ନାଚୁଥିଲା, ଜ୍ୟୋତ୍ସ୍ନା ଖେଳୁଥିଲା. ଫୁଲଅଳା ଲୋଟୁଥିଲା ଆଉ ଯୋଉଁ ଦିନ ସେ ପହିଲିଥର ପାଇଁ ତା'ର ଲାଜସଂକୋଚଭୋଳା ତରଳ ତନୁଟି ନେଇ ଥରଥର ହୋଇ ଢଳି ପଡ଼ିଥିଲା ଆଗରେ ପ୍ରିୟସୋହାଗଭରା ଉଦାର ବୁକୁ ଉପରେ ।

—୨—

ସେ ଅନେକ ଦିନ ତଳର କଥା । ସାଗର ସେତେବେଳେ ଭିଜାଗ ମେଡ଼ିକାଲ୍ କଲେଜର ଫୋର୍ଥ୍ ଇୟରରେ ପଢ଼ୁଥାଏ । ସୁମନ ପଢ଼ୁଥାଏ ପାରଳାଖେମିଣ୍ଡି କଲେଜରେ । ଯଦିଓ ସୁମନ୍ତର ଜନ୍ମଭୂଇଁ ସୁଦୂର ବାଲେଶ୍ୱର ଜିଲ୍ଲାର ଏକ ନଗଣ୍ୟ ମଫସଲ

ଗାଁରେ, ତଥାପି ତା'ର ବାପା ସ୍ବଳ୍ପକାଳର ଗୁରୁ ଦାୟିତ୍ୱ ନେଇ ବହୁଦିନ କୋରାପୁଟରେ ରହିଯାଇ ଥିବାରୁ ତା'କୁ ଲୋଅର ପ୍ରାଇମେରୀଠାରୁ ବି. ଏ. ପର୍ଯ୍ୟନ୍ତ ସବୁ ପଢ଼ିବାକୁ ହୋଇଥିଲା ଏହି ଦକ୍ଷିଣ ଓଡ଼ିଶାରେ ।......

ସେଥରକ ଇଚ୍ଛାପୁରରେ 'ବିଚ୍ଛିନ୍ନ ଓଡ଼ିଆମାନଙ୍କର ଏକ ବିରାଟ ସମ୍ମିଳନୀ ହେଉଥାଏ । ଓଡ଼ିଆ ଭାଷାକୁ ଏକାବେଳକେ ଚିପିଚାପି ମାରିଦେବା ପାଇଁ ମାନ୍ଦ୍ରାଜରେ ଯେଉଁ ଗୁପ୍ତ ଷଡ଼ଯନ୍ତ୍ର ଚାଲିଛି, ତା'ର ତୀବ୍ର ପ୍ରତିବାଦ କରିବା ଥାଏ ଏହି ସମ୍ମିଳନୀର ଉଦ୍ଦେଶ୍ୟ । ମାନ୍ଦ୍ରାଜ ଭିତରେ ପଡ଼ି ରହିଥିବା ମଂଜୁଷା, ଟିକାଲି, ଜଳନ୍ତରି, ବୁଡ଼ାରସିଂ, ତରଲା, ସାଲୁର, ମାଡ଼ୁଗୁଲ, ସୋମପେଣ୍ଟ ପ୍ରଭୃତି ବିଚ୍ଛିନ୍ନ ଅଞ୍ଚଳରୁ ତ ଅନେକ ଲୋକ ଆସିଥାନ୍ତି, ତା' ଛଡ଼ା ଓଡ଼ିଶା ଭିତରୁ ମଧ୍ୟ ବହୁ ମାନ୍ୟଗଣ୍ୟ ଶୁଭାକାଂକ୍ଷୀ ଆସି ଯୋଗ ଦେଇଥାନ୍ତି ଏଥିରେ । ସେହି ବିରାଟ ସଭାର ଦର୍ଶକମଣ୍ଡଳୀ ଭିତରେ ବସି ସୁମତି ଦେଖିଲା—ଜଣେ ରୁକ୍ଷକେଶ, ମଳିନବେଶ ଯୁବକ ସଭାମଞ୍ଚରେ ଦଣ୍ଡାୟମାନ ହୋଇ ଗୁରୁଗମ୍ଭୀର କଣ୍ଠରେ କହୁଛି— "ବଂଚିବାକୁ ହେଲେ ଆମକୁ ମଣିଷ ଭଳି ବଂଚିବାକୁ ହେବ । ଆମର ସାହିତ୍ୟ, ଆମର ସଂସ୍କୃତି, ଆମର ମାତୃଭାଷା—ସବୁକୁ ନେଇ ବଂ... ରଖିବାକୁ ହେବ, ସବୁର ଉତ୍ତରୋତ୍ତର ଉନ୍ନତି କରି ଅନ୍ୟାନ୍ୟ ପଡ଼ୋଶୀ ଭାଇମାନଙ୍କ ସାଙ୍ଗରେ ସମାସ୍କନ୍ଧ ହୋଇ ଗୌରବ ଦର୍ପରେ ଆଗକୁ ଆଗକୁ ମାଡ଼ି ଚାଲିବାକୁ ହେବ । ତା' ନହେଲେ ଏ ଜାତିର ଅସ୍ତିତ୍ୱ ରହିବ ନାହିଁ, ଏ ମନୁଷ୍ୟର ମନୁଷ୍ୟତା ରହିବ ନାହିଁ । ଆଜି ଓଡ଼ିଆ ଭାଷାକୁ ଦଳିଭୁଷି, ମାଡ଼ି-ମକଚି, ଜୋରଜବରଦସ୍ତି ତଳକୁ ତଳକୁ ଚପେଇ ଦେବାକୁ ବଙ୍ଗଳା, ବିହାର, ମାନ୍ଦ୍ରାଜ ପ୍ରଦେଶରେ ଯେଉଁ କୁଟଚକ୍ରାନ୍ତ

ଜଣଙ୍କର ହୃଦୟରେ ଥିଲା ସାହସ, ମନରେ ଥିଲା ବଳ, ଆଖିରେ ଥିଲା ଦୃଢ଼ତା, ପ୍ରାଣରେ ଥିଲା ଗଭୀର ଦେଶପ୍ରୀତି; ଆଉ ଜଣଙ୍କର ମୁଖରେ ଥିଲା ଅମୃତ, ଆଖିରେ ଥିଲା କରୁଣା, ପ୍ରାଣରେ ଥିଲା ପ୍ରେମ, ହୃଦୟରେ ଥିଲା ତ୍ୟାଗ, ନିଷ୍ଠା, ସେବାର ମହିମାମୟ ଆଦର୍ଶ । ଜଣେ ଆକାଶ ଭଳି ଅନନ୍ତ, ସାଗର ଭଳି ଉଦାର, ହିମାଳୟ ଭଳି ମହତ୍ ଆଉ ଜଣେ ଚନ୍ଦ୍ର ଭଳି ଶୀତଳ, ହୀରା ଭଳି ସ୍ୱଚ୍ଛ, ଫୁଲ ଭଳି କୋମଳ । ଜଣେ ବିରାଟ, ବିଶାଳ, ବିସ୍ତୀର୍ଣ୍ଣ ମହୋଦଧି–ଜଣେ ଶୁଭ୍ରବସନା, ସ୍ୱଚ୍ଛସଲିଳା, ପୁଣ୍ୟତୋୟା ଜାହ୍ନବୀ । ଜଣେ "ସାଗର", ଜଣେ "ସୁମନ୍ତି" । ଉଭୟ ଉଭୟଙ୍କୁ ଚିହ୍ନିଲେ । ଉଭୟଙ୍କ ଓଠରେ ଅଜାଣତରେ କ୍ଷୀଣ ହାସ୍ୟ ରେଖାଟିଏ ଫୁଟି ଉଠିଲା କ୍ଷଣକପାଇଁ । ସେହି ତାଙ୍କର ପ୍ରଥମ ପରିଚୟ—ସେହି ତାଙ୍କର ପବିତ୍ର ପ୍ରେମ । ଏ ଭଲପାଇବା ଭିତରେ ରୂପର ମୋହ ନଥିଲା, ଥିଲା ଗୁଣର ଆଦର; ଧନ, ମାନ, ଆଭିଜାତ୍ୟର ବଡ଼େଇ ନଥିଲା, ଥିଲା ତ୍ୟାଗ, ସେବା, ଆତ୍ମୋତ୍ସର୍ଗର ଉଚ୍ଚ ଆଦର୍ଶ । ଏଠି ଦେହର ମିଳନ ହୋଇ ନଥିଲା—ହୋଇଥିଲା ଆତ୍ମାର ମିଳନ—ଯାହା ଶାଶ୍ୱତ, ଯାହା ପବିତ୍ର, ଯାହା ସତ୍ୟ, ଶିବ, ସୁନ୍ଦର ।

—୩—

ଦିନ ଗଡ଼ିଗଲା । ଆଉ ତା' ସାଙ୍ଗରେ ହୃଦୟର ବନ୍ଧନ ଦିନକୁଦିନ ଦୃଢ଼ରୁ ଦୃଢ଼ତର ହେବାକୁ ଲାଗିଲା । ସାଗର ପ୍ରତି ଛୁଟିରେ ବିଭିନ୍ନ ଅଞ୍ଚଳକୁ ଯାଇଁ ବିଚ୍ଛିନ୍ନ ଓଡ଼ିଆମାନଙ୍କୁ ସଂଗଠିତ କରେ । ସେମାନଙ୍କୁ ଦେଶକଥା ବୁଝାଏ, ସେମାନଙ୍କ ପିଲାମାନଙ୍କୁ ଓଡ଼ିଆ ଶିକ୍ଷା ଦେବାପାଇଁ ବ୍ୟବସ୍ଥା କରିଦିଏ ଆଉ ବିଚ୍ଛିନ୍ନ ଅଞ୍ଚଳର ଦୁଃଖ, ଦୁର୍ଦ୍ଦଶା ବର୍ଣ୍ଣନା କରି ପତ୍ର ସମ୍ବାଦରେ ଲେଖାମାନ

ପ୍ରକାଶ କରେ କିଂବା କର୍ତ୍ତୃପକ୍ଷଙ୍କୁ ଜଣେଇ ତା'ର ଆଶୁ ପ୍ରତିକାର ପାଇଁ ପ୍ରାଣପଣେ ଚେଷ୍ଟାକରେ । ସୁମନ୍ତ ବି ବେଳେବେଳେ ଆସି ସାଗର ସାଙ୍ଗରେ ଯୋଗଦିଏ । ମଫସଲର ଗାଉଁଲି ଝିଅ ବୋହୂମାନଙ୍କୁ ପରିଷ୍କୃତ, ପରିଚ୍ଛନ୍ନ ହେବାକୁ ବୁଝାଏ; ରାତିରେ ସମସ୍ତଙ୍କୁ ଏକାଠି କରି ନିଜେ ସେମାନଙ୍କୁ ବର୍ଣ୍ଣବୋଧ ପଢ଼ାଏ, ଅକ୍ଷର ଚିହ୍ନାଏ ଆଉ ତା'ଛଡ଼ା ନିଜର ଭୋଗ ବିଳାସ, ଆମୋଦ ପ୍ରମୋଦ କମେଇ ସେହି ପଇସାରେ ଦୁଃଖୀ, ରଙ୍କି, ରୋଗୀ, ଶୋଷିତଙ୍କ ସେବାରେ ମନପ୍ରାଣ ଢାଳିଦିଏ । ଏମିତି ନାନାଦି ଶ୍ରେଷ୍ଠବଡ଼ କାମ ଭିତରେ ଉଭୟ ଉଭୟଙ୍କୁ ଚିହ୍ନନ୍ତି—ଉଭୟଙ୍କ ମନ ବେଶୀ ବେଶୀ ପାଖକୁ ପାଖକୁ ଟାଣି ହୋଇଆସେ ।

ସେଦିନ ହୋଇଥାଏ ପୂନେଇ । ଜ୍ୟୋସ୍ନାର ଜୁଆର ସାଙ୍ଗରେ ଅଙ୍ଗ ମିଶେଇ ଦେବାକୁ ଫୁଲି ଫୁଲି ଉଠୁଥାଏ ତରଳ, ଫେନିଳ, ଉତ୍ତାଳ ସମୁଦ୍ର; ମଳୟର ମୃଦୁ ପରଶରେ ଶିହରି ଉଠୁଥାଏ ତରୁଣ ତରୁଣୀଙ୍କ ଦେହମନ; ଆନ୍ଧ୍ର-ରମଣୀର ନିତମ୍ବ-ଚୁମ୍ବୀ, ଲୀଳାୟିତ କୃଷ୍ଣବେଣୀରୁ ଖସି ଆସୁଥାଏ ଜବାକୁସୁମର ଗନ୍ଧ ସାଙ୍ଗରେ ସଜଗୁନ୍ଥା ରଜନୀଗନ୍ଧାର ପ୍ରାଣପୁଲକା ମହକ । ସାଇଜାଗର ସେହି କୋଳାହଳମୟ ବେଳାଭୂମିରେ ବସି ବସନ୍ତର ଋତୁ ସମ୍ଭାର ଉପଭୋଗ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତର ସୁନେଲି ସ୍ୱପ୍ନ ଦେଖୁଥାନ୍ତି ସାଗର ଆଉ ସୁମନ୍ତ । ସମୁଦ୍ରର ଜୁଆର ଭଳି ପ୍ରେମର ଜୁଆର ଫୁଲିଉଠୁଥାଏ ଗୁହ ଭିତରେ । ମନ ହେଉଥାଏ ଉଚ୍ଛଳ, ଦେହ ହେଉଥାଏ ଭୋକିଲା । ମଳୟର ଘନ ଘନ ପରଶରେ ସୁମନ୍ତ ହୃଦୟରେ ଖେଳି ଯାଉଥାଏ କେତେ ଅଜଣା ପୁଲକର ଢେଉ; ଜ୍ୟୋସ୍ନାର ଆଲିଙ୍ଗନରେ ଅନ୍ତରର କେଉଁ ନିଭୃତ କୋଣରେ ଜାଗି

ଉଠୁଥାଏ କେତେ ପ୍ରାଣଉଲ୍ଲସା ଶିହରଣ, ଦେହ-ଉଲ୍ଲସା ଚମକ । ମନ ହେଉଥାଏ ଅଗନାଅଗନ ବନସ୍ତରେ କୁଳୁ କୁଳୁ ଝରଣାଟି ଭଳି କେତେ ବାଧା ବନ୍ଧ ନ ମାନି, ସାନବଡ଼, ଖାଲଢ଼ିପ, ପାହାଡ଼ ପର୍ବତ— ସବୁର କୋଳରେ ମଥା ରଖି, ପ୍ରେମସଙ୍ଗୀତ ଗାଇ ଗାଇ ସେ ବହିଯିବ କାହିଁ କେଉଁ ଅଜଣା ରାଇଜକୁ ଆଉ ତା'ର ନୀଳ ଯଉବନ ନଚାଇ ନଚାଇ ମିଶିଯିବ କାହିଁ କେଉଁ ନୀଳସାଗରର ଉଦାର ବୁକୁ ଭିତରେ । କିନ୍ତୁ ଠିକ୍ ପର ମୁହୂର୍ତ୍ତରେ ତା'ର ଗୋଲପୀ ଅଧର ପାଟଳ ହୋଇଉଠେ ଲଜ୍ଜାରେ । ସେ ଓଢ଼ଣୀ ଟାଣେ ।

ଚତୁର ସାଗର କିନ୍ତୁ ବୁଝିପାରେ ତା' ମନକଥା । ତା' ଦେହ ବି ଅବଶ ହୋଇ ଆସିଥାଏ । ତା' ମନ ବି ଉଚ୍ଛନ୍ନ ହୋଇ ଉଠିଥାଏ ଗୋଟାଏ କଂଚ ଦେହର ସ୍ପର୍ଶ ପାଇବାକୁ । ସେ ହଠାତ୍ ହତଜ୍ଞାନ ଭୁଲି ସୁମନ୍ତର ଭରା ଯୌବନର ଲହୁଣୀ-କୋମଳ ଦେହଟିକୁ ଟାଣିଆଣେ ତା' ଛାତି ଉପରକୁ ଆଉ ଥରିଲା ଥରିଲା ଓଠରେ ତାର ଲାଜ ଢଳଢଳ କଅଁଳ ଗାଲ ଉପରେ ଆଙ୍କିଦିଏ ଗୋଟିଏ ସାନ ଚୁମା ......... ସୁମନ୍ତ ଛାତିରେ ଜଳଉଠେ ନିଆଁ, ରକ୍ତରେ ଛୁଟିଯାଏ ଚଞ୍ଚଳ, ପ୍ରାଣରେ ଲାଗିଯାଏ ଏକ ମହୁଆ ନିଶା । ସେ ଆଗପଛ ଭଲମନ୍ଦ ନ ମାନି, ନିନ୍ଦା ଅପବାଦକୁ ନ ଡରି କ୍ଷଣକ ପାଇଁ ଆପଣାକୁ ହଜେଇ ଦିଏ ସାଗରର ବଳିଷ୍ଠ ବାହୁଯୁଗଳ ଭିତରେ... ... ...

ବିଦ୍ୟୁତର ଝିଲିକ ଖେଳାଇ କଣେଶାଟିଏ ସେହି ବାଟରେ ଚଳ-ଚପଳ ଗତିରେ ଚାଲିଯାଏ । ଚ୍ରଣପୂର୍ଣ୍ଣ ଚମକ ଉଠି ଦୂରେଇ ଯା'ନ୍ତି । ମୁହୂର୍ତ୍ତ କେଇଟି ନୀରବରେ କଟେ । ତା'ପରେ ପ୍ରକୃତସ୍ଥ ହୋଇ ଧୀରେଧୀରେ ସାଗର କହେ -"ଦୁନିଆର ଶତ ଭ୍ରୂକୁଞ୍ଚନକୁ ଭ୍ରୂକ୍ଷେପ ନ କରି ଆମେ ଯେମିତି ଆଜି ଏକାଠି

ହୋଇ ପାରିଛେ, ଆମର ଦେହମନ ସବୁ ଯେମିତି ଆଜ ଦୁଇଟୁ ଆସି ଏକରେ ଲୀନ ହୋଇ ପାରୁଛି, ସେମିତି କ'ଣ ଆମେ ସବୁଦିନେ ରହିପାରିବା ? ସେମିତି କ'ଣ ଆମେ ଶାନ୍ତ, ସରଳ ଶୁଆଶାରି ଭଳି ଆପଣାର ସସୀମ ଦେହ ନେଇ ଅସୀମ ଆକାଶର ଅନନ୍ତ ନୀଳିମା ଭିତରେ ମିଳେଇ ଦେଇ ପାରିବା'' ?

ବାଲି ଉପରେ ଅନ୍ୟମନସ୍କ ଭାବେ ଗାର କାଟୁକାଟୁ ସୁମନ୍ତ କହେ—''କାହିଁକି, ଏ ସନ୍ଦେହ ଦେଖାଯାଉଛି ବା କାହିଁକି ? ଏ ପ୍ରଶ୍ନ ଉଠୁଛି ବା କାହିଁକି ? ପ୍ରାଣକୁ ଛାଡ଼ି ପିଣ୍ଡ କି କେବେ ଅଲଗା ରହିପାରେ ? ଲଉଡ଼ିକି ଛାଡ଼ି ଅନ୍ଧ କି କେବେ ଆଗେଇ ଯାଇ-ପାରେ ? ମଣିଷ ହେବାପାଇଁ ତମେ ମୋତେ ଶିକ୍ଷା ଦେଇଛ । ବିଶ୍ୱର ସେବାରେ ଜୀବନକୁ ତିଳେତିଳେ ବିସର୍ଜନ କରିଦେବା ପାଇଁ ତମେ ମୋତେ ଉପଦେଶ ଦେଇଛ । ସେହି ଶିକ୍ଷା, ସେହି ଉପଦେଶ, ସେହି ଉଚ୍ଚ ଆଦର୍ଶ ସବୁକୁ ତମର ଚରଣ ତଳେ ବସି ବାସ୍ତବତାରେ ରୂପାୟିତ କରି ପାରିଲେ ଜୀବନକୁ ମୁଁ ସାର୍ଥକ ମଣିବି ସିନା ।''

''ଏକା ତମେ ନୁହଁ ସୁମ ! ତମର ଉତ୍ସାହ, ତମର ପ୍ରେରଣା ପାଇଲେ ମୁଁ ବି ମୋ ଠିକ ଦେହଠିରେ ଧୂଳି ନେଇ ବାଲିବନ୍ଧରେ ଝାଡ଼ିବି । ମୁଁ ବି ଜୀବନ ସାରା କରି ଚାଲିବି କାମ—ନିଜପାଇଁ ନୁହେଁ ପରପାଇଁ—ନିଜର ସଂକୀର୍ଣ୍ଣ ସ୍ୱାର୍ଥ ପାଇଁ ନୁହେଁ, ଦେଶର ସମୂହ ହିତ ପାଇଁ । ତମେ ଜାଣ, ତରୁଣ ବଂଚେ ଖାଲି ସ୍ୱପ୍ନ ଆଉ ଆଦର୍ଶକୁ ନେଇ । ଯୌବନ ଜୀଇ ରହେ କେବଳ ଆଶା, ସ୍ୱପ୍ନ ଆଉ କଳ୍ପନା ଭିତରେ । ପୁଣି ସେହି ସ୍ୱପ୍ନକୁ ବାସ୍ତବତାରେ ରୂପ ଦେଇ ବିଜୟ ଗୌରବରେ ମଣ୍ଡନ କରିବାକୁ ମଣିଷ କରେ କେତେ ସାଧନା —

—ଦଶ—

କେତେ ଦୁର୍ଗମ ପଥ ଦେଇ, କେତେ ଉତ୍‌ଥାନ ପତନ ଭିତରେ । କିନ୍ତୁ ସେହି ସାଧନା ପଥରେ ବେଳେବେଳେ ଝଂଜା ଉଠେ, ଉଲ୍‌କା ଛୁଟେ, ପ୍ରଳୟ ନାଚେ । ମଣିଷର ସବୁ ଦମ୍ଭ, ସବୁ ଗର୍ବ ଘଡ଼ିକେ ଓଲଟପାଲଟ ହୋଇଯାଏ । ସେଇଥି ପାଇଁ ସେ ଲୋଡ଼େ ଜଣେ ସାଥୀ —— ଯିଏ ତାର ଜୀବନର ସେହି ଘନ ତମସାଚ୍ଛନ୍ନ ଦୁର୍ଦ୍ଦିନରେ ସାହା ହୋଇ ଆହା ବୋଲି ପଦଏ କହିବ, ଯିଏ ତା'ର କର୍ମ-କ୍ଳାନ୍ତ ଜୀବନର ଗୁରୁଭାର ଉଶ୍ୱାସ କରି ଭଗ୍ନ ହୃଦୟରେ ଶକ୍ତି, ସାହସ, ଉତ୍ସାହ, ଉଦ୍ଦୀପନା ଭରିଦେବ ।.....ପ୍ରିୟାର କୋମଳ କଣ୍ଠର ଲଳିତ ମାଧୁରୀ ଶୁଣିଶୁଣି କବି ଲେଖେ କବିତା; ରୂପସୀର ଲାବଣ୍ୟବୋଳା ମୁଖମଣ୍ଡଳର ରକ୍ତ ଅଧରକୁ ଚୁହିଁ ଚୁହିଁ ଶିଳ୍ପୀ ଆଙ୍କେ ଛବି; ଚକ୍ଷୀବିଧିର କଅଁଳ ଛନଛନ ସୁନାମୁହଁଟିର ଉଚ୍ଛୁଳା ହସକୁ ଆଖି ଆଗରେ ରଖି ତରୁଣ ଦେଖେ ସ୍ୱପ୍ନ । ନାରୀ ଦିଏ ଶକ୍ତି, ପୁରୁଷ କରେ ସାଧନା; ନାରୀ ଦିଏ ପ୍ରେମ, ପୁରୁଷ ଗଢ଼େ କୋଣାର୍କ; ନାରୀ ଦିଏ ଶାନ୍ତି, ପୁରୁଷ ରଚେ ସ୍ୱର୍ଗ ।...... କିନ୍ତୁ ମୋର ସନ୍ଦେହ ହୁଏ, ମୁଁ କ'ଣ ସେହି ନାରୀର ପ୍ରାଣଭରା ପ୍ରେମ ସବୁଦିନେ ପାଇ ପାରିବି ? ମୁଁ କ'ଣ ତମ ଭଳି କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ମନମୋହିନୀ ବନଦେବୀଙ୍କର ଫୁଲ କୋମଳ ମୁହଁଟି ଉପରେ ମୁହଁ ରଖି ଜୀବନ ସାରା କଟାଇ ଦେଇ ପାରିବି ? ମୁଁ ସେ କାଣ୍ଡର ଭିକାରୀ ......"

"ମୁଁ ତ ଆଉ ରାଜରାଣୀ ନୁହେଁ । ତା' ଛଡ଼ା ଖାଲି ସାତ ମହଲା ସରଗଲଗା କୋଠାଘରେ ରହି ନତ୍ତନତ୍ତ ମାଂସ ପଲାଉ ଖାଇଲେ ବା ଦାମିଦାମି ପୋଷାକ ପିନ୍ଧି ସୁନା ଗହଣାରେ ଲୁଚି ହେଲେ ମଣିଷ ତ ଆଉ ବଡ଼ ହୋଇଯାଏ ନା । ବଡ଼ ହେବାକୁ ହେଲେ ମଣିଷର ମନ ବଡ଼ ହେବା ଲୋଡ଼ା, ମଣିଷର ହୃଦୟ ବଡ଼

ହେବା ଦରକାର । ତା' ନ ହେଲେ ଦେଶରେ ହଜାର ହଜାର ଲକ୍ଷପତି, କୋଟିପତି ଥାଉଁଥାଉଁ "ସୁଆଣ୍ଡୋ" ଭଳିଆ ମଳମୁଣ୍ଡି ଆ ମଫସଲଗାଁରୁ ଗୋଟାଏ ଗରିବର ମାଟିକୁଡ଼ିଆ ଭିତରୁ "ଗୋପବନ୍ଧୁ" ଭଳିଆ ଏତେବଡ଼ ମଣିଷଟାଏ ବାହାରିଥାନ୍ତା କି ? ଧନରେ କେହି କେବେ ବଡ଼ ହୁଏ ନାହିଁ, ବଡ଼ ହୁଅନ୍ତି ସମସ୍ତେ ମନରେ । କିଏ କହେ, ତମେ ଦାଣ୍ଡର ଭିକାରି ? ବିଶ୍ୱର ଅଗଣିତ ଦୀନ, ଦୁଃଖୀ, ଦରିଦ୍ର, ରୋଗୀ, ଶୋଷୀ, ଭୋକିଙ୍କ ସେବାରେ ଯେ ଜୀବନକୁ ହସି ହସି ଉତ୍ସର୍ଗ କରିଦେଇ ପାରେ, ସେ କି କେବେ ନିଃସ୍ୱ ହୋଇ-ପାରେ ? ହୁଏତ ତମର ଧନ ନ ଥାଇପାରେ, ଐଶ୍ୱର୍ଯ୍ୟ ନ ଥାଇ ପାରେ, ଆଭିଜାତ୍ୟ ନ ଥାଇପାରେ କିନ୍ତୁ ତମର ଅଛି ମନ, ଅଛି ହୃଦୟ, ଅଛି ଦୟା, କରୁଣା, ସ୍ନେହ, ପ୍ରୀତି, ସେବା, ସାଧୁତା । ମୁଁ ଖାଲି ସେତିକି ଚାହେଁ । ସେହି ନିର୍ମଳ ହୃଦୟର କୁଳୁ କୁଳୁ ଝରଣାଟି ପାଖରେ ବସି ପ୍ରେମ ସଙ୍ଗୀତ ଗାଇ ଗାଇ ଜୀବନଟି କଟାଇ ଦେବାରେ ହିଁ ମୋର ଆନନ୍ଦ । ନିଜେ ନଖାଇ ନପିଇ, ଅଳିଆ କୋତରା ଚିରିଣ୍ଡା ଗଇଁଠା ପିନ୍ଧି ତମରି ପଛରେ ବୁଲି ବୁଲି ଦେଶର ଲକ୍ଷ ଲକ୍ଷ, କୋଟି କୋଟି ନିଃସ୍ୱ, ନିରନ୍ନ, ନିଃସହାୟଙ୍କ ସେବାରେ ମନଃପ୍ରାଣ ଢାଳି ଦେବାରେହିଁ ମୋର ଶାନ୍ତି, ମୋର ମୋତେ ବିଶ୍ୱାସ କର ।"

ତୃପ୍ତିର ଆଉ ଖେଳିଯାଏ ସାଗର ମୁହଁରେ, ଆନନ୍ଦରେ ଆତ୍ମହରା ହୋଇ ସେ ପୁଣିଥରେ ସୁମନ୍ତିକି ଆଉଜାଇ ଆଣେ କୋଳକୁ ଆଉ ତା'ର ନାଲି ଟହ୍ଲ ଟହ୍ଲ କଅଁଳ ଗାଲ ଉପରେ ପୁଣିଥରେ ଆଙ୍କିଦିଏ ଗୋଟିଏ ସନ୍ତୁ ଚୁମା । ମାଳତୀର ଦୁହେଁ ଦୁହିଁଙ୍କ ନିକଟରେ ଆତ୍ମସମର୍ପଣ କରନ୍ତି ।......

—ବାର—

ଏମିତି ସୁଖଶାନ୍ତି ଆନନ୍ଦ ଆହ୍ଲାଦ ଭିତରେ କେତେଦିନ କଟିଯାଇଛି କାହାରିକି ଜଣା ନାହିଁ । କୋଉଦିନ ସାଗରର କଳ-କଲ୍ଲୋଳ ବେଳାଭୂମିରେ ବସି ତରଙ୍ଗାୟିତ ନୀଳ ସମୁଦ୍ର ଦେଖି ଦେଖି ଦୁହେଁ ଆତ୍ମବିସ୍ମୃତ ହୋଇଛନ୍ତି ତ କୋଉଦିନ ସୀମାଚଳମ୍ ପାହାଡର ଶାନ୍ତ ସରଳ, କାନ୍ତ କୋମଳ, ଚିର-ଅଭିନବ ପ୍ରାକୃତିକ ଦୃଶ୍ୟ ଦେଖି ଦେଖି ମୁଗ୍‌ଧ ହୋଇଛନ୍ତି । ପୁଣି କେତେବେଳେ ରୋଗୀ ଶେଯ ପାଖରେ ରାତି ରାତି ବସି ମନରେ ଏତେଟିକିଏ ଘୃଣା ନ କରି ତା'ର ମଳ, ମୂତ୍ର, ପୂଜ, ରକ୍ତ—ସବୁ ଆପଣା ହାତରେ କାଢ଼ି ସଫା କରିଛନ୍ତି ତ କେତେବେଳେ ନିଜ ଖାଇବା ଭାତରୁ ଆଣି ପିନ୍ଧିବା ଲୁଗାରୁ ଆଣି ଭିକାରୀ, ନଙ୍ଗଳା, ଦୁଃଖୀ, ନିଆଶ୍ରୀଙ୍କ ହାତରେ ଟେକି ଦେଇ ସ୍ୱର୍ଗସୁଖ ଅନୁଭବ କରିଛନ୍ତି । ସବୁବେଳେ ହସ, ସବୁବେଳେ ଆନନ୍ଦ—ସତେ ଯେମିତି ଗୋଟିଏ ବୃନ୍ତରେ ଦୁଇଟି କୁସୁମ—ନୀଳ ଚିଲିକାର ଦୁଇଟି ହଂସହଂସୀ ।......

ହୃଦାନନ୍ଦ ବାବୁ ସବୁ ଦେଖନ୍ତି, ସବୁ ଜାଣନ୍ତି । କିଂତୁ ସେଥିପାଇଁ ଝିଅକୁ ଦିନେହେଲେ ଆକଟ କରିବା ଦୂରର ଥାଉ ବରଂ ଦିନକୁଦିନ ବେଶୀ ବେଶୀ ପ୍ରଶ୍ରୟ ଦିଅନ୍ତି, କାରଣ ସେ ଜାଣନ୍ତି ସାଗର ଧୀର, ନମ୍ର, ଉଚ୍ଚଶିକ୍ଷିତ ଏବଂ ସୁମତି ପାଇଁ ଏକାନ୍ତ ଉପଯୁକ୍ତ । ସୁମତି—ତାଙ୍କର ଏକୋଇରବଳା ବଂଶକେଣନ—ସ୍ନେହଶରଧାର ଅଲଅଲ ରାଜଦୁଲଣୀ ଯାହାକୁ ଦେଖିଲେ ସ୍ୱର୍ଗୀୟା ଅନ୍ନପୂର୍ଣ୍ଣାଙ୍କ କରୁଣ ସ୍ମୃତି ଝଲସିଉଠେ ବୃଦ୍ଧ ହୃଦାନନ୍ଦଙ୍କ

ଆଖି ଆଗରେ । ପୂର୍ଣ୍ଣ ଷୋଳବର୍ଷ ହେବାମଧ୍ୟରେ ବଢ଼ିଗଲାଣି । ସୁମନା ସେତେବେଳେ ହୋଇଥିଲା ଦି'ବରଷର ଏତେଟିକିଏ ଛୁଆ ଆଉ ଆଜି ସେ ହେଲାଣି ଅଠର ବରଷର ତନ୍ୱୀ, ତରୁଣୀ, ରୂପସୀ ।

ହୃଦାନନ୍ଦ ବାବୁଙ୍କର ଠିକ୍ ମନେ ଅଛି ସେଦିନ କଥା, ଯୋଉଦିନ ସେ ମାଳ ଅଞ୍ଚଳରେ ଗସ୍ତ କରୁକରୁ ହଠାତ୍ ଟେଲିଗ୍ରାମ ପାଇଲେ—ସେରିବ୍ରାଲ ମେଲେରିଆ । ଯାଙ୍କେମାଙ୍କେ ବାଲେଶ୍ୱର ଯାଇଁ ଦେଖନ୍ତି, ଅବସ୍ଥା ସାଂଘାତିକ । ଡାକ୍ତରଖାନାରେ ଅନ୍ନପୂର୍ଣ୍ଣା ମୁମୂର୍ଷୁ ଅବସ୍ଥାରେ ଶଯ୍ୟାଶାୟୀ—ଶେଷ ନିଃଶ୍ୱାସ ବାହାରି ଯିବାକୁ ମାତ୍ର କେଇଟି ମୁହୂର୍ତ୍ତ ବାକି । ଦୀପ ଲିଭିଲା ଆଗରୁ ଦପ୍‌କିନା ଜଳି ଉଠେ । ଅନ୍ନପୂର୍ଣ୍ଣା ଟିକିଏ ଆଖି ଖୋଲି ଚାହିଁଲେ । ଶେଷଥର ପାଇଁ ଚାରିଚକ୍ଷୁ ମିଳିତ ହେଲା—ଲୋତକ ଦି'ବୁନ୍ଦା ଗଡ଼ିପଡ଼ିଲା । ସ୍ୱାମୀଙ୍କ ହାତରେ ହାତ ରଖି ବଡ଼ କରୁଣ କଣ୍ଠରେ ସେ କହିଲେ —"ଏଇ କଅଁଳା ପିଲାଟି ଲାଗିଲା । ତା'କୁ ଶେଷରେ ଅଣହେଲା କରିବ ନାହିଁ ।" ବାସ୍ ସେତିକି । ପୁଣି ଦି'ବୁନ୍ଦା ଲୋତକ ପୁଣି ଟିକିଏ କରୁଣ ଚାହାଁଣୀ—ତା'ପରେ ସବୁ ଶେଷ·····ସବୁ ଶୂନ୍ୟ·····

ବୁଢ଼ାବଳଙ୍ଗ ନଈକୂଳରେ ବାଲିଘାଟ ମଶାଣିରେ ଅନ୍ନପୂର୍ଣ୍ଣା ଦେବୀଙ୍କର ମାଟି ଦେହଟିକୁ ଶୁଆଇ ଦେଇ ହୃଦାନନ୍ଦ ବାବୁ ଯେତେବେଳେ ଫେରିଗଲେ ଗାଁକୁ, ସେତେବେଳେ ବନ୍ଧୁବାନ୍ଧବ, ସାହିପଡ଼ିଶା, କୁଣିଆମଇଁଷି—ସମସ୍ତେ ଆସି ଜିଗର ନଗେଇଲେ ଆଉଥରେ ସଂସାର କରିବାକୁ । ସଭିଙ୍କର ସେଇ ଏକ କଥା— "ମୋଟେ ତ ତମକୁ ପଇଁତିରିଶ ବର୍ଷ । ପଚାଶ ବର୍ଷରେ ଲୋକେ ତ ପୁଣି ବିବାହ କରୁଛନ୍ତି । ତମେ ବିଭା ନ ହେବ କାହିଁକି ? ପୁଣି ତମର ତ ସନ୍ତାନ ଭିତରେ ମୋଟେ ଗୋଟେ ବିକଟେ ଝିଅ

ବିବାହ ନକଲେ କେମନ୍ତ 'ବଂଶରକ୍ଷା' ହେବ ? କାହାରେ ପୁତ୍ର ନଥିଲେ ତମର ପିତୃପୁରୁଷ ପାଣି ପାଇବେ କିପରି ? ଲୋକେ କହୁକହୁ ଫାଟିଫୁଟି ଗଲେ । କିନ୍ତୁ ହୃଦାନନ୍ଦ ବାବୁ କାହାର କଥାରେ କାନ ଦେଲେ ନାହିଁ । ଅନ୍ନପୂର୍ଣ୍ଣାଙ୍କର ସେଇ କଥାପଦକ ମନେ ରଖି ସେ ଚିରଦିନ ଅଚଳ, ଅଟଳ, ମହାମେରୁ ହୋଇ ରହିଲେ ।

ଦିନ ପରେ ଦିନ ବିତିଯାଉଛି । ସ୍ମୃତି ଭିତରେ କେତେଥର ଡାକ ଉଠୁଛି, ମନ ଭିତରେ କେତେଥର ଝଲମଲ ଉଠୁଛି, ପ୍ରାଣ ଭିତର କେତେଥର ହାହାକାର କରୁଛି—କିନ୍ତୁ ତଥାପି—ତଥାପି ସେ ଟଳଚଳ ହୋଇ ନାହାଁନ୍ତି । ବନଗହନର ସଂଯମୀ ସାଧକଙ୍କ ଭଳି ସେ ନୀରବ, ନିଥର, ନିର୍ବେଦ ହୋଇ ସବୁ ମୁଣ୍ଡପାତି ସହି-ଯାଉଛନ୍ତି କେବଳ ଏହି ସୁମନ୍ତଙ୍କ ମୁହଁ । ଦୀର୍ଘ ଷୋଳବର୍ଷର ନୀରସ, ନିଃସଙ୍ଗ ଦିନଗୁଡ଼ିକୁ ସେ କୌଣସିମତେ ଟାଣିଓଟାରି ଘୋଷାରି ଘୋଷାରି ଆଗେଇ ନେଇଛନ୍ତି କେବଳ ଏହି ସୁମନ୍ତର ଉଜ୍ଜ୍ୱଳ ଭବିଷ୍ୟତ ଆଶାରେ । ସେହି ତାଙ୍କର ଏକମାତ୍ର ଆଶାଭରସାର ସ୍ଥଳୀ, ସ୍ନେହ ମମତାର ନିର୍ଝର, ସୁଖଶାନ୍ତିର ଆଧାର । ଛାତିତଳର କଳିଜା ଠାରୁ ସେ ତା'କୁ ଅଧିକ ଭଲପାଆନ୍ତି ; ପ୍ରାଣର ସମସ୍ତ ସ୍ନେହଶ୍ରଦ୍ଧା ଦେଇ ସେ ତା'କୁ ପିଲାଟିଦିନୁ ଅତି ଅଲଅଳରେ, ଅତି ଗେଲବସରରେ ବଢ଼ାଇ ଆଣିଥାନ୍ତି । ତେଣୁ ତା' ମନରେ କଷ୍ଟଦେବା ବା ତା' ଇଚ୍ଛା ବିରୁଦ୍ଧରେ ଯାଇଁ କୌଣସି ଗୋଟାଏ କାମ କରିବା କେବେ ତାଙ୍କ ଦ୍ୱାରା ସମ୍ଭବ ହୁଏନା ।

ପିଲାଟିଦିନୁ ସୁମନ୍ତ ବାଇଆଣି । ଦାଣ୍ଡରେ ଯୋଗୀ ଭିକାରୀଟାଏ ଦେଖିଲେ ସେ ଘରକୁ ଦଉଡ଼ି ଆସି ଚାଉଳ, ମୁଗ, ସାରୁ, ଆଳୁ-ଯାହା ପାଏ ସାଙ୍ଗେସାଙ୍ଗେ ନେଇ ତା' ଥାଳରେ ଅଜାଡ଼ି ଦିଏ ;

କଅଁଳା ଛୁଆଟିଏ କାଖରେ ଜାକି ସାତଚିରା, ସତରଗଣ୍ଠି [illegible] ଖଣ୍ଡେ ଦେହରେ ଗୁଡ଼େଇ ହୋଇ ଭିକାରୁଣୀଟାଏ ଆସି ଥରିଥରି ତା' ଆଗରେ ଠିଆ ହେଲେ ସେ ଘୋଡ଼େଇ ହୋଇଥିବା ଦାମି ଶାଲ ଖଣ୍ଡିକ ବି ହସିହସି ତା' ହାତକୁ ବଢ଼ାଇ ଦିଏ ; ଶୋକ-ଉପାସରେ ଉହଲ ବିକଳ ହୋଇ କେହି କେବେ ବାରବୁଲା ମାଗିଖିଆ ବା ଅନ୍ଧ, ଛୋଟା, କେଂପା, କୋଢ଼ୀ ଆସି ଖାଙ୍କଡ଼ା ପେଟ ଦେଖେଇ ତା' ପାଖରେ ହାତ ପତେଇଲେ ସେ ଖାଇବା ପତରରୁ ଭାତ ଆଣି ତା' ଆଗରେ ଥୋଇଦିଏ । ହୃଦାନନ୍ଦ ବାବୁ ସବୁ ଦେଖନ୍ତି—କିଛି କହନ୍ତି ନାହିଁ । ମା'ଛେଉଣ୍ଡ ପିଲାଟା—ବାରି ଦେଲେ ହାରିଯିବ । କ'ଣ କରୁଛି କରୁଥାଉ, ବଡ଼ହେଲେ ବଳେ ଘରକରଣା ବୁଦ୍ଧି ଆସିଯିବ ଯେ ।

କିନ୍ତୁ ବଡ଼ହେଲେ ବି ସୁମନ୍ତର ମୋଟେ ଘରକରଣା ବୁଦ୍ଧି ହେଲାନାହିଁ । ବରଂ ପାଠ ପଢ଼ି ଯହୁଁଯହୁଁ ବୁଦ୍ଧିଆ ହେଲା, ତହୁଁତହୁଁ ଏ ବଦ୍‌ଖୋଇ ( ? ) ବେଶୀବେଶୀ ବଢ଼ିବାକୁ ଲାଗିଲା । ସେତେବେଳେ ଜଣଙ୍କ କଥା ଭାବୁଥିଲା, ଅବକା ଗଣଙ୍କ କଥା ଭାବିଲା ; ସେତେବେଳେ ଦୀନ, ଦୁଃସ୍ଥ, ଅନ୍ଧ, ଅକ୍ଷମଙ୍କ ସେବାରେ ମନ ଦେଉଥିଲା ଅବକା ଦଳିତ, ମଥିତ, ଅତ୍ୟାଚାରିତଙ୍କ ସେବାରେ ଜୀବନ ଦେବାକୁ ପ୍ରସ୍ତୁତ ହେଲା ।

ହୃଦାନନ୍ଦ ବାବୁଙ୍କର ବନ୍ଧୁମାନେ ପଦ୍‌ବଲେ ପଦ୍‌ବଲେ ତାଙ୍କୁ ଦୋଷ ଦେଉଥିଲେ ଯେ ସେ ବେଶୀବେଶୀ ମୁହଁ ଦେଇ ପିଲାଟାକୁ ସତ୍ୟାନାଶ କରିଦେଲେ । ଆଜିହୁଁ ଏ[illegible]ର କଲେ ବଡ଼ଦିନକୁ ସେ କ'ଣ ଆଉ ମଣିଷ ମାନ[illegible]ର କଥା, ଯେତେ ଅଲଅଲରେ ବଢ଼ିଲେ ବି ସୁମନ୍ତ [illegible]

ବଡ଼ଲୋକ ଘରର ସାଠୋଇ ଝିଅଙ୍କ ଭଳି ଲୁଚିତ, ଉପରମୁହାଁ, ମନମୋହିନୀ ହେଲାନି । ତୁଳସୀ ଦୁଇପତ୍ରରୁ ବାସେ । ସେ ପିଲାଦିନେ ଯେପରି ଶାନ୍ତ ସରଳ ଥିଲା, ବଡ଼ଦିନକୁ ସେହିପରି ଧୀର, ନମ୍ର, ବିନୟୀ ହେଲା । କାହାରିକୁ ବେଖାତିର କରିବା ତ ଦୂରର କଥା ସାନବଡ଼, ଗରିବ ଡାଲିବର, ପାଠୁଆମୂର୍ଖ—ସମସ୍ତଙ୍କୁ ସେ ଆପଣାର କଲା ; ଶତ୍ରୁମିତ୍ର ସଭିଙ୍କୁ ଆଦର କରି ହସିହସି କଥା କହିଲା ; ଗୁରୁ ଗୁରୁଜନମାନଙ୍କ ଚରଣତଳେ ମଥାନୋଇଁ ଭକ୍ତିଭରେ ପ୍ରଣତି ଜଣାଇଲା । ମୋଟଉପରେ ଦିନ କେଇଟା ଭିତରେ ସେ ଦୁନିଆ ଲୋକଙ୍କୁ କିଣିନେଲା ସ୍ନେହ, ଶ୍ରଦ୍ଧା, ଭକ୍ତି, ପ୍ରୀତିରେ ।

ଏତେବଡ଼ ଗୁଣର ଝିଅଟିଏ ପାଇ ହୃଦାନନ୍ଦ ବାବୁ ଯେତିକି ସୁଖୀ ହୁଅନ୍ତି, ବେଳେବେଳେ ସେତିକି ଚିନ୍ତିତ ହୁଅନ୍ତି ତା'ର ଭବିଷ୍ୟତ କଳ୍ପନା କରି । ପିଲାଟା ତ ଏମିତି ଆଉ ପାଗଳୀ ହେଲା । ନଯାଉ ସି' ଧରୁଛି ସେଇଆ । ଏଣେ ପଛକେ ଘର ଅଇରି ଖପର ବଇରି ବା' ହେଇଯାଉ, ଖାଇବା ବିନା ଆପଣା ପେଟ ପଛକେ ଆସି ପିଠିରେ ଲାଗୁ, ତେଣିକି ସେ ଆଉ ଆଖିରେ ଅନଉନାହିଁ । ଅଥଚ ଦାଣ୍ଡରେ ସାତପର ଭାଇଭଗାରି କିଏ ରୋଗ, ଶୋକ, ବିପଦ ଆପଦରେ ପଡ଼ିଥିଲେ ତା' ଆଗରେ ନେଇ ଧନ ଦଉଲତ ଅଜାଡ଼ି ଦେଉଛି—ଆପଣା ପିନ୍ଧିଲା ଶାଢ଼ୀ, ଗହଣା ବିକି ତା' ଅଭାବ, ଅସୁବିଧା, ଦୁଃଖ, ଦୈନ୍ୟ ଦୂର କରିବାକୁ ଚେଷ୍ଟା କରୁଛି । ସଂସାରରେ ରହି ଏତେ ଉଦାସୀ ହେଲେ ସେ ଚଳିବ କେମିତି ? ପୁଣି ପରଘରକୁ ଯାଇଁ ଏମିତି ନିର୍ଲୋଭ, ନିର୍ଲିପ୍ତ, ପରୋପକାରୀ ହେଲେ ତା'ର ଘରସଂସାର, ପିଲାଛୁଆଙ୍କ ଅବସ୍ଥା ହବ କ'ଣ ?·····ବେଳେବେଳେ ତାଙ୍କର ମନେ ହଏ, ସେ

ଭୁଲ କଲେ । ଆଗରୁ ଏତେଟା ପ୍ରଶ୍ରୟ ଦେବା ବୋଧେ ଉଚିତ ନ ଥିଲା । ସେ ବାଟ ହୁଡ଼ିଲେ । ନେଡ଼ମୁଣ୍ଡ କହୁଣୀକି ବୋହିଗଲା ପରି……

ଏମିତି ବାରଆଡ଼ୁ ବାରରକମ ଚିନ୍ତାକରି ବୃଦ୍ଧ ହୃଦାନନ୍ଦ ଯେତେବେଳେ କୂଳକିନାରା ନପାଇ ଭାବନାର ଅଥଳ ଦରିଆରେ ଉବେଇ ଟୁବେଇ ହେଉଥିଲେ, ସେତେବେଳେ ତାଙ୍କର ଆଖି ପଡ଼ିଲା ସାଗର ଉପରେ । ସେ ଦେଖିଲେ ସାଗର ଉତ୍ସାହୀ, କର୍ମଠ, ଉଚ୍ଚଶିକ୍ଷିତ ଯୁବକ । ଦୁହିଁଙ୍କର ମନ ମିଳିଛି । ଜଣଙ୍କ ପ୍ରାଣରେ ତରଙ୍ଗ ଉଠିଲେ ଅନ୍ୟ ଜଣକ ପ୍ରାଣରେ ତା'ର ଆଘାତ ଲାଗୁଛି । ଜଣଙ୍କ ହୃଦୟର ସ୍ପନ୍ଦନ ଅନ୍ୟ ଜଣଙ୍କ ହୃଦୟରେ ପ୍ରତିଧ୍ୱନି ସୃଷ୍ଟି କରୁଛି । ଦୁହେଁ ଦୁହିଁଙ୍କୁ ଭଲ ପାଉଛନ୍ତି, ପ୍ରେମ କରୁଛନ୍ତି । ଅବଶ୍ୟ ସାଗର ବି ସୁମତି ଭଳିଆ ବାଇଆ । ସାମାନ୍ୟ ଟଙ୍କାକଉଡ଼ି କଥା କିଏ ପଚାରେ, ପରପାଇଁ ଜୀବନ ଦେବାକୁ ବି ସେ ହସି ହସି ଆଗେଇ ଆସିବ । ତଥାପି କେଜାଣି କାହିଁକି ହୃଦାନନ୍ଦ ବାବୁଙ୍କର ମନେହେଲା ଯେ ଏଇ ବାଇଆ ବାଇଆଣୀ ଯୋଡ଼ିଙ୍କୁ ଏକାଠି କରିଦେଲେ ସେମାନଙ୍କର ବାଇଆବୁଦ୍ଧି ହୁଏତ ଆପେ ଆପେ ଭାଙ୍ଗିଯିବ । କଳ୍ପନାର ସୁନେଲି ସ୍ୱପ୍ନଲୋକରୁ ଖସିଆସି ଏହି ତେଲ ଲୁଣ ସଂସାରର ବିକଟ ବାସ୍ତବତା ଭିତରେ ଗୋଡ଼ଦେଲେ ଆଉ ବା କାହାର ସେ ପାଗଳାମି ରହେ ? କାନ୍ଧରେ ପଡ଼ିଲେ ସମସ୍ତେ ବଳେଇ ଶିଖନ୍ତି । ତେଣିକି ଘରଜଞ୍ଜାଳ ନେଇ ପରଦୁଆରେ କେହି ଉଜାଡ଼ି ଦିଅନ୍ତି ନାହିଁ, ବରଂ ପରଚିଜ ନେଇ ସଭିଏଁ ଘରେ ପୂରାନ୍ତି । ଯୁଏଁ ଯୁଏଁ ତେଣିକି ଲୋଭ ଆସେ, ମାୟାମମତା ବଢ଼େ । ଠିକ ସେମିତି ଦିନେ ପରିବର୍ତ୍ତନ ହେବ ସାଗର ଆଉ ସୁମତିଙ୍କର । ଏ ବାଇଆବୁଦ୍ଧି ଛାଡ଼ି ସେମାନେ ପୁଣି ଦିନେ ଦୁନିଆର ଖାଂଚ

ସାତଙ୍କ ଭଳି ଘରଦୁଆର କରିବେ; ଏ ଅନେକା ଅରକ୍ଷିତା ରୂପ ଗୁଡ଼ିକ ସେମାନେ ପୁଣି ସୁଖସମ୍ଭୋଗ ଭୋଗବିଳାସରେ ମାତିବେ ··· ···ହୃଦାନନ୍ଦବାବୁଙ୍କ ପ୍ରାଣ କ୍ଷଣକପାଇଁ ଆଶା, ଆନନ୍ଦରେ ଭରିଉଠିଲା । ଶାନ୍ତିରେ ସେ ନିଃଶ୍ୱାସ ମାରିଲେ ।

—※—

କିନ୍ତୁ ତାଙ୍କ ମନକଥା ମନରେହିଁ ରହିଲା । ନିଷ୍ଠୁର ବିଧାତାର ନିର୍ମମ ଅଭିଶାପ । ପାହୁଣ୍ଡ କେଇଟି ଆଗେଇ ନ ଯାଉଣୁ ସେ ଅଧବାଟରେ ଟଳି ପଡ଼ିଲେ । ସ୍ୱହସ୍ତ-ରୋପିତ କ୍ଷୁଦ୍ର ଲତିକାଟି ସହକାର ଅଙ୍ଗରେ ଜଡ଼ିତ ହୋଇ ମଳୟର ମୃଦୁ ହିଲ୍ଲୋଳରେ ପୁଷ୍ପିତ ଓ ଫଳିତ ହେବାଆଗରୁ ବୃକ୍ଷ ରୋପଣକାରୀ ବିଦାୟ ନେଲେ ······ ଅଦେଖାହାତର ଇଙ୍ଗିତ—କାହାର ସାଧ ତା'କୁ ଏଡ଼ିଦେବ ?······

ମୋଟେ ଦିନଦୁଇଟି ଜର । ତା'ସାଙ୍ଗକୁ କୁଆଡ଼େ ଥିଲା ଶର୍ଦ୍ଦି, କାଶ, କଫ ଅଜଗବ ମାଡ଼ିଆସିଲା । ଡାକ୍ତର ଡାକୁ ଡାକୁ ଏକା-ବେଳକେ ସନ୍ନିପାତ । ସୁମତିର ଛାତି ଥରିଉଠିଲା ଗୋଟାଏ ଅଜଣା ଆଶଙ୍କାରେ । ସେ ମନେ ମନେ ପ୍ରମାଦ ଗଣିଲା । ଟେଲିଗ୍ରାମ ପାଇ ସାଗର ଧାଇଁଆସିଲା ଭିଲାଇକାଗରୁ । କିନ୍ତୁ ଅବସ୍ଥା ସେତେବେଳକୁ ଅତି ଖରାପ । ଡାକ୍ତରମାନେ ପ୍ରାଣପଣେ ଚେଷ୍ଟାକଲେ; ସାଗର ରାତି ରାତି ଅନିଦ୍ରା ହୋଇ ଜୀବନମୁରୁଚ୍ଛ ପରିଶ୍ରମ କରି ସେବା-ଶୁଶ୍ରୂଷା କଲା ; ସୁମତି ଆଗପଛ, ଭଲମନ୍ଦ କିଛି ନ ବିଚାରି ଅଜସ୍ର ଟଙ୍କା ଅଜାଡ଼ିଦେଲା ରୋଗୀର ଚିକିତ୍ସା ପାଇଁ । କିନ୍ତୁ ତାହିଁରେ କିଛି ଫଳ ହେଲାନି । ଅବସ୍ଥା ଭଲଆଡ଼କୁ ଆସିବା ଦେଖିନଥାଇ, ବରଂ ବେଳକୁବେଳ ବେଶୀ ବେଶୀ ଖରାପ ହେବାକୁ ଲାଗିଲା ।

—ଦୁଇ—

ସମସ୍ତେ ପରାମର୍ଶକରି ଶେଷକୁ ପେନସିଲିନ୍ ଚିକିତ୍ସା ଆରମ୍ଭକଲେ । ଗୋଟିଏ କୋର୍ସ ଦିଆସିବା ପରେ ରୋଗୀ ବି ଟିକିଏ ଆଖି ଫିଟେଇ ଚାହିଁଲା । ସମସ୍ତଙ୍କ ପ୍ରାଣରେ ଆଶା ସଞ୍ଚରିଲା···ହୃଦାନନ୍ଦବାବୁ ଆଖିଖୋଲି ବଡ଼ କରୁଣ ଦୃଷ୍ଟିରେ ଥରେ ସାଗର ଆଡ଼କୁ ଚାହିଁଲେ । କ'ଣ ଯେପରି କହିବେ କହିବେ ହେଲେ, କିନ୍ତୁ କିଛି କହିପାରିଲେ ନାହିଁ । ପ୍ରାଣରେ ଗଭୀର ଆଶା, ଆଗ୍ରହ, ଉତ୍କଣ୍ଠା—ଅଥଚ ପ୍ରକାଶ କରିବାକୁ ତୁଣ୍ଡରେ ଭାଷା ନାହିଁ । ଅନ୍ତରରେ ଅସହ୍ୟ ବ୍ୟଥା, ବେଦନା, ଅବସାଦ, ଗ୍ଲାନି—ଅଥଚ ବାହାରେ ସେହି ଅସୀମ ଆକୁଳତାର କରୁଣ ମିନତିଟି ଶୁଣାଇ ଦେବାକୁ ସେ ଅକ୍ଷମ । ଜୀବନର ଶେଷ ଆଶା ଅପୂର୍ଣ୍ଣ ରହିଗଲା । ଅନ୍ତରର ଶେଷ କାମନା ବାସ୍ତବତାରେ ରୂପାୟିତ ନ ହୋଇ କଳ୍ପନାର ଅନନ୍ତ ଶୂନ୍ୟତା ଭିତରେ ଲୀନ ହୋଇଗଲା । ସେ ଥରେ ସାଗର ଆଡ଼କୁ ଆଉ ଥରେ ସୁମତି ଆଡ଼କୁ ବଡ଼ କରୁଣ ଦୃଷ୍ଟିରେ ବଡ଼ ବିକଳ ପ୍ରାଣରେ ଚାହିଁଲେ । ଓଷ୍ଠ ଥରାଇ ପଂଜରାଡକୁ ଘନ ଘନ ଦୀର୍ଘଶ୍ୱାସ ଉଠିଲା । କୋଟରଗତ, ଶୀର୍ଣ୍ଣ ଚକ୍ଷୁରୁ ଶେଷ ଲୋତକ ଦି'ବୁନ୍ଦା ଗଡ଼ିପଡ଼ିଲା । ସେ ଆଖି-ବୁଜିଲେ·····ସେହି ଯେ ଆଖିବୁଜିଲେ ଆଉ ଖୋଲିଲେ ନାହିଁ । ସେହି ନିଦ୍ରା—ଚିରନିଦ୍ରା, ଶେଷନିଦ୍ରା, ମହାନିଦ୍ରା·····

ସୁମତି ତୁ'କିନା ମୁଣ୍ଡ ପିଟିଦେଲା, ଭେ'କିନା କାନ୍ଦ ଉଠିଲା । ଡାକ୍ତରମାନେ ବାହାରିଗଲେ । ସାଗର ଆଖିରେ ଅଜାଣତରେ ଭରିଗଲା ଅଶ୍ରୁ । ······

× × ×

ହୃଦାନନ୍ଦବାବୁ ଥିଲେ କୋରାପୁଟର ଜଣେ ଡେପୁଟି ମାଜିଷ୍ଟ୍ରେଟ୍ । ଘର ସୁଦୂର ବାଲେଶ୍ୱରର ଏକ କ୍ଷୁଦ୍ର ପଲ୍ଲୀ ଅଞ୍ଚଳରେ—ଅଥଚ ସେ ୨୩ ବର୍ଷ ଚାକିରୀରୁ ଦୀର୍ଘ ୧୭ ବର୍ଷ କଟେଇଛନ୍ତି ଏହି

କୋରାପୁଟ ଜିଲ୍ଲାରେ । କଟକ ପୁରୀରେ ରହିବାକୁ ସେ ନିଜପକ୍ଷରୁ କେବେ ଚେଷ୍ଟା ତ କରିନାହାଁନ୍ତି, ବରଂ ତା'ମନକୁମନ ଯେତେବେଳେ ସୁଯୋଗ ଆସି ପହଞ୍ଚିଛି, ସବୁ ସେ ହସି ହସି ମନାକରି ଦେଇଛନ୍ତି ଏବଂ ଓଲଟି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି ତାଙ୍କୁ କୋରାପୁଟରୁ ନ କାଢ଼ିବାକୁ । ଏହା ମୂଳରେ ତାଙ୍କର ଯେ କିଛି ବ୍ୟକ୍ତିଗତ ସ୍ୱାର୍ଥ ଥିଲା ବା ଲାଞ୍ଚ, ମିଛ, ଜାଲ, ଜୁଆଚୋରି କରିବାର ଗୁପ୍ତ ଅଭିସନ୍ଧି ଥିଲା ତା'ନୁହେଁ । ଏହା ମୂଳରେ ଥିଲା ତାଙ୍କର ଗଭୀର ଦେଶପ୍ରୀତି, ଅସୀମ ଜାତିପ୍ରେମ । ଆମଲୋକେ ଖାଲି କଟକର ଟାଉନହଲ୍‌ରେ ବସି ଟେବଲ୍ ବାଡ଼େଇ ଗୁରୁଗମ୍ଭୀର ବକ୍ତୃତା ଦିଅନ୍ତି ଯେ ଗଞ୍ଜାମ କୋରାପୁଟରେ ଆନ୍ଧ୍ର ଭରି ହୋଇଗଲେଣି; ଖବରକାଗଜରେ ବଡ଼ ବଡ଼ ନେତାମାନେ ଲମ୍ବା ଲମ୍ବା ବିବୃତି ଦିଅନ୍ତି ଯେ କୋରାପୁଟ, ଜୟପୁର, ଡୁଡୁମାରେ ଆନ୍ଧ୍ରମାନଙ୍କର ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ୁଛି—ଅଥଚ କେହି କେବେ ଓଡ଼ିଆ ନେତା, ଓଡ଼ିଆ ବକ୍ତା, ଓଡ଼ିଆ ଲେଖକ, ଓଡ଼ିଆ କବି ସେହି ଦକ୍ଷିଣ ଓଡ଼ିଶାର ଗଞ୍ଜାମ କୋରାପୁଟ ଅଞ୍ଚଳକୁ ଯାଇଁ ସ୍ଥାୟୀଭାବରେ କିଛିଦିନ ବସବାସ କରି କିଭଳି ସେଠାରେ ଓଡ଼ିଆ ଜାତିର ସ୍ୱାର୍ଥ ସଂରକ୍ଷିତ ହେବ, କିଭଳି ସେହି ପ୍ରାନ୍ତୀୟ ଅଞ୍ଚଳରେ ଆମର ମାତୃଭାଷା ଚିରଦିନ ଜୀଇବଞ୍ଚି ରହିବ, ତା'ପାଇଁ ଆନ୍ତରିକ ଚେଷ୍ଟାକରନ୍ତି ନାହିଁ । ବେସରକାରୀ ଲୋକଙ୍କ କଥା ଛାଡ଼ିଦିଅ, ସରକାରୀ ଚାକିରି କରୁଥିବା ଯଦି କୌଣସି ଅଫିସରଙ୍କୁ ବା କୌଣସି ଅମଲାଙ୍କୁ ସେହି ଅଞ୍ଚଳକୁ ବଦଳି କରାଯାଏ, ତେବେ ତା'ପିଣ୍ଡରୁ ପ୍ରାଣ ଛାଡ଼ିଆସେ । ଉପରିସ୍ଥ ହାକିମଙ୍କୁ ଧରାଧରି କରି ଏପରିକି ଲାଞ୍ଚ ପର୍ଯ୍ୟନ୍ତ ଦେଇ ସେଇ ବଦଳି ଆଦେଶ ରଦ୍ଦ ନ କରିବାଯାଏ ତା'ର ବା'ର ସହେ ନାହିଁ । ଏପରି ଅବସ୍ଥାରେ ଦକ୍ଷିଣ ଓଡ଼ିଶାରେ ଓଡ଼ିଆ ଜାତି ଉଧେଇବ

କେମିତି ? ଖାଲି କବାଟକଣରେ ନୂଆବୋହୂ ଭଳିଆ ପଡ଼ି ନାକ କାନ୍ଦଣା କାନ୍ଦିଲେ କେତେଣେ ପଣ୍ଡୋଣୀ ମାଡ଼ି ଆସୁଥିବ। କୋରାପୁଟ ଜିଲ୍ଲାରେ ଓଡ଼ିଆ ଭାଷା, ଓଡ଼ିଆ ଜାତି, ଓଡ଼ିଆ ନାଁ ଗାଇବାଂଟି ରହିବ କେମିତି ?

ହୃଦାନନ୍ଦବାବୁ ଏକଥା ବୁଝିଥିଲେ । ହୃଦାନନ୍ଦବାବୁ ଜାଣିଥିଲେ ଯେ ଓଡ଼ିଆଜାତି ଯଦି ଚିରଦିନ ଏହିଭଳି ନିଷ୍କଳ, ନିଶ୍ଚେଷ୍ଟ, ଉଦାସୀନ, ମୃତକଳ୍ପ ହୋଇ ପଡ଼ିରହେ ତେବେ ସେପଟେ ବଙ୍ଗ, ଏପଟେ ବିହାର, ସେପଟେ ମଧ୍ୟପ୍ରଦେଶ, ଏପଟେ ଆନ୍ଧ୍ର—ସମସ୍ତେ ମିଳି ତା'ଙ୍କୁ ଦିନେ ଚିପିଦେବେ । ସିଂହଭୂମ ମେଦିନୀପୁର ଯେମିତି ଯାଇଛି, ଷଢ଼େଇକଳା ଖରସୂଆଁ ଯେମିତି ଯାଇଛି, ଆଉ ଏପଟେ ଫୁଲଝର ଜୁଜୁମା ଯେମିତି ଯାଇଛି—ସେମିତି ଦିନେ ଗଂଜାମ କୋରାପୁଟ ଯିବ; ସେମିତି ଦିନେ ବାଲେଶ୍ୱର, ମୟୂରଭଂଜ ଯିବ; ସେମିତି ଦିନେ ସମ୍ବଲପୁର, କଳାହାଣ୍ଡି ଯିବ । ହୃଦାନନ୍ଦବାବୁ ଏକଥା ଭଲରୂପେ ବୁଝିଥିଲେ । ପରଦୁଆରେ ଓକିଲାତି କରୁଥିଲେ ବି ତାଙ୍କର ସେହି ପରାଧୀନ ପ୍ରାଣ ଦିନେ ଗଭୀର ଦେଶପ୍ରେମରେ ଉଦ୍‌ବେଳିତ ହୋଇ ଉଠିଥିଲା ଏବଂ ସେ ସେହିଦିନୁ କଟକ ଛାଡ଼ି ପଳେଇ ଆସିଥିଲେ କୋରାପୁଟ ।

ଦେଶ ଆଜି ସ୍ୱାଧୀନ ହେଲାଣି । ଓଡ଼ିଆପୁଅ ଆଜି ଶିକ୍ଷା, ସଭ୍ୟତା, ସଂସ୍କୃତିରେ ଆଲୋକିତ ହେଲେଣି, ଓଡ଼ିଆ ଜାତି ଆଜି ଶକ୍ତି, ସାହସ, ସାମର୍ଥ୍ୟରେ ଗରୀୟାନ ହେଲାଣି । ତଥାପି ସେହି ପରାଧୀନ ବୃଦ୍ଧ ହୃଦାନନ୍ଦଙ୍କର ଆଶଙ୍କା ଆଜି ଦେଶରୁ ଦୂରୀଭୂତ ହୋଇନାହିଁ—ବରଂ ତାହା ଦିନକୁଦିନ ଘନେଇ ଘନେଇ ଆସୁଛି । ଆଜି ବି ସେହି ଗୁରୁତର ସମସ୍ୟା ଓଡ଼ିଆ ଜାତି ଆଗରେ ଏକ

ଅମୀମାଂସିତ ପ୍ରଶ୍ନ । ଆଜି ବି ସେଇ ସ୍ୱାଧୀନ ବୃକ୍ଷର ସାଧନା ଆମ ବିଶାଳ ଉତ୍କଳର ପ୍ରତ୍ୟେକ ଯୁବକ ଯୁବତୀ, ନେତାବର୍ଗ, ଲେଖକ ଭାବୁକ, ହାକିମ ହୁକୁମାଙ୍କୁ ଏକ ମରଣଜୟୀ ଆହ୍ୱାନ··· ......

—୬—

ହୃଦାନନ୍ଦବାବୁ ମରିଗଲେ । ସୁମନ୍ତର ମୁଣ୍ଡରେ ବଜ୍ର ଛିଣ୍ଡି ପଡ଼ିଲା । ପିଲାଟିଦିନୁ ସେ ବାପାଙ୍କ ଛଡ଼ା ଆଉ କାହାରିକି ଜାଣି ନାହିଁ । ସହଜେ ତ ମା' ମରିଥିଲେ ଦି' ବରଷବେଳୁ, ତା' ଛଡ଼ା ତା'ର ଗୋଟିଏ ବୋଲି କେହି ଭାଇଭଉଣୀ ନ ଥିଲେ । ତେଣୁ ସିଏ ସାରାଜୀବନ କଟେଇ ଦେଇଛି ଏଇ ବାପାଙ୍କର ସ୍ନେହ ଶରଧା, ଆଦର ସୋହାଗ ଭିତରେ । କେତେ ଅଳିଅଳିଗିରି କରିଛି; କେତେ ଅଳି ଅଝଟ ନଗେଇଛି; କେତେ ସୁନାର କୁଲେଇ, ରୁପାର ଚାନ୍ଦ ମାଗିଛି । ସବୁ ଦଉଡ଼ମଉଡ଼ ବାପାଙ୍କ ଉପରେ । ସେଇ ତା'ର ବାପା, ସେଇ ତା'ର ମା', ସେଇ ତା'ର ଭାଇଭଉଣୀ, ସେଇ ତା'ର ସାଙ୍ଗସାଥୀ । କେବେ ବରଷକ ଭିତରେ ଥରେ ଅଧେ ସେ ହୁଏତ ବାଲେଶ୍ୱର ଯାଇଛି । କିନ୍ତୁ ସେ ମୋଟେ ସାତଆଠ ଦିନ ପାଇଁ ବା ଖୁବ ବେଶୀହେଲେ ପନ୍ଦରଟା ଦିନ । ତା'ପରେ ସେ ଛଟପିଟି ହୋଇ, ଜନମଭୂଇଁର ସମସ୍ତ ମାୟାମମତା ତୁଟେଇ ପଳେଇ ଆସିଛି ବାପାଙ୍କ ପାଖକୁ—ଧାଇଁ ଆସିଛି ଏଇ କୋରାପୁଟର ପକ୍ଷୀକୂଜନପରିପୂରିତ, ଶାନ୍ତ, ସବୁଜ ପାହାଡ଼ର ଲହଡ଼ିଭଙ୍ଗା କୋଳକୁ ।

ଏଇ କୋରାପୁଟ—ଏଇଠି ସିଏ କନ୍ଧ, କୋହ୍ଲ, ପରଜା, ଗଦବା ପିଲାଙ୍କ ସାଙ୍ଗରେ ମିଶି ହସି ହସି ଧୂଳିଖେଳ ଖେଳିଛି,

ବୋହୂ ବୋହୂକା ଖେଳୁଛି, ଚଇତ ପର୍ବ ପାଳୁଛି ପୁଣି ଏଇଠି ସିଏ ତେଲୁଗୁ, ତାମିଲ, ଦକ୍ଷିଣୀ ପିଲାଙ୍କ ସାଙ୍ଗରେ ବସି ଅ, ଆ, କ, ଖଠୁଁ ଆରମ୍ଭ କରି ବି.ଏ. ପର୍ଯ୍ୟନ୍ତ ପଢ଼ିଛି, ସଭାସମିତି କରିଛି, ଦେଶକାମ କରିଛି । ଏଇ କୋରାପୁଟରେ ଗୋଟିକ ପରେ ଗୋଟିଏ ଆସି ଷୋଳଟି ବସନ୍ତ ତା' ଦେହମନରେ କଅଁଳ ହାତ ବୁଲାଇ-ଦେଇ ଯାଇଛି । ଢେଉଢେଉକା ପାହାଡ଼ ତଳେ ଢେଉଭଙ୍ଗା ଯୌବନ ତା'ର ଦନକୁଦନ ଫୁଲି ଫୁଲି ଉଠିଛି; ଗହନ ବନର କୁଳୁ କୁଳୁ ଝରଣା ତଳେ କଅଁଳ ଛନ ଛନ ମନଟି ତା'ର ଦନକୁଦନ ମଉଆଳି ହୋଇ ଉଠିଛି । ଏଇ କୋରାପୁଟ·········

ଏଇ ଶତସ୍ମୃତି ଭରା କୋରାପୁଟକୁ ତା'କୁ ଛାଡ଼ିବାକୁ ହେବ । ବାପାଙ୍କ ମୃତ୍ୟୁପରେ ଆଉ ତା'ର ସ୍ଥାନ ନାହିଁ କୋରାପୁଟରେ··· କ୍ଷଣକପାଇଁ ସୁମିତ୍ରା ଚମକି ଉଠିଲା । ନିଜକୁ ନିଜେ ବିଶ୍ୱାସ କରି ପାରିଲା ନାହିଁ । ମୁହୂର୍ତ୍ତକ ପାଇଁ ସେ କଳ୍ପନା କରିପାରିଲା ନାହିଁ, କେମିତି ସିଏ କୋରାପୁଟ ଛାଡ଼ିଯିବ, କେମିତି ସିଏ ଏତେ ସାଙ୍ଗସାଥୀ, ପଡ଼ାପଡ଼ୋଶୀ, ଗୁରୁ ଗୁରୁଜନଙ୍କର ସ୍ନେହଶ୍ରଦ୍ଧା, ମାୟାମମତା ଏଡ଼ାଇ ଦେଇ ଚାଲିଯିବ ଆଉ ସର୍ବୋପରି କେମିତି ସିଏ ସାଗରର ସରସ, ଜୀବନ୍ତ ସ୍ମୃତିଗୁଡ଼ିକୁ ପାସୋରି ଦେଇ, ହୃଦୟର ନିଗଢ଼ ପ୍ରେମବନ୍ଧନକୁ ଛିନ୍ନ ବିଚ୍ଛିନ୍ନ କରି ଏକାକୀ ଫେରିଯିବ ବାଲେଶ୍ୱର । ସେ କିଛି ଭାବିପାରିଲା ନାହିଁ । କପୋତୀର କରୁଣ କ୍ରନ୍ଦନ ଭଳି ପ୍ରାଣ ତା'ର ଦୁଃଖ ନିରାଶରେ ଖାଲି ହାହାକାର କରି ଉଠିଲା ।

କିନ୍ତୁ କ'ଣ କରିବ ? ନାରୀର ସେ । ଯେତେ ଶିକ୍ଷିତା ଆଧୁନିକା ହେଲେ ବି ସେ ନାରୀ । ସେ ହିନ୍ଦୁ ଘରର ଅନ୍ଧବାନ୍ଧିତା ଅବଳା—ହିନ୍ଦୁ ସମାଜର ଏକ ପିଂଜରାବଦ୍ଧ, ଶୃଙ୍ଖଳିତ ଜୀବ । ମୁକ୍ତ

ଆକାଶର ବିହଙ୍ଗମ ଭଳି ସେ ଯେଉଁଣେ ଇଚ୍ଛା ସେଣେ ଉଡ଼ିଯାଇ ପାରୁଛି କୋଉଠି ? ଗୁରୁଜନମାନଙ୍କର ଆଦେଶକୁ ଅବମାନନା କରି ସେ ତା'ମନକୁ ଯୋଉଠି ଇଚ୍ଛା ସେଠି ସାଥୀଟିଏ ବାଛି ନେଇ ପାରୁଛି କୋଉଠି ? ସେ ଉଚ୍ଚଶିକ୍ଷିତ କିନ୍ତୁ ଉଚ୍ଛୃଙ୍ଖଳ ନୁହେଁ ; ସେ ଭାବପ୍ରବଣ କିନ୍ତୁ ଅସହିଷ୍ଣୁ ନୁହେଁ ; ସେ ଉନ୍ନତ କିନ୍ତୁ ଉଦ୍ଧତ ନୁହେଁ । ବାପା ତା'ଙ୍କୁ ଖାଲି ସ୍ୱାଧୀନତା ଦେଇ ନ ଥିଲେ ଶୃଙ୍ଖଳା ମଧ୍ୟ ଶିଖାଇଥିଲେ । ତା'ଙ୍କୁ ଖାଲି କଲେଜରେ ଇଂରେଜୀ ପାଠ ପଢ଼େଇ ନଥିଲେ, ନିଜ ପାଖରେ ବସେଇ ଆମ ଓଡ଼ିଆ ଘରର ସଂସ୍କୃତି, ପରଂପରା, ଗୁରୁଭକ୍ତି, ଜାତୀୟତା ଆଉ ନାରୀସୁଲଭ ଲଜ୍ଜା, ବିନୟ, ଦୟା, ଧର୍ମ । ଦାନସେବା ପ୍ରଭୃତି ବିଭିନ୍ନ ସଦ୍‌ଗୁଣ-ଗୁଡ଼ିକ ମଧ୍ୟ ଠିକନଗି କରି ଶିଖାଇଥିଲେ । ବିଂଏଂ ପାଶକରି ସୁମିତ୍ର କେବଳ ଶିକ୍ଷିତ ହୋଇ ନଥିଲା, ମଣିଷ ହୋଇଥିଲା । କେବଳ ସୂର୍ଯ୍ୟଭଳି ଦୀପ୍ତ ହୋଇ ନ ଥିଲା, ଶଶୀ ଭଳି ଶାନ୍ତ ହୋଇଥିଲା।··· ଗୁରୁଜନମାନଙ୍କୁ ମାନଧାନ କରିବାପାଇଁ ଏମିତି ଯିଏ ପିଲଟିଦିନୁ ଶିଖିଆସିଛି, ସେ ଆଜି ଦାଦାଙ୍କ କଥା ଅମାନ୍ୟ କରନ୍ତା କପରି ? ବାଲେଶ୍ୱର ଯିବାକୁ ଅମଙ୍ଗ ହୁଅନ୍ତା କପରି ? ତେଣୁ ସଦାନନ୍ଦବାବୁ ଯେତେବେଳେ ଜିନିଷପତ୍ର ଖଟପଲଙ୍କ ଧରି ସୁମିତ୍ର ସାଙ୍ଗରେ ଜଗିର ଲଗେଇଲେ ଘରକୁ ଫେରିଯିବାକୁ, ସେତେବେଳେ ଅନ୍ତରରୁ ଉଠି ଆସୁଥିବା ଶତସହସ୍ର କୋହକୁ ଚପେଇ ରଖି ଆଗପଛ ଭଲମନ୍ଦ କିଛି ନ ବିଚାରି ସୁମିତ୍ର ମୁଣ୍ଡ ଟୁଙ୍ଗାରି 'ହଁ' ଭରିଲା ।

ଫେରି ଆସିବାକୁ ଗୋଟିଏ ଦିନ ବାକି । ସାଲୁରଠାରୁ ବସ୍‌ରେ ବିଜୟନଗରମ୍ ଆସି ସେଠାରୁ ଟ୍ରେନ୍ ଧରିବା କଥା । ତେଣୁ ସଦାନନ୍ଦବାବୁ ଆଡଭାନ୍‌ସ ଟିକେଟ କରିବାକୁ ସାଲୁର ଯାଇଛନ୍ତି । ଜିନିଷପତ୍ର ସଜଡ଼ା ସଜଡ଼ି ସରିଛି । ସଉପଟିଏ ପାଇ

ଚିଠି ଖଣ୍ଡିଏ ଲେଖିବାକୁ ସୁମନ୍ତ ବାହାରୁଛି, ହଠାତ୍ ଝଡ଼ବେଗରେ ଘରଭିତରେ ପ୍ରବେଶ କଲା ସାଗର । ମଳିନ ରୂପ, କରୁଣ ଚାହାଣୀ, ସଜଳ ଆଖି, ଗମ୍ଭୀର ମୁଖମଣ୍ଡଳ । ଓହ୍ଲାଇ ଅଷାଢ଼ର ବର୍ଷାମୁଖର ସନ୍ଧ୍ୟା ଭଳି ଓଠଟି ଥରଥର, ଆଖିଟି ଛଳଛଳ, ମୁହଁଟି ଡଳଡଳ । ସୁମନ୍ତ ଛାତିରେ ଚମକ ଲାଗିଲା । ସତକୁ ସତ ପାଗଳ ହୋଇଯିବେ ନାହିଁ ତ ଆଜି ? ମୋଟେ ଏଇଦିନ ଦି'ଟା ଭିତରେ ଏଡ଼େ ସୁନ୍ଦର ଗୋରାତକତକ ସୁନା ଦେହଟି ଶୁଖି କଳାକାଠ ପଡ଼ିଲାଣି; ଦିନରାତି ଅହରହ ଚିନ୍ତା କରି କରି ଆସି କଣ୍ଠା ଦୋହଲିଲାଣି—ହାଡ଼ ଦିଶିଲାଣି । ଏଡ଼େ ଚାଣୁଆ ଲୋକଟା ବି କ'ଣ ଏଇ ଟି'କ କଥାରେ ଟଳିପଡ଼ିବ ? ସୁମନ୍ତ ମନ ପାପ ଛୁଇଁଲା ।...

ନିଜକୁ ନିଜେ ଅଭିଶାପ ଦେଇ ସେ ଦୋଷୀଟି ଭଳି ଉଠି ନୀରବରେ ଠିଆହେଲା । କ୍ଷଣକ ପାଇଁ ଦୁହେଁ ନୀରବ, ନିଶ୍ଚଳ, ନିସ୍ପନ୍ଦ । ପକ୍ଷୀଟିଏ କରୁଣ ବିଳାପ କରି ଆକାଶରେ ଉଡ଼ିଗଲା । ନିଥର ବାୟୁମଣ୍ଡଳ ଭିତରେ ବିକଳ ଦୀର୍ଘଶ୍ୱାସ-ଟିଏ ପକାଇ ସାଗର କହିଲା—"ମୁଁ ଜାଣେ, ଏଇ ଉଡ଼ନ୍ତା ଆକାଶର ଚଢ଼େଇଟି ଭଳି ତମେ ଦିନେ କାହିଁ କେଉଁ ଅଜଣା ଅଚିହ୍ନା ରାଇଜକୁ ଉଡ଼ି ଉଡ଼ି ଚାଲିଯିବ । ଏଇ ସାହାସମ୍ବଳହୀନ ସାହାରା ମରୁଭୂମିରେ ସାଥୀଟିକୁ ଏକାକୀ ବସେଇ ଦେଇ ଚଢ଼େଇଟି ଉଭେଇଯିବ କେଉଁ ଅସୀମ ଆକାଶର ଅନନ୍ତ ନୀଳିମା ଭିତରେ । ସାଥୀଟି ବିଚରା ବସି ବସି ଚିରଦିନ ତା'କୁ ଝୁରୁଥିବ, ସାରା ଜୀବନ ତା'ରପାଇଁ କଳବଲ, ଡ଼ହଳବିକଳ ହୋଇ ମରୁଥିବ । କିନ୍ତୁ ସେ ପାଷାଣୀ ତା'କୁ ଆଡ଼ ଆଖିରେ ଚାହିଁବନି—ଥରକ ପାଇଁ ଲେଉଟି ଆସି ତା' ତତଲା ଲୁହଟୋପିଏ ପୋଛି ଦେବନି । ମୁଁ ଜାଣେ, କପୋଳଗୁଡ଼ା ଚିରଦିନ ବିଶ୍ୱାସଘାତିନୀ........"

—ଛବିଶ—

ସାଗର ପାଣିରେ ହାତ ଦେଇ ବନ୍ଦ କରିଣ କହିଲେ ସୁମନ କହିଲ —"ମୋତେ କ୍ଷମାକର ସାଙ୍ଗହେବାକୁ! ଖାଲି କରିବାର ଗୁରୁତ୍ବପରେ ମୁଁ ଦିନ କେଇଟି ପାଇଁ ତମ ପାଖରୁ ଅପସରି ଯାଉଛି ସିନା, କିନ୍ତୁ ବିଶ୍ବାସ କର— ମୁଁ ଚିରଦିନ ତମର। କଇଁ ଯେତେ ଦୂରରେ ଥିଲେ ବି ସେ ଚିରଦିନ ଚନ୍ଦ୍ରର; ପଦ୍ମ ଯେତେ ନିମ୍ନରେ ଥିଲେ ବି ସେ ଚିରଦିନ ସୂର୍ଯ୍ୟର; ଗୋଲାପ ଯେତେ ଅଝାଡ଼ ଜଙ୍ଗଲରେ ଥିଲେ ବି ସେ ଚିରଦିନ ଭ୍ରମରର। ତେଣୁ ମୋତେ ବିଶ୍ବାସ କର।"

"ବିଶ୍ବାସ ଆଉ କରି ପାରୁଛି କୋଉଠି? କାହିଁ ବାଲେଶ୍ବର କାହିଁ ଭଇଜାଗ? କାହିଁ ଆକାଶ କାହିଁ ପାତାଳ? ବର୍ଷକେ ଭିତରେ ଥରେ ଅଧେ ଦର୍ଶନ ମିଳିବା ଯୋଉଠି ସାତସପନ, ସେଠି ସାରା ଜୀବନ ପାଇଁ ମିଳନ ହେବାର ଅବକାଶ କାହିଁ? ଆଜିଯାଏ ମୁଁ କିଛି ଭାବୁ ନ ଥିଲି। ମୋର ଏହି ଅଲୋଡ଼ା, ଅଖୋଜା ଜୀବନକୁ ମୁଁ ଏମିତି ନଈବାଲିର ବାଲିଗରଡ଼ା ଭଳି ଗଡ଼େଇ ଗଡ଼େଇ ଚାଲି ଥିଲି। ତହିଁରେ ମୋତେ ନ ଥିଲା ଗିଜିଳ, ମୋତେ ନ ଥିଲା ଆଶା ଆନନ୍ଦର କୁହୁକ। କାହିଁକି ତମେ କାଉଁରିକାଠି ଛୁଆଇଁ ଦେଇ ଏହି ମଲାଲୋକ ଠାରେ ଜୀବନ ଦେଲ? ଦିନ କେଇଟାରେ ହସାଇ ଖେଳାଇ, ସୁଖ ଆନନ୍ଦର ମଦିରା ପିଆଇ ପୁଣି ବା କାହିଁକି ଆଜି ଚିରଦିନ ପାଇଁ କନ୍ଦାଇ କନ୍ଦାଇ ଚାଲି ଯାଉଛ? ତମକୁ ଛାଡ଼ି ମୁଁ ଆଜି ଏକାବେଳକେ ମୁହ୍ୟମାନ। ମୁଁ ଆଜି ଜୀଅନ୍ତାମାନଙ୍କ ଭିତରେ ମଲା ଆଉ ମଲାମାନଙ୍କ ଭିତରେ ଜୀଅନ୍ତା। ଜାଣେନା, କେମିତି ଏତେବଡ଼ ଜୀବନଟାକୁ ଘୋଷାରି ଘୋଷାରି କଟାଇବି?"

—ସଚେଇଟ

ଏହି ସାହାସ୍ତ୍ୱନ ଜୀବନରେ ସୌଭାଗ୍ୟ ଆହା ବୋଲି ପଦେ
କହିବାକୁ କେହି ନାହିଁ, ସେଠି ହା-ହୁତାଶର ବା-ବତାସ ବୁହାଇ
ମୁଁ ବଂଚିବି କେତେଦିନ ? "

ସାଗର ମୁହଁରେ ମୁହଁ ରଖି ସୁମନ୍ତ କଇଁକଇଁ ହୋଇ କାନ୍ଦି
ଉଠିଲା । ଉତ୍ତର ଦେବାକୁ ତା'ର ଭାଷା ନଥିଲା । ସାନ୍ତ୍ୱନା
ଦେବାକୁ ତା'ର ସାହସ ନ ଥିଲା । ଆଖିରୁ ତା'ର ଝରୁଥିଲା ଲୁହ;
ଛାତିରୁ ତା'ର ଝରୁଥିଲା ରକ୍ତ; ଦେହରୁ ତା'ର ଛୁଟି ଆସୁଥିଲା
ଜୀବନ । ବଡ଼ ବିକଳ ହୋଇ ସେ କହିଲା—"ଛି, ଏତେ ଦୁର୍ବଳ
ହେଲେ ଚଳିବ ? ବିଶ୍ୱର ସେବା ଯା' ଜୀବର ଲକ୍ଷ୍ୟ, ସେ ଗୋଟାଏ
ସାମାନ୍ୟ ନାରୀ ପାଇଁ ବାଧ୍ୟ ହେଲେ କ'ଣ ସୁନ୍ଦର ଦିଶିବ ? ଆଉ
ତା'ଛଡ଼ା, ଆମର ମିଳନ ତ ବହୁଦିନୁ ହୋଇଯାଇଛି । ଛନ୍ଦାବନ୍ଧ
ତ ଖାଲି ଗୋଟାଏ ଲୋକ ଦେଖାଣିଆ ବିଧି, ତା'ପାଇଁ ଏତେ
ଚିନ୍ତା କାହିଁକି ? ମୋ ସୁନାଟି ପରା, ମୋ ମୁଣ୍ଡ ଖାଅ - ଟିକେ
ଧୈର୍ଯ୍ୟ ଧର, ଟିକଏ ଶେଷ ବାନ୍ଧ । ଉଠି ଆସୁଥିବା ଲୁହଙ୍କ ମୁଣ୍ଡ
ନୋଇଁ ଟିକଏ ସହିଯାଅ - ତା' ନହେଲେ 'କାବେଲକେ ଭାର୍ଗ
ପଡ଼ିବ—ଲୋକେ ହସିବେ । "

ସାଗର ସବୁ ଶୁଣିଲା କିନ୍ତୁ କିଛି ବୁଝି ପାରିଲା ନାହିଁ । ତା'
ମନରେ ଖାଲି ବାରମ୍ବାର ଉଙ୍କିମାରିଲା ସେହି ଗୋଟାଏ କଥା—
ସତେ କ'ଣ ଭବିଷ୍ୟତରେ ଆଉ ଦେଖାହେବ ?

କାନ୍ଥଘଣ୍ଟାରେ ଠଂ ଠଂ ହୋଇ ନ'ଟା ବାଜିଲା । ସଦାନନ୍ଦ
ବାବୁ ଟିକେଟ କରି ସାଲୁରରୁ ଫେରି ଆସୁଥିବେ । ଆଉ ବେଶି
ଡେରି କରିବା ଉଚିତ ହେବନି । ସାଗର ଧୀରେଧୀରେ ସୁମନ୍ତର

—ଅଠେଇଶ—

ହିଁଟି ଟେକିଲା ଆଉ ତା'ର ଲୁହଧୁଆ କଅଁଳ ଗାଲ ଉପରେ ଶତଥର ପାଇଁ ଆଙ୍କିଦେଲା ଗୋଟିଏ ନିବିଡ଼, ଉଷ୍ମ ଚୁମ୍ବନ ···

ସେହି ଶେଷ ଚୁମ୍ବନ—ସେହି ଶେଷ ଆଲିଙ୍ଗନ—ସେହି ଶେଷ ମିଳନ ।

× × ×

ତହିଁଆର ଦିନ — ବିଜୟନଗରମ୍ ଷ୍ଟେସନରେ ସମସ୍ତଙ୍କୁ ଆଡ଼କୁ ଉଠାଇ ଦେଇ ସାଗର ଯେତେବେଳେ ବିଦାୟ ନେବା ଆଗରୁ ସଦାନନ୍ଦ ବାବୁଙ୍କୁ ପ୍ରଣାମ କଲା, ସେତେବେଳେ ସୁମନ୍ତି ଆଉ ସମ୍ଭାଳି ହୋଇ ପାରିଲା ନାହିଁ । ଆଗପଛ, ଭଲମନ୍ଦ, ଥାନ ଅଥାନ ନ ମାନି ପିଲାଙ୍କ ଭଳି ଭେଁ ଭେଁ କାନ୍ଦି ଉଠିଲା । ସାଗର ଛାତି ଭିତରୁ ସେତେବେଳେ ଖାଲି ହାବୁକା ଉପରେ ହାବୁକା ଉଠୁଥାଏ । ଆଖି ଲୁହରେ ଭରିଆଉ ତା'କୁ ଅନ୍ଧାର ଦିଶୁଥାଏ । ସେ ଆଉ ମୁହଁ ଟେକି ସୁମନ୍ତି ଆଡ଼କୁ ଚାହିଁ ପାରିଲା ନାହିଁ । ସଦାନନ୍ଦ ବାବୁ କିଛି ବୁଝି ଥିଲେ କି ନାହିଁ କେଜାଣି ତରୁଣତରୁଣୀ ଦୁଇଟି କିନ୍ତୁ ଦେଶକାଳପାତ୍ର ଭୁଲି ଆଖିର ଲୁହରେ ଲୁହର ସ୍ରୋତ ମିଶାଇ ନୀରବରେ ମୁହୂର୍ତ୍ତ ପରେ ମୁହୂର୍ତ୍ତ କଟାଇବାକୁ ଲାଗିଲେ । କି କରୁଣ ସେହି ଦୃଶ୍ୟ ! କି ବିକଳ ସେହି କ୍ରନ୍ଦନ !! କାହାରି ପାଟିରୁ ପଦେ କଥା ବାହାରି ନାହିଁ, କେହି କାହାରି ଆଡ଼କୁ ଚାହିଁ ପାରି ନାହାନ୍ତି । ଦୁହେଁ ନୀରବ, ନିଥର, ଶାନ୍ତ ··· ଗାଡ଼ି ଛାଡ଼ିବାର ଶେଷ ସଙ୍କେତ—ସାଗର ମୁହଁ ଟେକି ଉପରକୁ ଚାହିଁଲା । ସୁମନ୍ତି ଲୁହପୋଛି ସାଗର ଆଡ଼କୁ ଅନାଇଲା — ସେଇ ଶେଷ ଦେଖା, ସେଇ ଶେଷ ସ୍ମୃତି, ସେଇ ଶେଷ ସମ୍ବଳ ···

—ଅଣଓରଣ—

ଗାଡ଼ି ଛାଡ଼ିଦେଲା । ଆକାଶରେ କପୋତକପୋତୀ ଦୁଇଟି କରୁଣ ବିଳାପ କରି ପରସ୍ପର ଠାରୁ ବିଦାୟ ନେଇ ଉଡ଼ିଗଲେ·····

—୨—

ବାଲେଶ୍ୱର ଜିଲ୍ଲାର ବୁଢ଼ାବଳଙ୍ଗ ନଈକୂଳରେ ବାଳସାହି ଗାଁ । ବିଶ୍ୱମୋହନ ମହାପାତ୍ର ସେହି ଗାଁର ଜଣେ ବିଶିଷ୍ଟ ଲୋକ । ପାଠଶାଠ ସେମିତି କିଛି ପଢ଼ି ନ ଥିଲେ, କିନ୍ତୁ ବାଣିଜ୍ୟ ବ୍ୟବସାୟରେ ତାଙ୍କର ପାରଦର୍ଶିତା ଥିଲା ବହୁତ ବେଶୀ । ସେତେବେଳକୁ ରେଲଲାଇନ୍ ହୋଇନାହିଁ । ପାଲଟଣା ଜାହାଜରେ ଲୋକେ ଗୁଡ଼ପୁର, ଗୁଡ଼ବାଲି, ଜମ୍ବୁ, ହୁକିଟୋଲା ପ୍ରଭୃତି ସ୍ଥାନରୁ ଯାଇଁ କଲିକତାରୁ ମାଲ ଆଣି ଓଡ଼ିଶାର ବଡ଼ବଡ଼ ସହର-ମାନଙ୍କରେ ବ୍ୟବସାୟ କରୁଥିଲେ । ସେତେବେଳେ ଏହି ବୁଢ଼ା-ବଳଙ୍ଗ ନଈ ଆଜିକାଲିକା ଭଳି ପୋତି ହୋଇ ପଙ୍କ ନ ଥିଲା । ଷ୍ଟିମରଷ୍ଟିମର ଜାହାଜସବୁ କଲିକତାରୁ ମାଲ ଆଣି ଏଇବାଟେ ପୁରୁଣା ବାଲେଶ୍ୱର, ଫିରିଙ୍ଗିଡ଼ଙ୍ଗା ପର୍ଯ୍ୟନ୍ତ ଆସି ପାରୁଥିଲା । ବାଲେଶ୍ୱର ଓ ତା ଆଖପାଖ ଅଞ୍ଚଳର ଲୋକେ ବରଷକ ଆଠକାଳ ବାରମାସି ଏଇ ନଈ ଭିତରେ ଜାହାଜକା ଜାହାଜ ଜିନିଷ ଆଣି ବାଲେଶ୍ୱର, ଖନ୍ତାମଣ୍ଡା, ସୋରୋ, ହଳଦୀପଦା, ରୁପ୍‌ସା, ବାରିପଦା ପ୍ରଭୃତି ପେଣ୍ଠ ଜାଗାମାନଙ୍କରେ କାରବାର କରୁଥିଲେ । ବିଶ୍ୱ-ମୋହନ ବାବୁ ପିଲାଟିଦିନୁ ବ୍ୟବସାୟରେ ଧୁରନ୍ଧର । ସେ ଏଣୁ ଧାନ, ଚାଉଳ, ନଡ଼ିଆ, ହଳଦି, ଗୁଡ଼, ଧୂଆଁପତ୍ର ପ୍ରଭୃତି ନେଇ ତେଣୁ ଚିନି, କିରାସିନି, ମସଲାମସଲି, ଲୁଗା ଓ ମନୋହରୀ ଜିନିଷ ଆଦି ଆଣୁଥିଲେ ଏବଂ ପିଲାଟିଦିନୁ ଏଇ ବେପାରବଣିଜରେ ମୁଣ୍ଡ

ଖଟେଇ ବୁଢ଼ା ହୋଇ ମଲେବେଳକୁ ଲକ୍ଷଲକ୍ଷ ଟଙ୍କାର ସମ୍ପତ୍ତି ଜମେଇ ଦେଇ ଯାଇଥିଲେ ।

ତାଙ୍କର ଚାରିପୁଅ — ଆଶାନନ୍ଦ, ହୃଦାନନ୍ଦ, ପ୍ରେମାନନ୍ଦ, ସଦାନନ୍ଦ । ବଡ଼ପୁଅ ଆଶାନନ୍ଦ ବାପାଙ୍କ ଭଳି ଜଣେ ପକ୍କା ବ୍ୟବସାୟୀ । ବାପାଙ୍କ ଅନ୍ତେ ସେ ଅନ୍ୟ କୁଆଡ଼େ ମନ ନ ଦେଇ ସେହି ପାଲଟଣା ଜାହାଜ ଧରି ବାହାରିଲେ କଲିକତା । ବଙ୍ଗୋପ-ସାଗରର କରାଳ ଲହରୀ ଭିତରେ ଜୟ ଜଗନ୍ନାଥ କହି ନିର୍ଭିକ ଚିତ୍ତରେ ଶରାଳ ଉଡ଼ାଇ ସେ ଚାଲିଲେ ବିଦେଶ । ଅବଶ୍ୟ ସେ ବିଦେଶ ଗଲେ ନାହିଁ କୁଲି ହୋଇ ମୂଲ ଲାଗିବାକୁ, ସେ ଗଲେ ବଣିକ ହୋଇ ଧନରତ୍ନ, ମଣିମାଣିକ୍ୟ ପରଦେଶରୁ ବୋହିଆଣି ଆପଣା ଘର ଭରନ୍ତି କରିବାକୁ । କିନ୍ତୁ ଦୈବ ଦୁର୍ଯୋଗ । ମୋଟେ ବରଷ କେଇଟା ସୁରୁଖୁରୁରେ କଟିଛି କି ନାହିଁ ହଠାତ୍ ଦିନେ ଦରିଆ ମଝିରେ ଝଡ଼ ଉଠିଲା । ସୁ ସୁ ପବନ, ହୁ ହୁ ବିଜୁଳି, ଝ ଝ ବରଷା, ଘୁ ଘୁ ଶବଦ—ଗୁହୁଁ ଗୁହୁଁ ଘଡ଼ିକ ଭିତରେ ସବୁ ଓଲଟପାଲଟ ହୋଇଗଲା । ପାଲଟଣା ଜାହାଜର ବା ଜୀବନ କେତେ ? ଏତେବଡ଼ ଝଡ଼ବତାସ ବିରୁଦ୍ଧରେ ମୁଣ୍ଡ ଟେକି ଛିଡ଼ା ହେବାପାଇଁ ତା'ର ବା ବଳଦର୍ପ କାହିଁ ? ସୁତରାଂ ଏକା ସେହିଦିନ ମହାପାତ୍ର ଘରର ପ୍ରାୟ ତିରିଶ ଖଣ୍ଡ ବୋଝେଇ ଜାହାଜ ବୁଡ଼ିଗଲା ସମୁଦ୍ର ଭିତରେ ଆଉ ତା' ସାଙ୍ଗେ ସାଙ୍ଗେ ସେହି ଅଥଳ ଦରିଆର ଅତଳ ଗହ୍ୱରର ମଧ୍ୟରେ ଚିରଦିନ ପାଇଁ ସଲିଳ ସମାଧି ଲଭିଲେ ଯୁବକ ଆଶାନନ୍ଦ ।

ବୁଢ଼ା ନ ଖାଇ ନ ପିଇ, ଦେବତା ବ୍ରାହ୍ମଣ ଯୋଗୀ ଭିକାରୀଙ୍କ ସେବାରେ ନ ଦେଇ ଯୋଉ ଅମାପ ଧନ ସାଇତି ଦେଇ

ଆଉଥିଲେ, ତା'ର ଅଧିକରୁ ବେଶୀ ବିନର୍ବ୍ୟୟ ହୋଇଗଲା ଏମିତି ଅବେଳାରେ, ଅସମୟରେ, ଅପନ୍ତରାରେ । ଆଶାନନ୍ଦ ମଲ୍ଲ-ବେଳକୁ ଭାଇମାନେ ସେତେ ପାରି ନ ଥିଲେ । ତା'ଛଡ଼ା ରେଲ୍‌ଲାଇନ୍ ହୋଇ ଯାଇଥିବାରୁ ସେ ବ୍ୟବସାୟ କ୍ରମେ ମାନ୍ଦା ପଡ଼ି ଆସୁଥାଏ । ସହଜେ ତ ଜାହାଜଯାକ ଯାଇଥାଏ, ପୁଣି ଥରେ ନୂଆ ଜାହାଜ କରି ସାନ ବ୍ୟବସାୟ ଆରମ୍ଭ କରିବାକୁ କାହାରି ମନ ଗଲା ନାହିଁ । ଆଉ ଏଣେ ବି ତ ଘରେ ଅଚଳାଚଳ ସମ୍ପତ୍ତି— ବାଡ଼ିବାଡ଼ି ଜମି । ଏଇଆକୁ ବୁଝିବାକୁ ତ ଲୋକ ନାହାନ୍ତି, ଆଉ ଗୁଡ଼ାଏ ଲମ୍ଫେଇ ଲାଭ କଣ ?

ବଡ଼ମଝିଆ ହୃଦାନନ୍ଦ ସେତେବେଳକୁ ପଢୁଥାନ୍ତି ବାଲେଶ୍ୱର ଜିଲ୍ଲା ସ୍କୁଲରେ । ବିଚକ୍ଷଣ ଛାତ୍ର । ଲୋଅର ପ୍ରାଇମେରୀଠଉଁ ବୃତ୍ତି ନେଇ ସବୁ ଶ୍ରେଣୀରେ ସୁନାମ ଅର୍ଜନ କରିବା ସଙ୍ଗେସଙ୍ଗେ ମ୍ୟାଟ୍ରିକୁଲେସନ ପରୀକ୍ଷାରେ ସମଗ୍ର ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନ ଅଧିକାର କଲେ । ପଢ଼ିବା ପାଇଁ ତାଙ୍କର ଏତେ ବେଶୀ ସ୍ପୃହା ଥିଲା ଯେ ସେ ଘରର ଧନ ସମ୍ପତ୍ତି, ଭୋଗବିଳାସ ଆଡ଼କୁ ନ ଚାହିଁ ସମସ୍ତ ଭାଇମାନଙ୍କ ହାତରେ ସମର୍ପି ଦେଇ ଉଚ୍ଚଶିକ୍ଷା ପାଇଁ ବାହାରିଗଲେ କଟକ । ସେଠାରେ ମଧ୍ୟ ଗମ୍ଭୀର ମନୋନିବେଶ ସହକାରେ ଅଧ୍ୟୟନ କରି ସେ ଯଥା ସମୟରେ କୃତିତ୍ୱର ସହିତ ଆଇ. ଏ, ବି. ଏ ପାଶ୍ କଲେ ।

ସରକାରଙ୍କଠାରୁ ଉଚ୍ଚ ସୁପାରିଶ ପାଇ ସେ ଯେଉଁଦିନ ସବ୍‌ଡେପୁଟି ପୋଷ୍ଟରେ ପ୍ରଥମ ଥର ପାଇଁ ଜଏନ୍ କଲେ ସମ୍ବଲପୁରରେ, ଠିକ୍ ସେଇଦିନ ପ୍ରେମାନନ୍ଦ ହସିହସି ଗୁଳି ଆଗରେ ଛାତି ପତେଇ ଦେଲେ ଇପ୍ରୁଜ୍ ରଣକ୍ଷେତ୍ରରେ । ଇପ୍ରୁଜ୍ —

ଗୋଳା, ବାରୁଦ, ତୋପ, କମାଣର ରଣଭୂଇଁ ନୁହେଁ, ସତ୍ୟ ଅହିଂସା, ତ୍ୟାଗ, ଅସହଯୋଗର ବିଜୟଭୂଇଁ । ୧୯୨୧ର ଲୁଣମରା ଆନ୍ଦୋଳନ । ବାଲେଶ୍ୱରର ଏଇ ଛୋଟିଆ ଗାଁ ଇଞ୍ଚୁଡ଼ି—ହେଲେ ଓଡ଼ିଶାର ପ୍ରତି ପୁରପଲ୍ଲୀରୁ ଶହଶହ, ହଜାରହଜାର ଲୋକ ସେଦିନ ଉଠି ଆସିଥିଲେ ଏହି ଇଞ୍ଚୁଡ଼ି ଉପକୂଳକୁ । ଉଠି ଆସିଥିଲେ ହାତରେ ଲୁଣମୁଠାଏ ଧରି, ମାଟି ମେଞ୍ଚାଏ ଧରି ଦେଶ ପାଇଁ, ଜାତିପାଇଁ, ପରାଧୀନ ଭାରତର ଲକ୍ଷଲକ୍ଷ କୋଟିକୋଟି ଦଳିତ, ମଥିତ, ନିଷ୍ପେଷିତ ଜନତା ପାଇଁ ହସିହସି ଜୀବନ ଦେବାକୁ । ସଙ୍ଗୀନ ମୁନରେ କା’ ଛାତି ଚିରା ହୋଇଛି, ଗୁଳି ମାଡ଼ରେ କା’ କଲିଜା ଉପୁଡ଼ା ହୋଇଛି, ଘୋଡ଼ାସବାର ପୁଲିସ ନେଇ କୋଉଠି ଶହଶହ ନିରୀହ ଲୋକଙ୍କ ଉପରେ ମଡ଼ାଇ ଦିଆ ହୋଇଛି । ତଥାପି ଲୁଣମୁଠାକ କେହି ହାତରୁ ଛାଡ଼ି ନାହାଁନ୍ତି—ମାଟିଟିକକ କେହି ତଳେ ପକାଇ ନାହାଁନ୍ତି । ମାଟିମିଶା ଲୁଣ ମେଞ୍ଚାଏ ମେଞ୍ଚାଏ ହାତରେ ଧରି “ବନ୍ଦେ ମାତରଂ” ଶବ୍ଦରେ ଆକାଶ କମ୍ପାଇ ସମସ୍ତେ [illegible] ଗର୍ଜ୍ଜନ କରି ଉଠିଛନ୍ତି ପରାଧୀନତାର ଲୌହ ଶୃଙ୍ଖଳକୁ ଛିନ୍ନବିଚ୍ଛିନ୍ନ କରିବାକୁ । ଠେଲି ପଡ଼ିଛନ୍ତି କିନ୍ତୁ ତଳେ ପଡ଼ି ନାହାନ୍ତି; ଦେଶମାତୃକାର ପୂଜାବେଦୀରେ ଢଳି ପଡ଼ିଛନ୍ତି କିନ୍ତୁ ସରକାରର ମନଭୁଲାଣିଆ ମିଠାକଥାରେ ଭୁଲି ଯାଇ ନାହାଁନ୍ତି । …… ଶହଶହ ସହୃଦଙ୍କ ସାଥିରେ ପ୍ରେମାନନ୍ଦ ସେଦିନ ଏମିତି ହସିହସି ଆଗେଇ ଆସିଥିଲେ ମରଣମୁହଁକୁ ।

ବଡ଼ଭାଇ ଆଶାନନ୍ଦଙ୍କର ଅକାଳ ବିୟୋଗ ହୃଦାନନ୍ଦଙ୍କୁ ଯେତେ ବାଧି ନ ଥିଲା, ଆଜି ସାନଭାଇ ପ୍ରେମାନନ୍ଦଙ୍କର ଅକାତର ଜୀବନ ଦାନ ସେତେ ବେଶୀ ବାଧିଲା—ସେତେ ବେଶୀ ଅନ୍ତରରେ ଗଭୀର ରେଖାପାତ କଲା । ସେ ଏହି ଚରମ ତ୍ୟାଗର ପରମ

ସାର୍ଥକତା ଯେତିକି ଯେତିକି ଉପଲବ୍ଧି କଲେ, ସେତିକି ସେତିକି ସଂସାର ପ୍ରତି ଉଦାସୀନ ହୋଇ ଉଠିଲେ—ସେତିକି ସେତିକି ସଂସାରର ଧନ, ଐଶ୍ୱର୍ଯ୍ୟ, ଭୋଗବିଳାସ, ବିଷୟବାସନା ପ୍ରତି ବୀତସ୍ପୃହ ହୋଇ ପଡ଼ିଲେ । ସେହିଦିନୁ ସେ ଆଉ ବେଶୀ ଘରକୁ ଆସନ୍ତି ନାହିଁ କି ଧନ ସମ୍ପତ୍ତିର ନାନାଦି ମାୟା ମୋହ ଜଂଜାଳରେ ଅହରହ ବାନ୍ଧି ହୋଇ ଜୀବନକୁ ଦୁଃଖ ଅଶାନ୍ତିରେ ଦହଗଂଜ କରନ୍ତି ନାହିଁ । ବରଂ ନିଜ ଝାଳବୁହା କମଣିରେ ବଡ଼ ସରଳ ନିରାଡ଼ମ୍ବର ଭାବରେ ଚଳି ଅବଶିଷ୍ଟ ଯାହା ଦି'ପଇସା ବଳେ, ତହିଁରେ ଦୀନଦୁଃଖୀ, ରୋଗୀଶୋଷୀଙ୍କ ସେବାରେ ମନ ଦିଅନ୍ତି । ଯହୁଁ ଯହୁଁ ଦିନ ଗଡ଼େ ତହୁଁ ତହୁଁ ସେ ବେଶୀବେଶୀ ଉଚ୍ଚ, ଉଦାର, ଉନ୍ନତ ହୁଅନ୍ତି ।

ଭାଇମାନେ ଏମିତି ଗୋଟିକ ପରେ ଗୋଟିଏ ଦୂରେଇ ଗଲେ । ଜଣେ ଗଲା ଓଡ଼ିଆ ସାଧବର ବୋଇତ ଧରି ସାଗରପାରି ଆଉ ଜଣେ ଗଲା ଓଡ଼ିଆ ପାଇକର ସାହସ ଧରି ସପନପୁରୀ । ବାକୀ ଯୋଉ ଜଣକ ଦୁନିଆ ଭିତରେ ଜୀଇଁବଂଚି ରହିଲା ସେ ହେଲା ଗୈରିକ ବସନଧାରୀ ସନ୍ନ୍ୟାସୀ ତ୍ୟାଗୀ, ଉଦାସୀନ, ସଂସାର-ବିମୁଖ । ତେଣୁ ସବୁ ଜଂଜାଳ, ସବୁ ଧନସଂପତ୍ତି ନେଇ ଘରେ ଏକା ରହିଲେ ସାନଭାଇ ସଦାନନ୍ଦ ।

ସମୟ ସୁଅ ଭଳି ବହିଯାଏ । ହୃଦାନନ୍ଦ ବରଷେ ଦି'ବର-ଷରେ କଦବା କେମିତି ଛୁଟି ନେଇ ଥରେଅଧେ ଘରକୁ ଆସନ୍ତି । ସଦାନନ୍ଦ ଘରର ଯାବତୀୟ ହିସାବ—ଜମିବାଡ଼ି, ଆୟଆମଦାନି, ସାହୁକାର ମହାଜନ – ଟିକିନିଖି କରି ସବୁ କାଗଜପତ୍ର ନେଇ ଭାଇଙ୍କୁ ବୁଝାନ୍ତି । କିନ୍ତୁ ହୃଦାନନ୍ଦ କିଛି ବୁଝନ୍ତି ନାହିଁ, କିଛି

ଶୁଣନ୍ତି ନାହିଁ । ହିସାବ କିତାବ ଯାଞ୍ଚ କରିବା ତେଣିକି ଥାଉ ସେ ଆଡ଼କୁ କେବେ ଆଡ଼ଆଖିରେ ବି ଥରେ ଚାହାଁନ୍ତି ନାହିଁ । ମାସେ ପନ୍ଦରଦିନ କୌଣସିମତେ କଟାଇ ଦେଇ ସେ ପୁଣି ଫେରିଯା'ନ୍ତି କର୍ମସ୍ଥଳୀକୁ । ଘରର ସମସ୍ତ ଦାୟିତ୍ୱ, ସମସ୍ତ ହାନିଲାଭ ଭଲମନ୍ଦ ବହନ କରିବାକୁ ପଡ଼େ ସଦାନନ୍ଦଙ୍କୁ । ଆପଣା ପିଲାଛୁଆଙ୍କ ଗୁଡ଼ାକ ଘରେ ଦି' ଦି'ଟି ବିଧବା ଭାଉଜ, ତାଙ୍କ ପିଲାଛୁଆ, ଭଲମନ୍ଦ, ରୋଗବଇରାଗ, ବାହାପୁଆଣି—ସବୁ ତାଙ୍କୁ ମୁଣ୍ଡେଇବାକୁ ହୁଏ—ସବୁ ତାଙ୍କୁ ତୁଲେଇବାକୁ ହୁଏ । ହେଲେ ତାଙ୍କର ଗୋଟାଏ ଆଶା ଥାଏ ଯେ ଭାଇ ଦିନେ ଫେରି ଆସିବେ । ଭରତ ରାମଚନ୍ଦ୍ରଙ୍କ କଠଉ ଆପଣା କରି ରାଜୁତି କଲାଭଳି ସେ ଭାଇଙ୍କ ନୀରବ ଆଦେଶ ପାଳନ କରି ଏ ସମସ୍ତ ଦାୟିତ୍ୱ ମୁଣ୍ଡେଇ ଥିଲେ ବି ତାଙ୍କର ପୂର୍ଣ୍ଣ ବିଶ୍ୱାସ ଥାଏ ଯେ ରାମଚନ୍ଦ୍ରଙ୍କ ପରି ଭାଇ ମଧ୍ୟ ଦିନେ ବନବାସ ସାରି ବାହୁଡ଼ି ଆସିବେ ଆଉ ତାଙ୍କ ମୁଣ୍ଡରୁ ଏ ଗୁରୁଭାର ଓହ୍ଲାଇ ନେଇ ତାଙ୍କୁ ଟିକିଏ ଉଶ୍ୱାସର କରୁଣ ନିଃଶ୍ୱାସ ମାରିବାକୁ ଅବସର ଦେବେ । କିନ୍ତୁ ତା' ହୋଇପାରିଲା ନାହିଁ । ତାଙ୍କ ଦାୟିତ୍ୱ ଲାଘବ କରିବା ତେଣିକି ଥାଉ ବରଂ ତାଙ୍କୁ ଶତସହସ୍ର ଗୁଣରେ ବଢ଼ାଇ ଦେଇ ଭାଇ ସେହିଆଡ଼େ ଆଖି ବୁଜିଲେ ।

ସଦାନନ୍ଦ ବାବୁଙ୍କ ମୁଣ୍ଡ ଉପରେ ସତେକି ଆକାଶ ଛିଡ଼ି ପଡ଼ିଲା । ଘଡ଼ିକ ପାଇଁ ଚାରିଆଡ଼ ତାଙ୍କୁ ଅନ୍ଧାର ଦେଖାଗଲା । ସୁମନ୍ତଙ୍କୁ ଧରି ସେ ଫେରିଲେ । କିନ୍ତୁ ଯେତେବେଳେ ଆସି ଗାଁରେ ଗୋଡ଼ ଦେଲେ ସେତେବେଳେ ଆଉ ସମ୍ଭାଳି ହୋଇ ପାରିଲେ ନାହିଁ । ପଡ଼ାପଡ଼ୋଶୀ, ଆତ୍ମୀୟ ସ୍ୱଜନଙ୍କୁ ଦେଖି ପିଲାଙ୍କ ପରି ବାଇଆ ହୋଇ ଭୋ ଭୋ କାନ୍ଦି ଉଠିଲେ ।

—ପରିଶେଷ—

ଚିଲିକା କୂଳରେ ଗୋଟିଏ ଛୋଟିଆ ଗାଁ—ସାବୁଲିଆ । ରମ୍ଭା ଷ୍ଟେସନ ପାଖ, ହେଲେ ରମ୍ଭା ଭଳି ଏତେ ପ୍ରସିଦ୍ଧ ନୁହେଁ ସେ ଗାଁଟି । ଅତି ଛୋଟ, ଅତି ମଳିନ । ସଭ୍ୟ ଶିକ୍ଷିତ ଦୁନିଆ ଭିତରେ ଘାସଫୁଲଟି ଭଳି ଅତି ଅକିଂଚନ ସେ । ସେହି ଗାଁର ଗୋଟିଏ ଗରିବର କୁଡ଼ିଆ ଭିତରେ ସାଗରର ଜନ୍ମ । ବାପା ଥିଲେ ଜଣେ ପ୍ରାଇମେରୀ ସ୍କୁଲର ଶିକ୍ଷକ । ସାତୋଟି ଟଙ୍କା ଦରମା ପା'ନ୍ତି । ପିତୃପୁରୁଷରୁ ମୋଟେ ଦେଢ଼ମାଣ ବୋଲି ଜମି ଥାଏ । ସେଇଆକୁ ଭାଗଚଷା ଦେଇ, ଦିନ ମିହନ୍ତ କରି ବାଡ଼ରେ ଆଳୁ, ସାରୁ, କଦଳୀ, କଖାରୁ କରି କୌଣସିମତେ ଦୁଃଖେକଷ୍ଟେ ଚଳାଯା'ନ୍ତି । ସାଗର ପିଲାଟିଦିନୁ ବାପାଙ୍କ ପାଖରେ ବସି ପାଠ ପଢ଼େ ; ବାପାଙ୍କ ସାଙ୍ଗରେ ମିଶି ବାଡ଼ି ବଗିଚ୍ଚ ହାଣିମାରି ନାନାଦି ଶାଗମୁଗ ପନିପରିବା କରେ ଆଉ ବେଳ ପାଇଲେ ଗାଁଲୋକଙ୍କ ସାଥିରେ ଯାଇଁ ଚିଲିକା ଭିତରୁ ମାଛ ଧରେ, ମାଛ ବିକି ଟଙ୍କାଏ ଆଠଣା ଆଣି ବାପାଙ୍କ ହାତରେ ଦିଏ । ଏମିତି ହେତୁ ପାଇଲାଦିନୁ ଦୁଃଖ, ଦାରିଦ୍ର୍ୟ, ଅଭାବ, ଅନଟନ ବିରୁଦ୍ଧରେ ଯୁଦ୍ଧ କରିକରି ଦିନକୁଦିନ ବଢ଼ି ଉଠେ ସାଗର·····

ଦିନ କ୍ରମେ ଗଡ଼ିଯାଏ । ଗାଁ ପାଠଶାଳାରୁ ପଢ଼ାସାରି ଉଚ୍ଚଶିକ୍ଷା ପାଇବା ପାଇଁ ସେ ଯାଏ ଖଲ୍ଲିକୋଟ । ବାପା ପେଟରୁ କାଟି ପିଠି ନଙ୍ଗଳା କରି ଅଧଲାଏ ପଇସାଏ ସଞ୍ଚି ପୁଅକୁ ଖର୍ଚ୍ଚ ଯୋଗାନ୍ତି । ନିଜେ ନ ଖାଇ ନ ପିଇ ପୁଅ ପାଖକୁ ଚୁଡ଼ା ଗୁଡ଼ ପଠାନ୍ତି; ନିଜେ ଅଳିଆ କୋଡରା ପିନ୍ଧି ପୁଅ ପାଇଁ ସଫାସୁତୁରା

ଲୁଗା ଜାମା କରନ୍ତି । ହେଲେ ତା'ପାଇଁ ତାଙ୍କୁ ବେଶୀଦିନ ଭାବିବାକୁ ହେଲାନି । ଅରକ୍ଷିତଙ୍କୁ ଦଇବ ସାହା । ସାଗର ସବୁ ପିଲାଙ୍କ ଭିତରେ ଫାଷ୍ଟ୍ ହେଲା । ପାଠଶାଠ, ଖେଳକସରତ, ବାଡ଼-ବଗିଚା—ସବୁ ବିଷୟରେ ନାଁ କଲା । ସ୍କୁଲ କର୍ତ୍ତୃପକ୍ଷ ଖୁସି ହୋଇ ତା'ର ଦରମା ଛାଡ଼ କରିଦେଲେ । ଶିକ୍ଷକମାନେ ସନ୍ତୁଷ୍ଟ ହୋଇ ତା'କୁ ପୁଅଭଳି ସ୍ନେହଚକ୍ଷୁରେ ଦେଖିଲେ । ମେସ୍‌ରେ ବି ଖାଇବା ଖର୍ଚ୍ଚ କ୍ରମେ ଛାଡ଼ ହୋଇଗଲା । ତେଣିକି ଯହୁଁ ଯହୁଁ ସେ ବେଶୀ ବେଶୀ ପଢ଼ିଲା ତହୁଁ ତହୁଁ ବେଶୀ ଲୋକଙ୍କ ଦୃଷ୍ଟି ଆକର୍ଷଣ କଲା । ଖାଲି ଯେ ସେ ଭଲ ପାଠ ପଢ଼ି ପରୀକ୍ଷାରେ ବେଶୀ ନମ୍ବର ରଖି ଫାଷ୍ଟ ହୁଏ ତା' ନୁହେଁ, ସେ ଭଲ ପ୍ରବନ୍ଧ ଲେଖେ, ଭଲ ବକ୍ତୃତା ଦିଏ, ଭଲ ଗୀତ ଗାଏ । ପୁଣି ମାଟି ସାଙ୍ଗରେ ମାଟି ହୋଇ ସ୍କୁଲ ଆଗରେ ଫୁଲଫଳର ବଗିଚା କରେ ; ଗାନ୍ଧି ଜୟନ୍ତୀ, ସ୍ୱାଧୀନତା ଦିବସ, ଉତ୍କଳମଣିଙ୍କ ଶ୍ରାଦ୍ଧ ପ୍ରଭୃତି ଛୋଟବଡ଼ ସାଧାରଣ ଉତ୍ସବରେ ସେ ଆଗଭର ହୋଇ ବାହାରି ପଡ଼ି ସଭାସମିତିର ଆୟୋଜନ କରେ—ଶିକ୍ଷକମାନଙ୍କୁ ଡାକି, କଲେଜର ଅଧ୍ୟାପକମାନଙ୍କୁ ନିମନ୍ତ୍ରଣ କରି ଦେଶର ପୂଜ୍ୟ ନେତୃମଣ୍ଡଳୀଙ୍କୁ ଶ୍ରଦ୍ଧାଂଜଳି ଜଣାଏ । ଆଉ ସର୍ବୋପରି ଛାତ୍ରାବାସରେ କାହାକୁ ଜର ହେଲେ, କା' ମୁଣ୍ଡ ବିଥେଇଲେ ସେ ରାତିରାତି ତା' ବିଛଣା ପାଖରେ ବସି ତା' ସେବାଶୁଶ୍ରୂଷା କରେ, ତା' ହାତଗୋଡ଼ ଆଉଁସେ ।

ସଭିଙ୍କ ପାଖରେ ହସହସ, ସଭିଙ୍କ ସାଥିରେ ସ୍ନେହ ସରଳ ବ୍ୟବହାର, ମନଖୋଲା କଥାଭାଷା । ସ୍କୁଲର ଚପରାସୀ ମାଳୀଠାରୁ ଆରମ୍ଭ କରି କଲେଜର ଅଧ୍ୟାପକ ପର୍ଯ୍ୟନ୍ତ ସମସ୍ତେ ତା'କୁ ଭଲ ପା'ନ୍ତି,—ସମସ୍ତେ ତା' ନମ୍ର, ବିନୟୀ ସ୍ୱଭାବରେ ମୁଗ୍ଧ ହୁଅନ୍ତି । ଦିନ ପରେ ଦିନ ଗଡ଼ିଗଲା । କ୍ରମେ ତା'ର ହାଇସ୍କୁଲ ପାଠ ସରି

ଆସିଲା । ସହଜେ ତ ସେ ଅତି ବିଚକ୍ଷଣ ଛାତ୍ର—ତା'ଉପରେ ପୁଣି ଶିକ୍ଷକମାନଙ୍କ ସ୍ନେହ, ଶ୍ରଦ୍ଧା, ଆଦର, ଆଶୀର୍ବାଦ ପାଇ ସେ କୃତିତ୍ୱର ସହିତ ମ୍ୟାଟ୍ରିକ ପାଶ୍ କଲା ଆଉ ବିଶ୍ୱବିଦ୍ୟାଳୟରେ ପଞ୍ଚମ ସ୍ଥାନ ଅଧିକାର କରି ପନ୍ଦର ଟଙ୍କାର ବୃତ୍ତିଟିଏ ପାଇଲା । ବାପାଙ୍କ ଆନନ୍ଦ ଦେଖେ କିଏ ? ସେ ମନେମନେ ଭବିଷ୍ୟତର ସୁନେଲି ସ୍ୱପ୍ନ ଆଙ୍କି କ୍ଷଣକପାଇଁ ଆତ୍ମବିସ୍ମୃତ ହୋଇପଡ଼ିଲେ । ସାଗର ବାପାଙ୍କ ଚରଣରେ ମଥାରଖି, ଗୁରୁଜନମାନଙ୍କ ଶୁଭେଚ୍ଛା ନେଇ I. Sc. ପଢ଼ିବାପାଇଁ ବାହାରିଗଲା କଟକ ।

ଦୁ'ବରଷ ପରେ—ଫାଷ୍ଟ ଡିଭିଜନରେ I. Sc. ପାଶ୍ କରି ସାଗର ଯେତେବେଳେ ଫେରିଆସିଲା ଗାଁକୁ, ସେତେବେଳେ ବାପା କହିଲେ ଚାକିରି କରିବାକୁ, ମା' କହିଲେ ବିବାହ କରିବାକୁ, ଗାଁ ଲୋକେ କହିଲେ ବାଲୁଗାଁ ଷ୍ଟେସନରେ ବଙ୍ଗାଳୀ ମହାଜନଙ୍କ ପାଖରେ ରହି ମାଛ ବ୍ୟବସାୟ କରିବାକୁ । କିନ୍ତୁ ସେ ସବୁ କିଛି ହେଲାନି । ସାଗର ଜିଦ୍ ଧରିଲା, ଆଉ ଚାରି ପାଞ୍ଚଟା ବରଷ ପଢ଼ି କୌଣସିମତେ ଡାକ୍ତରୀ ଖଣ୍ଡିକ ପାଶ୍ କରିବ, ତା'ପରେ ଯାଇଁ ଯୋଉକଥା । ବାପା ଡରିଲେ । ଡାକ୍ତରୀ ପଢ଼ିବାପାଇଁ ଏତେ ପଇସା କାହୁଁ ପାଇବା ? ସାଗର କହିଲା—ଦେଖାଯିବ । ଆଜିଯାଏ ଯେମିତି ଚଳିଲା ସେମିତି ଚଳିବ । ଠାକୁରେ ବଡ଼ଲୋକ । ତମେ ବ୍ୟସ୍ତ ହେଉଛ କାହିଁକି ?

ସତରେ କି ଠାକୁରେ ବଡ଼ଲୋକ । ସେ ଚାହିଁଲେ ପଙ୍ଗୁ ବି ଗିରି ଲଙ୍ଘିଯାଏ—ସୋଲ ବୁଡ଼େ ପଥର ବି ଭାସିଉଠେ । କାହିଁ କାହିଁ ବଡ଼ ବଡ଼ ହାକିମ ହୁକୁମାଙ୍କ ପୁଅ ଝିଅ—ଯିଏ ଘିଅରେ ଖାଇ ଦୁଧରେ ହାତ ଧୁଅନ୍ତି, ମଟର ଘୋଡ଼ାଗାଡ଼ିରେ ସ୍କୁଲ କଲେଜକୁ ଆସନ୍ତି ଆଉ ଗଣ୍ଡା ଗଣ୍ଡା ଶିକ୍ଷକଙ୍କ ପାଖରେ ଟିଉସନ ହୁଅନ୍ତି

ସେମାନେ ବର୍ଷ ବର୍ଷ ଧରି ଗୋଟାଏ ଗୋଟାଏ ଶ୍ରେଣୀରେ ପଢ଼ୁଥାନ୍ତି—ସାମାନ୍ୟ ପାଶ୍ ଖଣ୍ଡିଏ ବି କରିପାରନ୍ତି ନାହିଁ । ଅଥଚ ଯାହାଙ୍କୁ ଦିନଓଳରେ ଥରେ ପେଟପୁରା ଖାଇବାକୁ ମୁଠାଏ ମିଳେନା, ଦରମା ଗଣ୍ଡାଏ ଦେଇ ନ ପାରି ଯାହାଙ୍କର ବର୍ଷକ ଭିତରେ ଦଶଥର ନାଁ କଟେ ଆଉ ଯିଏ ପରୀକ୍ଷା ଫିସ୍, ନାଁ ଲେଖା ଫିସ୍ ସଂଗ୍ରହ କରିବାପାଇଁ ଯା' ତା' ଦୁଆରେ ଗୋଡ଼ ଭାଙ୍ଗି ଚାରିଣା ଆଠଣା ଭିକ ମାଗି ମାଗି ଟାଉନସାରା ଘୂରି ବୁଲୁଥାନ୍ତି, ସେମାନେ ଫାଷ୍ଟ ଡିଭିଜନରେ ପାଶ୍‌କରନ୍ତି, ସେମାନେ ବୃତ୍ତି ପାନ୍ତି, ସେମାନେ ବିଶ୍ୱବିଦ୍ୟାଳୟରେ ପ୍ରଥମ ଦ୍ୱିତୀୟ ସ୍ଥାନ ଅଧିକାର କରନ୍ତି······ବାସ୍ତବିକ ଠାକୁରେ ବଡ଼ଲୋକ ।

ସାଗର କଥାହିଁ ରହିଲା । ଏଠିସେଠି ଟିଉସନ କରି ଯେମିତି ଦୁଇଟି ବର୍ଷ ଦୁଃଖେକଷ୍ଟେ କଟକରେ କଟେଇ ଦେଇଥିଲା, ସେମିତି ଆଉ କେଇଟି ବର୍ଷ ମାଗିଯାଚି, ଯା'କୁ ତା'କୁ ନେହୁରା ନିମନ୍ତି କରି କୌଣସିମତେ କଟେଇଦେବ ବୋଲି ସେ ମନେ ମନେ ଦମ୍ଭ ବାନ୍ଧିଲା । ସେତେବେଳକୁ କଟକରେ ମେଡ଼ିକାଲ କଲେଜ ହୋଇ ନ ଥାଏ । ତେଣୁ ବାଧହୋଇ ତା'କୁ ଯିବାକୁ ହେଲା ଭାଇଜାଗ । ଖଲ୍ଲିକୋଟରେ ପଢ଼ୁଥିବାବେଳେ ରାଜାସାହେବଙ୍କ ସୁଦୃଷ୍ଟି ତା'ଉପରେ ପଡ଼ିଥାଏ । ଉଚ୍ଚଶିକ୍ଷାରେ ସାହାଯ୍ୟ ଦେବେ ବୋଲି ସେ ତା'କୁ ସେତିକବେଳେ ପ୍ରତିଶ୍ରୁତି ଦେଇଥାନ୍ତି । ଖଲ୍ଲିକୋଟ କଲେଜରେ science ବିଭାଗ ନ ଥିବାରୁ ସେ ଯେତେବେଳେ ମ୍ୟାଟ୍ରିକ ପାଶ୍‌କରି I.sc. ପଢ଼ିବାକୁ କଟକ ଗଲା, ସେତେବେଳେ ମଧ୍ୟ ରାଜାସାହେବ ତା'କୁ ସାହାଯ୍ୟ ଯାଚିଥିଲେ । କିନ୍ତୁ ବୃତ୍ତିପାଇ ଥିବାରୁ ଆଉ ସାହାଯ୍ୟ ନେବା ସେତେବେଳେ ତା'ର ଦରକାର ନ ଥିଲା । ତେଣୁ ଆଜି ସେହି ସୁଯୋଗ ନେଇ ସେ ପ୍ରଥମେ ଯାଇ

ପହଞ୍ଚିଲା ତାଙ୍କର ଆଗରେ । ପିଲାଟିର ଉତ୍ତରୋତ୍ତର ଉନ୍ନତ ଦେଖି ରାଜାସାହେବ ମଧ୍ୟ ଅତୀବ ପ୍ରୀତ ହେଲେ ଏବଂ ସେହିଦିନୁ ତାଙ୍କୁ ମାସକୁମାସ ତିରିଶଟଙ୍କା ଲେଖାଏ ସାହାଯ୍ୟ ଦେବେ ବୋଲି ପ୍ରତିଶ୍ରୁତି ଦେଲେ ।

ଆନ୍ଧ୍ର ବିଶ୍ୱବିଦ୍ୟାଳୟର ମେଡ଼ିକାଲ କଲେଜରେ ଯାଇଁ ନାଁ ଲେଖାଇଲା ସାଗର । ଏମିତି ସବୁଦିନେ ଆମ ଓଡ଼ିଆ ପିଲାଙ୍କୁ ଯାଇଁ ପଢ଼ିବାକୁ ହୁଏ ପ୍ରଦେଶ ବାହାରେ—ସଢ଼ିବାକୁ ହୁଏ ପଡ଼ୋଶୀ ପ୍ରଦେଶର ଘୃଣା, ଲାଞ୍ଛନା, ତାଚ୍ଛିଲ୍ୟ, ଅବମାନନା ଭିତରେ । କାରଣ ପ୍ରଦେଶ ଭିତରେ ଆମର ସବୁ ବିଭାଗର କଲେଜ ନାହିଁ । ଆଜ ଅବଶ୍ୟ ୧୦ ଅଧ୍ୟାପକରିଆ ହୋଇ ମେଡ଼ିକାଲ କଲେଜଟିଏ ହେଲାଣି । କିନ୍ତୁ ଯେତେବେଳେ ଆମର ଶହ ଶହ, ହଜାର ହଜାର ଇଂଜିନିୟର ଦରକାର, ଯେତେବେଳେ ଅନ୍ୟ ପ୍ରଦେଶରୁ ମୋଟା ମୋଟା ଦରମାର ଇଂଜିନିୟର ଆସି ଆମକୁ ନିର୍ମମ ଭାବରେ ଶୋଷଣ କରିବାରେ ଲାଗିଛନ୍ତି, ସେତେବେଳେ ଆମର ନିଜର ହୋଇ ପ୍ରଦେଶ ଭିତରେ ଇଂଜିନିୟରିଂ କଲେଜଟିଏ ନାହିଁ । କୋଉଠି ପଢ଼ି ଓଡ଼ିଆପିଲା ଇଂଜିନିୟର ହେବ ? କାହାଦ୍ୱାରା ଓଡ଼ିଶା ପ୍ରଦେଶ ଉନ୍ନତି କରିବ ? କି ଉପାୟରେ ଓଡ଼ିଆଜାତି ମିସ୍ତ୍ରୀ, ପଂଜାବୀ, ବଙ୍ଗାଳୀ, ତେଲୁଗୁଙ୍କୁ ଓଡ଼ିଶା ବାହାରକୁ ତଡ଼ିବ ? ଜନତା ଆମର ଚିରଦିନ ଜଡ଼ । ଏ ଆଡ଼କୁ କାହାର ଦୃଷ୍ଟି ନାହିଁ । ଓଡ଼ିଶା ଭିତରେ ଭୁବନେଶ୍ୱର, କୋଣାର୍କ ଭଳି କାରୁକାର୍ଯ୍ୟ ଖଚିତ ଏତେ ବଡ଼ ବଡ଼ ମନ୍ଦିର ଧାଡ଼ିଏ ଥାଉଁ ଥାଉଁ ଆଜ ପୁଣି ଲୋକେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଛକିଆରେ ମନ୍ଦିର ତୋଳୁଛନ୍ତି, କାଳିଆବୋଦାରେ ଗୁରୁକ୍ଷେତ୍ର ଗଢ଼ୁଛନ୍ତି । ସରକାରଙ୍କ ବି କହି କହି ଶୁଣୁ ନାହାଁନ୍ତି । ବାର ଲକ୍ଷ ଟଙ୍କା ଖର୍ଚ୍ଚ କରି ଭୁବନେଶ୍ୱରରେ ବଜାର ବସାହେଉଛି,

—ଗୁଳଣ—

ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ରାଜଧାନୀରେ ଗୋଟିଏ ଗୋଟିଏ ହାଇଆର ପ୍ରାଇମେରୀ ସ୍କୁଲ ଖୋଲା ହେଉଛି—ଅଥଚ ଓଡ଼ିଶାର ଯୋଉଠା ସର୍ବାଦୌ ଆବଶ୍ୟକ, ସେହି ଇଂଜିନିୟରିଂ କଲେଜଟିଏ କରିବାପାଇଁ କେହି ମନଧ୍ୟାନ ଦେଉ ନାହାଁନ୍ତି । ସବୁଦିନେ ଆମେ ପରମୁଖାପେକ୍ଷୀ ହୋଇ ରହୁଛେ । ସବୁଦିନେ ଆମପିଲାଏ କଲିକତା, ପାଟନା, ବେନାରସ, ଏଲାହାବାଦ, ବାଙ୍ଗାଲୋର, ମାନ୍ଦ୍ରାଜରେ ପାଇଁ ସିଟ୍ ଗୋଟିଏ ପାଇବା ପାଇଁ ବାରସ୍ତାନସ୍ତା ହେଉଛନ୍ତି ।

× × ×

ସେ ଯାହାହେଉ, ସାଗର ପଢ଼ିଲା ଭାଇଜାଗର ମେଡ଼ିକାଲ କଲେଜରେ । ସେଇଠି ତା'ର ଆରମ୍ଭ ହେଲା ଦେଶକାମ, ଆରମ୍ଭ ହେଲା ରୋଗୀସେବା, ଆରମ୍ଭ ହେଲା ବିଚ୍ଛିନ୍ନ ଉତ୍କଳପାଇଁ ଭିନ୍ନ ଭିନ୍ନ ଯୋଜନା । ଆଉ ସେହି ବିଚ୍ଛିନ୍ନ ଉତ୍କଳର କର୍ମଭୂମି ଉପରେ ଯେତେବେଳେ ସେ ନୂଆ ଜୀବନ ଧରି ଦେଶ ଓ ଦଶର ସେବାରେ ଆପଣାକୁ ତିଳେ ତିଳେ ବିସର୍ଜନ କରି ଦେବାକୁ ଯାଉଥିଲା, ଠିକ୍ ସେତିକବେଳେ ତା'ର ଦେଖାହେଲା ସୁମନ୍ତି ସାଥିରେ । ସାଧନା ସଙ୍ଗରେ ଶକ୍ତିର ମିଳନ ହେଲା—ସ୍ୱପ୍ନ ସଙ୍ଗରେ ପ୍ରେରଣାର ସଂଯୋଗ ହେଲା । ସେ ନୂଆ ବଳ, ନୂଆ ଉତ୍ସାହ, ନୂଆ ଉତ୍ତେଜନା ନେଇ ଲାଗିପଡ଼ିଲା କାମରେ । ପୁରୁଷର ସ୍ୱପ୍ନକୁ ନାରୀର ପ୍ରେମରେ ରସାଣିତ କରି ସେ କରିଚାଲିଲା ଏକ ବିରାଟ ସାଧନା । ଆଶା ଥିଲା, ସେଇଆକୁ ନେଇ ସେ ସଂସାର ଗଢ଼ିବ, ସେଇଆକୁ ଧରି ତା' ଶୂନ୍ୟ ହୃଦୟ ପୂର୍ଣ୍ଣ କରିବ, ଅନ୍ଧାର ଘର ଆଲୁଅ କରିବ । କିନ୍ତୁ ତା' ହୋଇପାରିଲା ନାହିଁ । ବିଧାତାର ନିଷ୍ଠୁର ଅଭିଶାପ । କପୋତ କପୋତୀ ଭଳି ଦୁହେଁ ଶେଷକୁ ଅଲଗା ହୋଇଗଲେ... ...
ହୃଦାନନ୍ଦ ବାବୁ ଟୋ ଫୋଟକା ମାରିଗଲେ । ସାଗର ମୁଣ୍ଡରେ

ଶଂଖାର ଶବ ଜଳାଇ ଦେଇ ସୁମନ୍ତ ଫେରିଗଲା ବାଲେଶ୍ୱର । ସାଗର ପ୍ରାଣରେ ଭରିଗଲା ବିଷାଦର କୋହ, ଆଖିରୁ ଝରିପଡ଼ିଲା ରକ୍ତର ଧାର, ହୃଦୟରେ ଖେଳିଗଲା ହତାଶାର ଢେଉ ।

—୯—

ଦିନ ଗଡ଼ିଗଲା । ଆଉ ତା' ସାଙ୍ଗରେ ସଦାନନ୍ଦ ବାବୁଙ୍କ ମନରୁ ଦୁଃଖର ଶିହ ବି ଦିନକୁଦିନ କମିକମି ଆସିଲା । ସୁମନ୍ତ ବଡ଼ ଝିଅ । ତା'କୁ ଆଉ କେତେଦିନ ଘରେ ରଖି ସଦାନନ୍ଦ ବାବୁ ନିଶ୍ଚିନ୍ତ ରହି ପାରନ୍ତେ ? ହୃଦାନନ୍ଦ ବାବୁଙ୍କ ବରଷିକିଆ ପରେ ଆଉ ବେଶୀ ଡେରି ନ କରି ସେ ଏହି ସମ୍ବନ୍ଧରେ ଦୁଇ ତିନି ଜାଗାରେ ପ୍ରସ୍ତାବ ପକାଇଲେ । ରେମୁଣାର ରାୟବାହାଦୂର ରସାନନ୍ଦ ରାଉତରାୟଙ୍କ ପୁଅ ଅଧ୍ୟାପକ ରଘୁନାଥଙ୍କ ସଙ୍ଗେ ପ୍ରସ୍ତାବ ପଡ଼ିଥିଲା; ଜଳେଶ୍ୱରର ଜମିଦାର ଜମ୍ବେଶ୍ୱର ଜେନାଙ୍କ ନାତି ଜାନକୀବଲ୍ଲଭଙ୍କ ସମ୍ବନ୍ଧେ କଥାବାର୍ତ୍ତା ହୋଇଥିଲା ଆଉ ଭୁଡ଼ଗଡ଼ିଆର କଂଗ୍ରେସକର୍ମୀ, ନିଷ୍ଠାପର ଦେଶସେବକ ବନମାଳୀ ବେହେରାଙ୍କ ସଙ୍ଗେ ସବୁ ସ୍ଥିର ହୋଇ ନିର୍ବନ୍ଧ ପର୍ଯ୍ୟନ୍ତ ହୋଇଯିବାକୁ ବସିଥିଲା । କିନ୍ତୁ କୌଣସି-ଯାଗାରେ ହୋଇ ପାରିଲା ନାହିଁ । ସଦାନନ୍ଦ ବାବୁ ବୁଲିବୁଲି ଯେତେ ଜାଗା ସ୍ଥିର କଲେ, ତାଙ୍କ ସହଧର୍ମିଣୀ ବିଣାଦେବୀ ପଛରେ ଲୋକ ପଠାଇ ସେତେ ଜାଗା ଭାଙ୍ଗି ଦେଇ ଆସିଲେ । ଶେଷକୁ ସ୍ୱାମୀ ସ୍ତ୍ରୀଙ୍କ ଭିତରେ କଳିକଜିଆ ହେବା ପର୍ଯ୍ୟନ୍ତ ଗଲା—କିନ୍ତୁ ତଥାପି ବିଣାଦେବୀ ଅଚଳ, ଅଟଳ ହୋଇ ରହିଲେ । ତାଙ୍କର ସେହି ଏକା କଥା—"ଝିଅର ମନ ନ ବୁଝି କୌଣସି କଥା କରାଯିବ ନାହିଁ । ଝିଅ ତ ଆଉ ପିଲା ହେଇନାହିଁ କି ଅପାଠୋଇ ଅଗୁଣିରା ହେଇନାହିଁ ଯେ ଆମ ମନଇଚ୍ଛା ଆମେ ଯୋଉଠି ପାରି ସେଠି ବାନ୍ଧିଦେବା ? ସେ ପାଠଶାଠ ପଢ଼ିଛି, ଦୁନିଆର ହାନିଲାଭ ଭଲମନ୍ଦ ସବୁ ବୁଝିଛି
ପାଠଶାଠ ପଢ଼ିଛି । ଦୁନିଆର ହାନିଲାଭ ଭଲମନ୍ଦ ସବୁ ବୁଝିଛି ।

'କୁ ନ ପଚ୍ଚରି, ତା' ମନକଥା ନ ବୁଝି ଆମେ ଖାଲି ଆମ ଧାରଣାରୁ
ଣ୍ଡାଇବା ପାଇଁ ତା'କୁ ନେଇ ଯୋଉଠି ଇଚ୍ଛା ସେଠି ମାଡ଼ିଦେଲେ
। ଜୀବନରେ ସୁଖୀ ହୋଇ ପାରିବ କି ? ସହଜେ ତ ତା'ର ମା'
ପ ନାହିଁ । ତା' ଉପରେ ପୁଣି ଆମେ ତା'କୁ ଏମିତି ନେଇ
ଳ ଦରିଆରେ ଭସାଇଦେଲେ ଶେଷକୁ ସେ ଝୁରିଝୁରି
ାଳରେ ଝରି ପଡ଼ିବ ସିନା ।

ଖୁଡ଼ୀଙ୍କ କଥା ଶୁଣି ସୁମନ୍ତ ଭିତରୁ କୋହ ଉଠେ । ସେ ଅନ୍ୟ
କୁ ଚଳାଇ ଯାଇଁ ଆଖିର ଲୁହ ଲୁଚାଏ । ସଦାନନ୍ଦ ବାବୁ
ଣ୍ଡି ଭାବ ନୀରବ ରହନ୍ତି । ଆଖି ଆଗରେ ତାଙ୍କର ବହୁଦିନର
ାଟିଏ ଦୃଶ୍ୟ ନାଚିଯାଏ । ବିଜୟନଗରମ୍ ଷ୍ଟେସନରେ ସେହି
ଛଳ ଛଳ କରୁଣ ଦୃଷ୍ଟି, ସେହି ବିଦାୟ ବେଳର ବିକଳ
ଶ୍ୱାସ—ସବୁ ଗୋଟି ଗୋଟି ହୋଇ ଭୁମ୍ପାବାଜିର କୁହୁକ ଭଳି
ାନ ଭିତରେ ଆସି ଆଖିଆଗରେ ତାଙ୍କର ଭାସି ବୁଲେ । ଭିତି
ରେ କିଏ ଯେପରି ତାଙ୍କର ମୁଗୁର ପିଟି କହୁଛି—"ତମେ
କରୁଛ । ତମେ ଜନ୍ମ ଜନ୍ମର ସାଥୀ ଚକୋର ଚକୋରୀ
ାଟିଙ୍କୁ ଅଲଗା ଅଲଗା କରି ଦେଇ ତାଙ୍କର ଅତୃପ୍ତ ଆତ୍ମାକୁ
ଦିନ ହନ୍ତସନ୍ତ କରି, ଉହାଳବିକଳ କରି ମାରୁଛ ।" କ୍ଷଣକପାଇଁ
ଙ୍କ ମନ ଦୁର୍ବଳ ହୋଇ ଉଠେ । ନିଜ ଭୁଲ ନିଜେ ବୁଝି ପାରନ୍ତି ।

କିନ୍ତୁ କେଜାଣି କାହିଁକି, ଠିକ୍ ପରକ୍ଷଣରେ ତାଙ୍କର
ଚାଧାରା ପୁଣି ବଦଳିଯାଏ । ସେ ଭାବନ୍ତି—ସ୍କୁଲ କଲେଜରେ
ପଢ଼ିଲାବେଳେ କିଶୋର କିଶୋରୀ କେତେ ସାଥୀ ପାଆନ୍ତି
ବୟସରେ ମନଟି ତାଙ୍କର ଚଳଚଳ ହେଉଥାଏ—ଠିକ୍ ଏ
ଉଠି ଆଶା ପାଇଲେ ଆଗପଛ ଭଲମନ୍ଦ ନ ଭାବି ସେଇଠି ଚଳି
ଡ଼ି, ସେଇଆଡ଼କୁ ଆଉଜି ଯାଏ । କିନ୍ତୁ ତା' ବୋଲି ସେହି

ଭାବ ପ୍ରବଣତା, ସେହି କଞ୍ଚାବଅସର ଭଲ ପାଇବାକୁ ନେ
ଜୀବନ ଗଢ଼ ଯାଏ ନାହିଁ । ବିବାହ ତ ଆଉ ପିଲାଦିନର କଣ୍ଢେ
ଖେଳ ନୁହେଁ ଯେ ପିଲା ଯୋଉ କଣ୍ଢେଇ ପାଇଁ ଜିଦ୍ ଧରିବ, ତା'
ସେହି କଣ୍ଢେଇ ଆଣି ଦେବ । ବିଶେଷତଃ ଝିଅମାନେ—ତାଙ୍କର
ବୁଦ୍ଧି ଶୁଦ୍ଧି କେତେ ? ଭବିଷ୍ୟତର ଭଲମନ୍ଦ କଳ୍ପନା କରିବାପାଇଁ
ତାଙ୍କର ବା ଦୂରଦୃଷ୍ଟି କେତେ ? ତେଣୁ ସେମାନେ ଯେଉଁଠି ସ୍ଥି
କରିବେ ବା ସେମାନେ ଯାହାକୁ ଅପରିପକ୍ୱ ବୟସରେ ଭଲପା
ଜୀବନସାଥୀ କରି ବାଛିବେ, ତା'କୁ ନୀରବରେ ଗ୍ରହଣ କରିଯି
ଅର୍ଥ ତା'ଙ୍କୁହିଁ କେବଳ ଦୁଃଖ ଜଂଜାଳର ଦରିଆ ମଝିକି ନ
ଭାବରେ ଠେଲିଦେବା ସିନା ।

ବହୁତ ଭାବିଚିନ୍ତି ସେ ଶେଷରେ ଏହି ସିଦ୍ଧାନ୍ତରେ ପହଞ୍ଚି
ଏବଂ ବାଣୀ ଦେବୀଙ୍କୁ ମଧ୍ୟ ବୁଝାଇ ଦେଲେ ଯେ ସେ ଯାହା କହୁଛ
ତା' ଝିଅର ଭବିଷ୍ୟତ ମାଇଁ ମଙ୍ଗଳ ନୁହେଁ । ଯେତେ ପାଠଶା
ପଢିଲେ ବି ସୁମିତ୍ତ କାଲି ସକାଳର ପିଲାଟା । ଦୁନିଆ ବିଷୟ
ତା'ର କିଛି ଅଭିଜ୍ଞତା ନାହିଁ, ଭଲମନ୍ଦ ବୁଝିବା ପାଇଁ ତା'
କିଛି ଶକ୍ତି ନାହିଁ । ହୁଏତ ପାଠ ପଢିଲାବେଳେ ସେ କାହାକୁ ଟିକ
ଭଲ ପାଇଛି, କା'ଆଡ଼କୁ ତା'ମନ ଟିକଏ ଢଳି ଯାଇଛି । କି
ତା'ବୋଲି ସେହି ଭଲପାଇବାକୁ ଜୀବନସାରା କାନଅଗରେ ବା
ବସିଲେ ସେ ସୁଖୀ ହୋଇ ପାରିବ ନାହିଁ । ବରଂ ସେହି କଳ୍ପନା
ନାୟକଟିକୁ ବାସ୍ତବତାର ରଙ୍ଗମଞ୍ଚରେ ପାଇଲେ ସେ ଚିରଦି
ଦୁଃଖ, ଅଭାବ, ଗଂଜଣା, ଅନଟନରେ ଘାଣ୍ଟି ହୋଇ ମରିବ
କାରଣ ମୁଁ ଭଲରୂପେ ଜାଣେ ସାଗର ନିଃସ୍ୱ—ସାଗର ଦାଣ
ଭିକାରୀ—ପଥର କାଙ୍ଗାଳ ।

ସୁମିତ୍ତ ଶୁଣିକନା ଚମକି ପଡ଼ିଲା । ସ୍ଥିରଚଳର କଳ
ଦେହରେ ତା'ର ଚଡ଼୍ କରି ଖେଳିଗଲା ଗୋଟାଏ ଶାଣଦିଆ ଧାର

—ତିଉବିଲଣ—

। ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ—ତିନପୁର ତା'କୁ ଅନ୍ଧାର ଦେଖାଗଲା ।
ଚକାଭଉଁରୀ ଖାଇ ପଡ଼ ଯାଉଁ ଯାଉଁ ଗଡ଼ଚଢ଼ିଲା ଗୋଟାଏ
ଫା ଉପରେ ।·····ଖୁଡ଼ୀ 'ହୁଁ' କଲେ । ଆଶାର କ୍ଷୀଣ ସ୍ମିତ
ଖାଟି ବ ଦୂର ଦିଗ୍‌ବଳୟର ପରପାରରେ ଧୀରେ ଧୀରେ ଲିଭି
ଲା । ସେ ଭାବିଲା, ଭୁଣ୍ଡ ଖୋଲି ଏହାର ପ୍ରତିବାଦ କରିବ—
। ଅନ୍ୟାୟ ଅବିଚାରର ବିରୁଦ୍ଧରେ ତୀବ୍ର ପ୍ରତିରୋଧ କରି ସେ
କ୍‌ଠୋକ୍ ସବୁକଥା ଖୋଲି କହିଦେବ । କିନ୍ତୁ ପରକ୍ଷଣରେ
ପଡ଼ିଲା··ଗୁରୁଜନ··ବାପା କହୁଛନ୍ତି—"ଆଧୁନିକ ଝିଅମାନେ
ପଡ଼ି ଉପରମୁହାଁ, ମନମୋଟୀ ହୋଇ ଯାଉଛନ୍ତି, ବଡ଼େ
ଙ୍କ କଥା ମାନୁନାହାଁନ୍ତି, ଗୁରୁଜନମାନଙ୍କୁ ଭକ୍ତି କରୁନାହାଁନ୍ତି ।
ପ୍ରକୃତ ଶିକ୍ଷା ହେଉଛି ବିନୟ, ନମ୍ରତା, ଗୁରୁଭକ୍ତି"; ବାପା
ନ୍ତି—"ହିନ୍ଦୁନାରୀର ଆଦର୍ଶ—ଦୁଃଖରେ ଛାତି ଫାଟିଯିବ ପଛକେ
ଖୋଲି କଥା ପଦିଏ ବାହାରିବ ନାହିଁ । ବାପ, ଭାଇ, ଗୁରୁ
ଜନମାନଙ୍କ କଥାରୁ ବାହାର ଯାଇଁ ନିର୍ଲଜ୍ଜ ଭଳି ଯାହାକୁ
ତା'କୁ ନେଇ ସେ ସଂସାର କରିବ ନାହିଁ"; ବାପା କହୁଛନ୍ତି
"ଆର୍ଯ୍ୟନାରୀର କର୍ତ୍ତବ୍ୟ—ଅବିବାହିତା ସମୟରେ ବାପଭାଇଙ୍କ
ନରେ, ବିବାହିତା ସମୟରେ ସ୍ୱାମୀ ଅଧୀନରେ ଓ ବିଧବା
ରେ ପୁଅମାନଙ୍କର ତତ୍ତ୍ୱାବଧାନରେ ସେ ରହିବ । କେତେ-
ଲେ ହେଲେ ସେ ଏମାନଙ୍କୁ ଏଡ଼ିଦେଇ ତା' ମନଇଚ୍ଛା କିଛି
ରିବ ନାହିଁ ।"

ସବୁକଥା ସେ ଭାବିଲା—ସବୁଅଳିକୁ ସେ ଗୁହାଁଲା । କିନ୍ତୁ
କରିବ କିଛି ସ୍ଥିର କରି ପାରିଲା ନାହିଁ । ମନ କହିଲା—
ମିତ ଜୀବନ ମରଣ ସମସ୍ୟାରେ ଖାଲି ଆଦର୍ଶକୁ ଧରି ବସିଲେ
ହାଁଏ ବାହାର ଲୋକେ ଖାଲି ବାହାର ଦେଖି କହିଦେବେ—

—ପଇଁ ଗୁଳଣ—

କିନ୍ତୁ ଭିତରକଥା କିଏ ବୁଝିବ ? ଏତେବେଳେ ଏମିତି ଉଦାସ
ହେଲେ ତୋତେହିଁ ଜୀବନସାରା କଲବଲ ହୋଇ ମରିବାକୁ ହେ
ସିନା ।" ବିବେକ କହିଲା—"ନା, ଯେତେହେଲେ ବି ସେମା
ଗୁରୁଜନ—ତୋର ଶୁଭାକାଙ୍କ୍ଷୀ—ମଙ୍ଗଳକାମୀ । ସେମାନଙ୍କ
ଅବାଧ ହୋଇ ତୋ'ମନଇଚ୍ଛା ଭୁ ଗୋଟାଏ କିଛି କରିଗ
ସେମାନଙ୍କ ପ୍ରାଣରେ ଦାରୁଣ ଦୁଃଖ ହେବ । ଆଉ ସେହି ଦୁଃ
ତୋ' ଜୀବନର ସମସ୍ତ ସୁଖସମ୍ଭୋଗ, ଆଶା ଆକାଂକ୍ଷାକୁ ଜାଳି
ଧ୍ୱଂସ କରିଦେବ ।"

ତା'ର କୋଠାକଲେଜର ଆଧୁନିକ ଶିକ୍ଷା କହିଲା—
"ସଂସାରେ ଥିବ ଯେତେଦିନ, ଆନନ୍ଦ କରୁଥିବ ମନ—ଜା
ଏହି ମରହଟିଆ ବୁଢ଼ାମାନଙ୍କ ସଂକୀର୍ଣ୍ଣ ପରିବେଷ୍ଟନୀ ଭିତ
ରହି ଆପଣା କଅଁଳ ମନର କଅଁଳ ଅନୁଭୂତିଗୁଡ଼ିକୁ ଜାଣୁ ଜା
ଏମିତି ଦଳିଭୂଷି, ମାଡ଼ିମକଚି ମାରିଦେବ କାହିଁକି ? ବରଂ
ଦି'ଦିନିଆ ଦୁନିଆରେ ଟିକିଏ ହସି ଖେଳି, ଆମୋଦ ପ୍ରମୋଦ କ
ମନମୁତାବକ ଜୀବନକୁ ପୂର୍ଣ୍ଣମାତ୍ରାରେ ଉପଭୋଗ କରିନି
ଉଚିତ ।" କିନ୍ତୁ ସଙ୍ଗେ ସଙ୍ଗେ ଭାରତର ହଜାର ହଜାର ବର୍ଷ
ସଂସ୍କୃତି ଆସି ଆଖି ଆଗରେ ଠିଆ ହେଲା—"ଭୋଗ ତ କେବେ
ଆମ ଜୀବନର ଲକ୍ଷ୍ୟ ନୁହେଁ । ପୁଣି ଗୁରୁଜନମାନଙ୍କ ଆଦେଶ
ଆମେ ସବୁ ଯୁଗରେ, ସବୁ କାଳରେ, ସବୁ କ୍ଷେତ୍ରରେ ଶିରୋଧାର୍
କରି ଆସିଛେ । ପିତୃସତ୍ୟ ପାଳି ରାମଚନ୍ଦ୍ର ରାଜସିଂହାସନ
ଛାଡ଼ି ବନକୁ ଗଲେ ; ପିତାଙ୍କ ତୃପ୍ତି ନିମନ୍ତେ ଭୀଷ୍ମ ଆଜୀବନ
ଅବିବାହିତ ରହିଲେ ; ଧର୍ମରାଜଙ୍କ ଆଦେଶ ପାଳି ଭୀମ ଅର୍ଜୁନଙ୍କ
ଭଳି ମହା ମହାବୀରମାନେ ସୁଖସମ୍ଭୋଗରେ ଜଳାଞ୍ଜଳି ଦେଇ
ବନବାସ, ଅଜ୍ଞାତବାସ କରି କେତେକେତେ କଷ୍ଟ ପାଇଲେ ।

—ଛ୍ୟାକଶ—

ତଥାପି ଗୁରୁଜନମାନଙ୍କୁ ଅବଜ୍ଞା କରୁଛି କିଏ ? ପୁଣି ଭୋଗ କରି ବା କିଏ ବଡ଼ ହୋଇଛି ? ଦଧୀଚ, ଲକ୍ଷ୍ମଣ, ଗାନ୍ଧୀ, ଗୋପବନ୍ଧୁ, ଆରୁଣି, ଧରମା, ବାଜି—ସମସ୍ତଙ୍କ ଗୌରବ ତ ଫୁଟିଉଠିଛି ତ୍ୟାଗ ଉପରେ—ସମସ୍ତଙ୍କ ସୌରଭ ତ ଖେଳିଯାଇଛି ସ୍ୱାର୍ଥତ୍ୟାଗ ଆଉ ଆତ୍ମବଳ ଉପରେ" ।

ସୁମନ୍ତ ଆଉ ଭାବିପାରେ ନାହିଁ । ସବୁ ଭାବନା ତା'ର ଘଡ଼ିକ ଭିତରେ ପୁଣି ଗୋଳିଆମୋଳିଆ ହୋଇଯାଏ । ଆଖିଆଗରେ ଯେତେ ଯେତେ ଉଚ୍ଚ ଆଦର୍ଶ ନାଚିଗଲେ ବି ମନଭିତରେ ଯେତେବେଳେ ଥରଟିଏ ପାଇଁ ସାଗରର ଜୀବନ୍ତ ସ୍ମୃତି ଭାସିଉଠେ, ସେତେବେଳେ ସେ ଅନ୍ଧୁଣୀ ହୋଇଯାଏ—ସେତେବେଳେ ତା'ର ସବୁ ଆଦର୍ଶ, ସବୁ ଗୁରୁଭକ୍ତି, ସବୁ ପରଂପରା ଏକାବେଳକେ ଓଲଟପାଲଟ ହୋଇଯାଏ । ସେ ତକିଆ ଉପରେ ମୁହଁମାଡ଼ି ଫୁଲିଫୁଲି କାନ୍ଦିଉଠେ । ଯେତେ ଯିଏ ବୁଝାଇଲେ ବି ଆଖିରୁ ଲୁହ ଶୁଖେନା । ପେଟ ଭିତରୁ ଖାଲି କୋହ ଉପରେ କୋହ ଉଠେ ନା, ମୋହ ଛୁଟେନା । ସବୁବେଳେ ଖାଲି ଆଖିଆଗରେ ନାଚିଉଠେ ସାଗର ।

ସାଗର ?·····ସାଗର ତା'ର କିଏ ? ସାଗର ତା'ର ପ୍ରାଣର ପ୍ରାଣ, ଜୀବନର ଜୀବନ, ହୃଦୟର ଜପାମାଳୀ ; ସାଗର ତା'ର ନୟନର ତାରା, ଆଶାର ଆଲୋକ, ପୂନେଇର ଚନ୍ଦ୍ର ; ସାଗର ତା'ର ସ୍ନେହର ସାଥୀ, ଆଦରର ଧନ, ପ୍ରେମର ଭ୍ରମର ପୁଣି ସାଗର ତା'ର ଯୌବନର ସ୍ୱପ୍ନ, କବିର କଳ୍ପନା, ଜୀବନର କବିତା । ଖାଲି କ'ଣ ଏତିକି ? ନାଁ, ନାଁ, ସାଗର ତା'ର ଜୀବନର ସର୍ବସ୍ୱ, ଅନ୍ଧର ଲଉଡ଼ି, ସର୍ବହରାର ଧ୍ରୁବତାରା ; ସାଗର

ତା'ର ପ୍ରେରଣାର ଉତ୍ସ, ସ୍ୱପ୍ନର ଆଦର୍ଶ, ସାଧନାର ଉତ୍ତୁଙ୍ଗ ଗିରିଶୃଙ୍ଗ । ଖାଲି କ'ଣ ଏତିକି ? ନାଁ, ନାଁ, ଆହୁରି କେତେ କ'ଣ । ସାଗର ତା'ର ହୃଦୟର ଦେବତା, ସାଗର ତା'ର ସ୍ୱା··· —ଜିଭ ଅଟକିଯାଏ, ମନଭିତରେ କ'ଣ ଗୋଟାଏ ଖଟ୍ କରି ଲାଗେ । ସାଗର ତା'ର ସବୁ ପୁଣି କିଛି ନୁହେଁ । ସାଗର ପାଖରେ ସେ ଦେହ, ମନ—ସବୁ ଖୋଲି ଦେଇଛି ଏତେଟିକିଏ ଲାଜସଙ୍କୋଚ ନ ରଖି ଅଥଚ ଆଜି ପୁଣି ସେହି ସାଗରକୁ ଧୂ ଧୂ ଅପନ୍ତରା ମରୁରେ ଏକାକୀ ବସେଇ ଦେଇ ସେ ଉଡ଼ିଯାଉଛି ଆଉ ଗୋଟିଏ ନୀଡ଼କୁ········ । ସ୍ମୃତି ତା'ର ଜର୍ଜରିତ ; ପ୍ରାଣ ତା'ର କପୋତୀର କରୁଣ ବିଳାପ ଭଳି ଅହରହ ବାହୁନି ଉଠେ । ସେ କାନ୍ଦିକାନ୍ଦି ମୋହ ହୋଇଯାଏ ।

—୧୦—

ବିଜୟନଗରମ୍ ଷ୍ଟେସନର ପ୍ଲାଟଫର୍ମ ଉପରେ ଠିଆହୋଇ ବେଦନାର ବିକଳ ଦୀର୍ଘଶ୍ୱାସ ଭିତରେ ସାଗର ଚାହିଁ ରହିଥିଲା ଲୁଚି ଯାଉଥିବା ମାଡ୍ରାସ୍ ମେଲର ଶେଷ ବିନ୍ଦୁଟି ଆଡ଼କୁ ।······ ତା'ପରେ ? ତା'ପରେ ତା' ମଥାଉପରେ କେତେଥର ଚନ୍ଦ୍ର ଉଦଆ କାଳି ଫେରିଯାଇଛି ପୂନେଇର ଜହ୍ନ, ତା' ଆଖିଆଗରେ କେତେଥର ସ୍ୱପ୍ନର କୁହେଳି ରଙ୍ଗ ବେଳାଭୂମିରେ ଚଲିମାରି ଗୁଲିଯାଇଛି କମନୀୟ କୃଷ୍ଣସାର । ହେଲେ ତା' ଜୀବନରେ ଆଉ କେବେହେଲେ ମୁହୂର୍ତ୍ତକ ପାଇଁ ନବ ଆନନ୍ଦ ଉକୁଟି ଉଠିନି—ଜ୍ୟୋତ୍ସ୍ନାର ଜୁଆର ଭଳି ମନଭିତର କେବେହେଲେ ସୁଖଶାନ୍ତି, ସ୍ନେହ, ପ୍ରୀତିରେ ଫୁଲି ଉଠିନି । ହୃଦୟ ତା'ର ଥରି ଉଠିଛି, ମନ ତା'ର ମରି ଯାଇଛି, ଜୀବନ ତା'ର ଝରି ଯାଇଛି । ତଥାପି—ସେ

ନିଶ୍ୱାସ କରିପାରେ ନା—ତଥାପି ତା'ର ଅନ୍ତରର କେଉଁ ଗୋପନତମ ପ୍ରଦେଶରେ ଆଶାର କ୍ଷୀଣ ରେଖାଟିଏ ଅତି ଅସ୍ପଷ୍ଟ ଭାବେ ଜଳୁଥାଏ । ଜାଗରଣରେ ନୁହେଁ, ସ୍ୱପ୍ନରେ ସେ କେବେକେବେ କଳ୍ପନା କରେ—ସୁମନ୍ତ ଫେରିଆସିବ—ସୁମନ୍ତ ପୁଣି ତା' ଛାତି ଉପରେ ମଥା ରଖି ତା' ଭଗ୍ନ ହୃଦୟରେ ଶକ୍ତି, ସାହସ, ପ୍ରେରଣା, ଉଦ୍ଦୀପନା ଭରିଦେବ । କ୍ଷଣକପାଇଁ ତା' ଦେହ ମନ ପୁଲକି ଉଠେ । କିନ୍ତୁ ଠିକ୍ ପରକ୍ଷଣରେ ଯେତେବେଳେ ସ୍ୱପ୍ନ ଭାଙ୍ଗିଯାଏ, ତନ୍ଦ୍ରା ମଉଳିଯାଏ—ସେତେବେଳେ ସେ ଆପଣା-ଛୁଏଁ ଚମକିପଡ଼େ, ଆପଣାମନକୁ ଥରି ଉଠେ ।

ସପ୍ତାହ ଶେଷରେ ଡାକପିଅନ ଆସି ଚିଠି ଖଣ୍ଡିଏ ଦେଇଯାଏ । ନାଲି ନେଳ ଲଫାଫା ଭିତରୁ ଲୁହବୋଳା କାଗଜଟି କାଢ଼ି ଆଗ ସେ ତହିଁରେ ଗୋଟିଏ ସରୁ ଚୁମା ଦିଏ । ତା'ପରେ ଦରଦର ପ୍ରାଣରେ ଥରହର କରି ପଢ଼ିଯାଏ ଚିଠିଟି—ଗୋଟିଏ ନିଃଶ୍ୱାସରେ—ଗୋଟିଏ ପଲକରେ । ଅଜାଣତରେ ଆଖିରୁ ଲୋତକ ଗଡ଼ି ମିଳେଇଯାଏ ସେଇଠି ଯୋଉଠି ଝରିପଡ଼ିଥାଏ ସୁମନ୍ତର ବିରହ-ବ୍ୟଥିତ ମାରଧାର । ଲୁହରେ ଲୁହ ମିଶେ, ମନରେ ମନର ମିଳନ ହୁଏ, ଜଡ଼ଦେହଟା ଖାଲି ଛଟପଟ ହୁଏ ବନ, ବିଲ, ଗିରି, ପ୍ରାନ୍ତର ଅତିକ୍ରମ କରି ଆଉ ଗୋଟାଏ କିମ୍ବା ଦେହ ଭିତରେ ଆପଣାର ଅସ୍ତିତ୍ୱ ହରାଇ ଦେବାକୁ । ମନ ପୁଣି ତେଇଁଉଠେ, ଦେହ ପୁଣି ଅବଶ ଲାଗେ, ଆଶା-ଦୀପଟି ଲିଭି ଯାଉଁଯାଉଁ ପୁଣି ଟିକିଏ ତେଜସ୍ପାନ ହୋଇ ଜଳିଉଠେ ।

ସୁମନ୍ତ ନିୟମିତ ଭାବେ ଚିଠି ଦିଏ । ଚିଠି ପାଇ ସାଗର କେତେବେଳେ ଆନନ୍ଦିତ ହୁଏ, କେତେବେଳେ ଆଶାନ୍ୱିତ ହୁଏ ଆଉ କେତେବେଳେ ବା ଦୁଃଖ, ନିରାଶାରେ ମ୍ରିୟମାଣ ହୋଇ

ଅଶ୍ରୁ ଝରାଏ । ତେବେ ସୁମନ୍ତ ବେଶୀ କିଛି ସେ ଭଳି କଥା ଲେଖେନା, ଯୋଉଥିରେ ସାଗର ପ୍ରାଣରେ ଗଭୀର ଦୁଃଖ ହେବ । କାରଣ ସେ ଜାଣେ, ସାଗରର ଏଇଟା ଫାଇନାଲ୍ ଇୟର । ଏ ସବୁ କଥା ନେଇ ଯଦି ସେ ବେଶୀ ବେଶୀ ମୁଣ୍ଡ ଖେଳାଏ, ତା'ହେଲେ ତା'ପଢ଼ାପଢ଼ିରେ ହୁଏତ ଘୋର କ୍ଷତି ହେବ । ତେଣୁ ଦୁଃଖରେ ଛାତି ଫାଟିଗଲେ ବି ସୁମନ୍ତ କେବେହେଲେ ତା'କୁ ନିରୋଳା ସତକଥା ଗୁଡ଼ିକ ଜଣାଇ ଦିଏନା । ଓଲଟି ପଢ଼ାପଢ଼ିରେ ମନଯୋଗ ଦେବାକୁ ଅନୁନୟ କରି ଲେଖେ । ସାଗର ବି ଆଉ ବେଶୀ କିଛି ଭାବେ ନା । ଶେଷ ପରୀକ୍ଷାରେ କୃତିତ୍ୱର ସହିତ ପାସ୍ କରି ସୁନାମ ଅର୍ଜନ କରିବାପାଇଁ ପ୍ରାଣପଣେ ଲାଗିପଡ଼େ ।

ଗୁହ୍ନଁ ଗୁହ୍ନଁ ସୁମନ୍ତ ଯିବାର ବର୍ଷେ ପୂରିଗଲା । ହୃଦାନନ୍ଦ ବାବୁଙ୍କର ବରଷି କିଆ । ସାଗର ନିମନ୍ତ୍ରଣ ପାଇଲା । କିନ୍ତୁ ନିମନ୍ତ୍ରଣ ଲାଗି ସେ ଯେତେ ଖୁସି ନ ହେଲା ସେତେ ଖୁସି ହେଲା ମିଳନର ଦିନ ପାଖେଇ ଆସୁଛି ବୋଲି । କାରଣ ସେ ଜାଣେ, ଏହି ବରଷି କିଆ ପରେ ଆୟୋଜନ ହେବ ସେହି ଶୁଭଦିନଟି-ଯୋଉଦିନ ବାଜିଉଠିବ ଶୁଭଶଙ୍ଖ, ଯୋଉଦିନ ଉଛୁଳି ଉଠିବ ନାରୀକଣ୍ଠର ଶୁଭସୂଚନା—ହୁଳହୁଳି, ଆଉ ଯୋଉଦିନ ଆରମ୍ଭ ହେବ ସେହି ଚିର-ଈପ୍ସିତ ମିଳନର ପ୍ରେମମୟ ପରିକ୍ରମା—ବିବାହ ······ ସେ କ୍ଷଣକପାଇଁ ଶିହରି ଉଠେ, ଅଥିର ମନ ତା'ର କ୍ଷଣକପାଇଁ ଚହଲି ଯାଏ । କିନ୍ତୁ ମୁଣ୍ଡ ଉପରେ ଥାଏ ପରୀକ୍ଷା । ହଲଚଲ ହେବାର ଉପାୟ ନାହିଁ । ବାଧ୍ୟ ହୋଇ ସ୍ୱପ୍ନ କଳ୍ପନାରୁ ମନକୁ ଟାଣି ଆଣି ବାସ୍ତବତା ଭିତରେ ସେ ଯୋର ଜବରଦସ୍ତି ବୁଡ଼େଇ-ରଖେ ।

—ପରୀକ୍ଷା—

କେଇଟି ଦିନ ପରେ—ପରୀକ୍ଷା ସରି ଆସିଛି । ହଠାତ୍ ଦିନେ ଘରୁ ଗୋଟାଏ ଟେଲିଗ୍ରାମ ପାଇଲା—ବାପା ଅତିଶଯ୍ୟ । ମୁହୂର୍ତ୍ତେ ବିଳମ୍ବ ନ କରି ସେ ଫେରି ଆସିଲା ଗାଁକୁ । କିନ୍ତୁ ଘରେ ଆସି ଯାହା ଦେଖିଲା, ସେଥିରେ ତା'ର କ୍ଷଣକପାଇଁ ଚେତା ବୁଡ଼ିଗଲା । ମାତ୍ର ଦୁଇଟି ଦିନ ଆମାଶୟ ଝାଡ଼ାରେ ବାପାଙ୍କର କାଳ ହୋଇଯାଇଛି । ବାପା···କେତେ ଆଶା କରିଥିଲେ, କେତେ ସୁଖର ସଉଧ ଗଢ଼ିଥିଲେ ସେ । କିନ୍ତୁ କିଛି ତାଙ୍କର ପୂର୍ଣ୍ଣ ହୋଇ ପାରିଲା ନାହିଁ । ଏତେ ଦୁଃଖକଷ୍ଟ ସହି, ଭୋକଉପାସ ଭୁଲି ଯୋଉ ପୁଅକୁ ବଢ଼ାଇକୁଢ଼େଇ ଏତୁଟିରୁ ଏତୁଟିଏ କରିଥିଲେ, ତା' ପାଖରେ ଦିନ କେଇଟି ସୁରୁଖୁରୁରେ କଟେଇବା ଦେଖିବା ଥାଉ ତା'ରି କୋଳରେ ମଥା ରଖି ଶାନ୍ତିରେ ଟିକିଏ ଶେଷ ନିଃଶ୍ୱାସ ବି ମାରି ପାରିଲେ ନାହିଁ । ମନରେ ଗୋଟାଏ ଅବଶୋଷ ରହିଗଲା । ପୁଅ ଝିଅ ଯୋଡ଼ିଙ୍କୁ ଚିର-ଦୁଃଖିନୀ ମା' କୋଳରେ ବସାଇ ଦେଇ ସେ ଆଖି ବୁଜିଲେ·····ସାଗର ଆସି ମା' ଗୋଡ଼ତଳେ ଢୁ'କିନା ମୁଣ୍ଡ ପିଟିଦେଲା । ଦଶ ବରଷର ଭଉଣୀ ସୁଧା ଭାଇକୁ ଦେଖି ହୋ'କିନା କାନ୍ଦି ଉଠିଲା । ଦୁଃଖରେ ଅଧୀର ହୋଇ ମା'ବି ତେଣେ ବାହୁନି ଉଠିଲେ ।

—୧୧—

ମଜୁଳା ଫୁଲଟି ଭଳି ସୁମନ୍ତର ସୁନାମୁହଁଟି ଦିନକୁଦିନ ଝାଉଁଳିପଡ଼େ—ଚିର ହସହସ ମୁଖମଣ୍ଡଳଟି ଦିନକୁଦିନ ଶୁଖି କଳାକାଠ ପଡ଼ିଯାଏ । ଭିତରେ ମଝିରେ ଯେତେବେଳେ ବାଣୀଦେବୀ ସେ ଘରକୁ ପଶିଆସନ୍ତି, ସେତେବେଳେ ଦେଖନ୍ତି ସୁମନ୍ତ ଆଖିରୁ ଲୁହର ସୁଅ ବହିଯାଉଛି । ଶ୍ରାବଣସଂଜର ଅଝରଝର ବରଷା ଭଳି ସବୁବେଳେ ସେ ଅଶ୍ରୁସଜଳ । ବାଣୀଦେବୀ ନିଜକୁ ନିଜେ ଦୋଷୀ ବୋଲି ମନେ କରନ୍ତି ।

ପୁଣିଥରେ ପ୍ରତିବାଦ କରିବାକୁ ସେ ସ୍ୱାମୀଙ୍କ ଆଗରେ ଯାଇଁ ଠିଆ ହୁଅନ୍ତି । କିନ୍ତୁ କିଛି କହିବା ଆଗରୁ ସଦାନନ୍ଦ ତାଙ୍କ ମନକଥା ଜାଣିପାରି ଆଗତୁରା ଆରମ୍ଭ କରନ୍ତି—"ତମେ ଯାହାକୁହ, ଏଇ କଂଚା ବୟସର ଭଲପାଇବା କେବେ ଚିରସ୍ଥାୟୀ ହୋଇ ପାରେ ନା, କେବେ ସୁଖମୟ ହୋଇପାରେ ନା । କଳ୍ପନାର ସୁନେଲି ରଙ୍ଗମଞ୍ଚରେ ରଙ୍ଗୀନ ପ୍ରଜାପତି ଭଳି ଯେତେଦିନ ସେମାନେ ଉଡ଼ି ବୁଲୁଥାନ୍ତି, ସେତେଦିନ ଥାଏ ସେମାନଙ୍କର ଭାବପ୍ରବଣତା— ସେତେଦିନ ଥାଏ ସେମାନଙ୍କର ଆଶା ଆନନ୍ଦର ମହୁଆ ନିଶା । କିନ୍ତୁ ଯୋଉଦିନ ସେମାନେ ସେହି କୁହୁକଦେଶର ସ୍ୱପ୍ନପୁରୀରୁ ଓହ୍ଲାଇ ଆସନ୍ତି ଏହି ତେଲ ଲୁଣର ବିକଟ ବାସ୍ତବତା ଭିତରକୁ ସେହିଦିନ ମଉଳିଯାଏ ସେ ସ୍ୱପ୍ନ, ଛୁଟିଯାଏ ସେ ନିଶା, ଉଡ଼ିଯାଏ ସେ ବାସୋରାର ବୁଲ୍‌ବୁଲ୍ । ଜୀବନକୁ ଯେତେ ସହଜ, ସରଳ, ସାବଲୀଳ ବୋଲି ସେମାନେ ଭାବିଥାନ୍ତି ବାସ୍ତବ କ୍ଷେତ୍ରରେ ତା' ହୁଏ ନା । ଅଭାବ, ଅନଟନ ଦିନକୁଦିନ ବଢ଼ି ଉଠେ; ଦୁଃଖ, ଜଂଜାଳ କାହୁଁ କାହୁଁ ମାଡ଼ିଆସେ । ଆଉ ତା'ର ଭିତରେ ସେହି ରସାଣିଆ ଜୀବନର ହାଲୁକା ଦିନଗୁଡ଼ିକ କ୍ରମେ କ୍ରମେ ହୋଇଉଠେ ତିକ୍ତ, ରିକ୍ତ, ଉଦ୍‌ଭ୍ରାନ୍ତ । ଏହି କଂଚା ବୟସର ମିଳନ ବା ଯାହାକୁ ଆଜିକାଲିକାର ସଭ୍ୟ ଭାଷାରେ କହୁଛନ୍ତି "ଲଭ୍ ମ୍ୟାରେଜ୍", ତା' ଏମିତି ଶତକଡ଼ା ପଞ୍ଚାନବେ ମିଳେଇ ଯାଏ ବ୍ୟର୍ଥତା ଭିତରେ । ସୁଖଆନନ୍ଦରେ ହସିଖେଳି ଦିନ କାଟିବା ତେଣିକି ଥାଉ ଦୁଃଖ, ଜଂଜାଳ, ଗଂଜଣା, ଅନଭୋଗରେ ଘାଣ୍ଟି ହୋଇ ଜୀବନସାରା ଉହିଲ ବିକଳ ହୋଇ ମରିବାହିଁ ଶେଷରେ ସାର ହୁଏ । ମୋ କଥାରେ ଯଦି ପରତେ ନ ହେଉଛି, ତେବେ ଆଖିଆଗରେ ଦେଖ ଆମର ମାଳା ମୟୂରଙ୍କୁ; ଆଉ ଗାଁକୁ ଚାହଁ ସେହି ପ୍ରେମିକଯୁଗଳ

ବେଲା ବିଜୟଙ୍କୁ । କ'ଣ ହୋଇଛି ଆଜ ତାଙ୍କର ଅବସ୍ଥା ? କ'ଣ ହୋଇଛି ଆଜ ତାଙ୍କର ଭଲ ପାଇବାର ପରିଣତି ?"

ସତେ ତ, ବୀଣାଦେବୀ ଚମକି ଉଠନ୍ତି । ଉଭୟ ତ ଲଭ୍ ମ୍ୟାରେଜ କରିଥିଲେ । ଉଭୟ ସ୍ଥାନରେ ତ ପ୍ରେମିକ ପ୍ରେମିକାଙ୍କର ମିଳନ ହୋଇଥିଲା ସ୍ନେହ, ପ୍ରେମ ଆଉ ପ୍ରଣୟ ଭିତରେ । କିନ୍ତୁ କୁଆଡ଼େ ଗଲା ସେ ଭଲ ପାଇବା ? ମୋଟେ ଏଇ ଦିନକେଇଟା ଭିତରେ କୁଆଡ଼େ ଉଭେଇ ଗଲା ସେହି ମାୟା, ମୋହ, ମମତା ? ଆଜି ଜୀବନ ସଂଗ୍ରାମରେ ଉଭୟ ଧ୍ୱସ୍ତ ବିଧ୍ୱସ୍ତ, ଅଭାବ ଅଶାନ୍ତିରେ ଉଭୟ ମ୍ରିୟମାଣ । ଜୀବନ ଏକାବେଳକେ ଭାଙ୍ଗିପଡ଼ିଛି, ମନ ଏକାବେଳକେ ମରିଯାଇଛି । କିନ୍ତୁ କାହିଁକି ଏପରି ହେଲା ? କିଏ ଏଥିପାଇଁ ଦାୟୀ ?

ବୀଣାଦେବୀ ବହୁତ ଭାବଚିନ୍ତି ଦେଖନ୍ତି—ଦାୟୀ ଅନ୍ୟ କେହି ନୁହେଁ, ଦାୟୀ କେବଳ ସେମାନେ ନିଜେ । ସେହି କିଶୋର ବୟସରେ ଭଲପାଇବାର ମୋହ ସେମାନଙ୍କୁ ଏମିତି ଅନ୍ଧ କରି ଦେଇଥିଲା ଯେ ସେମାନେ ଆଗପଛ, ଭଲମନ୍ଦ, ଦୋଷଗୁଣ, ଶୁଭ ଅଶୁଭ—କିଛି ବୋଲି କିଛି ସେତେବେଳେ ଭାବିପାରିଲେ ନାହିଁ । ପତଙ୍ଗ ନିଆଁକୁ ଡେଇଁଲା ଭଳି ସେମାନେ ପାଗଳ ହୋଇ ଡେଇଁ ପଡ଼ିଲେ । କିନ୍ତୁ ଯେତେବେଳେ ସେମାନେ ବାପମା'ଙ୍କୁ ଛାଡ଼ି, ଗୁରୁଜନଙ୍କୁ ଛାଡ଼ି, ଜାତି, ଧର୍ମ, ସ୍ଥାନ, ସମାଜକୁ ଛାଡ଼ି ଏକା ଏକା ଥୋକାଏ ବାଟ ଆଗେଇ ଗଲେ; ଯେତେବେଳେ ସେମାନଙ୍କର ସ୍ନୋ, ପାଉଡର, ରୁଜ୍, ଲିପଷ୍ଟିକ୍‌ର ସ୍ଥାନ ଅଧିକାର କଲା ଏଇ ପେଟ ଗୃହଖଣ୍ଡିକର ଚିନ୍ତା—ତେଲ, ଲୁଣ, ଡାଲି, ଚାଉଳ ଆଉ ଯେତେବେଳେ ସେମାନଙ୍କର ଛନ୍ଦହୀନ ଜୀବନ ଛନ୍ଦୋମୟ ହୋଇ ଉଠିଲା ଦୁଇ ତିନୋଟି କଅଁଳା ଛୁଆଙ୍କ କଂକାଳ ଭିତରେ

ସେତେବେଳେଯାଏଁ ସେମାନଙ୍କର ଚେତା ପଶିଲା—ସେତେବେଳେ ଯାଏଁ ସେମାନଙ୍କର ମୋହ ଛୁଟି ଆଖି ଫିଟିଲା । କିନ୍ତୁ ସେତେ-ବେଳକୁ ନେଡ଼ିଗୁଡ଼ କହୁଣୀକି ବହି ଯାଇଥିଲା । ଫଳରେ ଦୁଃଖ, ଅଭାବ, ଅଶାନ୍ତି, ମନୋମାଳିନ୍ୟ ଭିତରେ କଲବଲ ହୋଇ ଏ ଆଖି ଲୁହ ସେ ଆଖିରେ ମାରି ଜୀବନ କଟାଇବାହିଁ ସାର ହେଲା ।

ବୀଣା ଦେବୀଙ୍କ ମନକଥା ମନରେ ରହେ । ଭବିଷ୍ୟତର ଘନ ତମସାଚ୍ଛନ୍ନ ଦିନଗୁଡ଼ିକ କଳ୍ପନା କରି କରି ସେ କ୍ଷଣକ ପାଇଁ ଥରି ଉଠନ୍ତି । ସ୍ୱାମୀଙ୍କ ମତରେ ପ୍ରତିବାଦ କରିବା ତେଣିକି ଥାଉ ତୁଣ୍ଡ ଖୋଲି କଥାପଦିଏ କହି ପାରନ୍ତି ନାହିଁ । ଘଡ଼ିଏ ପହରେ ନୀରବରେ ଠିଆ ହୋଇ ଫେରି ଆସନ୍ତି ।

ସୁମନ୍ତ ସବୁ ଶୁଣେ, ସବୁ ଦେଖେ-କିନ୍ତୁ କିଛି କହେନା । କହିବାକୁ ବାଧାଦିଏ ତା'ର ବିବେକ, ବାଧା ଦିଏ ତା'ର ସଂସ୍କୃତି, ବାଧାଦିଏ ତା'ର ସ୍ୱର୍ଗତଃ ପିତାଙ୍କର ଅମୂଲ୍ୟ ଉପଦେଶ । ସେ ଛାତି ଫଟାଇ ଲୁହ ଢାଳିଦିଏ ସିନା ମୁହଁ ଫିଟାଇ ମନକଥା କହିପାରେ ନା । ବେଦନାର ବିକଳ ଦୀର୍ଘଶ୍ୱାସ ପକାଇ ଖାଲି କରୁଣ ଦୃଷ୍ଟିରେ ସେ ଉପରକୁ ଚାହିଁରହେ ।

—୧୨—

ଗୋଟିଏ ଦୁଃଖ ନ ଯାଉଣୁ ଆଉ ଗୋଟିଏ ଦୁଃଖ ଆସି ପହଞ୍ଚେ । ଲୀଳାମୟଙ୍କ ଲୀଳା । କାହାର ପାଲିଙ୍କି ଉପରେ ପାଟଛତା ତ କାହାର ବେଢ଼ ଉପରେ କୋରଡ଼ା; କୋଉଠି ଲକ୍ଷପତି କୋଟିପତି ହେବା ପାଇଁ ଆହୁରି ଆହୁରି ଅଚଳାଚଳ ସମ୍ପତ୍ତି ମାଡ଼ି ଯାଉଛି ତ କୋଉଠି ଦୁଃଖୀ ନିଆଶ୍ରୀ ବିଧବା ବୁଢ଼ୀଟିର ଶେଷ ସମ୍ବଳ ଗାଈଟିଏ ବି ଦିନଦ୍ୱିପହରେ ମରି ଶୋଉଛି । ଦୁଃଖ

ଉପରେ ଦୁଃଖ ଆସେ, ବିପଦ ଉପରେ ବିପଦ ଘନାଏ । ସାଗର ସେଥିରୁ ଉବୁରି ଯା'ନ୍ତା କେମିତି ?

ବାପା ମରିବାର ମୋଟେ ପନ୍ଦରଟି ଦିନ ଯାଇନି, ହଠାତ୍ ଦିନେ ସାଗର ଖଣ୍ଡିଏ ଚିଠି ପାଇଲା । ମୂଳରୁ ଶେଷଯାଏ ଥରେ ମାତ୍ର ଆଖି ବୁଲାଇ ଦେଇଛି । ମୁଣ୍ଡ ତା'ର ଚକାଭଉଁରି ଭଳି ଘୂରିଗଲା । ଶହେଟା ବଜ୍ର ଯେମିତି ଏକାବେଳକେ ଆସି ଛିଡ଼ିପଡ଼ିଲା ତା'ର ମଥା ଉପରେ; ପୃଥିବୀ ଯେମିତି ମୁହୂର୍ତ୍ତକ ମଧ୍ୟରେ ପ୍ରଲମ୍ବ ହୋଇ ତା' ଗୋଡ଼ତଳୁ ଖସି ଖସି ଚାଲିଗଲା କାହିଁ କେଉଁ ରସାତଳର ଅତଳ ଗହ୍ୱରକୁ; ବିଶ୍ୱ ଯେମିତି କ୍ଷଣକ ଭିତରେ ଧ୍ୱଂସ ହୋଇ ତା' ଆଖି ଆଗରେ ମିଳେଇ ଗଲା ଅନ୍ତରୀକ୍ଷର ଅନନ୍ତ ଶୂନ୍ୟତା ଭିତରେ । ନିଜକୁ ନିଜେ ସେ ବିଶ୍ୱାସ କରି ପାରିଲା ନାହିଁ । ସାରା ସୃଷ୍ଟିହିଁ ତା' ପାଖରେ ବୋଧ ହେଲା ଯେମିତି ଗୋଟାଏ ମସ୍ତବଡ଼ ଫାଙ୍କି—ମସ୍ତବଡ଼ ପ୍ରହସନ । କ୍ରୋଧ, ଲଜ୍ଜା, ଅଭିମାନ, ଅନୁତାପରେ ତା' ମୁଣ୍ଡ ନଇଁ ଆସିଲା ତଳକୁ । ପୁଣିଥରେ ଆଖିପଡ଼ିଲା ଚିଠି ଉପରେ । ଆଖିର ଲୁହରେ ଛାତିର କୋହ ଦେଇ ଚିଠି ଖଣ୍ଡିକ ଲେଖିଥିଲା ସୁମତି—

ପ୍ରାଣର ଦେବତା ମୋର !

ତମର ପୂଜାଫୁଲ ଭରା ଶେଫାଳିଟି ଆଜି ଝରି ପଡ଼ୁଛି ମାଟି ଉପରେ । ଦର୍ପିତ ମାନବ ଧାଇଁ ଆସୁଛି ତା'କୁ ତୋଳି ନେଇ ଛାତି ଉପରେ ସାଇତି ରଖିବାକୁ···ବନ ପୋଡ଼ିଗଲେ ସମସ୍ତେ ଜାଣନ୍ତି, ମନ ପୋଡ଼ିଗଲେ କିଏ ଜାଣିବ ? କିନ୍ତୁ କେହି ଜାଣନ୍ତୁ ବା ନ ଜାଣନ୍ତୁ ଆଜି କାହାରି ଗଳାରେ ମାଳା ହୋଇ ଲମ୍ବା ହେବା ଆଗରୁ ମଉଳା ଫୁଲଟି ମୁଁ ତମକୁହିଁ ଝୁରି ଝୁରି ଏଇ ଧୂଳିମାଟିର ଦୁନିଆ ଭିତରେ ମିଳେଇ ଯିବ ।

—ପଞ୍ଚାବନ—

ଦାଦା ଗୁରୁଜନ—ତାଙ୍କ କଥାରେ ମୁଁ ବାଧାଦେଇ ପାରବନ । ବାଧାଦେବାକୁ ବାରଣ କରୁଛୁ ତମର ମହତ ଶିକ୍ଷା—"ସହନଶୀଳତା" ଆଉ ବାପାଙ୍କର ଅମୂଲ୍ୟ ଉପଦେଶ—"ଲଜ୍ଜାଶୀଳତା" । କିନ୍ତୁ ଯେତେହେଲେ ବି ରକ୍ତମାଂସଧାରୀ ମଣିଷ ମୁଁ । ଖାଲି ଆଦର୍ଶର ପୂଜା କରି ମୁଁ ବଞ୍ଚି ପାରିବିନି । ଜୀବନର ସକଳ ସ୍ନେହ, ପ୍ରେମ, ଆଶା, ଉତ୍ତେଜନାକୁ ମାରିଦେଇ ଖାଲି ଜଡ଼ପିଣ୍ଡକୁ ନେଇ ମୁଁ ଆଗେଇ ପାରିବିନି ······ଏଇ—ଏଇ ଆଗରେ ବହିଯାଉଛି କୁଳୁ କୁଳୁ ହୋଇ ବୁଢ଼ାବଳଙ୍ଗ ନଈ । କେଡ଼େ ଶାନ୍ତ, କେଡ଼େ ଶୀତଳ । ଉଡ଼ୁଁଗୁଡ଼ିଏ ଖେଳାଇ ଦେଇ ଏହି ସାନ ଫୋଟକାଟି ତା'ରି ଭିତରେ ମିଳେଇଗଲେ କ'ଣ ଭଲ ହେବନି ? ବଞ୍ଚି ରହି ଜୀବନସାରା ଉହଳ ବିକଳ ହୋଇ ମରିବା ଅପେକ୍ଷା ଏଇ ପୁଣ୍ୟସଲିଳା ମା' କୋଳରେ ଶେଷ ସମାଧି ରଚିଲେ କ'ଣ ଶାନ୍ତି ମିଳିବ ନି ?

ପାତକୀମୀ ମୁଁ, ତମଭଳି ଦେବତାର ଚରଣ ସେବା କରିବା ସୌଭାଗ୍ୟ କାହୁଁ ପାଇବି ? ଏ ଜନ୍ମରେ ହୋଇ ପାରିଲା ନାହିଁ । ଆଶୀର୍ବାଦ କର, ଯେପରି ଆରଜନ୍ମରେ ପାଇଁ ତମର ସେହି ଚରଣତଳେ ମଥା ରଖି ପ୍ରେମର ଫଲ୍‌ଗୁ ଝରେଇ ଦେଇପାରେ ।

ମୁଁ ଜାଣେ, ତମେ ଭାଙ୍ଗିପଡ଼ିବ । ବାପାଙ୍କ ମରଣରେ ତମେ ଯେତେ ଅଧୀର ହୋଇ ନ ପଡ଼ିଛ, ଏ ଚିଠିଟି ପାଇଁ ତା'ଠୁ ବେଶୀ ଅଥୟ ହୋଇପଡ଼ିବ । ପୁଣି ତମରି ଆଖି ଆଗରେ ତମର ସ୍ନେହମୟୀକୁ ଗୋଡ଼ରେ ଦଳିଦେଇ ମୁଁ ଯଦି ବେହିଆ, ନିର୍ଲଜ୍ଜୀଙ୍କ ଭଳି ଆଉ ଜଣକୁ ଧରି ପ୍ରେମକରେ, ତା'ହେଲେ ତମେ ହୁଏତ ଏକୋବେଳକେ ପାଗଳ ହୋଇଯିବ । ତେଣୁ ଆଉ ତମକୁ ବେଶୀ ହନ୍ତସନ୍ତ ନ କରି ମୁଁ ଚାଲିଲି ଆଗକୁ—ମୁଁ ଚାଲିଲି ବୁଢ଼ାବଳଙ୍ଗ

ନଈର ଚିରଶାନ୍ତିମୟ କୋଳକୁ·····ଆସୁଛି—ଏଇ ଶେଷ ଚିଠି—
ଏଇ ଚିରବିଦାୟ—

ତୁମର

ପାଷାଣୀ ପ୍ରିୟ

ଦୁଃଖ କରିବାପାଇଁ ସାଗରକୁ ବେଳ ନାହିଁ । ଜୀବନର ସର୍ବସ୍ୱ ତା'ର ଚିରଦିନ ପାଇଁ ଲୁଟି ହୋଇଯାଉଛି—ତଥାପି ମୁହୂର୍ତ୍ତିଟିଏ ତା'ପାଇଁ ନୀରବରେ ବସି ଲୁହବୁନ୍ଦାଏ ଢାଳିଦେବାକୁ ତା'କୁ ଅବସର ନାହିଁ । ଏତେଟିକିଏ ବିଳମ୍ବ କଲେ ହୁଏତ ତେଣେ ସର୍ବନାଶ ହୋଇଯିବ । କିଏ ଜାଣେ, ଦୁଃଖର ରହ ସମ୍ଭାଳି ନ ପାରି ହୁଏତ ସତକୁ ସତ ସୁମତି ଧାଇଁ ଆସିବ ନଈକୂଳକୁ·····ସାଗର ଆଉ ତିଳେମାତ୍ର ଡେରି ନ କରି କଲମ ଧରିଲା । ହୃଦୟର ସବୁ ବ୍ୟଥା, ସବୁ ବେଦନା, ସବୁ କୋହ, ସବୁ ଦୀର୍ଘଶ୍ୱାସକୁ କ୍ଷଣକପାଇଁ ହୃଦୟ ଭିତରେ ଚାପି ରଖି ଆରମ୍ଭ କଲା—

କେଉଁ ଜନମର ସାଥୀଟି ମୋର !

ମୁଁ ଜାଣେ, ଶେଷରେ ଏଇଆ ହବ—କପୋତ କପୋତୀ ଭଳି ଆମେ ଦୁହେଁ ଶେଷରେ ଚିରଦିନ ପାଇଁ ଅଲଗା ଅଲଗା ହୋଇଯିବା । ହେଉ, ମଙ୍ଗଳମୟଙ୍କର ଇଚ୍ଛା ପୂର୍ଣ୍ଣ ହେଉ । ସେଥିପାଇଁ ଦୁଃଖ କାହିଁକି ?

ଜୀବନରେ କେତେ କେତେ ଧକ୍କା ଆସିବ । ସାମାନ୍ୟ ଏହି ଗୋଟିଏ ଧକ୍କାରେ ଭାଙ୍ଗିପଡ଼ିଲେ କ'ଣ ଚଳିବ ? ତମେ ପରା ମୋତେ ସେଦିନ ବୁଝାଇଥିଲ ଉଠି ଆସୁଥିବା ଲହଡ଼ିକି ମଥାନୋଇଁ ସହିଯିବାକୁ । ଆଜି ପୁଣି ତମେ ନିଜେ ଏମିତି ଅସହିଷ୍ଣୁ ହୋଇ ପଡ଼ୁଛ କାହିଁକି ? ଜୀବନ ଆମର ଖେଳର ଘର ନୁହେଁ, କର୍ମର

ସମଷ୍ଟି । ତା'ଙ୍କୁ ଏମିତି ଟି'କ କଥାରେ ନଷ୍ଟ କରି ଦିଅନା । ଜୀବନକୁ ହତ୍ୟା ନ କରି ଉତ୍ସର୍ଗ କରିଦିଅ । ବିଶ୍ୱର ସେବାରେ ନିଜକୁ ନିଃସ୍ୱ କରିଦିଅ—ତେବେ ଯାଇଁ ଶାନ୍ତି ପାଇବ, ତେବେ ଯାଇଁ ପ୍ରେମର ଝରଣା ଫୁଟି ଉଠିବ ଜୀବନ-ମରୁରେ । ଆତ୍ମହତ୍ୟା କରି କେହି କେବେ ସୁଖୀ ହୋଇନି, କେହି କେବେ ଶାନ୍ତି ପାଇନି ।

ମୋତେ ଯଦି ଜୀବନରେ କେବେ ଭଲ ପାଇଥାଅ, ତା'ହେଲେ ମୋର ଏହି ସାନକୁହାଟି ମାନିବ । ଗୁରୁଙ୍କୁ ଭୁଲିଯିବ ପଛକେ ମନ୍ତ୍ର ଭୁଲିବନି । ଯେଉଁ ଦିଗରେ ଯାଅ ପଛକେ ସେବା କେବେ ଭୁଲିବ ନାହିଁ । ସେବାହିଁ ଯେପରି ଚିରଦିନ ତମ ଜୀବନର ଏକମାତ୍ର ବ୍ରତ, ପଥ ଓ ଲକ୍ଷ୍ୟ ହୁଏ—ଏହାହିଁ କାମନା—ଏହାହିଁ ମୋର ତମ ନିକଟରେ ଅଶ୍ରୁ ପୂର୍ଣ୍ଣ କରୁଣ ମିନତି ।

ଆଉ ବେଶୀ ଲେଖି ପାରୁନି । ହାତ ଥରି ଉଠୁଛି, ପ୍ରାଣ କାନ୍ଦି ଉଠୁଛି । ଯାହାକୁ ମୁହୂର୍ତ୍ତେ ପାଇଁ ଭୁଲିଯିବା ସମ୍ଭବ ହେଉ ନ ଥିଲା ତାକୁ ଯେ ସାରା ଜୀବନ ପାଇଁ କେମିତି ପାସୋରିଦେବି ସେଇଆହିଁ ଭାବୁଛି । ଯାହାହେଉ, ଯେଉଁ ବିଶ୍ୱପିତା ଆମକୁ ଏ ଦାରୁଣ ଧକ୍କା ଦେଇଛନ୍ତି, ସେହି ଆମକୁ ଶକ୍ତି ଦେବେ ତା'କୁ ଭଲଭାବରେ ସହି ଯିବାକୁ ।

ମୋର ଶେଷ ଉପହାର ଲୋତକ ବୁନ୍ଦାଏ ଗ୍ରହଣ କରିବ—
ବିଦାୟ—ବିଦାୟ—

ତମର

ଦୁଃଖର ସାଥୀ

ସାଗର

ଲେଖା ସରିବା ଆଗରୁ ଚିଠିଟି ଅଧେ ଭିଜି ଯାଇଥାଏ ଆଖି ଲୁହରେ । କୌଣସିମତେ ଆଉଥରେ ପଢ଼ି ସାରି ଯେତେବେଳେ ସେ ଚିଠିଟି ବନ୍ଦ କଲା, ସେତେବେଳେ ତା' ପେଟ ଭିତରୁ ଉଠିଲା ହାବୁକା ଉପରେ ହାବୁକା । ଛାତି ତାର ଫାଟିଯିବା ଭଳି ଲାଗିଲା । ଆଖି ତାର ଫୁଟିଯିବା ଭଳି ବୋଧ ହେଲା । ସେ ଟ୍ରଙ୍କ ଭିତରୁ ସୁମିତ୍ରାର ଫଟୋ ଖଣ୍ଡିକ କାଢ଼ି ଛାତି ଉପରେ ଧରି ଭୋ ଭୋ କାନ୍ଦି ଉଠିଲା ।

—୧୩—

ସମୟ କାହାରିକୁ ଅପେକ୍ଷା କରେ ନା । କାହାରି ବ୍ୟଥା, ବେଦନା, ହତାଶ, ଦୀର୍ଘଶ୍ୱାସକୁ ଅପେକ୍ଷା ନ କରି ନିସ୍ପୃହ ତାର କର୍ତ୍ତବ୍ୟ କରି ଚାଲିଯାଏ ଆଗକୁ ଆଗକୁ । ଯାହା ହେବାର ଥାଏ ତା ହୋଇଯାଏ । ଯେତେ ଚେଷ୍ଟା କଲେ ବି ମଣିଷ ସେଥିରୁ ଏତେ ଟିକିଏ ଆଡ଼ବାଙ୍କ କରି ପାରେ ନା । ମଣିଷର ସକଳ ଦମ୍ଭ, ଗର୍ବ, ମାନ, ଅଭିମାନ, ଶକ୍ତି, ସାଧନା ସବୁ ପରାସ୍ତ ହୁଏ ସେହି ଅଦେଖା ହାତର ନୀରବ ଇଙ୍ଗିତ ପାଖରେ । ଲକ୍ଷପତି କୋଟିପତିଙ୍କଠାରୁ ଆରମ୍ଭ କରି ମହା ମହା ଜ୍ଞାନୀ, ଗୁଣୀ, ସୁଧୀ, ପଣ୍ଡିତ ପର୍ଯ୍ୟନ୍ତ ସଭିଙ୍କୁ ଚଳିବାକୁ ହୁଏ ତାର ଆଦେଶ ମାନି । ଏତେଟିକିଏ ଚଗଲବଗଲ ହେବାକୁ ବି କାହାରି ଜୁ' ନ ଥାଏ ।

ଠିକ୍ ସେଇଆ ହେଲା । ସୁମିତ୍ରାର ସକଳ ଇଚ୍ଛା, ସକଳ କାତର ପ୍ରାର୍ଥନା, କରୁଣ ମିନତି ମିଳେଇ ଗଲା ମହାକାଳର ଅନନ୍ତ ଶୂନ୍ୟତା ଭିତରେ । ଅତୀତର ସ୍ନେହଶ୍ରଦ୍ଧା, ଆଦରସୋହାଗ, ମାୟାମମତା—ସବୁକୁ ଜଳାଞ୍ଜଳି ଦେଇ, ସବୁର ଜୀବନ୍ତ ସମାଧି

ରବି ତାକୁ ପୁଣି ଗ୍ରହଲବାକୁ ହେଲା ଗୋଟାଏ ନୂଆ ବାଟରେ—ଚାଲିବାକୁ ହେଲା ଗୋଟାଏ ଅଜଣା ଅଶୁଣା ଅଚିହ୍ନା ଲୋକର ସାଥିରେ ।

ସୁମନ୍ତ ଭାବିଥିଲା ଆତ୍ମହତ୍ୟା କରିବ । ଏହି ଦୁଃଖ ଜଞ୍ଜାଳ ଅଶାନ୍ତି ଉପଦ୍ରବରୁ ଚିରଦିନ ପାଇଁ ତ୍ରାହି ପାଇବାକୁ ସେ ସ୍ଥିର କରିଥିଲା ସେହି ପନ୍ଥାଟି । କିନ୍ତୁ ଶେଷରେ ତା ହୋଇ ପାରିଲାନି । ଯାହାପାଇଁ ସେ ସଂସାର ଛାଡ଼ିବ ବୋଲି ବସିଥିଲା, ସେହି ପୁଣି ତାକୁ ସଂସାରକୁ ଫେରାଇ ଆଣିଲା । ସାଗର ଚିଠିଟି ତା ମନରେ ଆଣିଦେଲା ପରିବର୍ତ୍ତନ । ସେ ସେ ପନ୍ଥା ଛାଡ଼ିଲା ।

ସଦାନନ୍ଦ ବାବୁ ଅନେକ ଆଡ଼େ ଆଖି ପକେଇ ଶେଷରେ ସ୍ଥିର କଲେ ମେଦିନୀପୁରର ବିଲାତ—ଫେରନ୍ତା ଇଂଜିନିୟର ସନ୍ତୋଷକୁମାର ଶାସମଲଙ୍କ ସଙ୍ଗେ । ସହଜେ ତ ଧନାଢ୍ୟ ଜମିଦାର ପରିବାରର ସନ୍ତାନ, ତାପରେ ପୁଣି ଉଚ୍ଚ ପାହ୍ୟାର ଜଣେ ବିଶିଷ୍ଟ ରାଜକର୍ମଚାରୀ—ଧନ, ମାନ, ପରଂପରା, ଆଭିଜାତ୍ୟ । କୋଉଥିରେ ଏତେଟିକିଏ ଊଣା ନାହିଁ । ସଦାନନ୍ଦ ବାବୁ ଆନନ୍ଦରେ ଆତ୍ମହରା ହୋଇପଡ଼ିଲେ । ମନେମନେ ଗର୍ବ ଅନୁଭବ କରି ରାଣୀଦେବୀଙ୍କ ଆଗରେ ଆସି କହିଲେ—ଦେଖିଲ, ସୁମନ୍ତର କପାଳ କେଡ଼େ ଟାଣ । ଭବିଷ୍ୟତ କେଡ଼େ ଉଜ୍ଜ୍ୱଳ । ତା ନ ହେଲେ ଏତେବଡ଼ ଉପଯୁକ୍ତ ପାତ୍ର ସହଜରେ କାହାକୁ ମିଳେ ? ଧନ ଐଶ୍ୱର୍ଯ୍ୟ ସୁଖସମ୍ଭୋଗ କୋଳରେ ଝିଅ ଆମର ଚିରଦିନ ବୁଡ଼ି ରହିବ । ଅଭାବ କଣ ଜାଣିବ ନାହିଁ, ଦୁଃଖ କଣ ବୁଝିବ ନାହିଁ । ସବୁବେଳେ ସୁଖ, ସବୁବେଳେ ଶାନ୍ତି, ସବୁବେଳେ ଆନନ୍ଦ । ଯାକୁ ଛାଡ଼ି ତମେ କହୁଥିଲ ସେହି ନିଃସ୍ୱ, ନିରନ୍ନ ସାଗରର କଥା । କାହିଁ

କାଂଚନ କାହିଁ କାଚ; କାହିଁ ପୀନପୟୋଧରା ଜାହ୍ନବୀ କାହିଁ ମାୟାମୋହଘେରା ମରୀଚିକା—ଆକାଶ ପାତାଳ ତଫାତ୍ । ଲକ୍ଷେ ସାଗରକୁ ଏକାଠି କଲେ ବି ସନ୍ତୋଷର ଗୋଡ଼ତଳକୁ ସର ହେବେନି·····

ସଦାନନ୍ଦ ବାବୁ ହସି ଉଠିଲେ । କ୍ଷୀଣ ହାସ୍ୟ ରେଖାଟିଏ ଫୁଟି ଉଠିଲା ବୀଣାଦେବୀଙ୍କ ଗମ୍ଭୀର ମୁଖମଣ୍ଡଳରେ । ଘରେ, ବାହାରେ, ପାଖପଡ଼ଶା, ବଂଧୁବାଂଧବ, ଆତ୍ମୀୟସ୍ୱଜନ—ସଭିଙ୍କ ମୁହଁରେ ଖେଳିଗଲା ତୃପ୍ତିର ଏକ ଅମୀୟ ଆଭା । ଶୁଭ ଶଙ୍ଖ ବାଜି ଉଠିଲା । ନୂଆ ନୂଆ ବୋହୂ ଭୂଆସୁଣୀଙ୍କ ପ୍ରାଣ-ଉଲ୍ଲୁସା ହସଆନନ୍ଦ ରଙ୍ଗରସ ଭିତରେ ପୂରି ଉଠିଲା ଘର, ଫାଟି ପଡ଼ିଲା ଗାଁ । ଆଉ ଏତେ ଆନନ୍ଦ କୋଳାହଳ ଭିତରେ ଲୁଚିଗଲା ସୁମତିର ଆଖିଲୁହ, ଲିଭିଗଲା ସୁମତିର ଗୁଡ଼ିକୋହ । କେହି ଦେଖିଲେ ନାହିଁ; କେହି ବୁଝିଲେ ନାହିଁ । ସମସ୍ତେ ମାତିଲେ ବାହାଘରର ଧୂମ୍‌ଧାମ୍‌ରେ—ବାହାଘରର ବାଣରୋଷଣୀ, ଖିର-ପିଠାରେ । ଯିଏ କେହି ବା ଗଲା ଆଇଲା, ପଡ଼ାପଡ଼ୋଶୀ, ସାଙ୍ଗସୁଖ ସଙ୍ଗୋଳି ଯିବାକୁ ଆସିଲେ ସିଏ ଭିତର କଥା ବୁଝିଲେ ନାହିଁ - ବାହାର ଦେଖି ବାହାରେ ବାହାରେ କହିଗଲେ — ଝିଅ ଏମିତି କାନ୍ଦେ ।

ଝିଅ କାନ୍ଦେ ····· ଲୋକେ କହନ୍ତି—ବାପଘରର ମାୟା ମମତା ତୁଟେଇ ଶାଶୁଘରକୁ ଚାଲିଯିବାକୁ ପଡ଼ିବାରୁ ଝିଅ କାନ୍ଦେ; ଦୁନିଆ କହେ—ପୁରୁଣା ସ୍ମୃତିକୁ ଭୁଲି, ପୁରୁଣା ଘରଦୁଆର, ବାପଭାଇ, ମା' ଖୁଡ଼ୀଙ୍କୁ ପାସୋରି ନୂଆ ଘର, ନୂଆ ମଣିଷ, ନୂଆ ମନକୁ ନେଇ ଚଳିବାକୁ ପଡ଼ିବାରୁ ଝିଅ କାନ୍ଦେ; ଛମ ଆମ ଭଲିଆ ଗଲା ଆଇଲା ଦାଣ୍ଡଲୋକେ କହନ୍ତି —ଭଲ ଗହଣା ନ ଦେବାରୁ,

ଝଲ ଯାନଯୌତୁକ ଖଟପଲଙ୍କ ନ ଦେବାରୁ ବାପ ଘରେ ପାଖରେ ଅଳି କରି ଝିଅ କାନ୍ଦେ । କିନ୍ତୁ କେହି ବୁଝନ୍ତି ନାହିଁ ଝିଅ କାହିଁକି କାନ୍ଦେ — ଝିଅ କାହିଁକି ଛାତିରୁ ରକ୍ତ ଚିପୁଡ଼ି ରସ ନିଗାଡ଼ି ଭରା ଆଷାଢ଼ର କୂଳଉଛୁଳା ନଈ ଭଳି ଅଶ୍ରୁର ଝରଣା ବୁହାଇ ଦିଏ । ସମସ୍ତେ ଖାଲି କହନ୍ତି···ଝିଅ କାନ୍ଦେ·····

କେହି ବୁଝନ୍ତି ନାହିଁ — କେହି ବୁଝିଲେ ନାହିଁ । ସୁମତି ଶେଷଥର ପାଇଁ ବଡ଼ବଡ଼ ଆଖି ଦି'ଟାରୁ ଢବଢ଼ବ ଲୁହ ଢାଳି ଲୋଟି ପଡ଼ିଥିଲା ସାଣାଦେଈଙ୍କ ଛାତି ଉପରେ । କିନ୍ତୁ ହାୟ, ସାଣାଦେଈଙ୍କ ନାରୀ ହୃଦୟ—ମା' ହୃଦୟ ବୁଝି ପାରିଲା ନାହିଁ ସେ ଦୁଃଖ, ବୁଝି ପାରିଲା ନାହିଁ ସେ ଛାତିଥରା କରୁଣ ମିନତି । ମନ ଭିତରେ ତାଙ୍କର ଖାଲି ଉଙ୍କି ମାରିଲା ସ୍ୱାମୀଙ୍କର ସେହି କଥା ପଦିକ — "କଣ୍ଢା ବଅସର ମୋହ"·····ସେ ନରମି ଯାଉଁଯାଉଁ ପୁଣି ଟାଣ ହୋଇ ମାରବଟରେ ଠିଆ ହୋଇ ରହିଲେ । ସୁମତିର ଘନଘନ ତରଳ ଦୀର୍ଘଶ୍ୱାସ ଖାଲି ପଥର କାନ୍ଥରେ ପ୍ରତିଧ୍ୱନି ରଚି ଫେରି ଆସିଲା ସୁମତି ପାଖକୁ । ସାଣାଦେଈ କିଛି ବୁଝିଲେ ନାହିଁ— ସଦାନନ୍ଦ କିଛି ବୁଝିଲେ ନାହିଁ—ଏ ବେଉସାଦାରୀ ଦୁନିଆର ସଭ୍ୟ ଶିକ୍ଷିତ ମଣିଷ ଜାତି କିଛି ବୁଝିଲେ ନାହିଁ ।

ମହା ଜାକଜମକ ଭିତରେ ବାହାଘର ହୋଇଗଲା ।

—୧୪—

ପକ୍ଷୀଟି ଉଡ଼ିଗଲା—ଆଉ ଆସିଲା ନାହିଁ । ଆଖିର ଲୁହ ଦେଇ ଛାତିର କୋହ ଦେଇ, କଣ୍ଠର କରୁଣ ସ୍ୱର ଦେଇ କେତେ ଅନୁନୟ ବିନୟ କରି ସାଗର ଡାକିଲା, କିନ୍ତୁ ସେ ଆଉ ଫେରିଲା ନାହିଁ । ହୃଦୟର ସମସ୍ତ ସ୍ନେହ, ପ୍ରେମ, ମାୟା, ମମତା ଲୁଟେଇ

ଦେଇ ଜୀବନର ପହିଲି ସାଥୀଟିକୁ ଧୂ ଧୂ ମରୁଭୂମିରେ ଏକୁଟିଆ ବସେଇ ସେ ଉଡ଼ିଗଲା ଆକାଶକୁ—ଚାଲିଗଲା ଆଉ ଜଣେ ସାଥୀ ଧରି ନୂଆ ନୀଡ଼ଟିଏ ରଚିବାକୁ······

ଚାଲିଗଲା······। ଯାହାକୁ ନେଇ ସେ ଏ ମାଟିଗୋଡ଼ିର ମର ଦୁନିଆରେ ଅମରପୁରୀର ନନ୍ଦନକାନନ ରଚିବାକୁ ଦିନେ କଳ୍ପନା କରିଥିଲା ସେହି ସ୍ୱପ୍ନ-ସୁନ୍ଦରୀ, କଲ୍ୟାଣମୟୀ ଦେବୀପ୍ରତିମା ଅପସରି ଗଲା କାହିଁ କେଉଁ ଲକ୍ଷ ଯୋଜନର ଦୂରକୁ। ଫେରିବାର ଆଶା ନାହିଁ, ଦେଖା ହେବାର ଭରସା ନାହିଁ, ମିଳନ ହେବାର ଅବକାଶ ନାହିଁ। ସତକୁ ସତ ସେ ଆଜି ନିଃସ୍ୱ। ପାର୍ଥିବ ଜଗତର ଧନ, ଦଉଲତ, ଟଙ୍କାସୁନା ହରାଇ ସେ ନିଃସ୍ୱ ନୁହେଁ, ସାରା ଜୀବନର ଆଶାସମ୍ବଳ ନିଗାଡ଼ି ଆତ୍ମା ପଦକ ସେଇଆକୁ ହରାଇ ସେ ନିଃସ୍ୱ, ସେ କାଙ୍ଗାଳ, ସେ ସର୍ବହରା। ଅନ୍ତରର ଲଉଡ଼ି ଆଜି ହଜି ଯାଇଛି; ଯୋଗିଲି ଥିଲା ଆଜି ଭାଙ୍ଗି ଯାଇଛି; ନାଉରୀର ଉଦେରି ନାଆଟି ଆଜି କାତ ଖଣ୍ଡିକର ଅଭାବରେ କୂଳକିନାରା ଖୋଜି ଅଥଲ ନଈର ମଲମଳି ଭିତରେ ପଡ଼ି ତଳକୁ ତଳକୁ ବୁଡ଼ି ଯାଇଛି। ଅନ୍ଧାର ରାତିର ଝଡ଼ବରଷା ଭିତରେ ଅଳକୂଳ ନ ପାଇ ନାଆହରା ନାଉରୀଟି ନଈମଝିରେ ଉବେଇଚୁବେଇ ହେଉଛି; ଅଗନାଅଗନ ବନସ୍ତର ଅରମା ଅମଡ଼ା ଗହଳଗହଳି ଭିତରେ ବାଟବଣା ହୋଇ ଦୂର-ବିଦେଶର ବାଟୋଇଟି ବିକଳରେ ଚିତ୍କାର କରୁଛି। କେହି ଶୁଣୁ ନାହାଁନ୍ତି, କେହି ଦେଖୁ ନାହାଁନ୍ତି। ବେଉପାରୀଙ୍କ ଏ ଦୁନିଆ। ଏଠି ସଭିଏଁ ସମସ୍ତେ ଆପଣା ଆପଣା ଫନ୍ଦିଫିକରରେ ବ୍ୟସ୍ତ—ପରପାଇଁ ଧନ ହେଉଛି କିଏ? ପରଦୁଃଖରେ ଆହା ପଦିଏ କହି ଆଖିଲୁହ ବୁନ୍ଦାଏ ଢାଳି ଦେଉଛି କିଏ?

ଚିଲିକା କୂଳରେ ବସିବସି ଆକାଶପାତାଳ କେତେକ'ଣ ଭାବିଯାଏ ସାଗର। ନୀଳ ଲହରୀ କୋଳରେ ଖେଳଖେଳି ଆଖି-

ଆଗରେ ଭସିଯା'ନ୍ତି ଦଳଦଳ ହଂସହଂସୀ ; କଅଁଳ ବାଲିଶେଯ ଉପରେ ଡେଇଁ ଡେଇଁ ମନଆନନ୍ଦରେ ଏଣେତେଣେ ଧାଇଁ ବୁଲନ୍ତି ଶତଶତ କୁରଙ୍ଗକୁରଙ୍ଗୀ । ସଭିଙ୍କ ମୁହଁରେ ହସ, ସଭିଙ୍କ ପ୍ରାଣରେ ଆନନ୍ଦ, ସଭିଏଁ ମନଫୁଲାଣିଆ ଗୀତ ଗାଇଗାଇ ସ୍ନେହ ପ୍ରେମ ଆଲିଙ୍ଗନ ଚୁମ୍ବନରେ ଭୋଳ ହୋଇ ଲୋଟିଯାନ୍ତି କ୍ଷଣକପାଇଁ । ସାଗର ପ୍ରାଣ ଥରିଉଠେ, ଉଡ଼ିଗଲା ଚଢ଼େଇଟି ପାଇଁ ମନ ତା'ର ଝୁରିଝୁରି ବିକଳ ହୋଇ କାନ୍ଦିଉଠେ । ସେ ଏକା—ନିହାତି ଏକା । ଏତେବଡ଼ ବିଶ୍ୱ ଭିତରେ ସେ ଏକାବେଳକେ ନିଃସ୍ୱ । ତା'ର ସାଙ୍ଗ ନାହିଁ, ସାଥୀ ନାହିଁ, ସାହା ନାହିଁ, ସମ୍ବଳ ନାହିଁ, ଆଶା ନାହିଁ, ଭରସା ନାହିଁ । ସବୁ ତା'ପାଇଁ ଶୂନ୍ୟ—ଭବିଷ୍ୟତର ଏତେବଡ଼ ସୁଦୀର୍ଘ ଦିନଗୁଡ଼ାକ ସବୁ ତା'ପାଖରେ ଶୁଷ୍କ, ନୀରସ, ଅନ୍ଧକାରମୟ । ଦୁଃଖରେ ତା' ଛାତି ଫାଟିଯାଏ, ଅଭିମାନରେ ତା' ପ୍ରାଣ ହାହାକାର କରି ଉଠେ । ଆଖିରୁ ଲୁହପୋଛି ସେ ଘଡ଼ିକ ପାଇଁ ଚାହିଁରହେ ଶୂନ୍ୟ ଆକାଶକୁ ।

ସଞ୍ଜ ହୋଇ ଆସୁଥାଏ । ନେଳି ଆକାଶରେ ନାଲି ମୁକୁଟ କାଢ଼ି ଦେଇ ସୂରୁଯ ଦେବତା ଢଳି ପଡୁଥାନ୍ତି ସବୁଜ ବନର ସଜ ଶେଫାଳୀ କୋଳରେ । ତାଳଗଛର ମଥାନ ଉପରେ ଝରି ପଡୁଥାଏ ସୁନାଆଲୁଅର ଅସରନ୍ତି ସୁଅ...... । କପୋତ କପୋତୀ ଦୁଇଟି କରୁଣ କଳରବ କରି ପରସ୍ପରଠାରୁ ବିଦାୟ ନେଇ ବିପରୀତ ଦିଗରେ ଉଡ଼ିଗଲେ । ସାଗର ଦେଖିଲା, ହଂସହଂସୀ ଦୁଇଟି ଖେଳି-ଖେଳି କେତେବେଳୁ ଚାଲିଗଲେଣି ନୀରବରେ ବିଶ୍ରାମ ନେବାକୁ । କୁରଙ୍ଗକୁରଙ୍ଗୀ ଯୋଡ଼ିକ ବୁଲିବୁଲି କେତେବେଳୁ ପାଇଁ ଆଶ୍ରୟ ନେଲେଣି କେଉଁ ଏକ ନିର୍ଜ୍ଜନ ବନର ବିଜନ ଗୁହା ଭିତରେ । ବିଶ୍ୱର ଅଗଣିତ ପଶୁପକ୍ଷୀ, କୀଟପତଙ୍ଗ, ଜନମାନବ—ସଭିଏଁ

ଏମିତି ବନପାକ ଏଣେତେଣେ ଧାଇଁ ଧାଇଁ ସଞ୍ଜବେଳକୁ ଫେରି-ଆସନ୍ତି ଆପଣା ଆପଣା ନୀଡ଼କୁ—ଫେରିଆସନ୍ତି ଆପଣା ଆପଣା ପ୍ରିୟା ମୁହଁରେ ମୁହଁ ରଖି ରଙ୍ଗରସ, ମାନଅଭିମାନ ଭିତରେ ପ୍ରେମର ଫଲ୍‌ଗୁ ବୁହାଇ ଦେଇ ସୁଖର ନଦୀ ପୁହାଇ ଦେବାକୁ । କିନ୍ତୁ ସାରା ଦୁନିଆଟା ଯେତେବେଳେ ଏମିତି ସୁଖ ଶାନ୍ତି ଆନନ୍ଦ ଆହ୍ଲାଦ ଭିତରେ ଆତ୍ମବିଭୋର, ସେତେବେଳେ ବିଚ୍ଛୁର ଏଇ କପୋତକପୋତି ଦୁଇଟି କି ଦୁଃଖରେ କାଳ କାଟନ୍ତି ! କି ହା-ହୁତାଶ ଭିତରେ ମୁହୂର୍ତ୍ତି ପରେ ମୁହୂର୍ତ୍ତି କଟାଇ ରାତିସାରା ଉହାଳବିକଳ ହୋଇ ମରନ୍ତି ! ! କେହି ତାଙ୍କର ଦୁଃଖ ଦେଖେ ନା, କେହି ତାଙ୍କର ସ୍ତୁତିଥିରୀ କରୁଣ ବିଳାପ ଶୁଣି ସହାନୁଭୂତିରେ ଆହା ବୋଲି ପଦଏ କହେନା । କିନ୍ତୁ ତଥାପି—ତଥାପି କ'ଣ ସେମାନେ ଭାଙ୍ଗି ପଡ଼ନ୍ତି ? ସୁଖର ମିଳନ ବେଳେ ଦୁଃଖର ବିରହ ଆସେ ବୋଲି ସେମାନେ କ'ଣ ପରସ୍ପର ଉପରେ ଅଭିମାନ କରି ଖାଲି ଲୁହ ବୁହାଇ ବୁହାଇ ଜୀବନସାରା କଟାଇ ଦିଅନ୍ତି ? ନା ଦୁନିଆ ଲୋକଙ୍କଠୁ ସାହା, ସହାନୁଭୂତି ଟିକିଏ ନ ପାଇବାରୁ ସେମାନେ ବାଟ ହୁଡ଼ି ଅବାଟକୁ ଯାଇ ଜୀବନର ସବୁ ସ୍ୱପ୍ନ, ସବୁ କଳ୍ପନା, ସବୁ ଆଶା, ସବୁ ଲକ୍ଷକୁ ଜଳାଂଜଳି ଦେଇ ଅନ୍ଧଙ୍କ ଭଳି ଅକାଳରେ ଆତ୍ମହତ୍ୟା କରନ୍ତି ?

ତା'ପରି ନ ହୁଏ—ସାମାନ୍ୟ ପକ୍ଷୀଯୋଡ଼ିଏ, ଯଦି ଏହି ତିରଳିନ ବିରହର ମର୍ମନ୍ତୁଦ ବେଦନାରେ ଏକାବେଳକେ ଭାଙ୍ଗି ପଡ଼ି ମାଟିରେ ମିଳେଇ ନ ଯାଆନ୍ତି ତା'ହେଲେ ମଣିଷ ହୋଇ ସେ କାହିଁକି ଭାଙ୍ଗି-ପଡ଼ିବ ? ପାଠଶାଠ ପଢ଼ି, ବିଦ୍ୟା ବୁଦ୍ଧି ଜ୍ଞାନ ଗରିମାର ଅଧିକାରୀ ହୋଇ ସେ କାହିଁକି ଭଗବାନଙ୍କର ସେହି ନିର୍ମମ ଅଭିଶାପକୁ ସ୍ତୁତି ଗରାଇ ମୁଣ୍ଡ ନୁଆଇଁ ନୀରବରେ ସହି ନ ଯିବ ? କିଏ ଜାଣେ,

ହୁଏତ ଏହି ଅମଙ୍ଗଳ ଭିତରେ ମଙ୍ଗଳର କେତେ ଶୁଭ ସୂଚନା ଲୁଚି ରହିଛି । ହୁଏତ ସଂସାରର ନାନାଦି ମାୟା, ମୋହ, ବନ୍ଧନ ପ୍ରଲୋଭନ ପାଖରୁ ଦୂରରେ ରହି ଦେଶ ଓ ଦଶର ସେବାରେ ସର୍ବତୋଭାବେ ମନପ୍ରାଣ ଢାଳିଦେବା ପାଇଁ ଭଗବାନଙ୍କର ତା'କୁ ଏହା ଏକ ପରୋକ୍ଷ ନିର୍ଦ୍ଦେଶ । ସେ କାହିଁକି ତାଙ୍କର ଇଚ୍ଛା ବିରୁଦ୍ଧରେ ଠିଆ ହେବ ? ଅତି ଅକିଂଚନ ସନ୍ତାନ ହୋଇ ସେ କାହିଁକି ମଙ୍ଗଳମୟ ବିଶ୍ୱପିତାଙ୍କ ମଙ୍ଗଳମୟ ଆଦେଶ ବିରୁଦ୍ଧରେ ବିଦ୍ରୋହ କରିବ ?······

ଭୂଇଁରେ ମଥା ଲଗାଇ ସାଗର ଥରେ ସେହି ବିଶ୍ୱପିତାଙ୍କ ଉଦ୍ଦେଶ୍ୟରେ ପ୍ରଣାମ କଲା । ଆଜି ସେହିଦିନୁ ସବୁ ପଛକଥାକୁ ଭୁଲି, ସବୁ ପିଚ୍ଛିଲ ସ୍ମୃତିକୁ ପାସୋରି ଦେଇ ଜୀବନର ଲକ୍ଷ୍ୟ ସାଧନରେ ଧୀରେ ଧୀରେ ଆଗେଇ ଯିବ ବୋଲି ମନେମନେ ପ୍ରତିଜ୍ଞା କଲା । ଏକକୁ ଛାଡ଼ି ସେ ମିଶିଯିବ ବହୁରେ ; ଜଣକୁ ଛାଡ଼ି ସେ ଭଲ ପାଇବ ଗଣକୁ , ସସୀମକୁ ଛାଡ଼ି ସେ ପ୍ରେମ କରିବ ଅସୀମକୁ । ଜୀବନର ସକଳ ସ୍ନେହ, ସହାନୁଭୂତି ଦେଇ ସେ ଭଲ-ପାଇବ ଦେଶର ଶତଶତ ଦୀନ, ଦୁଃଖୀ, ଦରିଦ୍ର, ରୋଗୀ, ଶୋଷୀ, ଭୋକୀଙ୍କି ; ଅନ୍ତରର ସମସ୍ତ ପ୍ରେମ ଅଜାଡ଼ି ଦେଇ ସେ ସେବା କରିବ ମାନବସମାଜର ଲକ୍ଷଲକ୍ଷ ଅନ୍ଧ, ଅକ୍ଷମ, କଣା, କୁଜା, ଖଣ୍ଡିଆ, କୋଢ଼ିଆଙ୍କୁ ଆଜି ପ୍ରାଣର ସବୁ ମାୟା, ମମତା ନିଗାଡ଼ି ଦେଇ ସେ ପୋଛିଦେବ ଅନାଥ ଆଖିରୁ ଲୁହ—କାଢ଼ିଦେବ ହିଇଜା ରୋଗୀର ଛେଳୁଆ ଛେଳୁଆ ନାକଫଟା ଦୁର୍ଗନ୍ଧ ମଳମୂତ୍ର—ଧୋଇଦେବ ପଙ୍ଗୁ ନିର୍ଜୀବ କୁଷ୍ଠରୋଗୀଟିର ପୋକ ସାଲୁବାଲୁ ଘା' ଭିତରୁ ଚାଟିଆ ଚାଟିଆ ପୂଜ ରକ୍ତ ।

ସମସ୍ତଙ୍କୁ ସେ ସ୍ନେହ କରିବ; ସମସ୍ତଙ୍କୁ ସେ ଭଲ ପାଇବ; ଧନବନ୍ତ, ଗରିବ ଡାଲବର, ପାଠୁଆ ମୂର୍ଖ, ଶତ୍ରୁ ମିତ୍ର—ସମସ୍ତଙ୍କୁ

ମ ହସିହସି କଥା କହି ଆପଣାର କରିବ । ଗୋଟିଏ ଘର ଭାଙ୍ଗି
ମ ସହସ୍ର ଘର ଗଢ଼ ଦେବ, ଗୋଟିଏ ମନ ଛାଡ଼ି ସେ ସହସ୍ର
ନରେ ଖେଳ ବୁଲିବ । ସଭିଏ ହେବେ ତା'ର, ସଭିଙ୍କର ହେବ
ସ । ସ୍ନେହ ଆଦରରେ ସଭିଙ୍କି ସେ କୋଳ କରିବ ; ବିନୟ
ମ୍ରତାରେ ସଭିଙ୍କି ସେ ସମ୍ମାନ କରିବ ; ଭକ୍ତି ପ୍ରଣତିରେ ସେ
ମଗ୍ର ନାରୀଜାତିର ଚରଣତଳେ ମଥା ରଖି ଜୀବନସାରା ପ୍ରେମର
ୀତ ଗାଇ ବୁଲିବ । ସେଠି ନ ଥିବ ଦେହର ଲାଲସା, ସେଠି
ଥିବ ଭୋଗର ପିପାସା ବା ସେଠି ନ ଥିବ ସଙ୍କୀର୍ଣ୍ଣ ସ୍ୱାର୍ଥର
ପୂରଣ ପାଇଁ ନାନାଦି ବାସନା, କାମନା, ମାୟା, ମୋହ,
ଜାଲ । ସେଠି ଥିବ ଖାଲି ସେବା—ସେବା···ଦେଶର ସେବା,
ତିର ସେବା, ରୋଗୀର ସେବା, ସାହିତ୍ୟର ସେବା—ପ୍ରତି
ର୍ତ୍ତରେ, ପ୍ରତି କ୍ଷେତ୍ରରେ, ପ୍ରତି କାର୍ଯ୍ୟରେ ଖାଲି ସେବା—
ବା—ସେବା···ସେହି ନିଃସ୍ୱାର୍ଥପର ସେବାରେହିଁ ସେ ଭସାଇ
ବ ଜୀବନକୁ । ଜଣଙ୍କ ପାଇଁ ଝୁରିଝୁରି ଏମିତି ଜାଣୁଜାଣୁ
ନକୁ ଜାଳପୋଡ଼ି ପାଉଁଶ ମୁଠାରେ ପରିଣତ ନ କରି ବିଶ୍ୱର
ବା କରିକରି ସେ ହସିହସି ଜୀବନକୁ ମିଳେଇ ଦେବ ବିଶ୍ୱବାସୀଙ୍କ
ଣଧୂଳିରେ । ତା'ହେଲେ ସେ ଶାନ୍ତି ପାଇବ—ତା' ହେଲେ
ଜୀବନ ସାର୍ଥକ ହେବ । ଗୋଟିଏ ସୁମତିର ସ୍ନେହ, ସରାଗ ହରାଇ
କୋଟିଏ ସୁମତିର ଅନାବିଳ ସ୍ନେହ, ପ୍ରେମ, ଆଦର, ଯତ୍ନ
ରି ପାଇବ ।

ସାଗରର ଦୃଷ୍ଟିକୋଣ ବଦଳିଗଲା । ସେ ଆଉ ମୁହୂର୍ତ୍ତକ
ଲେଁ ଡେରି ନ କରି ହୃଦୟର ସକଳ ପୁଞ୍ଜିଭୂତ ବ୍ୟଥା, ବେଦନା,
ବିଷାଦ, ଗ୍ଲାନିକୁ ପଛକୁ ଫିଙ୍ଗି ଦେଇ ଉଠି ଠିଆ ହେଲା ଆଗକୁ
ବାକୁ । ଅତୀତର ମୋହ ତା'କୁ ବାନ୍ଧି ରଖି ପାରିଲା ନାହିଁ,

ବର୍ତ୍ତମାନର ବିରହ ତାଙ୍କୁ କିଂକର୍ତ୍ତବ୍ୟବିମୂଢ଼ କରି ପାରିନ
ନାହିଁ । ଭବିଷ୍ୟତର ନିର୍ଦ୍ଦିଷ୍ଟ କର୍ମପନ୍ଥା ସ୍ଥିର କରି ସେ ଧୀରେ
ଧୀରେ ଆଗେଇ ଚାଲିଲା ।

—୧୫—

ସେବା କରିବା ତ ଦୂରର କଥା, ଆଜିକାଲିକାର ସୁଟ୍
ନେକ୍‌ଟାଇ ପିନ୍ଧା, ଇଂରେଜୀପଢୁଆ ଡାକ୍ତରମାନଙ୍କ ଭିତରୁ
କେହି କେବେ ଭୁଲରେ ହେଲେ ମଫସଲର ମଳିମୁଣ୍ଡି ଆକ
ଆଡ଼କୁ ଆଡ଼ଆଖିରେ ଥରେ ଅନାନ୍ତି ନାହିଁ । ଯୋଉ ଗାଁ ଗହଳ
ପାଣି ପବନରେ ପିଲାଟିଦିନୁ ବଢ଼ିକୁଢ଼ି ସେମାନେ ଏତୁଟିକୁ
ଏତୁଟିଏ ହୁଅନ୍ତି, ପାଠ ଦି'ଅକ୍ଷର ପଢ଼ି ଶେଷରେ ସେହି ଗାଁକୁ
ସେମାନେ ଯା'ନ୍ତି ଭୁଲି । ସେହି ଗାଁରେ ଔଷଧ ଟିକିଏ ନ ପାଇ
କେତେ ଅଧା ବଅସର ଗଜାଗଜା ଭେଣ୍ଡା ଟୋକା ନିତପ୍ରତି ଢ଼ଳି
ପଡ଼ନ୍ତି; କେତେ ଯୁବତୀ ନାରୀ ଜୀବନର ପ୍ରଥମ ସୋପାନରେ
ପ୍ରଥମ ପିଲାଟି ପ୍ରସବ କରି ନ ପାରି କଲବଲ ହୋଇ ଅକାଳରେ
ଆଖି ବୁଜନ୍ତି ଆଉ କେତେ କଞ୍ଚା ବଅସର ପୁଅଝିଅ ପ୍ରତିବର୍ଷ
ମ୍ୟାଲେରିଆ, ମହାମାରୀ, ବସନ୍ତ, ହାଡ଼ଫୁଟିରେ ଶେଷ ନିଶ୍ୱାସ
ପକାଇ କୋଳାହଳମୟ ଗାଁକୁ ଶୁନ୍‌ଶାନ୍ କରି ଚାଲିଯା'ନ୍ତି । କିନ୍ତୁ
ଏ ଆଡ଼କୁ କେହି ଚାହାଁନ୍ତି ନାହିଁ । ଯୋଉ ପୁଅ ଏଇ ଗାଁରେ ଜନ୍ମ
ହୋଇ ଏଇ ଗାଁର ଦୁଃଖ, ଦୁର୍ଦ୍ଦଶା, ଅଭାବ, ଅସୁବିଧା ଭଲ
ଭାବରେ ଅଙ୍ଗେ ନିଭେଇଥାଏ ସେଇ ପୁଅ ପାଠପଢ଼ି ଡାକ୍ତରୀ
ପାଶ୍ କଲାବେଳକୁ ଏ ଗାଁକୁ ଘୃଣା କରେ, ଏ ଗାଁର ମଳିମୁଣ୍ଡି ଅ
କୁଲିମୂଲିଆଙ୍କୁ ଦୂର୍‌ଦୁର୍ ଛୁର୍‌ଛୁର୍ କରେ । ଗାଁକୁ ଫେରି ଆସି
ଦଶ ପନ୍ଦର ଖଣ୍ଡି ମଉଜା ଭିତରେ ଗୋଟିଏ ଗୋଟିଏ ଛୋଟିଆ
ଅନୁଷ୍ଠାନ ନ ଗଢ଼ି ସେ ଲାଖିରହେ ସେହି ଜନଗହଳି ବଜାର

—ଅଠଷଠି—

ସହର ଭିତରେ । ପରୋପକାର ପାଇଁ ସେ ଧାଏଁ ନାହିଁ, ସେ ଧାଏଁ ପଇସା ପାଇଁ; ସେବା ଆଦର୍ଶରେ ସେ ଅନୁପ୍ରାଣିତ ହୁଏନା, ପ୍ରତିପତ୍ତି ପାଇଁ ସେ ଲାଳାୟିତ ହୁଏ ।

ବାସ୍ତବିକ କଥାଟି ନିଘଞ୍ଚ ସତ୍ୟ । ହୁଏତ ଯୁକ୍ତି ଦ୍ୱାରା ଏହାକୁ ଖଣ୍ଡନ କରାଯାଇପାରେ କିନ୍ତୁ ହୃଦୟ ଦେଇ ଏହାକୁ ଅସ୍ୱୀକାର କରି ହେବନି । ଓଡ଼ିଶାର ହଜାର ହଜାର ଗାଁ ଗହଳରେ ଲକ୍ଷଲକ୍ଷ ଅନ୍ଧ ଅଶିକ୍ଷିତ ମୂକ ଜନତା ଆଜି ଯେମିତି ଦୁଃଖ, ଦାରିଦ୍ର୍ୟ, ଅଭାବ, ଅନଟନରେ ସଢ଼ୁଛନ୍ତି, ଆଜି ଯେମିତି ପଲ୍ଲୀକୋଳରେ କାହିଁ କେତେ ଅସୁମାରି ମଣିଷ ଔଷଧ ଟିକିଏ ନ ପାଇ, ଚିକିତ୍ସା ଟିକିଏ ନ ପାଇ କଲବଲ ହୋଇ ପୋକମାଛି ଭଳି ଅଧା ବୟସରେ ଝଡ଼ି ପଡ଼ୁଛନ୍ତି, ତା' ପ୍ରତି ପ୍ରକୃତରେ ଶିକ୍ଷିତ ଲୋକେ କେହି ଦୃଷ୍ଟି ଦେଉ ନାହାଁନ୍ତି—ପରୋପକାରୀ ଲୋକସେବକ ବୋଲାଉଥିବା ଡାକ୍ତରମାନେ କେହି ସେଠାକୁ ଯାଇଁ ଲୋକଙ୍କର ପ୍ରକୃତ ସେବା ଶୁଶ୍ରୂଷାରେ ମନ ଦେଉ ନାହାଁନ୍ତି । ଖାଲି ବଡ଼ ବଡ଼ ସହର-ମାନଙ୍କରେ ତିନମହାଲା, ଚୌଦମହଲା କୋଠା ତିଆରି ହୋଇ ତା' ସାମନାରେ ମାର୍ବଲ ପଥରରେ ବଡ଼ବଡ଼ ଅକ୍ଷରରେ "ସେବା-କୁଟୀର" ଲେଖା ହେଉଛି ସିନା, ପ୍ରକୃତ କ୍ଷେତ୍ରରେ କିନ୍ତୁ ଏ ଶିକ୍ଷିତ ଗୋଷ୍ଠୀଙ୍କ ଭିତରେ ସେ ତ୍ୟାଗ, ନିଷ୍ଠା, ସେବା, ଆତ୍ମବଳୀର ଉଚ୍ଚ ଆଦର୍ଶ ଆଉ ଫୁଟି ଉଠୁନି ।

ସେ ଯାହାହେଉ, ସାଗର ଦେଖିଲା ସେବା କରିବାର ପ୍ରକୃଷ୍ଟ କର୍ମକ୍ଷେତ୍ର ହେଉଛି ପଲ୍ଲୀ ଗାଁ । କାରଣ ସେଠି ସ୍କୁଲ୍ ନାହିଁ, ଡାକ୍ତରଖାନା ନାହିଁ, ରାସ୍ତା ନାହିଁ, ଡାକଘର ନାହିଁ । ସେଠି ପିଲାଏ ପାଠ ପଢ଼ନ୍ତି ନାହିଁ, ଲୋକେ ଖବର କାଗଜ ପଢ଼ନ୍ତି ନାହିଁ, କେହି ସମାଜସୂଚିର ହୁଅନ୍ତି ନାହିଁ । ପୁଣି ସେଠିକା ଲୋକେ ଡାକ୍ତରଙ୍କ

ବୁଢ଼ରେ ପଡ଼ ଆପଣା ଆପଣା ଭିତରେ କଳିତକରାଳ କରି ମାଲି
ମକଦମାରେ ସର୍ବସ୍ୱାନ୍ତ ହୁଅନ୍ତି । ସେଠିକା ଲୋକେ ରୋଗ ଶୋକରେ
ଜୀବନସାରା ଘାଣ୍ଟି ହୋଇ ହୋଇ ଜୀଇ ଥାଉଁ ଥାଉଁ ହାଡ଼ମାଳ ଧରି
କଙ୍କାଳ ସାଜନ୍ତି । ସେହି ପଲ୍ଲୀ—ସେହି ପଲ୍ଲୀ ଗାଁରୁ ଗୋଟିକୁ ସାଗର
ବାଛିନେଲା ଆପଣାର କର୍ମକ୍ଷେତ୍ର କରି ।

ସେ ପୁଣି ଯୋଉଠି ସେଠି ନୁହେଁ, ବଙ୍କିମ ଜଙ୍ଗଲର
ସୁଦୂର ଦକ୍ଷିଣ ଅଂଚଳରେ—ଯୋଉଠି ଅସଲକୁ ଭୁଲି ସମ
ମାତିଲେଣି ନକଲରେ, ଯୋଉଠି ଓଡ଼ିଆ ଭୁଲି ସମସ୍ତେ କହ
ତେଲୁଗୁ, ଯୋଉଠି ପଟ୍ଟନାୟକ ହୁଅନ୍ତି ପଟ୍ଟନାୟକଲୁ, ଦା
ହୁଅନ୍ତି ଦାସୁଡ଼ୁ, ମଂଜୁଷା ହୁଏ ମଣ୍ଡାସା—ସେହି ଦକ୍ଷିଣ ଅଂଚଳ
ଏକ କ୍ଷୁଦ୍ର ପଲ୍ଲୀକୁ ଆପଣାର କର୍ମଭୂମି କରି ବାଛିନେଲା ସାଗର ।

ମା'ଶୁଣି ମୁଣ୍ଡ ବାଡ଼େଇଲା । ପୁଅ ବାହାସାହା ହୋଇ ଘରକ
ବାକରି କରି ସୁଖ ଆନନ୍ଦରେ ରହନ୍ତା କ'ଣ, ଏଲିଟି ବାଇ
ବୁଦ୍ଧି କରି ଘରୁ ପଳେଇବାକୁ ବସିଛି । ଏଥିରେ କୋଉ ମା'
ଖୁସି କରିତ ହୋଇ ନ ଯିବ ? ସେ ସାଗରକୁ କୁଣ୍ଢେଇ ଧରି
ଭୋ କାନ୍ଦ ଉଠିଲା । କିନ୍ତୁ ଯେତେ ବୁଝେଇ ସୁଝେଇ ଥକଗଲେ
ବି ସାଗର ଆଉ ମୋଟେ ଶୁଣିଲା ନାହିଁ । ମା' କାନ୍ଦକାଟି ଗଡ଼ିଲ
ଗାଁ ଲୋକେ କହି କହି ଫାଟିଫୁଟି ଗଲେ, ସାନଭଉଣୀ ସୁଧା
ଆସି ଗୋଡ଼ଧରି କେତେ ନେହୁରା ନମନ୍ତ କଲା । ହେଲେ କାହାର
କଥା ରଖିଲାନି ସାଗର । ଶେଷରେ ମା' ଆସି ବଡ଼ ବିକଳ ହୋଇ
କହିଲା — "ତୁ ବାଇଆଙ୍କ ଭଳି ଯେଣେ ଇଚ୍ଛା ତେଣେ ଯା
ପଛକେ, ମୋ ପାଖକୁ ବୋହୂଟିଏ ଆଣି ଦେଇଯା । ତୋ
ଦୋଳମୁକୁଟ ଦେଖି ଶେଷରେ ହେଲେ ମୁଁ ସୁଖଶାନ୍ତିରେ ଆଖି
ବୁଜେ ।" କିନ୍ତୁ ସାଗରର ଏକା ଜିଦ୍—ସେ ଜୀବନରେ କେବେ

—ସତ୍ତର—

ତେବେ ଆଉ ଅନ୍ୟ ଗୋଟିଏ ନାରୀକୁ ସ୍ପର୍ଶ କରିବ ନାହିଁ, ବିବାହ ତ ଦୂରର କଥା । ମନକୁ ନେଇ ସିନା ମଣିଷ ବିବାହ କରେ—ଏ ଜଡ଼ ନିର୍ଜୀବ ମାଟିପିଣ୍ଡକୁ ନେଇ ତ କେହି ଆଉ ବିବାହ କରେନା । ବିବାହ ଅର୍ଥ ମନର ମିଳନ ସିନା, ଦେହର ମିଳନ ନୁହେଁ ତ ! ତା' ମନ ତ ବହୁଦିନୁ ଜଣକୁ ଭଲ ପାଇଛି, ପ୍ରେମ କରିଛି—ଆଜି ତା'କୁ ପୁଣି ଫେରାଇ ଆଣିବ କେମିତି ? ଆଜି ପୁଣି ସେ ତା'ର ଚିର ଆଦରର ରାଜରାଣୀ, କଳ୍ପନାମୟୀ ମାନସୀର ଛାତି ଉପରେ ଆଉ ଜଣକୁ ଧରି ପୂର୍ଣ୍ଣ ପ୍ରାଣରେ ପ୍ରେମ କରିବ କେମିତି ? ଆଉ ତା ଯଦି ହୋଇ ନପାରେ, ତା'ହେଲେ ଖାଲି ଏଇ ଜଡ଼ ଦେହଟାକୁ ଧରି ପ୍ରେମର ପ୍ରତାରଣା ଭିତରେ ଗୋଟିଏ ସରଳା, ନିରୀହା ବାଳିକାର ଇହକାଳ, ପରକାଳ ସେ ନଷ୍ଟ କରି ଦେବ କାହିଁକି ? କେଉଁ ଯୁକ୍ତିରେ ? କେଉଁ ନ୍ୟାୟରେ ?

ମା' ଚରଣରେ ମଥା ନୋଇଁ ସେ ଅତି ବିନୀତ ଭାବରେ କହିଲା—"ତୋ ଆଶା ପୂର୍ଣ୍ଣ ହେବ ବୋଉ ! କିନ୍ତୁ ତୋ'ର ଏ ପୁଅର ଦୋଳମୁକୁଟ ଦେଖି ନୁହେଁ, ଝିଅର ଦୋଳମୁକୁଟ ଦେଖି । ମୁଁ ଗୋଟିଏ ଭଲକାମରେ ବାହାରିଛି । ମୋତେ ଆଉ ତୁ ବନ୍ଧନରେ ଛନ୍ଦି ଦେ ନା । ତୋର ଆଶୀର୍ବାଦ, ତୋର ଚରଣଧୂଳି ନେଇ ମୁଁ ଜୀବନ ପଥରେ ଆଗେଇ ଚାଲେ—ଲକ୍ଷ ସାଧନରେ ସକ୍ଷମ ହୁଏ ...... ତୁ ମୋଟେ ବ୍ୟସ୍ତ ହୋ ନା, ମୁଁ ବରାବର ମଝିରେ ମଝିରେ ଆସି ତୋ'ର ପଦ ସେବା କରୁଥିବି—ମୋ ସୁନା ଭଉଣୀ ସୁଧାଟିକୁ ସଙ୍ଗୋଳ ଯାଉଥିବି ।"

ସତକୁ ସତ ସେଇଆ ହେଲା । ଭଲ ବର ଦେଖି ସୁଧାଟିକୁ ବିଭା କରିଦେଇ ସେହି ଭଉଣୀ, ଭିଣୋଇଙ୍କ ହାତରେ ସବୁ ଘରଦ୍ୱାର, ଜମିବାଡ଼ି, ଧନଦଉଲତ ସମର୍ପି ଦେଇ ମା' ପାଖରୁ ପାଦଧୂଳି ନେଇ ସାଗର ବାହାରିଗଲା କର୍ମଭୂଇଁ କି ।

— ଏକପତ୍ନୀ —

"ନଲେଇ ମିଶ୍ରେ ନନା, ତା' ଦ'ପୁଅ ଦ'ଭାଇନା—ତୋର ମୁଣ୍ଡରେ ଉଡ଼ବ ବାନା ସାମଲରେ—ସନା ସାମଲରେ—ବନା ସାମଲରେ" …… ସ୍ୱାମୀ ସନ୍ତୋଷକୁମାରଙ୍କ ନାଁ ଦେଇଛି ସନା, ଦେଢ଼ଶୁର ବନସ୍ତ କୁମାରଙ୍କ ନାଁ ଦେଇଛି ବନା । ଆଜ ସକାଳ ଛ'ଟାରୁ ରାତି ବାରଟା ପର୍ଯ୍ୟନ୍ତ ଦୁଆରବନ୍ଧ ଉପରେ ବସି ଝୁଲି ଝୁଲି ତା ମନକୁମନ ଗାଇ ଗ୍ଲଲିଛି—"ନଲେଇମିଶ୍ରେ ନନା, ତା ଦ'ପୁଅ ଦ'ଭାଇନା……" ପୁଣି ଧନେ ଧନେ ଏଡ଼େ ପାଟି କରି "କୃପାସିନ୍ଧୁ ବଦନ" ବୋଲୁଛି ତ ଧନେ ଧନେ ଏଣୁତେଣୁ ନାଟକ ସୁଆଙ୍ଗର ବଚନକା ପଢି ଆକାଶ ଫଟଉଛି । ଆଜ କେତେବେଳେ ବା ମନକୁମନ ହୋ ହୋ ହସି ଉଠି ଘଡ଼ି ଘଡ଼ିକାକୁ କାନଅତରା ପକଉଛି ତ କେତେବେଳେ ଆପଣାଛାଏଁ ଭେ ଭେ କାନ୍ଦ ଉଠି ବିକଳ ହୋଇ ଧୂଳିରେ ଲୋଟି ଯାଉଛି । ସବୁବେଳେ ବକରବକର—ସବୁବେଳେ ଖଜବଜ—ସବୁବେଳେ ଭଣ୍ଡଅଭଣ୍ଡ କଥା । ଲୁଗାପଟାରେ ଠିକ ନାହିଁ; କଥାଭାଷାରେ ବାଇସ ନାହିଁ; ଲାଜ ସରମ, ମାନମହତ, ଗୁରୁ ଗୁରୁଜନ—କୁଆଡ଼କୁ ନିଘା ନାହିଁ, କାହାରିକି ଖାତର ନାହିଁ । ଓଡ଼ିଆ ବଙ୍ଗଳା ତେଲଗୁ ଇଂରେଜୀ ଯେତେବେଳେ ଯାହା ପାଟିକି ଆସୁଛି ଗପୁଛି । ଭଲ ଶାଢ଼ୀ ଦେଲେ ଚିରି କୁଟିକୁଟା କରୁଛି, ଭଲ ଗହଣା ପାଇଲେ ଭାଙ୍ଗି ଚୂରମାର କରୁଛି; ମଣିଷ ଦେଖିଲେ ଖଟେଇ ହୋଇ କାମୁଡ଼ି ଗୋଡ଼ଉଛି, ନିର୍ଜନରେ ବସିଲେ ମାରଡରେ ଲୁହ ଢାଳି କଇଁକଇଁ ହୋଇ କାନ୍ଦୁଛି । ……… ଜୀବନ ଝରି ଯାଇଛି, ମନ ମରିଯାଇଛି, ସରାଗ ମଉଳି ଯାଇଛି—ହିତାହିତ ଜ୍ଞାନ ଭୁଲି, ଆଗପଛ ଭଲମନ୍ଦ ପାସୋରି ଦେଇ ସୁମତି ଆଜ ସତକୁ ସତ ପାଗଳ ହୋଇଛି ।

—ବାସ୍ତବ—

ସାଗର ସହିଗଲା—ସୁମତି କିନ୍ତୁ ସହିପାରିଲା ନାହିଁ । ସହି ନ ପାରି ସିଏ ଟଳିପଡ଼ିଲା—ନଇଁ ନ ପାରି ସିଏ ଭାଙ୍ଗି ପଡ଼ିଲା । ଯେତେ ପାଠ ଶାଠ ପଢ଼ିଲେ ବି ସେ ନାରୀ । ପୁରୁଷର ହୃଦୟ ଅପେକ୍ଷା ତା'ହୃଦୟ ବେଶୀ କୋମଳ, ବେଶୀ ଭାବପ୍ରବଣ, ବେଶୀ କଳ୍ପନାମୟ । ତେଣୁ ସେଥିରେ ବେଶୀ ଆଘାତ ଲାଗିଲା, ବେଶୀ ଧକ୍କା ବାଜିଲା । ଖାଲି ସାଗରର କଥା ମାନି ସେ ତା'ମାଟି ଦେହଟାକୁ ବୁଢ଼ାବଲଙ୍ଗ କୋଳରେ ମିଳେଇ ଦେଇ ପାରିଲାନି ସିନା, ହେଲେ ତା'ମନ ମରିଗଲା—ତା'ମନର ସକଳ ସ୍ନେହ, ପ୍ରେମ, ମାୟାମମତା, ଆଶା, ଆନନ୍ଦ ଏକାବେଳକେ ଜଳପୋଡ଼ି ଛାରଖାର ହୋଇ ମିଳେଇଗଲା ହା-ହୁତାଶ ଭିତରେ । ଭୁଲି ପାରିଲାନି ସେ ଅତୀତକୁ—ଭୁଲି ପାରିଲାନି ସେ ଅତୀତର ଶତସହସ୍ର ଜୀବନ୍ତ ସ୍ମୃତିକି । ଏଇ ସାଗର—ଯାହା କୋଳରେ ମଥା ରଖି ସେ ଜୀବନ ଆରମ୍ଭ କରିଥିଲା, ଯାହା ଛାତି ଉପରେ ପହିଲି ଯୌବନର ଉଚ୍ଛୁଳା ଦେହମନ ଅଜାଡ଼ିଦେଇ ଆପଣା ଅସ୍ତିତ୍ୱକୁ କ୍ଷଣକପାଇଁ ଭୁଲି ଯାଇଥିଲା ଆଉ ଯାହାକୁ ନେଇ ସେ ଦେଖିଥିଲା ଯୌବନର ସ୍ୱପ୍ନ, ଗଢ଼ିଥିଲା ଭବିଷ୍ୟତର କଳ୍ପନା, ରଚିଥିଲା ପ୍ରେମର କୋଣାର୍କ—ସେହି ସାଗରକୁ ସେ ମୋଟେ ଭୁଲିପାରିଲାନି—ମୂହୂର୍ତ୍ତକ ପାଇଁ ସେ ପାସୋରି ପାରିଲାନି ସେହି ସାଗରର ସରସ, ସୁନ୍ଦର, ସଜୀବ ସ୍ମୃତିଗୁଡ଼ିକୁ ।

ପୁଣି ପୁରୁଣାକୁ ଭୁଲିଯିବା ଯୋଉଠି ଅସମ୍ଭବ, ନୂଆକୁ ଭଲପାଇବା ସେଠି ପ୍ରଶ୍ନ ଉଠୁନି । ବ୍ରାହ୍ମଣ ଖାଲି ମନ୍ତ୍ର ପାଠ କରି ବେଦୀ ଉପରେ ବସାଇ ଦୁଇଜଣଙ୍କ ହାତକୁ ଏକାଠି କରିଦେଲା ସିନା, ମନ କିନ୍ତୁ ତାଙ୍କର ଏକାଠି ହୋଇ ପାରିଲାନି । ସେଇଥିପାଇଁ ମଧୁଶଯ୍ୟା ଘରେ ମୁଠୁଣିଏ ବହଳର ଶେଯ ଉପରେ ଶୋଇ ତରୁଣ

ସନ୍ତୋଷକୁମାର ଯେତେବେଳେ ନୂଆ ପୁଲକ, ନୂଆ ଶିହରଣ ନେଇ ପହିଲଥର ପାଇଁ ମୁହଁ ଲଗାଇଲେ ସୁମତି ମୁହଁରେ ସେତେବେଳେ ସୁମତି ଆଖିରୁ ଝରିପଡ଼ିଲା ଦୁଇଧାର ନୀରବ ଅଶ୍ରୁ—ଛାତି ଫଟାଇ ଉଠିଆସିଲା ଘନ ଘନ ବିକଳ ଦୀର୍ଘଶ୍ୱାସ । ସନ୍ତୋଷକୁମାର ଘୁଞ୍ଚିଗଲେ । ସୁମତି ଦୁଃଖର ରହି ସହି ନ ପାରି ବେଳକୁ ବେଳ ବେଶୀ ବେଶୀ କାନ୍ଦିଉଠିଲା ।······ସେହି ଯେ କାନ୍ଦିଲା ଆଉ ତୁନି ହେଲାନି । ଆଖିରୁ ହୁଏତ କେତେବେଳେ କେମିତି ଲୁହ ଶୁଖିଗଲା କିନ୍ତୁ ଛାତି ଭିତରୁ ଆଉ କେବେହେଲେ କୋହ ମଲାନି । ଦିନକୁଦିନ ମନ ଘୁଣ ଖାଇଲା । ଛାତିତଳର କଣ୍ଟା ଯା'ଟି ଦିନକୁଦିନ ଧୁଗୁ ଧୁଗୁ ହୋଇ ଜଳିପୋଡ଼ି ତା'କୁ କଲବଲ କରି ମାରିଲା ।

ପଛକୁ ଫେରି ଚାହିଁଲା—ସୁଖ ଆନନ୍ଦର ସବୁ ସ୍ମୃତି ଦଳେ ଆସି ଭାସି ବୁଲିଲା ଆଖି ଆଗରେ—ସବୁ ସୁନ୍ଦର, ସବୁ ଉଜ୍ଜ୍ୱଳ । ଆଗକୁ ଚାହିଁଲା—ଧୂ ଧୂ ମରୁଭୂମିର କରାଳ ଚିତ୍ର ଖେଳିଗଲା ମନଭିତରେ—ସବୁ ଶୂନ୍ୟ, ସବୁ ଅନ୍ଧାର । ସେହି ଅପନ୍ତରା ମରୁଭୂମି ଭିତରେ ଲମ୍ବି ଯାଇଛି ଅସରନ୍ତି ବାଟ—ଚାହିଁଲେ ଆଖି ପାଉ ନାହିଁ, ଦେଖିଲେ କୂଳ ହେଉ ନାହିଁ । ତା'ରି ଉପରେ ଚାଲିବାକୁ ହେବ ସୁମତିକୁ—ବଇଶାଖ ମାସର ଦୁମୁଦୁମିଆ ଦି'ପହରେ ତଳପୋଡ଼ା ଉପର ପୋଡ଼ାରେ ଛଟପଟ ହୋଇ ସେହି ସାହା-ସମ୍ବଳହୀନ ଶୁଷ୍କମରୁରେ ଚାଲିବାକୁ ହେବ ତା'କୁ । ଜୀବନସାରା ସେ ଦହଗଂଜ ହୋଇ ମରିବ—ହନ୍ତସନ୍ତ ହୋଇ ମରିବ । କୋଉଠି ଟିକିଏ ଛାଇ ପାଇବ ନାହିଁ; କୋଉଠି ଟିକିଏ ଶାନ୍ତି ପାଇବ ନାହିଁ; ହାତ ପତେଇ ବିକଳ ହୋଇ ଦୁନିଆସାରା ବୁଲି ଆସିଲେ ବି କୋଉଠୁ ଟିକିଏ ଆହାପଦ ପାଇବ ନାହିଁ । ତା'ର ସବୁ ସରି-ଯାଇଛି, ସବୁ ମରି ଯାଇଛି । ସେ ତା'ହେଲେ କେମିତି ବଂଚିବ ?

—ଚଉସ୍ତ୍ରଶ—

କେମିତି ସିଏ ଏତେ ବଡ଼ ଜୀବନଟାକୁ ଘୋଷାରି ଘୋଷାରି ନେଇ ଅପନ୍ତରା ମରୁଭୂଇଁ ପାରିହେଇ ସେ ମୁଣ୍ଡରେ ଯାଇଁ ପହଞ୍ଚିବ ?...

ଭାବିଭାବି ସୁମନ୍ତ ମୁଣ୍ଡ ଗୋଳମାଳ ହେଇଗଲା । ବାବା ଆସି ଯେତେ ବୁଝାଇଲେ, ରାଣୀଦେବୀ ଆସି ଯେତେ ସାନ୍ତ୍ୱନା ଦେଲେ କୋଉଥିରେ କିଛି ହେଲା ନାହିଁ । ଦିନରାତି ଚବିଶ ଘଣ୍ଟା ବସିବସି ସୁମନ୍ତ ଖାଲି ସେଇକଥା ଭାବିବାକୁ ଲାଗିଲା । ଭାବିବାକୁ ଲାଗିଲା—କେମିତି ସିଏ ପଛକଥାକୁ ଭୁଲି ପିଛିଲା ସ୍ମୃତିକୁ ମୁରୁଛି ଦେଇ ଆଗେଇ ଚାଲିବ ନୂଆ ବାଟରେ—କେମିତି ସିଏ ମଲା ମନକୁ ନେଇ ଅଭିନୟ କରିବ ଜୀଅନ୍ତା ମଣିଷ ସାଙ୍ଗରେ । ଭାବିବାକୁ ଲାଗିଲା—କେମିତି ସିଏ ଏ ଦୁଃଖ ଜଂଜାଳ ଭିତରେ ପାରିହେବ ସେହି ଦୁର୍ଗମ ପଥ, କେମିତି ସିଏ ଏ ଅଲୋଡ଼ା ଅଖୋଜା ଜୀବନକୁ ନେଇ ପହଞ୍ଚାଇ ଦେବ ଚିରଶାନ୍ତିମୟ ମରଣ କୋଳରେ । ଭାବି-ଭାବି ସୁମନ୍ତ କୂଳକିନାରା ପାଇଲା ନାହିଁ, ବୁଦ୍ଧି ବାଟ ପାଇଲା ନାହିଁ । ଶେଷକୁ ସେହି ଅଥଳ ଦରିଆରେ ଉବେଇଟୁବେଇ ହୋଇ ପାଗଳ ହୋଇଗଲା ସେ ।

ସନ୍ତୋଷକୁମାର ବିଲାତଫେରନ୍ତା ଇଂଜିନିୟର—ଅତିଶୟ ବାସ୍ତବବାଦୀ । କଳ୍ପନାରେ ସେ କେବେହେଲେ ନିଜକୁ ବୁଡ଼େଇ ଦିଅନ୍ତି ନାହିଁ । ସ୍ୱପ୍ନରେ ସେ ଆତ୍ମବିଭୋର ହୁଅନ୍ତି ନାହିଁ—ବାସ୍ତବତାରେ ସେ ସବୁବେଳେ ସୁଖସମ୍ଭୋଗ ଖୋଜିବୁଲନ୍ତି । କଳ୍ପନା-ବିଳାସୀ କବିଙ୍କ ଭଳି ସେ କେବେ ପରର ଦୁଃଖ ଦରଦରେ ଆହା କହି ସହାନୁଭୂତିରେ ଲୁହବୁନ୍ଦାଏ ଢାଳି ଦେବାକୁ ଚାହାଁନ୍ତି ନାହିଁ—ସେ ଚାହାଁନ୍ତି ନିଜେ ଧନ, ଐଶ୍ୱର୍ଯ୍ୟ, ଭୋଗବିଳାସ କୋଳରେ ବୁଡ଼ିରହି ଜୀବନକୁ ଆକଣ୍ଠ ଉପଭୋଗ କରିବାକୁ ।

ସୁମନ୍ତ ପାଗଳ ହେଲା । ବିବାହର ମୋଟେ ଦିନ କେଇଟା ନ ଯାଉଣୁ

ସୁମନ୍ତ ବାଇଆଣୀ ହୋଇ ଆସି ଦୁଆର ମୁହଁରେ ବସିଲା । କିଂତୁ ସନ୍ତୋଷକୁମାର ତା'ଆଡ଼କୁ ଥରଟିଏ ପାଇଁ ତ ଚାହିଁଲେ ନାହିଁ । ହାତଧରି ଯାହାକୁ ବିବାହ କରିଥିଲେ—ଚନ୍ଦ୍ର, ସୂର୍ଯ୍ୟ, ଅଗ୍ନି, ବରୁଣଙ୍କୁ ସାକ୍ଷୀ ରଖି ଯାହାକୁ ଆଜୀବନ-ସଙ୍ଗିନୀ କରି ବରି ନେଇଥିଲେ, ତା'ର ଭଲମନ୍ଦ, ଦୁଃଖଦୈନ୍ୟ ଦିନେହେଲେ ତ ସେ ବୁଝିଲେ ନାହିଁ । ଦଶ ଦୋଷ କ୍ଷମା ଦେବେ ବୋଲି ବେଦୀ-ଉପରେ ନିୟମ କରିଥିଲେ ଅଥଚ ଆଜିର ଏହି ପହିଲି ଜୀବନର ପହିଲି ଦୋଷଟି ସେ କ୍ଷମା ଦେଲେ ନାହିଁ । ନିଷ୍ଠୁର ତାଙ୍କର ପ୍ରାଣ, ନିର୍ମମ ତାଙ୍କର ହୃଦୟ—ଥରେହେଲେ ସେ ଚେଷ୍ଟା କଲେନି ତା'କୁ ବୁଝିବାକୁ, ଥରେହେଲେ ସେ ଭାବିଲେ ନି ତା' ଛାତି ଭିତରେ କେଉଁ ଚିନ୍ତାର ଚିତା ଜଳୁଛି । ଦୁନିଆ ଉପରେ ଅଭିମାନ କରି ସୁମନ୍ତ ଝରି ପଡ଼ୁଥିଲା—ଅଥଚ ସେ ସ୍ୱାମୀ ହୋଇ ତା'କୁ ଟିକିଏ ହେଲେ ଧରି ରଖି ପାରିଲେନି । ଅମଡ଼ା ବାଟେନ୍ତୁ ଫେରାଇ ଆଣିବା ତେଣିକି ଥାଉ ଓଲଟି ସେ ତା'କୁ ନେଇ ଠିଆ କରାଇଦେଲେ ମଝିଦାଣ୍ଡରେ । ଉଦୁଉଦିଆ ଦି'ପହର—ଖଇଫୁଟା ବାଲି—ତା'ରି ଉପରେ ସାରା ଜୀବନର ସାଥୀଟିକୁ ଏକୁଟିଆ ଛାଡ଼ିଦେଇ ସେ ଚାଲିଆସିଲେ । ସୁଖର ସାଥୀ ସେ—ଦୁଃଖ ବେଳେ କାହିଁକି ରହନ୍ତେ ? ସ୍ୱାର୍ଥପର ମଣିଷ —ସ୍ୱାର୍ଥ ନ ଥିଲେ କାହିଁକି ସିଏ ସେ ଆଡ଼କୁ ଆଉ ଆଖିରେ ଅନେଇବ ?

ବାଇଆଣୀ ସୁମନ୍ତକୁ ବାଟକଡ଼ରେ ବସେଇ ଦେଇ ସନ୍ତୋଷକୁମାର ଚାଲିଗଲେ—ଚାଲିଗଲେ ଜୀବନକୁ ପୂର୍ଣ୍ଣ ଉପଭୋଗ କରିବାପାଇଁ ଆଉ ଗୋଟିଏ ସାଥୀ ଖୋଜିବାକୁ । ନାରୀ ଯାହାଙ୍କ ପାଖରେ ଖାଲି ଗୋଟାଏ ବିଳାସର ସାମଗ୍ରୀ—ରାତିର ଭୋଗ୍ୟ—ସେଠି ଭଲ ପାଇବାର ଆକର୍ଷଣ ନ ଥାଏ, ସ୍ନେହ ପ୍ରେମର ନିଗଡ଼

—କ୍ରମଶ—

ବନ୍ଧନ ନ ଥାଏ । ସେମାନେ ମନ ଖୁନ୍ଦାନ୍ତି ନାହିଁ—ସେମାନେ ଦେହ ଖୁନ୍ଦାନ୍ତି ; ମଣିଷର ସ୍ନେହସରାଗ ତାଙ୍କଠି ନ ଥାଏ—ପଶୁର କାମ-ପ୍ରବୃତ୍ତି ତାଙ୍କଠି ଥାଏ । ତେଣୁ ଯୋଉଦିନ ସୁମନ୍ତଙ୍କ ଚିରଦିନ ପାଇଁ ଦୁଃଖ ଦରିଆ ମଝିକି ଠେଲି ଦେଇ ସନ୍ତୋଷକୁମାର ସ୍ଥିର କଲେ ସ୍ୱର୍ଣ୍ଣଲତାଙ୍କ ହାତ ଧରି ଘରକୁ ଆଣିବାକୁ, ସେଦିନ ଭୁଲରେ ହେଲେ ବି ତାଙ୍କ ଛାତି ଥରି ଉଠିନଥିଲା—ଆଖିରୁ ଲୁହ ଝରିବା ତ ଦୂରର କଥା ।

ସୁମନ୍ତ ସବୁ ଶୁଣିଲା, କିନ୍ତୁ କିଛି ବୁଝି ପାରିଲା ନାହିଁ । ବହୁଦିନରୁ ତା'ର ମତିଭ୍ରମ ହୋଇଛି । କୌଣସି କଥା ବୁଝିବା ଅବସ୍ଥାରେ ସେ ଆଉ ନାହିଁ । ସେ ତା'ର ମନଆନନ୍ଦରେ କଂସା ବାଡ଼େଇ ଗୀତ ଗାଇ ଚାଲିଛି—

ପିଂଜରି ପିଂଜା ନଚି—
ଧାନକୁଟା ପାଣିବୁହା ବିଷମ ପାଇଟିରେ
ପିଂଜରି ପିଂଜା ।

ଦେଉଳଶୂରି ବିନୟକୁମାର ମେଦିନୀପୁର କଲେଜରେ ସିନିୟର ଇକନମିକ୍ସ ପ୍ରଫେସର । କାରରୁ ଓହ୍ଲାଇ ସେ ଘର ଭିତରକୁ ପଶି ଆସୁଥିଲେ । ସୁମନ୍ତର ଆଖି ପଡ଼ିଲା ତାଙ୍କ ଉପରେ । ହଠାତ୍ ଗୀତ ବନ୍ଦ କରି ସେ ଦୌଡ଼ି ଯାଇଁ ତାଙ୍କୁ ଧରି ପକାଇଲା ଆଉ ତେଲୁଗୁରେ ଆରମ୍ଭ କଲା—"ରଣ୍ଡି ରଣ୍ଡି କୁଟୁଚଣ୍ଡି"—ଘର ଲୋକେ କରକର ହୋଇ ହସି ଉଠିଲେ । ଘୃଣାରେ ହାତ ଛୁଡ଼ାଇ ବିନୟକୁମାର କହିଉଠିଲେ—Idiot ।

ପଡ଼ ଯାଇଁ ଯାଇଁ ସୁମନ୍ତ ଦୁଆରବନ୍ଧକୁ ଧରି ଅଟକିଗଲା । ଦୁଃଖ ନାହିଁ ଶୋଚନା ନାହିଁ । ସ୍ୱର ଧରି ପୁଣି ଆରମ୍ଭ କଲା—

—ସମାପ୍ତ—

ଦୁଙ୍କାମାଟି ଦୁକୁ ଦୁକୁ

କଏ ନେଇଗଲା ସୁନାଫୁଲକୁ ମୋ ତଳମାଳ ଗାଈଜକୁ !

ସନ୍ତୋଷକୁମାର ଦେଖିଲେ ତା' ଅତ୍ୟାଚାର ଆଉ ସହ୍ୟ ହେବ ନାହିଁ । ଭଦ୍ରଲୋକର ଘରେ ଏଭଳି ଅଭଦ୍ର, ଅଶିଷ୍ଟ, ଅନାର୍ଯ୍ୟଙ୍କ ଭଳି ବ୍ୟବହାର କଲେ ବାହାର ଲୋକେ ଦେଖି କ'ଣ ଭାବବେ ? ଶେଷକୁ ତାଙ୍କର ଜମିଦାର ଘରର ସାତପୁରୁଷି ଖାନ୍‌ଦାନ ଯାଇଁ ଦାଣ୍ଡଘାଟରେ ପଡ଼ିବ ସିନା । ପୁଣି ଆଉ ଦିନ କେଇଟା ପରେ ଯେତେବେଳେ ଶତ ଇନ୍ଦ୍ରଧନୁର ରଙ୍ଗ ହାବେଳୀ ଛୁଟାଇ ତାଙ୍କ ଘରେ ଆସି ପାଦ ଦେବ କନକ ଗୋର ସ୍ୱର୍ଣ୍ଣଲତା, ସେତେବେଳେ ସେ ଏହି କମ୍ଭୁତ କମ୍ଭାକାର ଜୀବଟିକୁ ଦେଖି କ'ଣ ମନେ କରିବ ? ଛି, ଛି, ମଣିଷର ମାନମହତ ଯିବ । ସେହି ଭଦ୍ରପରିବାରର ସୁରୁଚିସମ୍ପନ୍ନା, ଉଚ୍ଚଶିକ୍ଷିତା ଆଧୁନିକା ଏହି ଜଙ୍ଗଲର ଜାନୁଆରଟାକୁ ଦେଖିଲେ ମନେ ମନେ ସନ୍ତୋଷ-କୁମାରଙ୍କୁ କେତେ ଶ୍ରେଷ୍ଠ ବୋଲି ନ ଭାବବଟି ? ନା, ନା ତା' ଆଗରୁ ଏହାର ଗୋଟାଏ କିଛି ପ୍ରତିକାର କରିବାକୁ ହେବ ।.....
ସେ ସଙ୍ଗେ ସଙ୍ଗେ ଏକସ୍‌ପ୍ରେସ୍ ଟେଲିଗ୍ରାମଟିଏ ପଠାଇଲେ ବାଲେଶ୍ୱର ।

ସଦାନନ୍ଦ ବାବୁଙ୍କୁ ଦେଖି ସୁମତି କାନ୍ଦିଲା ନାହିଁ । ବରଂ ସୁମତିକି ଦେଖି ସଦାନନ୍ଦ ବାବୁ ପିଲାଙ୍କ ଭଳି କଇଁ କଇଁ ହୋଇ କାନ୍ଦି ଉଠିଲେ । ଗୁହ୍ଲି ବହୁଲ କାଶି । ଗୋରା ଦେହ ତା'ର ଶୁଖି କଳାକାଠ ପଡ଼ିଗଲାଣି ଅଞ୍ଜଳିଗାଟି ମାଟିଗୋବର କନାଠୁ ବଳେ । ମୁଣ୍ଡବାଳରେ କୋଉ କାଳୁ ତେଲ ଟିକିଏ ବାଜିନି—ଫୁରୁ ଫୁରୁ ହୋଇ ମୁହଁ ଉପରେ ଆସି ଉଡ଼ି ବୁଲୁଛି । ମଳିଜଳ ଭଳି ମୁହଁଟି ଶେତା—ହଇଜା ରୋଗୀଙ୍କ ଭଳି ଆଖିଯୋଡ଼ିକ କୋରଡ଼—ଭିତ

—ଅଦ୍ଭୁତ—

ାଡ଼ ପଦାକୁ ବାହାର ପଡ଼ ଭୟଙ୍କର ଦ୍ରଶନଶ । ପଚପଙ୍ଗ ଚହେର—ଫୁଙ୍କି ଦେଲେ ଠେଲ ପଡ଼ିବ—ଅଥଚ ସେଇଥିରେ ସେ କେତେବେଳେ ହସୁଛି, କେତେବେଳେ କାନ୍ଦୁଛି, କେତେବେଳେ ାଙ୍କାର କର ଆକାଶ ଫଟଉଛି ।

ସଦାନନ୍ଦ ବାବୁ ମୁଣ୍ଡରେ ହାତ ଦେଇ ଘଡ଼ଏ କାଳ ଥକା ାର ବସିଗଲେ । ସୁମନ୍ତର କନ୍ତୁ ସେଆଡ଼କୁ ନଘା ନାହିଁ । ଦାଦାଙ୍କୁ ଚହ୍ନି ପାରୁନ, କହିବ ବା କ'ଣ ? ପଡ଼ଶାଘର ଝିଅଟିଏ ାଣରେ ଗୃଲ ଯାଉଥିଲ—ଦଉଡ଼ଯାଇଁ ତା'କୁ ଧର ପକାଇ ହଲ—"ଆଲୋ ହେ ହେ, ହାଣ୍ଡି ଧୋଇଲ, ପାଣି ଆଣିଲ, ୁଚୁଙ୍କା ଗାଲକୁ ଟାଣି ଆଣିଲ" । ଝିଅଟି ଡରମର ଗୁଟିପିଟି ାଇ ପଳେଇଗଲା । ଦୋମହାଲା ଉପରୁ ଦେଡ଼ଶୂର ଡାକ ୁଡ଼ଲେ—"କିଏ ଅଛରେ, ସେଇ ବାଇଆଣୀଟାକୁ ଗୋଟାଏ ଉଡ଼ ଆଣି ବାନ୍ଧ ପକା ତ—ଦାଣ୍ଡଲୋକଙ୍କୁ ଚଳେଇ ବୁଲେଇ ଉନ ।" ସଦାନନ୍ଦ ବାବୁ ତଳକୁ ମୁଣ୍ଡ ପୋତି ବସି ବସି କ'ଣ ାବୁଥିଲେ କେଜାଣି, ସୁମନ୍ତ କନ୍ତୁ ଦେଡ଼ଶୂରଙ୍କ କଥା ଶୁଣି ଠୋ ଠୋ ହସି ଉଠିଲା ।

ଆଉ ସେଠି ମୁହୂର୍ତ୍ତେ ରହିବାକୁ ସଦାନନ୍ଦ ବାବୁଙ୍କର ଛା ହେଲନ । ଗୋଡ଼ ଧୋଇ ନାହାନ୍ତି, ପାନ ଖାଇ ନାହାନ୍ତି ସେମିତି ହାତ-ବ୍ୟାଗ୍‌ଟି ହାତରେ ଧର ଆର ହାତରେ ସୁମନ୍ତକୁ ଧର ଫେର ଆସିଛନ୍ତି ବାଲେଶ୍ୱର । "ମନ୍ତ୍ର ଖୋଜୁଥିଲା ଯାହା ଇଦ ବତେଇଲ ସେଇଆ"—ସୁତରାଂ ତା'ଙ୍କୁ ସେଠି କେହି ଦେହେଲେ ରାମ କ ବସ୍ତ୍ର ପାଠି ଫିଟେଇ ନାହାନ୍ତି ।

ତାଙ୍କ ଆସିବାର ମୋଟେ ଆଠଟି ଦିନ ପରେ—ମଧ୍ୟ ମାରୋହରେ ସନ୍ତୋଷକୁମାରଙ୍କର ବିବାହ ହୋଇଗ କଲକତାର ପୋଷ୍ଟ-ଗ୍ରାଜୁଏଟ ଛାତ୍ରୀ ସ୍ୱର୍ଣ୍ଣଲତା ଦେବୀଙ୍କ ସଙ୍ଗେ ।

—ଅଣାଅଣୀ—

ମଂଜୁଷା—ଓଡ଼ିଶା ଭିତରେ ଲୁହେଁ ଓଡ଼ିଶା ବାହାରେ ଏକ ଓଡ଼ିଆ-ବହୁଳ ବିରାଟ ଜନବସତି । ସମସ୍ତେ ଓଡ଼ିଆ, ସମସ୍ତଙ୍କ ଘରେ ଓଡ଼ିଆ ସଂସ୍କୃତି, ଓଡ଼ିଆ ପରଂପରା ପୂରି ରହିଛି । ଅଥଚ ଓଡ଼ିଆ ଭାଷା କେହି ଜାଣନ୍ତି ନାହିଁ—ଓଡ଼ିଆ ଗୌରବରେ କେହି ଆପଣାକୁ ଗୌରବାନ୍ୱିତ ମଣନ୍ତି ନାହିଁ । ଏମାନେ ଜାଣନ୍ତି ନାହିଁ ଯେ ଓଡ଼ିଆର ବିଜୟ କେତନ ଉଡ଼ାଇ ରାୟ ରାମାନନ୍ଦ ଯେତେ-ବେଳେ ଗୋଦାବରୀ ଯାଏ ଜୟ କରି ଯାଇଥିଲେ, ସେତେବେଳେ ସେହି ଆଣି ଏଇ ଅଂଚଳମାନଙ୍କରେ ଓଡ଼ିଆ କରଣ, ଓଡ଼ିଆ ପାଇକ, ଓଡ଼ିଆ ଖଣ୍ଡାୟତମାନଙ୍କୁ ରଖାଇଥିଲେ ଏବଂ ଏମାନେ ସେହି ଓଡ଼ିଆମାନଙ୍କର ବଂଶଧର । ଏମାନେ ବୁଝନ୍ତି ନାହିଁ ଯେ କାଞ୍ଚି ଅଭିଯାନ ବେଳେ ଯୋଉ ନନ୍ଦପୁରର ମହାରାଜା ପୁରୁଷୋତ୍ତମ ଦେବଙ୍କୁ ସାହାଯ୍ୟ କରିଥିଲେ, ଯୋଉ ମାଣିକ ଗଉଡୁଣୀ ଶ୍ରୀଜଗନ୍ନାଥଙ୍କୁ ଦହି ବିକିଥିଲେ ଆଉ ଯେଉଁ ଦୁର୍ଦ୍ଧର୍ଷ ଦାକ୍ଷିଣାତ୍ୟ ସେନା କାଞ୍ଚି ବିରୁଦ୍ଧରେ ଉତ୍କଳ ପକ୍ଷରୁ ଅସ୍ତ୍ର ଧରିଥିଲେ ସେମାନେ ସମସ୍ତେ ଓଡ଼ିଆ, ସେମାନେ ସମସ୍ତେ ଏମାନଙ୍କର ପୂର୍ବପୁରୁଷ । ସେହି ବିରାଟ, ବିଶାଳ, ଗରିମାମୟ ଓଡ଼ିଆ ଜାତିର ଏମାନେ ପୁଅ, ନାତି, ଅଣନାତି, ପଣନାତି, ପ୍ରପଣନାତି ।

ଭୁଲିଗଲେଣି—ଭୁଲିଗଲେଣି ଏମାନେ ଇତିହାସ, ଭୁଲି ଗଲେଣି ଏମାନେ ଜାତୀୟତା, ଭୁଲିଗଲେଣି ଓଡ଼ିଆ ଭାଷା । ପଡ଼ୋଶୀ ପ୍ରଦେଶର ନାନାବିଧ କୂଟ, କପଟ, ଚକ୍ରାନ୍ତ, ଷଡ଼ଯନ୍ତ୍ର ଭିତରେ ମୁହୁର୍ମୁହୁଃ ଚପି ହୋଇ ଏମାନଙ୍କର ପ୍ରାଣ ଉଡ଼ିଗଲଣି । ଓଡ଼ିଆ ଭୁଲି ସମସ୍ତେ କହିଲେଣି ତେଲୁଗୁ ; ଦାସ, ପଟ୍ଟନାୟକ

ମହାନ୍ତି, ମହାପାତ୍ର ଗୁଡ଼ ସମସ୍ତେ ବୋଲେଇଲେଣି ରାଓ, ସ୍ୱାମୀ, ମୂର୍ତ୍ତି, ନାଇଡ଼ୁ ।

ଏଇମାନଙ୍କ ଭିତରେ ଆସି କର୍ମକେନ୍ଦ୍ର ଖୋଲିଛି ସାଗର । ସହରରେ ନୁହେଁ ସହରଠାରୁ ବହୁଦୂରରେ—ଏକ ନଗଣ୍ୟ ମଫସଲ ଅଞ୍ଚଳରେ । ଭାଇଜାଗରେ ପଢୁଥିବାବେଳେ ସେ ତେଲୁଗୁ ଶିଖିଥିଲା । ତେଣୁ ତା'କୁ ବିଶେଷ କଷ୍ଟ ଅସୁବିଧା ହେଇନି । ···ଗାଁ ଲୋକଙ୍କଠୁ ମାଗିଯାଚି ଗାଁ ମୁଣ୍ଡରେ ଟ୍ରେଟିଆ ଖୁଲିଆ ଖଣ୍ଡିଏ ତୋଳିଛି ଆଉ ଗୋଟିଏ ଦୋ'ଟି ଭଙ୍ଗାଚୁଟା ଆଲମାରି ଯୋଗାଡ଼ କରି ସେଇଠି ପହିଲେ ଆରମ୍ଭ କରିଛି ତା' ଡାକ୍ତରୀ ବ୍ୟବସାୟ । ଏକା ସେହି ଗାଁ ନୁହେଁ ଆଖପାଖ ପଚିଶ ଖଣ୍ଡ ମଉଜାରେ କେହି ଜଣେହେଲେ ଡାକ୍ତର ନ ଥିଲେ । ରୋଗ ବଇରାଗରେ ଲୋକେ ଔଷଧ ବୁନ୍ଦାଏ ନ ପାଇ ପୋକମାଛି ଭଳି ଦିନ ଦି'ପହରେ ମରି ଶୋଉଥିଲେ । ସୁତରାଂ ସାଗରକୁ ଦେଖି ଏମାନେ ସତେ ଯେମିତି କୋଟିନିଧି ପାଇଲେ । ବିଶେଷତଃ ସାଗରର ସ୍ନେହ ସରଳ, ହସହସ ବ୍ୟବହାର ମୋଟେ ଦିନ କେଇଟା ଭିତରେ ସମସ୍ତଙ୍କୁ ଆପଣା ଆଡ଼କୁ ଟାଣିଆଣିଲା । ପହିଲେ ପହିଲେ ସମସ୍ତଙ୍କଠୁ ସେ ପଇସା ନେଉଥିଲା, କିନ୍ତୁ ପରେ ଅବସ୍ଥା ଟିକିଏ ଭଲ ହୋଇ ଆସିବାରୁ ଗରିବଗୁରୁବା, ଦୁଃଖୀ ନିଆଶ୍ରାଙ୍କ ଠାରୁ ସେ ଆଉ ଅଧଲାଟିଏ ଛୁଇଁ ନାହିଁ । ହେଲେ ଧନୀ ଦରିଦ୍ର, ପାଠୁଆ ମୂର୍ଖ, ସକ୍ଷମ ଅକ୍ଷମ—ସଭିଙ୍କ ପ୍ରତି ସେ ସମାନ ବ୍ୟବହାର କରେ—ସଭିଙ୍କି ମନପ୍ରାଣ ଲଗାଇ ସମାନ ଔଷଧ, ସମାନ ଇଞ୍ଜେକସନ୍ ଦେଇ ଚିକିତ୍ସା କରେ । ପୁଂଜିପତି ବଡ଼ଲୋକର ପୁଅ ତା'ଠାରୁ ଯେଉଁ ଆଦରଯତ୍ନ ପାଏ, ବାଟକଡ଼ର ଭିକମଗା ଛତରଖିଆ ଠିକ୍ ସେଇ ଆଦର ଯତ୍ନ ପାଏ—ସେଇ ସ୍ନେହ ସହାନୁଭୂତି ପାଏ ।

—ଏକାଅଶୀ—

ନିଜେ ଖୁବ୍ ସରଳଭାବରେ ଚଳେ । ଆଦର୍ଶ ତା'ର ଗାନ୍ଧିଜୀ, ଆଦର୍ଶ ତା'ର ଗୋପବନ୍ଧୁ । ସୁତରାଂ ସୁଟ୍, ନେକ୍ଟାଇ ପିନ୍ଧିବା ପ୍ରଶ୍ନ ତା'ପାଖରେ ମୋଟେ ଉଠୁନି । ଆଠହାତିଆ ଖଣ୍ଡିଏ ମୋଟା ଲୁଗା ଉପରେ ଗୋଟିଏ ସ୍ଲେଟ ଚଦର—ସେଇ ତା'ର ନିତ୍ୟ ବ୍ୟବହାର୍ଯ୍ୟ ବସ୍ତ୍ର । ଆଜକାଲିକାର ଡାକ୍ତରମାନେ ଯେମିତି ସୁଟ୍, ନେକ୍ଟାଇ, ଜୋତା, ମୋଜା ନ ହେଲେ ବାହାରକୁ ବାହାରନ୍ତି ନାହିଁ—ଶିକ୍ଷିତ ଲୋକେ ଯେମିତି ଆଜକାଲି ଚଳନ୍ତି ପୋଷାକରେ ଆପାଦମସ୍ତକ ଘୋଡ଼ାଇ ନ ହେଲେ ଆପଣାର ଆଭିଜାତ୍ୟ କ୍ଷୁର୍ଣ୍ଣ ହେଲା ବୋଲି ମନେକରନ୍ତି, ସାଗର କେବେହେଲେ ଜୀବନରେ ସେଭଳି ଭାବେ ନାହିଁ । ବରଂ ସେ କହେ ମୂର୍ଖ ଜନସାଧାରଣଙ୍କୁ ଶୋଷଣ କରିବାପାଇଁ ଏ ଗୋଟାଏ ନୂଆ କୌଶଳ—ଦେଶର ଲକ୍ଷଲକ୍ଷ କୋଟିକୋଟି ମଲା ଦରମଲା ଦୁଃଖୀମୂଲିଆଙ୍କୁ ଆଖି ଦେଖେଇ, ଚମକ ଖେଳି ସେମାନଙ୍କ ଭୋକିଲା ତୁଣ୍ଡରୁ ଆହାର ଛଡ଼େଇ ଆଣିବା ପାଇଁ ଏ ଗୋଟାଏ ନୂଆ ଫନ୍ଦି । ସାଗର ଏହି ମଣିଷଖିଆ ପାଠୁଆ ମଣିଷଙ୍କୁ ଦୂରରୁ ଦେଖିଲେ ଜୁହାର କରେ—ପାଖ ନ ମାଡ଼ି ବାଟ ଭାଙ୍ଗି ଚାଲିଯାଏ । ··· ସ୍ନୋ, ପାଉଡ଼ର ବା ଆଉ ଆଉ ଭୋଗବିଳାସ ତ ଦୂରର କଥା, ଏତେଦିନ ସ୍କୁଲ କଲେଜରେ ପଢ଼ି ବି ସେ ସିଗାରେଟ ପର୍ଯ୍ୟନ୍ତ ଖାଏନା—ଚା, କଫିର ଧାର ଧାରେନା । ପେଟକୁ ମୁଠିଏ ମୋଟା ବରଡ଼ା ଭାତ ଆଉ ଦେହକୁ ଖଣ୍ଡିଏ ଘାଇତାଇ କନା — ଏତିକ କେବଳ ତା' ନିଜ ପାଇଁ ଲୋଡ଼ା । ପାଖରେ ଯେତେ ଧନ ଦଉଲତ ଥିଲେ ବି ସେ ଆଉ ଅଧଲାଟିଏ ଏଥିରୁ ବେଶୀ ଖରଚ କରେ ନା । କାରଣ ସେ ଜାଣେ, ଏତିକ ବି ସମସ୍ତଙ୍କୁ ମିଳେନା । କେତେଜଣ ମୁଷ୍ଟିମେୟ ଜମିଦାର, ମହାଜନ, ପୁଂଜିପତିଙ୍କୁ ଛାଡ଼ିଦେଲେ ଭାରତର ଜନସାଧାରଣ ଜୀବନ ଧାରଣ ପାଇଁ ଏତିକ ବି

ପା'ନ୍ତି ନାହିଁ । ତେଣୁ ଏଥିରୁ ଆଉ ଛଦାମଟିଏ ବେଶୀ ଖରଚ କରିବାର ଅଧିକା'ର ତା'ର ନାହିଁ ।

ଦିନରାତି ପରିଶ୍ରମ କରି ସାଧୁ ସଚ୍ଚୋଟ ଭାବରେ ଲୋକଙ୍କ ସେବା କରିବା ପରେ ଯାହା କିଛି ପାଏ, ସେଥିରୁ ମାସକୁମାସ ମା' କୁଡ଼ୀର ଖର୍ଚ୍ଚ ପାଇଁ କିଛି ପଠାଇ ଦେଇ ଅବଶିଷ୍ଟ ସମସ୍ତ ଧନ ସେ ସେଇଠି ବିଞ୍ଚିଦିଏ—ଲୋକସାଧାରଣଙ୍କ ହିତ ପାଇଁ ସେଇ ଗାଁରେ ଦିନକୁଦିନ ନୂଆ ନୂଆ ଅନୁଷ୍ଠାନ ଗଢ଼େ । ...... ଛୋଟିଆ ଗୁଳଆଟିକି ନଗେଇ ସେ ପହିଲେ ଗଢ଼ିଲା ଲମ୍ବାଲମ୍ବା ଦି'ଧାଡ଼ି ମାଟିଘର । କଣାକୁଜା, ଅନ୍ଧଛୋଟା, କୋଢ଼ିଆଖଣ୍ଡି ଆ— ଯାହାଙ୍କର କେହି ସାହା ଭରସା ନାହିଁ, ଯିଏ ପେଟ ବିଖଣ୍ଡକ ପାଇଁ ରାସ୍ତାକଡ଼ର ପଚା ନର୍ଦ୍ଦମାରେ ଆଣ୍ଠେଇ ପଡ଼ି ବୁଲା କୁକୁର ସାଙ୍ଗରେ କଳି କରି ଧଳା ଭାତ କେଇଟି ଗୋଟେଇ ଖା'ନ୍ତି, ସେହିମାନଙ୍କୁ ଆଣି ଆଶ୍ରା ଦେଲା ସେଥିରେ । କୁଷ୍ଠ ରୋଗୀମାନଙ୍କୁ ଅଲଗା ରଖି ଚିକିତ୍ସା କଲା; ପାରିଲା ଲୋକଙ୍କୁ ବାଡ଼ିବଗିଚା କରି ଦେଇ ଆଠକାଳି ବାରମାସି ଶାଗ, ମୁଗ, ପନପରିବା ଚାଷରେ ଲଗାଇ ଦେଲା ଆଉ ନପାରିଲା ଲୋକଙ୍କୁ ସୂତାକାଟିବା, କୁକୁଡ଼ା ପାଳିବା, ଟୋକେଇ ବୁଣିବା ବା ଦଉଡ଼ି ବଳିବା ପ୍ରଭୃତି ଛୋଟ ଛୋଟ କାମରେ ଖଞ୍ଜି ଦେଇ ପେଟ ପୋଷିବାର ଉପାୟ କରି ଦେଲା । ସମସ୍ତେ କରିବେ, ଖାଇବେ । ସେମାନଙ୍କ ପାଇଁ ସାଗରକୁ ବେଶୀ କିଛି ଭାବିବାକୁ ହେବ ନାହିଁ କି ପୁଣି ସେହି ବଡ଼ଲୋକର ଦୁଆରେ ଗୋଡ଼ଭାଙ୍ଗି ଦାନ୍ତ ନିକୁଟି ସେମାନଙ୍କ ପାଇଁ ଆଠଣା ଟଙ୍କାଏ ଭିକ୍ଷା ମାଗିବାକୁ ହେବ ନାହିଁ ।

ଅନାଥଗୁଡ଼ିକୁ ଅଳପେ ବହୁତେ ସ୍ୱାବଲମ୍ବୀ କରିଦେଇ ସେ ଦୃଷ୍ଟି ଦେଲା ତା' ଅସଲ ଲକ୍ଷ୍ୟ ଆଡ଼କୁ । ଆଖପାଖ ସବୁ

ମଉଜାରୁ ମୁଖିଆ ମୁଖିଆ ଲୋକଙ୍କୁ ଡକେଇଲା । ସମସ୍ତେ ତ ତା'ଙ୍କୁ ଗୁରୁଭଳି ମାନନ୍ତି—ପୁଅ ଭଳି ସ୍ନେହ କରନ୍ତି । ତା' କଥା ଶୁଣି ନ ଆସିବ ବା କିଏ ? ଟୋକାବୁଢ଼ା, ମୁରବି ମାମଲତକାର —ସଭିଏଁ ଆସି ସଜ ନ ହେଉଣୁ ଗୁହାଳଘରଟି ଆଗରେ ରୁଣ୍ଡ ହେଲେ । ବେକରେ ଗୁଦର ଗୁଡ଼େଇ ସମସ୍ତଙ୍କୁ ଆଗେ ପ୍ରଣାମ କରି ଅତି ବିମାତ ଭାବରେ ସାଗର କହିଲା—"ଭାଇମାନେ ! ବହୁଦିନୁ ଏହି ପଡ଼ୋଶୀ ପ୍ରଦେଶରେ ରହିଯାଇଁ ସେମାନଙ୍କ ଭାଷା ସେମାନଙ୍କ ଚାଲିଚଳନ ସବୁତମାତ ଶିଖି ଆପଣମାନେ ବୋଧେ ଭୁଲିଗଲେଣି ଯେ ଆପଣମାନେ ସମସ୍ତେ ଓଡ଼ିଆ— ସମସ୍ତଙ୍କର ମାତୃଭାଷା ଓଡ଼ିଆ । ପଛକୁ ଫେରି ଚାହାଁନ୍ତୁ—ଶ' ଶନ ପୁରୁଷ ତଳେ ଆପଣମାନଙ୍କ ସା'ନ୍ତବାପା, ଗୋସବାପା ସମସ୍ତେ ଓଡ଼ିଆ କହୁଥିଲେ, ସମସ୍ତେ ପୂରାପୂରି ଖାଣ୍ଟି ଓଡ଼ିଆ ଥିଲେ । ହୁଏତ ଆପଣଙ୍କ ଗୋସବାପାଙ୍କ ନାଁ ଥିଲା ଭିକାରୀ ଚରଣ ପଟ୍ଟନାୟକ । ସା'ନ୍ତ ବାପାଙ୍କ ନାଁ ହେଲା ଭି. ଦାଶରଥି ପଟ୍ଟନାୟକ । ବାପାଙ୍କ ନାଁ ହେଲା ପି. ଭି. ରାଓ ( ଅର୍ଥାତ୍ ପଟ୍ଟନାୟକଲୁ ଭେଙ୍କଟେଶ୍ୱର ରାଓ) ଆଉ ଶେଷରେ ଆପଣଙ୍କ ନାଁ ହେଲା ଭି ନାରାୟଣ ମୂର୍ତ୍ତି । ଓଡ଼ିଆର ନାମଗନ୍ଧ ରହିଲା ନାହିଁ—ପୂରାପୂରି ହୋଇଗଲା ଆନ୍ଧ୍ର । ଜଣେ ଅଧେ ନୁହେଁ, ସମସ୍ତଙ୍କ ନାଁ ଏମିତି ବଂଶାନୁକ୍ରମେ ବଦଳି ଯାଇଛି । ଅନୁସନ୍ଧାନ କଲେ ଦେଖିବେ, ସମସ୍ତଙ୍କ ପୂର୍ବପୁରୁଷ ଓଡ଼ିଆ—ସମସ୍ତଙ୍କ ପଛରେ ଏମିତି ଗୋଟିଏ ଗୋଟିଏ ଇତିହାସ ରହିଛି । ପୁଣି ଦେଖନ୍ତୁ—ଆପଣମାନେ ପଡ଼ୋଶୀ ପ୍ରଦେଶର ସଂସର୍ଗରେ ଆସି ଓଡ଼ିଆ ଭାଷାକୁ ଭୁଲି ଯାଇଛନ୍ତି ସିନା, ଓଡ଼ିଆ ସଂସ୍କୃତିକୁ କଂରୁ ଆଜିଯାଏ ଛାଡ଼ି ପାରିନାହାନ୍ତି । ଆଜି ବି ଆପଣମାନଙ୍କ ଠାକୁରଘରେ ଓଡ଼ିଆ ଭାଗବତ, ଓଡ଼ିଆ ପୋଥି-ପୁରାଣ ଥୁଆ ହୋଇ ଫୁଲ ଚନ୍ଦନ ଦିଆହୋଇ ପୂଜା ହେଉଛି ;

ଆଜ ବି ଆପଣମାନଙ୍କ କାନ୍ଥରେ ଓଡ଼ିଆ ପାଇକର ଶାଣିତ ତରବାରୀ ଗର୍ବ ଗୌରବରେ ମଥା ଟେକି ଜାଜ୍ଜ୍ୱଲ୍ୟମାନ ହୋଇ ରହିଛି । କୁହନ୍ତୁ—ଆପଣମାନେ ସେହି ଐତିହାସିକ, ଗରିମାମୟ ଓଡ଼ିଆ ଜାତିର ବଂଶଧର ବୋଲି ନିଜକୁ ପରିଚୟ ଦେବେ ନା ନିଜର ମା'କୁ ଭୁଲି, ନିଜର ବାପ ଗୋସାପଙ୍କ ସ୍ମୃତିରେ ଗୋଇଠା ମାରି ତେଲୁଗୁ ବୋଲି ଗର୍ବ କରିବେ ? ସ୍ଥିର କରନ୍ତୁ—ଆପଣମାନେ ମାତୃଭାଷା କହି ମାତୃଭୂମିକୁ ଫେରିଯାଇଁ ଆପଣା ଆପଣା ଭାଇ-ମାନଙ୍କ ସାଙ୍ଗରେ ସୁଖଶାନ୍ତିରେ ରହିବେ ନା ଏହି ପଡ଼ୋଶୀ ଭାଇମାନଙ୍କ ଘୃଣା, ତାଚ୍ଛିଲ୍ୟ, ଲାଞ୍ଛନା, ଅବମାନନା ସହିସହି ଚିରଦିନ ଏଇ ସାବତମା' କୋଳରେ ପଡ଼ି ରହିଥିବେ ?......"

କଥା ନ ସରୁଣୁ ସତୁରି ବରଷର ବୁଢ଼ାଟିଏ ପଛରୁ ଉଠି କହିଲା—"ନାହିଁ ବାପା ! ଆମେ ଓଡ଼ିଆ—ଆମେ ଓଡ଼ିଶାକୁ ଫେରି ଯିବାକୁ ଚାହୁଁ ।" ତା'ପରେ ସମସ୍ତେ ଏକସ୍ୱରରେ କହିଉଠିଲେ— "ଆମେ ମାତୃଭୂମିକୁ ଫେରିଯିବୁ—ଆମେ ମାତୃଭାଷାକୁ ଆଦର କରିବୁ ।" ଅବଶ୍ୟ ଜଣେ ଦି'ଜଣ ଟୋକାଟାକଲା ପେ ହୋଇ ପ୍ରତିବାଦ କରିବାକୁ ଆଗଭର ହୋଇ ନ ଥିଲେ, ଏପର ମୁହଁ—ହେଲେ ମୁରବିମାନେ ସେମାନଙ୍କୁ ସବୁକଥା ଆମୂଳଚୂଳ ବୁଝେଇ ଦେଲାପରେ ସମସ୍ତେ ଚୁପ୍‌ଚାପ୍ ରହିଗଲେ ।......

କିନ୍ତୁ ମାନ୍ଦ୍ରାଜ ସରକାର ତ ସ୍କୁଲ କରିସାରୁ ଓଡ଼ିଆଭାଷା ଅଡ଼େଇ ଦେଇଛନ୍ତି, ପିଲାଏ ତ ପ୍ରାଥମିକ ଶିକ୍ଷା ସୁଦ୍ଧା ଓଡ଼ିଆରେ ପଢ଼ିବାକୁ ସୁଯୋଗ ପାଉନାହାନ୍ତି, ଏଥିରେ ଓଡ଼ିଆ ବୋଲି ସେମାନେ ପରିଚୟ ଦେବେ କ'ଣ ? ଓଡ଼ିଆ ଜାତୀୟତା ସେଠି ଜୀଇବଞ୍ଚି ରହିବ କେମିତି ? ସାଗର ଦେଖିଲା ଏହି ସନ୍ଧିକ୍ଷଣରେ ଲୋକମାନଙ୍କ ଭିତରେ ବହୁଳଭାବରେ ଓଡ଼ିଆ ଭାଷାର ପ୍ରଚାର ଓ

ପ୍ରସାର ଆବଶ୍ୟକ, ତା' ନ ହେଲେ ସଭାସମିତି କରି ଯେତେ ଓଜସ୍ୱିନୀ ବକ୍ତୃତା ଦେଲେ ବି କିଛି ଲାଭ ନାହିଁ—ଖବରକାଗଜରେ ଯେତେ ଲମ୍ବାଲମ୍ବା ବିବୃତି ଦେଲେ ବି କୌଣସି ଫଳ ନାହିଁ । ସେହିଦିନୁ ସେ ଆରମ୍ଭକଲା ଗାଁ ଗାଁରେ ଓଡ଼ିଆ ସ୍କୁଲ । କଟକରୁ ସ୍ୱେଚ୍ଛାସେବକ ମଗେଇ ସେ ପ୍ରଥମେ ସେଇ ପଚିଶଖଣ୍ଡ ଗାଁରେ ଗୋଟିଏ ଗୋଟିଏ ପ୍ରାଥମିକ ସ୍କୁଲ୍ ବସାଇଲା । ଦିନରେ ସେଥିରେ ପୁଅଝିଅମାନେ ପାଠ ପଢ଼ନ୍ତି—ରାତିରେ ପ୍ରୌଢ଼ମାନଙ୍କୁ ଶିକ୍ଷା ଦିଆଯାଏ । ପ୍ରତ୍ୟେକ ଗାଁକୁ ଖଣ୍ଡିଏ ଖଣ୍ଡିଏ "ସମାଜ" ମଗାଇବାର ବନ୍ଦୋବସ୍ତ କରିଦେଲା ଆଉ ତା'ଛଡ଼ା ଚାରି ପାଞ୍ଚ ଖଣ୍ଡି ଗାଁକୁ କେନ୍ଦ୍ର କରି ମଧ୍ୟସ୍ଥଳରେ ଗୋଟିଏ ଗୋଟିଏ ଛୋଟିଆ ପାଠାଗାର ସ୍ଥାପନ କଲା । ଲୋକମାନଙ୍କ ଠାରୁ ସାହାଯ୍ୟ ନେଇ ନାନାପ୍ରକାର ଓଡ଼ିଆ ବହି ଆଣି ସେଥିରେ ରଖିଲା—ଓଡ଼ିଆ ପତ୍ରପତ୍ରିକାମାନ ନିୟମିତଭାବେ ଅଣାଇବାର ବନ୍ଦୋବସ୍ତ କରିଦେଲା । ଏବଂ ନିଜେ ପ୍ରାଣପଣେ ଲାଗିପଡ଼ି ପିଲାଛୁଆ, ଟୋକାବୁଢ଼ା—ସମସ୍ତଙ୍କୁ ଓଡ଼ିଆ ଶିଖାଇବାକୁ ଚେଷ୍ଟାକଲା ।

ପ୍ରତିଦିନ ଭୋର ଚାରିଟାରେ ସେ ବିଛଣା ଛାଡ଼େ । ତା'ପରେ ଦୈନନ୍ଦିନ ନିତ୍ୟକର୍ମ ସାଙ୍ଗକରି ଠିକ୍ ଉଷାରାଣୀର କନକଛଟା ପୂର୍ବ ଆକାଶରେ ଫୁଟିଉଠିବା ବେଳକୁ "ସେବା-ସଦନ"ର ଅନ୍ଧ ଅକ୍ଷମ ଲୋକଗୁଡ଼ିକଙ୍କୁ ନେଇ ସେ ସମୂହ ପ୍ରାର୍ଥନା କରେ—ବିଶ୍ୱର କଲ୍ୟାଣ କାମନା କରି ବିଶ୍ୱପିତାଙ୍କ ଚରଣରେ ମଥା ନୁଆଁଏ ।......ସେଠାରୁ ସିଧା ଯାଇଁ ପହଞ୍ଚେ ବଗିଚା ଭିତରେ । ଲୋକମାନଙ୍କ ସାଙ୍ଗରେ ମିଶି କୋଡ଼ ଧରି ମାଟି ହାଣେ, ଟେଣ୍ଡାରେ ଚଢ଼ି ପାଣି ବୁହେ, ପାଣିକାନ୍ଦୁଅରେ ଆଣ୍ଠେଇ ଘାସ ବାଛେ ।..... ଠିକ୍ ଆଠଟା ବେଳକୁ ଫେରିଆସେ ଡାକ୍ତରଖାନାକୁ । ରୋଗୀ

ସଂଖ୍ୟା ତ ଅସୁମାରି । ସମସ୍ତଙ୍କ କଥା ଭଲରୂପେ ପଚାରି ବୁଝି ଔଷଧ ଦେଇ ବିଦା କରୁକରୁ ବା'ର ବାଜେ ।······ତା'ପରେ ଯାଏ "ସେବା-ସଦନ"ର ରୋଗୀଗୁଡ଼ିକୁ ଦେଖିବାକୁ—ସେବାସଦନର ସୂତାକଟା, ଟୋକେଇବୁଣା ପ୍ରଭୃତି କାମଗୁଡ଼ିକୁ ତନଖି କରିବାକୁ । ······ଫେରୁଫେରୁ କୋଉଦିନ ଗୋଟାଏ କୋଉଦିନ ଦି'ଟା । ଖାଇସାରି ଟିକିଏ ବିଶ୍ରାମ ନେଲାପରେ ଠିକ୍ ତିନିଟା ବେଳକୁ ପୁଣି ବାହାରେ । ସାଇକେଲ ଖଣ୍ଡିଏ ଧରି ପାଳି ଅନୁସାରେ ଭିନ୍ନ ଭିନ୍ନ ଗାଁକୁ ଯାଏ । ଖୋଲାଯାଇଥିବା ଗ୍ରେଟ ଗ୍ରେଟ ଅନୁଷ୍ଠାନ ଗୁଡ଼ିକର କାମ ଦେଖେ—ପାଠଶାଳା, ପାଠାଗାର, ନୈଶ ବିଦ୍ୟାଳୟ, ମାତୃମଙ୍ଗଳ କେନ୍ଦ୍ର ପ୍ରଭୃତିର ଟିକିନିଖି ତତ୍ତ୍ୱ ନିଏ । କେବେ କେବେ ଲୋକମାନଙ୍କୁ ଡାକି ସେମାନଙ୍କର ଅଭାବ, ଅସୁବିଧା ବୁଝେ; ସଭାସମିତି କରି ପ୍ରାଣସ୍ପର୍ଶୀ ବକ୍ତୃତା ଦେଇ ଜନସାଧାରଣଙ୍କୁ ଜାତୀୟତା, ଦେଶାତ୍ମବୋଧ, ବିଶ୍ୱପ୍ରୀତିରେ ଉଦ୍‌ବୁଦ୍ଧ କରେ ।

ଖାଲି ଏତିକରେ ତା'କାମ ସରିଯାଏ ନା । ରବିବାରକୁ ରବିବାର ଗୋଟିଏ ଗୋଟିଏ ହରିଜନ ବସ୍ତିରେ ପଶି ଲୋକମାନଙ୍କୁ ଧରି ସାହିର ଏ ମୁଣ୍ଡରୁ ସେ ମୁଣ୍ଡଯାଏ ସବୁ ଗଳିକନ୍ଦି ସଫା କରେ—ଅଳିଆ ଝାଟୁଆ ନେଇ ଗାଁଠାରୁ ବହୁ ଦୂରରେ ଗାତ କରି ପୋତେ । ଲୋକମାନଙ୍କୁ ସଫାସୁତୁରା ହେବାକୁ ବୁଝାଏ—ସେମାନଙ୍କ ପିଲମାନଙ୍କ ପାଇଁ ପଢ଼ିବାର ବନ୍ଦୋବସ୍ତ କରିଦିଏ । ତେଣୁ ଫେରି ପ୍ରତି ରବିବାର ଦିନ କୁଷ୍ଠରୋଗୀମାନଙ୍କୁ ଇଂଜେକ୍ସନ ଦିଏ । "ସେବା-ସଦନ"ର ରୋଗୀଙ୍କ ଛଡ଼ା ବାହାରୁ ମଧ୍ୟ ବହୁ ରୋଗୀ ଆସନ୍ତି । ସମସ୍ତଙ୍କୁ ସେ ମାଗଣା ଚିକିତ୍ସା କରେ—କାହାରଠୁ କାଣି କଉଡ଼ିଟିଏ ବି ନିଏ ନା ।

—ସତ୍ୟାଶ୍ରଣୀ—

କେଂତୁ ସକାଳୁ ସଂଜଯାଏ ନିତପ୍ରତି ଏମିତି ନାନାଦି କାମ କାର୍ଯ୍ୟରେ ବୁଡ଼ି ରହୁଥିଲେ ବି ମନ ଭିତରେ ବେଳେବେଳେ ମଳମଳି ଉଠେ—ଦୁର୍ବଳ ମନ ବେଳେବେଳେ ଉଡ଼ିଗଲି ଚଢେଇଟି ପାଇଁ ବିକଳ ହୋଇ ହାହାକାର କରେ······ନିର୍ଜନ ରାତିର ଝଡ଼ବର୍ଷା ଭିତରେ ଥରଥର ବାହୁନି ଉଠେ ସାଥୀହରା କପୋତ । ସାଗର ଗ୍ରୁତିରେ ଭରିଯାଏ ଚାତି—ଆଖିରୁ ଝରିପଡ଼େ ଲୋତକର ପାରାବାର । ମୂହୂର୍ତ୍ତେ—ମାତ୍ର ମୁହୂର୍ତ୍ତଟି······ତା'ପରେ ସେ ଉଡ଼ିଗଲି ମନକୁ ଫେରାଇ ଆଣେ—ଅମାନିଆ ମନକୁ ଜୋର ଜବରଦସ୍ତି ଆଣି ପୁଣି ସେହି ଧରାବନ୍ଧା ଗରଡ଼ିଗୁଳାରେ ପକାଏ ।

ଦିନ ପରେ ଦିନ ଗଡ଼ିଯାଏ । ସୁମନ୍ତର ସ୍ମୃତିଟି କିନ୍ତୁ ଚିରଦିନ ଜୀବନ୍ତ ହୋଇ ରହିଥାଏ ତା' ଗ୍ରୁତି ଭିତରେ । ଆଖିର ଲୁହ ଦେଇ ସେ ତା'କୁ ପୂଜା କରେ; ହୃଦୟର କୋହ ଦେଇ ସେ ତା'କୁ ବନ୍ଦନା କରେ; ପ୍ରାଣର ସକଳ ସ୍ନେହ, ପ୍ରେମ, ମାୟା, ମମତା ଦେଇ ସେ ତା'କୁ ଭଲପାଏ । ହେଲେ ଅନ୍ତର ଭିତରେ ଏଭଳି ନିବିଡ଼ ଭାବରେ ସାଇତି ରଖିଥିଲେ ବି ବାହାରେ ସେ କେବେ ଭୁଲରେ ହେଲେ ତାହା ପ୍ରକାଶ କରେ ନା । ତା'ପାଖକୁ ଆଉ କେବେ ଚିଠି ଖଣ୍ଡିଏ ଲେଖିବା ତ ଦୂରର କଥା ତା'ର ଭଲମନ୍ଦ ଖବର ବି ସେହିଦିନୁ ସେ ନିଏ ନା । କାରଣ ସୁମନ୍ତ ଆଉ ତା'ର ସେହି ଚିର ଆଦରର ରାଜରାଣୀ ହୋଇ ରହିନି—ସେ ଆଜି ପରର ସହଧର୍ମିଣୀ—ଅନ୍ୟର ଅଙ୍କଶାୟିନୀ, ଗୃହଲକ୍ଷ୍ମୀ । ଏଣିକି ତା'ସାଙ୍ଗରେ ସଂପର୍କ ରଖିବା ଅନ୍ୟାୟ—ତା' ପାଖକୁ ଚିଠି ଲେଖିବା ପାପ । ସାଗର ସେହିଦିନୁ ନୀରବ ରହିଛି ।

—୧୮—

ସୁମନ୍ତ ବି ଠିକ୍ ସେହିଦିନୁ କେବେହେଲେ ତା'ପାଖକୁ ଚିଠିପତ୍ର ଦେଇନି । ହେଲେ ସେ ବରାବର ତା'ର ଖବର ରଖିଛି ।

ସାରା ଜୀବନରେ ହୁଏତ ଆଉ କେବେ ମୁହୂର୍ତ୍ତିକ ପାଇଁ ଦେଖା ହେବାର ଆଶା ନାହିଁ, ତଥାପି—ତଥାପି କେଜାଣି କାହିଁକି ସୁମତି ତା'ର ପ୍ରତିଦିନର ଖବର ବୁଝିଛି, ତା'ର ଭଲମନ୍ଦ, ହାନିଲାଭ ସବୁ ଠିକନଖି କରି ସାଇତି ରଖିଛି। ଖବରକାଗଜରେ ସାଗରର ବହୁମୁଖୀ ସାଧନା ସମ୍ବନ୍ଧରେ ବଡ଼ ବଡ଼ ଅଗ୍ରଲେଖାମାନ ବାହାରେ; ଦେଶର ମାନ୍ୟ ଗଣ୍ୟ ଜନନାୟକମାନେ ସାଗରର ନିଃସ୍ୱାର୍ଥପର ତ୍ୟାଗ ଓ ଅଦମ୍ୟ କର୍ମପ୍ରେରଣାର ଭୂରିଭୂରି ପ୍ରଶଂସା କରନ୍ତି; ବିକ୍ଷୁବ୍ଧ ଉତ୍କଳର ଲକ୍ଷଲକ୍ଷ ସାହାସମ୍ବଳହୀନ, ନିପୀଡ଼ିତ ଜନତା ସାଗରର ସେବା, ନିଷ୍ଠା, ଆତ୍ମୋତ୍ସର୍ଗ ଉଚ୍ଚକଣ୍ଠରେ ଦେଶସାରା ଗାଇବୁଲନ୍ତି। ସୁମତି ସବୁ ଶୁଣେ, ସବୁ ଖବର ରଖେ। ପ୍ରାଣ ତା'ର ଅସୀମ ଆନନ୍ଦରେ ଭରିଯାଏ। ଆପଣାର ସଙ୍କୀର୍ଣ୍ଣ ସ୍ୱାର୍ଥ ଛାଡ଼ି ଦେଶର ସମୂହ ହିତ ପାଇଁ ଜୀବନ ଢାଳିଦେବାକୁ ମନ ତା'ର ବ୍ୟାକୁଳ ହୋଇ ଉଠେ। ମୁହୂର୍ତ୍ତିକ ପାଇଁ ପାଗଳାମି ଛାଡ଼ିଯାଏ। ଅନୁତପ୍ତ ହୋଇ ସେ ଆପଣାକୁ ଦୋଷୀ ମନେ କରି ଭୋ ଭୋ କାନ୍ଦି ଉଠେ।

× × ×

କାନ୍ଦିକାନ୍ଦି ସୁମତିର ଦିନ କଟେ କିନ୍ତୁ ହସିହସି ସାଗର ଆଗେଇଯାଏ। ଭୋକିଲା ତୁଣ୍ଡରେ ସିଏ ଆହାର ଦିଏ; କାନ୍ଦିଲା ଆଖିରୁ ଲୁହ ପୋଛେ; ଦରମଲା ମଣିଷ ଦେହରେ ହାତ ଆଉଁସି ଦେଇ ଆରପାରିରୁ ତା'କୁ ଫେରାଇ ଆଣେ। ମହାଜନର କବଳରୁ ରକ୍ଷା ପାଇ କିଆଁଶ୍ରୀ ବିଧବାଟି ତା'ର ଶୁଭ ମନାସି ଧର୍ମଦେବତାକୁ ପାଣି ଟେକେ; ଜମିଦାରର ଅତ୍ୟାଚାରରୁ ବାହି ପାଇ ଭୁଲିଆ ମୂରୁଖ ଲୋକାକୁଳ ତା'ର ଦୀର୍ଘ ଜୀବନ କାମନା କରି ଗାଁ ମଝିରେ ହରିହାଟ, ବାଲକୀଳା କରନ୍ତି; ମଡ଼କ, ମହାମାରୀ, ହଇଜା, ବସନ୍ତରୁ ଉଦ୍ଧାର

ଯାଇ ଗ୍ରାମବାସୀଏ ତା'ଙ୍କୁ ଦେବତାତୁଲ୍ୟ ମଣି ପୂଜା କରନ୍ତି । ବୁଢ଼ ବୁଢ଼ୀଏ ଆଶୀର୍ବାଦ କରନ୍ତି । ପିଲାଛୁଆ, ମାଇପେ ମିଣିପେ—ସଭିଏଁ ସ୍ନେହ କରନ୍ତି, ଭଲ ପା'ନ୍ତି । ସମସ୍ତଙ୍କର ସ୍ନେହ, ଶ୍ରଦ୍ଧା, ଆଦର, ଆଶୀର୍ବାଦ ପାଇ ତା'ର ଦିନ ପରେ ଦିନ ସୁରୁଖୁରୁରେ କଟିଯାଏ । ଗୋଟିଏ ଘର ଭାଙ୍ଗି ସେ କୋଟିଏ ଘରୁ "ପୁଅ" ଡାକ ଶୁଣେ—ଗୋଟିଏ ସୁମନ୍ତ ହରାଇ ସେ ଏହି ଦୀନ, ଦୁଃସ୍ଥ, ଦଳିତ, ମଥିତଙ୍କ ଭିତରୁ କୋଟିକୋଟି ସୁମନ୍ତର ପ୍ରାଣଉଚ୍ଛୁଳା ସ୍ନେହ, ପ୍ରେମ ଫେରିପାଏ ।

ପୂନେଇ ଜହ୍ନ କିନ୍ତୁ ବେଶୀ ସମୟ ରହେ ନାହିଁ । ପାଖୁଡ଼ା ମେଲି ଫୁଲଟି ଫୁଟି ଆସେ । କିନ୍ତୁ ତା ସଉରଭର ଗଉରବ ଟିକକ ଦୁନିଆସାରା ବିଚ୍ଛେଇ ଦେଇ ପୂର୍ଣ୍ଣ ବିକଶିତ ହେବା ଆଗରୁ ଅଦିନ ଝଂଜା ଆସି ଅକାଳରେ ତା'ଙ୍କୁ ବୃନ୍ତଚ୍ୟୁତ କରେ । ଭରା ଯୌବନ ନେଇ ଝରାଫୁଲଟି ମିଳେଇଯାଏ ମାଟିରେ । ବିଧାତାର ବିଚିତ୍ର ବିଧି । ନବ ବସନ୍ତର ପ୍ରାଣ-ପୁଲକା ମନ୍ଦ ମଳୟ ଅପସରି ନ ଯାଉଣୁ ମାଡ଼ିଆସେ ବଇଶାଖର ନିଦାଘୀ ଝଂଜା; ଶରତର ସୁନା ଆଲୁଅରେ ଶୁଭ୍ର ଶତଦଳ ହସିଉଠିବା ବେଳକୁ ଘୋଟିଆସେ ଦିଗହଜା କୁହୁଡ଼ି; ପ୍ରତିପଦାର କୁଲୁକୁଲିଆ ଟିକି ଜହ୍ନଟି ପ୍ରତିଦିନ କଳାଏ କଳାଏ ବଢ଼ି ପୂନେଇ ଦିନ ଷୋଳକଳାରେ ଶୋଭା ପାଇଲାବେଳକୁ ଗ୍ରାସକରେ ଅମଙ୍ଗଳ ରାହୁ । ଶେଫାଳୀ ଝରିଯାଏ, ମଣିଷ ମରିଯାଏ । ପରର ସେବାରେ ଯିଏ ଆପଣାକୁ ଗୋଟିପଣେ ବିସର୍ଜନ କରି ଦେଇଥାଏ, ବାଛିବାଛି କୋଟିକ ଭିତରୁ ସେହି ଗୋଟିକ ପୁଣି ବେଳେବେଳେ ଆଗତୁରା ବାଟକାଟି ଚାଲିଯାଏ । ସହସ୍ର ପ୍ରାଣ କାନ୍ଦି ଉଠେ—ଲକ୍ଷ ଘର ଅନ୍ଧାର ହୋଇଯାଏ । ହେଲେ ନିଷ୍ଠୁର ଭଗବାନ ଆଗପଛ, ଭଲମନ୍ଦ କୁଆଡ଼କୁ ନ ଚାହିଁ

ସେଇ ଭଲଆ ଦେଶସେବୀ, ପରୋପକାରୀ ମଣିଷଗୁଡ଼ାଙ୍କୁ ଆଗଭୁଲା ନେଇଯାଆନ୍ତି । ସାରା ଉତ୍କଳକୁ କନ୍ଦେଇ ଦେଇ ଏମିତି ଦିନେ ଅକାଳରେ ଚାଲିଯାଇଥିଲେ ଭଗବତୀ, ସମଗ୍ର ଓଡ଼ିଆ ଜାତିକି କନ୍ଦେଇ ଦେଇ ଏମିତି ଦିନେ ଅବେଳରେ ଖସି ଯାଇଥିଲେ ନିରଂଜନ ଆଉ ଆଜି ଠିକ୍ ସେମିତି ବଞ୍ଚିନାହିଁ ଉତ୍କଳର ଲକ୍ଷଲକ୍ଷ ଅନ୍ଧ, ଅଶିକ୍ଷିତ ଜନତା ପ୍ରାଣରେ ଅଙ୍କୁର ଚିରନ୍ତନ ଉତ୍ସ ଝରାଇ ଦେଇ ଅତି ଅସମୟରେ ଆଖି ବୁଜିଲା ସାଗର ।

ଅନନ୍ୟଭୂତ କଥା — କୁଆଡ଼େ କିଛି ଶୁଣାଗୁଣା ନ ଥିଲା ହୁହୁଁ ହୁହୁଁ ଦିନ କେଇଟା ଭିତରେ କୁଆଡୁ କୁଆଡ଼ୁ ଅକାଳ ମଡ଼କ ମାଡ଼ି ଆସିଲା । ଗାଁକୁ ଗାଁ ଲୋକସବୁ ପତଙ୍ଗ ଭଳି ମରି ଯାଉଥିଲେ । ଘରେଘରେ ଡାଟିକଣା ପଡ଼ିଗଲା । ସାଗର ଦେଖିଲା ତା' ଆଗରେ ଏକ ବିରାଟ କର୍ତ୍ତବ୍ୟ । ଯୋଉ ସେବାଭାବରେ ଅନୁପ୍ରାଣିତ ହୋଇ ସେ ଜୀବନକୁ ଭସାଇ ଦେଇଛି, ସେହି ପବିତ୍ର ସେବାର ଏକ ପ୍ରଶସ୍ତ କ୍ଷେତ୍ର ପଡ଼ିଛି ଆଖି ଆଗରେ । ସେ ମୁହୂର୍ତ୍ତେ ବିଳମ୍ବ ନ କରି ବାହାରି ପଡ଼ିଲା । ଟିକିଏ ଆଗପଛ ନ ହୋଇ ସେହି ଦୁର୍ଦ୍ଦିନତମ ଦିବସର ଘନଘଟାମୟ ବିପଦ କୋଳକୁ ବୀର ମହାବୀର ଭଳି ଡେଇଁ ପଡ଼ିଲା । ଗାଁ ଗାଁରେ ହଇଜା; ଘରେଘରେ ରୋଗୀ; ବାଟରେ, ଘାଟରେ, ତୋଟାରେ, ପଦାରେ—ଯୁଆଡ଼କୁ ଚାହିଁବ ସାଡ଼େ ଅସହାୟ, ନିଃସହାୟ, ମୁମୂର୍ଷୁ ମଣିଷ । ଘର, ବାହାର, ଗାଁ, ମଶାଣି—ସବୁଆଡ଼େ ଖାଲି ନାକଫଟା ଦୁର୍ଗନ୍ଧ, ଛାତିଫଟା ଚିତ୍କାର, କଲିଜାଥରା କରୁଣ କ୍ରନ୍ଦନ । ସାଗର ଭଳି ଦରଦୀ ହୃଦୟର ନିଷ୍ଠାପର କର୍ମୀଟି କେମିତି ସହନ୍ତା ଏ ଦୃଶ୍ୟ ? ଆଖି ଆଗରେ ମଣିଷ ଜାତିର ପୋକମାଛି ଭଳି ଏ ଶୋଚନୀୟ ମରଣ ଦେଖି କେମିତି ସେ ନୀରବରେ ବସି ରହିପାରନ୍ତା ଘର

—ଏକୋଦଶ—

କଣରେ ? ସେ ଉଠିଲା—ଦିନରାତି ଭୁଲି, ଖରାବର୍ଷା ନ ମାନି ସେ ଲାଗିପଡ଼ିଲା କାମରେ । ବେଳ ନାହିଁ, ଅବେଳ ନାହିଁ, ଖିଆ ନାହିଁ ପିଆ ନାହିଁ, ବିଶ୍ରାମ ନାହିଁ, ଅବସର ନାହିଁ—ସବୁବେଳେ, ସବୁ ମୁହୂର୍ତ୍ତରେ ଦିନରାତି ଚବିଶ ଘଣ୍ଟା ସେ ଘୂରି ବୁଲିଲା ଗାଁକୁ ଗାଁ । ପଚିଶ ଖଣ୍ଡ ମଉଜାର ଗୋଟିଏ ଘର ବି ବାଦ ଗଲାନି । ଗରିବ ଚାଲବର, ପାଠୁଆ ମୂର୍ଖ, ଓଡ଼ିଆ ତେଲଗୁ—ସବୁରି ଦୁଆରକୁ ଯାଇଁ ସେ ଔଷଧ ଦେଲା, ପାଣି ଦେଲା, ରୋଗୀକୁ ସାଷ୍ଟମ କଲା, ଘର ଲୋକଙ୍କୁ ସାନ୍ତ୍ୱନା ଦେଲା । ନିଜକୁ ସେ ଭୁଲିଗଲା । ପରପାଇଁ ନିଜର ଦେହମୁଣ୍ଡ, ଭଲମନ୍ଦ, ଦୁଃଖକଷ୍ଟ, ଭୋକଉପାସ—ସବୁ ଭୁଲିଗଲା ସେ । ଏପରିକି କାମ କରିକରି, ସେବା କରିକରି ଶେଷକୁ ସେ ଭୁଲିଗଲା ଆପଣାର ଅସ୍ତିତ୍ୱ ପର୍ଯ୍ୟନ୍ତ ।

ସେଦିନ ରାତି ଦୁଇ ବାଜିବ । ଦଶ ବାରଟି ହଇଜା ରୋଗୀ ଦେଖିସାରି ବଡ଼ ଶ୍ରାନ୍ତକ୍ଳାନ୍ତ ହୋଇ ସାଗର ଫେରି ଆସୁଥାଏ "ସେବା-ସଦନ"କୁ । ବାଟରେ କିଏ ଜଣେ ଖବର ଦେଲା ପାଣି ସାହିରେ ଭୀଷଣ ହଇଜା । ସକାଳୁ ଏ ପର୍ଯ୍ୟନ୍ତ ପାଂଚ ମୁଣ୍ଡ ଗଲେଣି । ଭୋକରେ ସାଗରର କରଡ଼ି ଜଳୁଥାଏ । ହେଲେ "ସେବା-ସଦନ" ସେଠିକି ଆହୁରି ତିନିକୋଶ ବାଟ । ନିଃସହାୟ ଲୋକଗୁଡ଼ିକୁ ଛାଡ଼ି ସାଗର ସେଠୁ ଚାଲି ଆସୁଛି କେମିତି ? ଗଣଙ୍କୁ ମରଣ ମୁହଁରେ ପକେଇ ଦେଇ ଜଣଙ୍କ ସୁଖଶାନ୍ତି ପାଇଁ ସେ ସେଠୁ ଫେରି ଆସିବ କେଉଁ ମୁହଁରେ ? ...... ସେହି କଟିକଟିଆ ଅନ୍ଧାର ଭିତରେ ସାଗର ପାଣିସାହି ଆଡ଼କୁ ସାଇକେଲ ଗଡ଼େଇ ଦେଲା ।

ସାହିମୁଣ୍ଡରେ ମୋତି ପାଲୁଣି ଘର । ପୁଅ ନାହିଁ, ଝିଅ ନାହିଁ, ବାପ ନାହିଁ, ଭାଇ ନାହିଁ—ଏତେବଡ଼ ଦୁନିଆଁଟା ଭିତରେ

ତା'ର ଆପଣାର ହୋଇ ଜଣେ ହେଲେ କେହି ନାହିଁ । ସହଜେ ତ ମା' ଠାକୁରାଣୀଙ୍କ ଡରରେ ମଫସଲ ଗାଁରେ ସଂଜ ନ ହେଉଣୁ ତାଟି କବାଟ ପଡ଼େ । ତା'ଉପରେ ପୁଣି ଏଇ ମୋତି ବୁଆଡ଼େ ବଅସ ଥେଲାବେଳେ କାହାକୁ ନେଇ କନ୍ଦୁଦାନ ପଳେଇ ଯାଇଥିଲା—ସେଇଥିପାଇଁ ତା'କୁ ସମସ୍ତେ ଏକଘରକିଆ କରି ରଖିଛନ୍ତି—କେହି ତା' ଦୁଆର ମାଡ଼ନ୍ତି ନାହିଁ, କେହି ତା ମଲାଗଲା ଖବର ବୁଝନ୍ତି ନାହିଁ । ...... ସେହି ମୋତିକୁ ସଂଜ ସାତଟା ବେଳୁ ଧରିଛି ହଇଜା । ଓ' ମୁହଁ ଛୁଟିଛି । ଝାଡ଼ା, ବାନ୍ତି, ମଳମୂତ୍ରରେ ଘାଣ୍ଟି ଚକଟି ହୋଇ "ପାଣି", "ପାଣି" ବୋଲି ସେ ବିକଳରେ ଚିତ୍କାର କରୁଛି । ସାଗର ଯାଇଁ ଆଗ ପହଞ୍ଚିଲା ତା'ର ଦୁଆର ମୁହଁରେ । ଆପଣା ହାତରେ ମଳମୂତ୍ର ସଫାକଲା, ପୋଷପୋଷ ଝାଡ଼ାବାନ୍ତି ନେଇ ବାହାରେ ଗାତ କରି ପୋତିଲା । ମୋତିର ସବୁ ଲୁଗାପଟା ମଇଳାରେ ନାଟୁପାଟୁ ହୋଇ ଯାଇଥିଲା । ସାଗର ଆପଣା ଘୋଡ଼ିହେବା ଚଦର ଖଣ୍ଡିକରେ କୌଣସିମତେ ଟାଣିଟୁଣି ମୋତିର ଦେହ ଘୋଡ଼ାଇଲା । ପାଣି ଗରମ କରି ସାଲାଇନ୍ ଇଂଜେକ୍‌ସନ୍ ଦେବାକୁ ଯାଉଛି, ହଠାତ୍ ତା'କୁ ଦେଖେଇଲା ଝାଡ଼ା । ଏକ, ଦୁଇ, ତିନି — ଚତୁର୍ଥ ଝାଡ଼ା ବେଳକୁ ସାଗର ସେଇଠି ବେହୋସ ହୋଇ ପଡ଼ିଗଲା· ·····

ବାଟରେ ଖବର ଦେଇଥିବା ଲୋକେ ପଛରେ ଗୁଳିଗୁଳି ଆସି ସେଠାରେ ପହଞ୍ଚିଲେ । କିନ୍ତୁ ଯାହା ଦେଖିଲେ, ସେଥିରେ ତାଙ୍କର ଛାତି ଥରି ଉଠିଲା । ଘଡ଼ିକ ଭିତରେ ପାଣସାହିରେ ହାଲ-ହୁଲୋଳ ପଡ଼ିଗଲା । ରାତାରାତି ଲୋକେ କରଣସାହି, କୁମୁଟିସାହି, ବ୍ରାହ୍ମଣସାହି—ଗାଁକୁ ଗାଁ ଖେଦିଗଲେ । ଲୋକେ ଆସି ଜମା ହୋଇ ପଡ଼ିଲେ—ଆଟପଟାଳି ମଣିଷ । ସଭିଏଁ ମିଳି ଶୁନେଶୁନେ ସାଗରକୁ

—ଡେୟାନଡେ—

ଟେକିନେଲେ "ସେବା-ସଦନ"କୁ । ବହୁତ ସେବାଶୁଶ୍ରୂଷା କଲେ; ବହୁତ ଗୁଣିଆ ବଇଦ ଦେଖେଇଲେ; ଶେଷକୁ ଗୋଡ଼ହାତ ଥଣ୍ଡା ହୋଇ ଆସୁଥିବା ଦେଖି ନଧି କବିରାଜେ କଡ଼ାକର ମକରଧ୍ୱଜ ପାନେ ଦେଲେ । କ୍ଷଣକପାଇଁ ରୋଗୀ ସତେଜ ଦିଶିଲା । ଆଖି ଖୋଲି ଅତି ବିକଳ ଭାବରେ ଥରେ ସଭିଙ୍କ ଆଡ଼କୁ ଅନେଇଲା । ମନେମନେ ଯେପରି କାହାକୁ ଖୋଜିହେଲା ସେ······

ଆଖି ଭିତରେ ଟଳଟଳ ହେଲା ଲୁହ । ଆଉ ସେହି ଲୁହ ଭିତରେ ସ୍ପଷ୍ଟ ହୋଇ ଭାସି ଉଠିଲା ଗୋଟିଏ ନାରୀ ମୂର୍ତ୍ତିର ଛବି— ଧୀର, ଶାନ୍ତ, ଅଶ୍ରୁସିକ୍ତ । ବିଜୟନଗରମ୍ ଷ୍ଟେସନର ବିଦାୟ ବେଳର କରୁଣ ସ୍ମୃତି ଜାଗି ଉଠିଲା — ସେହି ଲୁହଧୁଆ ସୁନା ମୁହଁଟି ଘନଘନ ନାଚି ଉଠିଲା ଆଖି ଆଗରେ । ଛାତି ଫାଟିଗଲା, ଆଖି ଫୁଟିଗଲା, ଟଳଟଳ ହୋଇ ଲୁହ ଦି'ବୁନ୍ଦା କୋରଡ଼ ଆଖି ଭିତରୁ ତଳକୁ ଗଡ଼ିପଡ଼ିଲା······କ୍ଷଣକେ ପୁଣି ଅପସରିଗଲା ମୋହ । ସୁମତିର ମୁହଁଟି ଲୁଚିଯାଇଁ ମୁହୂର୍ତ୍ତକ ଭିତରେ ପୁଣି ଆଖି ଆଗରେ ଉଭା ହେଲା ଦେଶର ଶତଶତ ଦୁଃଖୀରଙ୍କିଙ୍କ ନଙ୍ଗଳା ଦେହ, ସହସ୍ର ସହସ୍ର ରୋଗୀଶୋଷୀଙ୍କ ଭୋକିଲା ପେଟ ଆଉ ଲକ୍ଷଲକ୍ଷ ପତିତ ମଥିତଙ୍କ ଶୁଖିଲା ଝାଉଁଳା ଲୁହବୁହା ମୁହଁ । ସେ ଆଖି ଟେକି ଆଗରେ ବସିଥିବା "ସେବା-ସଦନ"ର ଅନ୍ଧ, ଅକ୍ଷମ, ଛୁଟା କେଂପା, କୋଢିଆଖଣ୍ଡିଆ ଲୋକଗୁଡ଼ିକ ଆଡ଼କୁ ଅଶ୍ରୁସଜଳ ନୟନରେ ଚାହିଁଲା । ତା'ର ଭିତରେ ସେ ଦେଖିଲା ସୁମତିକି—ସେମାନଙ୍କର ଲୁହ ଛଳଛଳ ଆଖି ଭିତରୁ ସେ ପାଇଲା ସୁମତିର ସ୍ନେହ, ପ୍ରେମ, ଆଦର, ସୋହାଗ । ଜୀବନର ଲକ୍ଷ ସତେ କି ପରିପୂର୍ଣ୍ଣ ହୋଇ ଉଠିଲା । ଶାନ୍ତିରେ ଆଖିପତା ମୁଦି ହୋଇଗଲା—ତୃପ୍ତିରେ ଶେଷ ନିଃଶ୍ୱାସ ବାହାରି ଗଲା··········

—ଚଉରାନବେ—

ସମବେତ ସ୍ତବ୍ଧ ଜନତା ଆକାଶ ଫଟାଇ ଭେ'କନା କାନ୍ଦ ଉଠିଲେ ।

—୧୯—

ବିଛଣାରେ ଶୋଇଶୋଇ ଭେ ଭେ କାନ୍ଦ ଉଠିଲା ସୁମନ୍ତ । ଘଣାଦେଈ ଉଠି ବସିଲେ । ପୋଇଲାପରିବାର କାନ୍ଦଣା ଶୁଣି ଆର ଖଂଜାରୁ ଧାଇଁ ଆସିଲେ । ଫରଚୁ ହୋଇ ଆସିଲାଣି । ତାରାଗୁଡ଼ିକ ଗୋଟିଗୋଟି ହୋଇ ମଉଳି ଯାଉଛନ୍ତି ଆକାଶରୁ । ଗଦାଗଦା ଗଙ୍ଗଶିଉଳି ଝରିପଡ଼ି ଲୋଟିଯାଉଛି କାକରବୋଳା ଘାସ ଉପରେ । ଗୁଳରେ ଟଙ୍ଗା ହୋଇଥିବା କାଠି ପିଂଜରାଟିକୁ କାଟି ଦେଇ ଶୁଆଟି ଆକାଶକୁ ଉଡ଼ିଗଲା । ସୁମନ୍ତ ପଲଙ୍କ ବାଡ଼ାରେ ମୁଣ୍ଡ ବାଡ଼େଇଦେଇ ଭେ ଭେ କାନ୍ଦ ଉଠିଲା ।

କିଛି ବୁଝି ପାରିଲେନି ଘଣାଦେଈ । ସୁମନ୍ତ ବାଇଆଣୀ ହୋଇ ଶାଶୁଘରୁ ଫେରିଆସିବା ଦିନୁ ସେ ତା'କୁ ଦିନରାତି ସଦା-ସର୍ବଦା କାନିଅଗରେ ବାନ୍ଧିଥାନ୍ତି । ହାତରେ ଖୋଇ ଦିଅନ୍ତି ; ସାଙ୍ଗରେ ଗାଧୋଇ ନିଅନ୍ତି ; ହଜାର କାମ ମାରି କରି ଆପଣା ହାତରେ ମୁଣ୍ଡ ବାନ୍ଧି ଦିଅନ୍ତି ; ନିଜକାନିଜ ନଷ୍ଟ କରି ପାଖରେ ବସେଇ ମନ ଭୁଲେଇବା ପାଇଁ ଏଣୁତେଣୁ ଗପ କହନ୍ତି । ପୁଣି ରାତି କେଇ ଘଣ୍ଟା ବି ତା'କୁ ଅଲଗା କରି ଦିଅନ୍ତି ନାହିଁ—ଆପଣା ହାତରେ ବିଛଣା ପାରି ଦେଇ କଅଁଳା ପିଲାଟି ଭଳି ତା'କୁ କୋଳରେ ପୂରେଇ ଶୁଅନ୍ତି । ଖୁଡ଼ୀମା'ଙ୍କ ଆଦର ଅଳିଅଳରେ ସୁମନ୍ତ ଦିନକୁଦିନ ପ୍ରକୃତିସ୍ଥ ହୋଇ ଆସୁଥାଏ । ଗାଲଗୁଲିକ ଗୁଣ୍ଡି ପୁଣି ଆଗଭଳି ଧୀର ନମ୍ର ହୋଇ ଆସୁଥାଏ । ଅଥଚ ଆଜି କାହିଁକି ସେ ଏଇ ପାହାନ୍ତା ପହରଟାରେ ଏମିତି ନିଦ ବାଉଳାରେ ସେ

ପିଲଙ୍କ ଭଳି କଇଁ କଇଁ ହୋଇ କାନ୍ଦି ଉଠିଲା, ତା'ର କରୁଣ ଆର୍ତ୍ତ ଅନ୍ତ ପାଇଲେନି ସାଗରବେଳା ।

ଅନନୁଭୂତ କଥା—ଦିନେ ନାହିଁ କାଲେ ନାହିଁ, ଆଜ କାହିଁକି ସୁମନ୍ତି ସପନ ଦେଖୁଛି ସାଗରକୁ । କେଜାଣି କାହିଁକି, ଦୁଇ ଚାରି ଦିନ ହେଲା ମନ ତା'ର ଗୋଳେଇଘାଣ୍ଟି ହେଉଥିଲା । କୌଣସି କାମରେ ମନ ଲାଗେନା । ପଛକଥା, ପଛ ସ୍ମୃତି ସବୁ ଲୁହାଇ ଲୁହାଇ ମନଭିତରେ ଉଙ୍କି ମାରେ । ଛାତି ଥରି ଉଠେ, ପ୍ରାଣ କାନ୍ଦି ଉଠେ, ଗୋଟାଏ କ'ଣ ଅଜଣା ଆଶଙ୍କାରେ ଦେହମନ ଦୋହଲି-ଯାଏ ।······ଆଜି ହଠାତ୍ ଶୋଇଛି । ସପନ ଦେଖିଲା—ସାଗରକୁ ଭୟାନକ ଜର । ଦେହରେ ତାତି ଭରତି, ଛାତିରେ କଫ ଘଡ଼ଘଡ଼ି ଅଥଚ ସେ କାହାରି କଥା ମାନୁନାହିଁ । ସେଇଥିରେ ଟଳଟଳ ହୋଇ ଚାଲିଯାଉଛି ରୋଗୀ ଦେଖି······ହଠାତ୍ ଗୋଟିଏ କୁଷ୍ଠରୋଗୀ ପାଖରେ ସେ ଟଳିପଡ଼ିଲା······ବେହୋସ······ଲୋକେ ତା'କୁ ଟେକିଆଣିଲେ "ସେବା-ସଦନ"କୁ······ଟିକିଏ ଚେତା ଆସିବାରୁ ସେ ବଡ଼ ବିକଳ ହୋଇ ସୁମନ୍ତିକି ଖୋଜୁଛି । ଥରଟିଏ—କେବଳ ଥରଟିଏ ଦେଖିବାପାଇଁ ସେ କେତେ କଲବଲ ହୋଇ କେତେ ଉହିଲବିକଳ ହୋଇ ତା'କୁ ଖୋଜି ବୁଲୁଛି । ଚାରିଆଡ଼ ଅନ୍ଧକାର ଦିଶୁଛି ; ଦିଗ୍‌ବିଦିଗଶୂନ୍ୟ ହୋଇ ସେ ଅନ୍ଧଙ୍କ ଭଳି ଭୂଇଁ ଅଣ୍ଡାଳୁଛି ; ଝଲକା ଝଲକା ରକ୍ତ ବାନ୍ତି କରି ଅତି କରୁଣ କଣ୍ଠରେ ସେ "ସୁମନ୍ତି", "ସୁମନ୍ତି" ବୋଲି ଡାକି ଛାଡ଼ୁଛି······ପୁଣି ହଠାତ୍ ଏ କ'ଣ ହେଲା ? ସେଇ ଛାତିଫଟା ବିକଳ ଚିତ୍କାର ହଠାତ୍ ବନ୍ଦ ହୋଇଗଲା କାହିଁକି ? ଲୁଗା ଉପରର ଜଳନ୍ତା ଦୀପଟା ହଠାତ୍ ଏମିତି ଆଲୁଅ ଘର ଅନ୍ଧାର କରି ଦପ୍‌କିନା ନିଭିଗଲା କାହିଁକି ? ······ଖଡ଼ଖଡ଼ କରି ପିଂଜୁରି ଭିତରୁ ଶୁଆଟି ଉଡ଼ିଗଲା । ସୁମନ୍ତି ଚମକିପଡ଼ି ଭେ'କିନା କାନ୍ଦି ଉଠିଲା ।

—ଛୟାନବେ—

ସକାଳ ହେଲା । ସୀଣାଦେବୀଙ୍କ ସ୍ମୃତି ଉପରେ ମଥା ରଖି ରାତିର ସପନ ମୂଳରୁ ଶେଷଯାଏ ଭାବିଗଲା ସୁମନ୍ତ । କିଛି ବୁଝି ପାରିଲା ନାହିଁ—କାହିଁକି ଏ ଅସାର ସ୍ୱପ୍ନ ? କାହିଁକି ଏ ଅମଙ୍ଗଳ ସୂଚନା ? ତା' ପ୍ରାଣର ପ୍ରତ୍ୟେକ ତନ୍ତ୍ରୀ ଥରି ଉଠିଲା ଅଜଣା ଭୟରେ ।

× × ×

ଦି'ଦିନ ପରେ—

ସୁମନ୍ତ ଆପଣା ଆଖିକୁ ବିଶ୍ୱାସ କରିପାରିଲା ନାହିଁ । ସାରା ବିଶ୍ୱ ତା'କୁ ଅନ୍ଧାର ଦେଖାଗଲା, ସାରା ସୃଷ୍ଟି ତା'କୁ ପ୍ରଳୟ ହେବାଭଳି ଲାଗିଲା । ଖବରକାଗଜ ଖୋଲି ପ୍ରଥମ ପୃଷ୍ଠାରେ ସେ ଦେଖିଲା ସାଗରର ଫଟୋ ସହ ଏଡ଼େଏଡ଼େ ଅକ୍ଷରରେ ଲେଖାହୋଇଛି—

—ଦାରୁଣ ଦୁଃସମ୍ବାଦ—

ବିଚ୍ଛିନ୍ନ ଉତ୍କଳର ନିଷ୍ଠାପର ସେବକ, ଆଜୀବନ ତ୍ୟାଗୀ ଶ୍ରୀଯୁକ୍ତର ସାଗର ଶ୍ରେଷ୍ଠରାୟଙ୍କର ଅକାଳ ମୃତ୍ୟୁ । ହଇଜା ରୋଗୀଙ୍କ ସେବା କରିକରି ଶେଷରେ ସେଇ ହଇଜାରେ ଆକ୍ରାନ୍ତ ହୋଇ ଅତି ଶୋଚନୀୟ ଭାବେ ପ୍ରାଣତ୍ୟାଗ କଲେ । ଅମ୍ଳାନ ବଦନରେ ଦେଶ-ବାସୀଙ୍କ ଚରଣସେବାରେ ମନପ୍ରାଣ ଢାଳିଦେଇ ସତକୁସତ ସେ ସେଇ ଦେଶର ମାଟି ସାଙ୍ଗରେ ଆପଣାର ମାଟି ଦେହଟିକି ହସିହସି ମିଶାଇଦେଲେ । ତାଙ୍କର ନିଃସ୍ୱାର୍ଥପର ସେବା, ଗଠନମୂଳକ କାର୍ଯ୍ୟକ୍ରମ ଓ ସର୍ବୋପରି ତ୍ୟାଗ, ନିଷ୍ଠା, ଆତ୍ମବଳର ଉଚ୍ଚ ଆଦର୍ଶ ଚିରଦିନ ପାଇଁ ଉତ୍କଳର ଉଦୀୟମାନ ଯୁବକଯୁବତୀଙ୍କୁ ଘନ ଅନ୍ଧକାର ଭିତରେ ଆଲୋକ ଦେଖାଇ ବାଟ କଢ଼ାଇନେବ । ଦେଶର ଲକ୍ଷଲକ୍ଷ ନରନାରୀଙ୍କ ସହିତ ଆମ୍ଭେମାନେ ସେହି ପରଲୋକଗତ ଅମର ଆତ୍ମାକୁ ଆଜି ମଥାନୋଇଁ ଅଶ୍ରୁପୂର୍ଣ୍ଣ ପ୍ରଣତି ଜଣାଉଛୁ । × × ×

—ସନ୍ତାନବେ—

ସତକୁସତ ସମସ୍ତଙ୍କ ଆଖିରୁ ଅଶ୍ରୁ ଝରିଥିଲା । ଶମ୍ଭୁମିଶ୍ର, ଧର୍ମଚନ୍ଦ୍ର, ତେଲୁଗୁ ଓଡ଼ିଆ—ସମସ୍ତଙ୍କର ପ୍ରାଣରେ ଆଘାତ ଲାଗିଥିଲା, ଲୁହ ବହିଥିଲା । ଶ୍ରେଷ୍ଠଶ୍ରେଷ୍ଠ କୁଲିମୂଲିଆ, ଯୋଗୀ-ଭିକାରୀଙ୍କଠାରୁ ଆରମ୍ଭ କରି ବଡ଼ବଡ଼ ନେତା, ବକ୍ତା, ଲେଖକ, ଭାବୁକ ପର୍ଯ୍ୟନ୍ତ ଦେଶସାରା ସଭିଙ୍କ ପ୍ରାଣରେ ମୁହୂର୍ତ୍ତିକ ପାଇଁ ଏକ ଗଭୀର ଶୋକଚ୍ଛାୟା ଖେଳି ଯାଇଥିଲା । କିନ୍ତୁ ଆଶ୍ଚର୍ଯ୍ୟର କଥା ସୁମନ୍ତ ଆଖିରୁ ବୁନ୍ଦାଏ ହେଲେ ଲୁହ ଝରିଲାନି । ଛାତି ଫଟାଇ କେବଳ ଥରଟିପାଇଁ ଉଠିଥିଲା ଗୋଟିଏ ଦୀର୍ଘଶ୍ୱାସ । ତା'ପରେ ? ତା'ପରେ ସେ ଗମ୍ଭୀର ହୋଇ ପଡ଼ିଲା । ସୁଖଦୁଃଖ, ହସକାନ୍ଦ, ଆଶାନିରାଶା—କୌଣସି ଭାବ ଜଣା ପଡ଼ିଲାନି ତା' ମୁଖମଣ୍ଡଳରୁ । ସ୍ଥାଣୁ, ସ୍ଥବିରଙ୍କ ଭଳି ସେ ଖାଲି ଗୋଟିଏ ଜାଗାରେ ବସି ରହିଲା । କଥା ନାହିଁ ବାର୍ତ୍ତା ନାହିଁ—ନୀରବ, ନିଶ୍ଚଳ, ନିସ୍ପନ୍ଦ ......ସମସ୍ତେ ଭାବିଲେ ପୁଣି ପାଗଳ ହୋଇଯିବ । ବୀଣାଦେବୀ ଆଶଙ୍କା କଲେ, ଏଥରକ ହୁଏତ ସାଗରକୁ ଝୁରିଝୁରି ଝରି ପଡ଼ିବ । କିନ୍ତୁ ପ୍ରକୃତରେ ସୁମନ୍ତ ପାଗଳ ହେଲାନି ବରଂ ପାଗଳାମି ତା'ର ସେହିଦିନରୁ ଭଲ ହୋଇଗଲା । ଜଣକ ପାଇଁ ନ ଝୁରି ଗଣଙ୍କ ପାଇଁ ଝୁରିବା ପାଇଁ ସେ ସେହିଦିନରୁ ଏକ ମହତ୍ ଶିକ୍ଷା ପାଇଲା ।

ଦିନେ, ଦି'ଦିନ, ତିନିଦିନ, ଛ'ଦିନ—ଦଶଦିନ ପର୍ଯ୍ୟନ୍ତ ସେ ସେହିଭଳି ବସି ରହିଲା ନୀରବରେ । ମନଭିତରେ ଖେଳି-ବୁଲିଲା ସହସ୍ର ଚିନ୍ତା, ଲକ୍ଷ ଭାବନା । ସେ ବାଟ ଭୁଲିଛି । ଅନ୍ଧାରରେ ଦିଗଭ୍ରାନ୍ତ ହୋଇ ବାଟରୁ ଆସି ସେ ଅବାଟରେ ଭୁଆଁ ବୁଲୁଛି ଜୀବନରେ ପହିଲିଥର ପାଇଁ ଯୋଉଦିନ ସାଗର ସାଙ୍ଗରେ ଦେଖା ହୋଇଥିଲା ଇଚ୍ଛାପୁରର ବଙ୍କିନ୍ନ-ଓଡ଼ିଆ-ସଭାମଣ୍ଡପରେ, ସେଦିନ

ସେ ଶପଥ କରିଥିଲା ଦେଶ ଓ ଦଶର ସେବାରେ ଜୀବନକୁ ପଳେପଳେ ବିସର୍ଜନ କରିଦେବାକୁ । ଭାରିଜାଗର ବେଳାଭୂମିରେ ବସି ଯେତେବେଳେ ସେ ଜୀବନର ସୁନେଲି ସ୍ୱପ୍ନ ଦେଖୁଥିଲା, ସେତେବେଳେ ସେ ସାଗରର ଚରଣ ଛୁଇଁ ନିୟମ କରିଥିଲା ଦେଶପାଇଁ, ଜାତିପାଇଁ, ଭାଷାପାଇଁ, ବିଚ୍ଛିନ୍ନ ଉତ୍କଳ ପାଇଁ ହସିହସି ଆତ୍ମୋତ୍ସର୍ଗ କରିବାକୁ । କୁଆଡେ଼ ଗଲା ସେ ପଣ ? କୁଆଡେ଼ ଗଲା ସେ ଭୀଷ୍ମ ପ୍ରତିଜ୍ଞା ? ଜୀବନରେ ଦୁଃଖ ଆସିବ, ବିପଦ ଆସିବ, ବାଧା ଆସିବ, ବନ୍ଧନ ଆସିବ । କିନ୍ତୁ ସେଇଥିରେ ଭାଙ୍ଗିପଡ଼ି ଲକ୍ଷ୍ୟ ଛାଡ଼ିଗଲେ ଆଉ ମଣିଷପଣିଆ ରହିଲା କୋଉଠି ? ସଂଘର୍ଷ ଭିତରେ ସାଧନା କରି ଚାଲିବା ସିନା ବାହାଦୁରୀ, ଭୀରୁଙ୍କ ଭଳି ପୃଷ୍ଠଭଙ୍ଗ ଦେଲେ ଆଉ ଜୀବନରେ ସାର୍ଥକତା ରହିଲା କ'ଣ ? ମୃମନ୍ତ ଦେଖିଲା ନିଜକୁ ନିଜେ ସେ ପ୍ରତାରଣା କରିଛି—ଅନ୍ୟର ଦ୍ୱାହି ଦେଇ ସେ ଖାଲି ଆତ୍ମପ୍ରବଞ୍ଚନା କରିକରି ଜୀବନ କଟାଇଛି ।

ସାଗର କହିଥିଲା—"ଜୀବନ ଖେଳର ଘର ନୁହେଁ, କର୍ମର ସମଷ୍ଟି । ଜୀବନକୁ ହତ୍ୟା ନ କରି ଉତ୍ସର୍ଗ କରିଦିଅ ।" କିନ୍ତୁ ସେ ବାସ୍ତବିକ କରିଛି କ'ଣ ? ଜୀବନସାରା ତ ସେ ଖାଲି ଖେଳି ଆସିଛି—ନାମ ତ ଆଜିଯାଏ କିଛି କରିନି । ବୁଢାବାପଙ୍କ ନିକଟକୁ ଫେରିଲେ ପଡ଼ି ହୁଏତ ସେ ଆତ୍ମହତ୍ୟା କରିନି, କିନ୍ତୁ ବଞ୍ଚିରହି ବି ତ ସେ ଜୀବନକୁ ପଳେପଳେ ନଷ୍ଟ କରିଦେଇଛି, ହତ୍ୟା କରିଦେଇଛି—ପରପାଇଁ, ବିଶ୍ୱପାଇଁ, ମଣିଷପାଇଁ କେବେହେଲେ ତ ସେ ଜୀବନକୁ ଉତ୍ସର୍ଗ କରି ଦେଇନି । ବଡ଼ ଘୃଣାହେଲା ନିଜ ଉପରେ । ବଡ଼ ଧିକ୍କାର ଲାଗିଲା ଆପଣା ବିଦ୍ୟା, ବୁଦ୍ଧି, ବିବେକକୁ । ମନେପଡ଼ିଲେ ବାପା—ଦୀନଦୁଃଖୀଙ୍କ ପାଇଁ ସବୁବେଳେ ତାଙ୍କ ଆଖିରୁ ଲୁହ ଝରୁଥିଲା, ଅସହାୟ ଦୁର୍ବଳଙ୍କ ପାଇଁ ସଦାସର୍ବଦା ତାଙ୍କର ପ୍ରାଣ କାନ୍ଦୁଥିଲା ।

—ଅନେଶତ—

ପଡ଼ୋଶୀ ପ୍ରଭାବରୁ ଓଡ଼ିଆଭାଷାକୁ ଜୋଇବଞ୍ଚେଇ ରଖିବାକୁ, ସେ ଆଜୀବନ ଦୁଃଖକଷ୍ଟ ବରଣ କରି ପଡ଼ିରହିଲେ କୋରାପୁଟଭଳି ମେଲେରିଆ-ପ୍ରପୀଡ଼ିତ ଅଞ୍ଚଳରେ ।......ମନେପଡ଼ିଲେ ଦାଦା—ଭାରତର କୋଟିକୋଟି ପରପଦାନତ ନିଷ୍ପେଷିତ ଜନତାକୁ ମୁକ୍ତ କରିବାପାଇଁ ସେ ହସିହସି ଢାଳିଦେଲେ ଜୀବନ । ଇମ୍ଫଲ୍ ରଣକ୍ଷେତ୍ରରେ ଝାରପର ଗୁଳି ଆଗକୁ ଛାତି ପତେଇଦେଇ ସେ ଦେଶମାତୃକାର ପୂଜା ବେଦୀରେ ଅଜାଡ଼ିଦେଲେ କଲିଜା ତଳର ଲାଲରକ୍ତ ।......ପୁଣି ମନେ ପଡ଼ିଲା ସାଗର । ସୋଜ ସାଗରକୁ ଝୁରିଝୁରି ସେ ଆଜି ଏତେସର ହୋଇଛନ୍ତି, ସେଇ ସାଗର ବି କେତେ ମହତ୍ତ୍ୱ କାମ କରି ନ ଗଲା ଜୀବନରେ ! ତା'ପ୍ରାଣରେ ବି ତ ଆଘାତ ଲାଗିଥିଲା, ତା'ଛାତି ବି ତ ବିରହ-ବେଦନାରେ ଥରିଉଠିଥିଲା । କିନ୍ତୁ ସେ ଏଭଳି ପାଗଳ ହୋଇ ଲକ୍ଷ୍ୟଭ୍ରଷ୍ଟ ହେଲା ନାହିଁ ତ ? ଜୀବନର ଘନ ତମସାଚ୍ଛନ୍ନ ଦୁର୍ଦ୍ଦିନରେ ବି ସେ ଧୈର୍ଯ୍ୟ ହରାଇ ନାହିଁ, ପଥ ହୁଡ଼ି ନାହିଁ । ନିଜର ସକଳ ସଙ୍କୀର୍ଣ୍ଣ ସ୍ୱାର୍ଥକୁ ଛାଡ଼ି ପରାର୍ଥରେ ସବୁବେଳେ ଜୀବନକୁ ଢାଳି ଦେଇଛନ୍ତି । ତେବେ ସେ କାହିଁକି ଏପରି ହେଲା ? ସେ କାହିଁକି ନିଜର କର୍ତ୍ତବ୍ୟ ଭୁଲିଗଲା ? ସେ କାହିଁକି ଖାଲି ଆପଣାସ୍ୱାର୍ଥୀ ହୋଇ ଆପଣା ସୁଖସମ୍ଭୋଗ ଖୋଜିବୁଲିଲା ?

ଭାବିଭାବି କିଛି ସ୍ଥିର କରିପାରିଲାନି ସୁମନ୍ତ । ଦିନଦିନ ଦିନରାତି ଏକା ଘରେ ଏକାଠା'ରେ ବସି ସେ ଯେତେଯେତେ ଭାବିଲା, ସେତେସେତେ ତା'ନିଜର ଦୋଷ, ଦୁର୍ବଳତା ଆସି ଆଖି ଆଗରେ ଉଭା ହେଲା-ସେତେସେତେ ତା'ନିଜପ୍ରତି ଘୃଣା, ଧିକ୍କାର, ବିରକ୍ତି ଭାବ ଆସିଲା ।......ଶେଷରାତି—ଅନ୍ଧାର କଟିକଟି, ନିଶା ସାଇଁସାଇଁ ଗର୍ଜୁଛି । ଚାରିଆଡ଼ ନୀରବ, ନିର୍ଜନ । ଆଶ୍ରୁମାଡ଼ି ସୁମନ୍ତ ଥରେ ବିଶ୍ୱପିତାଙ୍କ ଉଦ୍ଦେଶ୍ୟରେ ପ୍ରଣାମ କଲା ଆଉ ଆପଣା

ଦୁର୍ବଳ ମନର ଦୋଷ, ଦୁର୍ବଳତା ପାଇ ତାଙ୍କର ଚରଣତଳେ ଶତସହସ୍ରବାର କ୍ଷମା ପ୍ରାର୍ଥନା କରି ଶେଷ ଲୋତକ ଟେକିବୁନ୍ଦ ଢାଳିଦେଲି ନୀରବରେ । ସେହିଦିନୁ, ସେହି ମୁହୂର୍ତ୍ତରୁ ସୁମନ୍ତ ବଦଳିଗଲା—ସୁମନ୍ତ ଜୀବନରେ ଏକ ଅଚିନ୍ତନୀୟ ପରିବର୍ତ୍ତନ ଆରମ୍ଭ ହେଲା । ସାଗରର ଜୀବନକାଳ ଭିତରେ ଯା'ହୋଇ ନଥିଲା, ଆଜି ମରଣରେ ତା'ହୋଇଗଲା କ୍ଷଣକ ଭିତରେ । ଜୀଅନ୍ତା ମଣିଷର ଶତସହସ୍ର କରୁଣ ମିନତି ଯୋଉ ପାଗଳାମି ଛଡ଼ାଇ ପାରୁ ନ ଥିଲା, ତା'ମୁହୂର୍ତ୍ତକ ମଧ୍ୟରେ ଦୂର ହୋଇଗଲା ମଲାମଣିଷର ଖାଲି ଗୋଟାଏ ନୀରବ ଇଙ୍ଗିତରେ ।

× × ×

ବାସ୍ତବିକ ମଲାମଣିଷର ଦାନ ଆମ ଜୀବନରେ କମ୍ ନୁହେଁ । ମଶାଣିଭୂଇଁର ଜଳନ୍ତା କୁଣ୍ଡ ଉପରେ ମଲାମଣିଷକୁ ଶୁଆଇ ଦେଇ ଆମେ ଯେତେବେଳେ ଫେରିଆସୁ, ସେତେବେଳେ ଆମେ ଭାବୁ ସବୁ ସରିଗଲା । ରତ୍ନଆଁରେ ତା'ମାଟିଦେହଟା ଘଡ଼ିକ ଭିତରେ ଜଳିପୋଡ଼ି ମୁଠାଏ ପାଉଁଶ ହୋଇଗଲା ଭଳି ତା'ର ଶିକ୍ଷା ଦୀକ୍ଷା, ଧର୍ମକର୍ମ, ଉତ୍ସାହ ପ୍ରେରଣା ସବୁ ଝରିଗଲା, ସବୁ ମରିଗଲା । କିନ୍ତୁ ପ୍ରକୃତରେ ତା'ନୁହେଁ । ପ୍ରକୃତରେ ସବୁ ଶେଷ ହୋଇ ଯାଏନା । ଦେହଟା ହୁଏତ କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମରେ ମିଶିଯାଇଁ କ୍ଷଣକ ଭିତରେ ଆପଣାର ଅସ୍ତିତ୍ୱ ହରାଏ କିନ୍ତୁ ସେହି ମଣିଷର ଯେଉଁ ସ୍ମୃତି—ସେଇ ଅଶରୀରୀ ସ୍ମୃତିର ଯେଉଁ ଅକୁହାକଥା, ଅଦେଖା ଇଙ୍ଗିତ, ତା'ଏତେ ଶୀଘ୍ର ଲୁଚି ଯାଏନା । ବରଂ ତା'ରି ପ୍ରେରଣା କେବେକେବେ ଜୀବନରେ ଆଣିଦିଏ ଗୋଟାଏ ମସ୍ତବଡ଼ ପରିବର୍ତ୍ତନ ।

ଝୁଲୁଗୁଲୁ ଧକ୍କା ଖାଇ ଝୁଣ୍ଟି ପଡ଼ିଲେ ମଣିଷ ଯେମିତି ଟିକିଏ ଠିଆ ହୋଇଯାଇଁ ଗୁଣିଆଡ଼କୁ ଚୁହେଁ, ବିଷୟବାସନା ପୂଜ

କଲବାଦରେ ମଜ୍ଜି ରହିଥିଲାବେଳେ ଗୋଟିଏ କେହି ସ୍ତ୍ରୀ କ ପୁଅ କ ଭାଇ ଖସିଗଲେ ସଂସାରୀ ସେହିଭଳି ଘଡ଼ିଏ କାଳ ଥକ୍କାମାରି ଠିଆ-ହୋଇଯାଏ । ମନରେ ଚୈତନ୍ୟ ଆସେ, ହୃଦୟରେ ବୈରାଗ୍ୟ ଆସେ । ଏପରିକ ବେଳେବେଳେ ସେ କୋବେଲକେ ନିର୍ଲୋଭ, ନିସ୍ପୃହ ହୋଇ ତ୍ୟାଗୀ, ଯୋଗୀ, ବୈରାଗୀ ହୋଇଯାଏ । ସେ ଦେଖେ ସବୁ ମାୟା, ସବୁ ମିଛ । ତେଣିକି ସେ ଆପଣା ସୁଖଭୋଗ ଛାଡ଼ି ପରସେବାରେ ମନ ଦିଏ; ପୁଅ ସ୍ମୃତିରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ହାଇସ୍କୁଲ୍ କରେ; ସ୍ତ୍ରୀ ସ୍ମୃତିରେ ମାଣମାଣ ଜମି ବିକ୍ରୀକରି ଡାକ୍ତରଖାନା ବସାଏ । ଗୋଟିକୁ ହରାଇ ସେ କୋଟିକ ପାଇଁ ଭାବେ—ମଳାମଣିଷର ପ୍ରେରଣାରେ ସେ ଉଚ୍ଚ, ଉଦାର, ମହତ୍ ହୋଇ ଦୁନିଆ ଭିତରେ ନାଁ କରେ ।······

× × × ×

ହେମମାଳାର ଅକାଳ ମରଣରେ କାନ୍ଦିଥିଲେ ଥରେ ରାଜ-କୁମାର ଉପେନ୍ଦ୍ର; ଭୂଗର୍ଭଗତା ଜାନକୀର ମାଟିସ୍ତୂପ ଉପରେ ଲୋତକର ଧାରାଶ୍ରାବଣ ଝରାଇଥିଲେ ଦିନେ ଅଯୋଧ୍ୟାପତି ରାମଚନ୍ଦ୍ର, ପୁଣି ମମତାଜ୍‌ର କବର ଉପରେ ଅଶ୍ରୁ ଢାଳିଥିଲେ ଦିନେ ମୋଗଲ ସମ୍ରାଟ୍ ସାହାଜାହାନ । ହେଲେ ସେହି ଦୁର୍ବଳ ମୁହୂର୍ତ୍ତର କେତେ ଟୋପା ଲୁହ ଉପରେ ଫୁଟି ଉଠିଥିଲା ସମସ୍ତଙ୍କର ସବଳ, ଉଜ୍ଜ୍ୱଳ ଭବିଷ୍ୟତ ।······ସେଇ ଦୁଃଖର ଅନ୍ତିମାନରେ ଉପେନ୍ଦ୍ର ଛାଡ଼ିଲା ଭୋଗ ବିଳାସ, ତେଜିଲା ରାଜସିଂହାସନ, ଶେଷରେ ପୂଜା ପାଇଲା ସାରାଭାରତରେ ଜଣେ ଶ୍ରେଷ୍ଠ କବି ହୋଇ···ମାନିନୀ ସୀତା ସ୍ୱାମୀଙ୍କ ଅପମାନରେ ସମାଧି ଦେଲା ଆପଣାକୁ—ଇତିହାସରେ ଖୋଳି ଦେଇଗଲା ସ୍ୱାମୀର ପ୍ରଜାନୁରକ୍ତିର ଆଦର୍ଶ । ସ୍ତ୍ରୀମୁଖ-ବିରତ ରାମ କନକ ସୀତାର ମୂର୍ତ୍ତି ଗଢ଼ି ଗଢ଼ିଲା ଆପଣାକୁ ଜଗତର ଶ୍ରେଷ୍ଠ ରାଜା କରି···ମମତାଜ୍ ମରିଗଲା ସମ୍ରାଟ୍ ଆଖିରେ ଲୋତକର ପାରାବାର ଦେଇ । ପ୍ରିୟା ଲାଗି ପାଗଳ ସମ୍ରାଟ୍ ହରାଇଲା ସଂସାରର

ସମସ୍ତ ଆସକ୍ତ । ସେଇ ରାଣୀର କବର ଉପରେ ଲୋତକ ଢାଳି ଦୀର୍ଘଶ୍ୱାସ ବୁହାଇ ସମ୍ରାଟ୍ ଗଢ଼ିଲା ଜଗତର ସପ୍ତମ ଆଶ୍ଚର୍ଯ୍ୟ···

ସବୁ ଯୁଗରେ ସବୁ କାଳରେ ମଲା ମଣିଷର ପ୍ରେରଣାରେ ଜୀଅନ୍ତା ମଣିଷ ଏମିତ ଉଦ୍‌ବୁଦ୍ଧ ହୋଇ ଉଠିଛି—ଗୋଟିକୁ ହରାଇ ଆରଟି ଜୀବନରେ ଘୋର ପରିବର୍ତ୍ତନ ଆସିଛି । ଆଜ ଠିକ୍ ସେଇଆ ହେଲା । ସାଗରକୁ ହରାଇ ସୁମନ୍ତ ପ୍ରାଣରେ ଦେଖାଦେଲା ଗୋଟାଏ ମସ୍ତ ବଡ଼ ପରିବର୍ତ୍ତନ—ଅଚିନ୍ତନୀୟ, ଅଭାବନୀୟ ।

ଠିକ୍ ତା'ର ଦୁ'ଦିନ ପରେ । ହଠାତ୍ ଦେଖାଗଲା—ସୁମନ୍ତ ଏକାବେଳକେ ନିରାଭରଣା । ତା'ର ସମସ୍ତ ସୁନାଗହଣା ବାଲେଶ୍ୱରର ଲଛମନ୍‌ରାମ୍ ମାଢ଼ୁଆଙ୍କ ପାଖରେ ବିକା ହୋଇଛି ଆଉ ତା' ବଦଳରେ ହଜାର ଟଙ୍କାର ଇନ୍‌ସିଓର୍ଡ଼ଟିଏ "ସେବା-ସଦନର" ସଂପାଦକଙ୍କ ନିକଟକୁ ପଠା ହୋଇଛି ଅନାଥ, ଅକ୍ଷମଙ୍କ ସେବା ଉଦ୍ଦେଶ୍ୟରେ । ଦାଦା, ଖୁଡ଼ୀ ସବୁ ଦେଖିଲେ । କିନ୍ତୁ ଝିଅ ମନରେ କଷ୍ଟ ହେବ ବୋଲି ଗୀମ କି ବସ୍ତୁ ପଦେହେଲେ କିଛି କହିଲେ ନାହିଁ । ସକାଳର ସୁନା ଆଲୁଅରେ ସୁମନ୍ତ ମୁହଁରେ ଉଙ୍କୁଟି ଉଠିଲା ହସ ।

—୨୦—

ଆଜ ଆଉ ସିଏ ବାଟକଣ୍ଟର ବାଇଆଣୀ ନୁହେଁ, ଆଜ ସିଏ ସେହ୍ନ ପରିଚିତ ଧୀର, ନମ୍ର, ଶାନ୍ତ, ସରଳ ସୁନାଝିଅ— ସୁମନ୍ତ । ମଳୟର କୁହୁକ ପରଶରେ ଥୁଣ୍ଟାଗଛରେ ଶାଗୁଆ ପତର କଅଁଳି ଉଠିଲା ଭଳି କେଉଁ ଦେବତାର ଆଶୀର୍ବାଦରେ ଜଳିଲା ପୋଡ଼ିଲା ମନ ତା'ର ଏତେଦିନେ ପଲ୍ଲବି ଉଠିଛି—ଉହଲ ବିକଳ ଆତ୍ମାଟି ଏତେଦିନେ ଉଶ୍ୱାସର କରୁଣ ନିଃଶ୍ୱାସ ମାରୁଛି । ଜୀବନକୁ

—ଗୀଏ ତନ—

ସେ ଭୁଲି ଯାଇଥିଲା । ଜୀବନର ଧର୍ମ, କର୍ମ, ଲକ୍ଷ୍ୟ, ଉଦ୍ଦେଶ୍ୟ— ସବୁକୁ ପାସୋରି ଦେଇ ସେ ଧାଇଁଥିଲା ଗୋଟାଏ ମରୀଚିକା ପଛରେ । ଜଣକୁ ସେ ଭଲ ପାଇଥିଲା, କିନ୍ତୁ ବିନିମୟରେ ତା'ଠ ସେ ଖୋଜୁଥିଲା ପ୍ରତିଦାନ । ମର୍ମେମର୍ମେ ତା'ର ଭରି ରହିଥିଲା ବାସନା, କାମନା, ଫଳପ୍ରାପ୍ତିର ଦୁର୍ବାର ଲାଳସା । କିନ୍ତୁ ପଥରେ ରହିଥିଲା ପ୍ରତିବନ୍ଧକ । ପ୍ରତିଦାନ କିଛି ମିଳିଲାନି, ଅଭିଳାଷ କିଛି ପୂର୍ଣ୍ଣ ହେଲାନି । ଫଳରେ ଆସିଲା ଦୁଃଖ, ଅଶାନ୍ତି, ବ୍ୟଥା, ବେଦନା କିନ୍ତୁ ପ୍ରତିଦାନ ଆଶା ନ ରଖି ଖାଲି ଭଲପାଇବା ପାଇଁ ଭଲ ପାଇଥିଲେ ସେ ତ ଏମିତି କଳବଲ ହୋଇ ନଥାନ୍ତା ? ଜଣକ ସେବା ପାଇଁ ବ୍ୟାକୁଳିତ ନ ହୋଇ ସମଗ୍ର ମଣିଷ ଜାତିର ସେବାରେ ନିଃସ୍ୱାର୍ଥପର ଭାବରେ ମନପ୍ରାଣ ଢାଳି ଦେଇଥିଲେ ସେ ତ ଏମିତି ହନ୍ତସନ୍ତ ହୋଇ ବ୍ୟର୍ଥତାର ହାହାକାର ଭିତରେ ଜଳି-ପୋଡ଼ି ମରି ନ ଥାନ୍ତା ? କାମନାହୀନ କର୍ମରେ ସିନା ପ୍ରକୃତ ଶାନ୍ତି, ଫଳ ଆଶା ରଖିଲେ ଆଉ ଶାନ୍ତି ଆସିବ କୋଉଠି ? ସନ୍ତୋଷ ମିଳିବ କୋଉଠି ?

ଏତେଦିନେ ସୁମନ୍ତ ନିଜର ଭୁଲ ବୁଝିଲା । ମୋହ ଘୁଞ୍ଚିଗଲା, ଅନ୍ଧାର ମଉଳିଗଲା । ଆଖି ଆଗରେ ଶତଶତ କଙ୍କାଳର ଛାଇ ପ୍ରେତପୁରୀର ହାଡ଼ମାଳ ଧରି ଭାସି ଉଠିଲେ; କାନ ପାଖରେ ଲକ୍ଷ ଲକ୍ଷ ମଲା, ଦରମଲା, ଭୋକିଲା, ନଙ୍ଗଳା ମଣିଷଙ୍କର କରୁଣ ଆର୍ତ୍ତନାଦ ଶୁଣାଗଲା । ସମସ୍ତେ ତା'କୁ ହାତ ପତେଇ ଡାକୁଛନ୍ତି । ସବଳର କବଳରୁ ରକ୍ଷା କରିବା ପାଇଁ ଦୁର୍ବଳ ତା'ରି ଆଡ଼େ ଚକିତରେ ଚାହିଁ ରହିଛି; ପଚା ନର୍ଦ୍ଦମାରୁ ପୋକ ଆଣ୍ଡେଇ ଦେଇ ଧଳାଭାତ କେଇଟି ଖୁଣ୍ଟି ଖାଉଥାଉ କୁଷ୍ଠରୋଗୀ ତା'ରି ଆଡ଼କୁ ନୀରବରେ ଚାହିଁ ରହି ଲୁହର ସୁଅ ବୁହାଇ ଦେଉଛନ୍ତି; ତା'କୁ ଚାହିଁ ଚାହିଁ ସିଂହଭୂମ, ମେଦିନୀପୁର, ଷଢ଼େଇକଳା, ଖରସୁଆଁର ଲକ୍ଷ

ଲକ୍ଷ ନର୍ଯ୍ୟାତିତ, ନିଷ୍ପେଷିତ ଓଡ଼ିଆ ମା' କୋଳକୁ ଫେରି ଆସିବାକୁ ବକ୍ଷ ଫଟାଇ ଚିତ୍କାର କରୁଛନ୍ତି । ସୁମନ୍ତି ଆଉ ସହି ପାରିଲା ନାହିଁ । କୋଟିକୋଟି ପ୍ରାଣର କରୁଣ ଆହ୍ୱାନ ସେ ଆଉ ମୁହୂର୍ତ୍ତକ ପାଇଁ ଏଡ଼ିଦେଇ ପାରିଲା ନାହିଁ ।......ସାଗରିର ଫଟୋଟି ଉପରେ ମଥାରଖି ଧାରଧାର ଲୁହ ଝରାଇ କହିଲା— "ପଥ ହୁଡ଼ିଥିଲି, ବାଟ ଭୁଲିଥିଲି । ଜୀବନ ଦେଇ ତମେ ମୋତେ ବାଟ ଦେଖାଇ ଦେଇଛ, ଆଉ କେବେ ଭୁଲିବି ନାହିଁ । ସେଇ 'ସେବା'ରେ ହିଁ ମୋର ଜୀବନ ଯାଉ—ଏତିକି ବଳ ଦିଅ—ଏତିକି ଆଶୀର୍ବାଦ କର"......ସୁମନ୍ତି ଉଠିଲା ।

ଝିଅର ପରିବର୍ତ୍ତନ ଲକ୍ଷ୍ୟ କରୁଥିଲେ ରାଣୀଦେବୀ । ଛାତି ତାଙ୍କର ଆନନ୍ଦରେ ଫାଟି ପଡ଼ିଲା । ଧାଇଁ ଯାଇଁ ସୁମନ୍ତିକୁ କୁଣ୍ଢେଇ ପକେଇ ସେ ଭୋ ଭୋ କାନ୍ଦି ଉଠିଲେ । ଘରେ ଚହଳ ପଡ଼ିଗଲା । ଘରବାହାର, ଗଲା ଆଇଲା ସଭିଙ୍କ ଆଖିରୁ ବି ଝରିପଡ଼ିଲା ଅଶ୍ରୁ— ଦୁଃଖର ଅଶ୍ରୁ ନୁହେଁ ଆନନ୍ଦର ଅଶ୍ରୁ । ସ୍ୱୟଂ ସଦାନନ୍ଦ ବାବୁ ବି ନିଜକୁ ସମ୍ଭାଳି ପାରିଲେ ନାହିଁ । ଆଖି ତାଙ୍କର ଛଳଛଳ ହେଲା । ନୂଆ ଜନ୍ମ ପାଇଲା ଭଳି ଏତେଦିନେ ସୁମନ୍ତି ମୁହଁରେ ଫୁଟି ଉଠିଲା ସରାଗ । ସେ ଜଣ ଜଣ କରି ସଭିଙ୍କ ପାଖକୁ ଯାଇଁ ପ୍ରଣାମ କଲା, ପିଲାମାନଙ୍କୁ କୋଳକୁ ଟାଣିନେଲା, ରାଣୀଦେବୀଙ୍କ ଛାତି ଭିତରେ ମୁହଁ ଗୁଞ୍ଜି ଶେଷଥର ପାଇଁ ଲୋତକ ଦି'ବୁନ୍ଦ ଢାଳିଦେଲା । ସତେକି ତା'ରି ଭିତରେ ଧୋଇ ହୋଇଗଲା ସବୁ ମଳି—ସେ ପୁଣି ଆଗଭଳି ଦିଶିଲା ସରସ, ସୁନ୍ଦର, ଜୀବନ୍ତ ।

ରାଣୀଦେବୀ କହିଲେ—"ଯା' ହେଇଚି ହେଇଚି, ଆଉ କାଲୁ ସେ ପୋଡ଼ାପଡ଼ା ଘରକୁ ଝିଅକୁ ମୋର ପଠେଇବି ନାହିଁ । ସହଜେ ତ କେହି ଦେଖି ପାରନ୍ତି ନାହିଁ, ତହିଁରେ ପୁଣି ସଉଣୀ

ଜାଳା—ଖାଇ ଥାଉଁଥାଉଁ ହାଡ଼ରୁ ମାଉଁସ ଝୁଣି ଖାଇବ । ନା, ନା, ଆଉ ସେଠି ନୁହେଁ । ଅନ୍ୟ କେଉଁଠି ଠିକ୍ କର—ଡିଅର ମୋର ସାନ ବାହାଘର କରିବ ।” ସଦାନନ୍ଦ ବାବୁ ବି ସେଥିରେ ରାଜିହେଲେ । କିନ୍ତୁ ଯାହାପାଇଁ ଦାଦା ଖୁଡ଼ୀଙ୍କର ଏତେ ଚିନ୍ତା, ସେଇ ସୁମନ୍ତ ନିଜେ ବାରଣ କଲା । ସେ ଦେଖିଲା—ସ୍ୱାମୀ ତା'ର ଦ୍ୱିତୀୟବାର ବିବାହ କରି ଆଉଜଣକୁ ଘରକୁ ଆଣିଥିଲେ ହେଁ ସେଥିପାଇଁ ସ୍ୱାମୀ ଦୋଷୀ ନୁହଁନ୍ତି, ଦୋଷୀ ସେ ନିଜେ । କାରଣ ସେ ଯଦି ନିଜର କର୍ତ୍ତବ୍ୟ କରିଥାନ୍ତା, ସେ ଯଦି ସ୍ୱାମୀଙ୍କର ଯୁବ-ସୁଲଭ ତରଳ, ଚଳଚଳ ମନଟିକୁ ସ୍ନେହପ୍ରେମରେ ବାନ୍ଧି ରଖିଥାନ୍ତା, ତା'ହେଲେ ସେ କାହିଁକି ଆଉ କୁଆଡ଼େ ଚଳି ଯାଇଥାନ୍ତେ ? ସେ କାହିଁକି ତା' ଛାତିରେ ଗୋଇଠା ମାରି ତା' ଶୋଇଲା ପଲଙ୍କରେ ଆଜି ଆଉଜଣକୁ ଧରି ପ୍ରେମ କରୁଥାନ୍ତେ ? ସୁମନ୍ତ ଭାବିଲା—ସେଇଟି ସେ ଆଗ ପ୍ରାୟଶ୍ଚିତ୍ତ କରିବ—ସେଇ ସଉତୁଣୀର ଚରଣ ଧରି ତା'ରି ଆଗ ସେ ସେବା କରିବ ।

ସନ୍ତୋଷକୁମାର ଜୀବନରେ କେବେ ଭୁଲରେ ହେଲେ କଳ୍ପନା କରି ନ ଥିଲେ ଯେ ସୁମନ୍ତ ପୁଣି ଫେରିଆସିବ । କିନ୍ତୁ ସୁମନ୍ତ ଯେତେବେଳେ ସକଳ ଅଭିମାନ ଭୁଲି, ସକଳ ଅପମାନକୁ ପଛକୁ ପକେଇ ଅଲୋଡ଼ା ଅଖୋଜା ଆସି ତାଙ୍କ ପାଦତଳେ ମଥା ନୋଇଁଲା, ସେତେବେଳେ ସନ୍ତୋଷକୁମାରଙ୍କ ଛାତି ଭିତରେ ସତେକି ଚହୁଁକନା ଲାଗିଗଲା ଗୋଟାଏ ନିଆଁ ହୁଳା । ଅବାକ୍ ହୋଇ ସେ କ୍ଷଣେକାଳ ଚୁହିଁ ରହିଲେ । ମୁହୂର୍ତ୍ତ କେଇଟି ନୀରବରେ କଟିଲା । କିନ୍ତୁ ସୁମନ୍ତ ଯେତେବେଳେ ପାଦ ଉପରୁ ମଥା ନ ଉଠେଇ ସେମିତି ପଡ଼ିରହି ଭେ ଭେ କାନ୍ଦିବାକୁ ଲାଗିଲା, ସେତେବେଳେ ଯାଇଁ ତାଙ୍କ ଠେଇଁ ଚେତା ପଶିଲା । ସେ ଚଉକ

ଉପରୁ ନଇଁ ପଡ଼ି ଧୀରେଧୀରେ ତା'ଙ୍କୁ ତଳୁ ଉଠେଇଲେ । ଛାତିରେ ତାଙ୍କର ଗୁମରି ଉଠିଲା କୋହ, ଆଖିରୁ ତାଙ୍କର ଝରି ଆସିଲା ଅଶ୍ରୁ । ବହୁକଷ୍ଟରେ ନିଜକୁ ସମ୍ଭାଳି ନେଇ ବଡ଼ କରୁଣ ଦୃଷ୍ଟିରେ ସେ ତା' ଆଡ଼କୁ ଚାହିଁଲେ·······ଦୂରରେ ଠିଆ ହୋଇ ଚାହିଁ ରହିଥିଲେ ସଦାନନ୍ଦ ବାବୁ । ସଜଳ ଆଖିପତା ଦୁଇଟି ତାଙ୍କର କ୍ଷଣକପାଇଁ ମୁଦି ହୋଇଗଲା ଆନନ୍ଦରେ । ସନ୍ତୋଷ-କୁମାର ଉଠି ଆସି ତାଙ୍କ ଚରଣରେ ପ୍ରଣାମ କଲେ । ଆଶୀର୍ବାଦ କରି ବୃଦ୍ଧ ସଦାନନ୍ଦ ଧୀରେଧୀରେ ସେଠୁ ଅପସରି ଗଲେ ଅନ୍ୟଆଡ଼େ ।·····ଦୋମହଲା ଉପରୁ ତୀକ୍ଷ୍ଣ ଦୃଷ୍ଟିରେ ଅନେଇ ରହିଥିଲା ଯୋଡ଼ିଏ ଆଖି । ଈର୍ଷାରେ ସିଏ ଜଳି ଉଠିଲା, କ୍ରୋଧରେ ଗର୍ଜି ଉଠିଲା, ମଣିହରା ଫଣୀ ପରି ରାଗରେ ଫଁ ଫଁ ହୋଇ ନିମିଷକ ଭିତରେ ସିଏ ଧାଇଁ ଆସିଲା ତଳକୁ ।

"କିଏ ସେ ଆଗନ୍ତୁକା ?"

"ସୁମିତ୍ରା"

"ସୁମିତ୍ରା ? ସେ କିଏ ?"

"ସେ ମୋର ଧର୍ମପତ୍ନୀ"

"ଧର୍ମପତ୍ନୀ ?·····"

ଗର୍ଜି କାନ୍ଦିଲା ଭଳି ସ୍ୱର୍ଣ୍ଣଲତା ଗଡ଼ିପଡ଼ିଲା ବୈଠକଖାନାର ଗୋଟାଏ ସୋଫା ଉପରେ । ଚତୁର୍ଦ୍ଦିଗ ଅନ୍ଧକାର ଦେଖାଗଲା । ଆଖି ଭିତରୁ ଜୁଳୁଜୁଳିଆ ପୋକ ବାହାରି ପଡ଼ିଲା । ମୁହୂର୍ତ୍ତେ ବିଳମ୍ବ ନ କରି ସୁମିତ୍ରା ଧାଇଁ ଆସିଲା ପାଖକୁ । ନିଜେ ନଇଁ ହୋଇ ହାତ ଧରିଲା ଉଠେଇବାକୁ । ସ୍ୱର୍ଣ୍ଣଲତା କିନ୍ତୁ ସେତେବେଳେ କ୍ରୋଧରେ ଜର୍ଜରିତ ହେଉଥିଲା । ଘୃଣାରେ ନାସିକାକୁଞ୍ଚନ କରି

ସେ ତା' ହାତ ଝୁଣ୍ଟିଆଡ଼ ଗୁଣ୍ଡିତରେ ମାଇଲା ଏକ ବଜ୍ର ଗୋଇଠା । ସନ୍ତୋଷକୁମାର ନଇଁପଡ଼ି ସୁମନ୍ତଙ୍କ ତୋଳି ଧରିଲେ । ସ୍ୱର୍ଣ୍ଣଲତା ଚମକମ ହୋଇ ଚାଲିଗଲା ଉପରକୁ ଆଉ ଶୋଇବାଘରେ ପଲଙ୍କ ଉପରେ ପଡ଼ି କାନ୍ଦି ଉଠିଲା କଇଁକଇଁ ହୋଇ । ସୁମନ୍ତ ଆଖିରେ କିନ୍ତୁ ଏତେ ଟିକିଏ ଲୁହ ନ ଥିଲା ବରଂ ତା'ମୁହଁରୁ ଝରି ନାଚୁଥିଲା ଏକ ସ୍ୱର୍ଗୀୟ ଆନନ୍ଦ—ଅମୀୟ ମାଧୁର୍ଯ୍ୟ । କାନ ପାଖରେ ତା'ର ଶୁଭି ଯାଉଥିଲା ତା'ର ନିଜର ପ୍ରତିଜ୍ଞା—"ସେ ଆଗ ସେବା କରିବ ସଉତୁଣୀର" ।......କିନ୍ତୁ ବଡ଼ ଅଡ଼ୁଆରେ ପଡ଼ିଲେ ସନ୍ତୋଷକୁମାର । ମନ ତାଙ୍କର ତିକ୍ତ ହୋଇ ଉଠିଲା । ଜୀବନର ସୁଖସ୍ୱର୍ଗ ଆଗରେ ଏ ଗୋଟିଏ ଅଶାନ୍ତ ଉପଦ୍ରବର ଅମଙ୍ଗଳ ଧୂମକେତୁ ଉଇଁ ଆସିଲା ଭଳି ତାଙ୍କର ମନେହେଲା । ସୁମନ୍ତ ପାଇଁ ତାଙ୍କର ମନ ଯାହା ଟିକିଏ ନଇଁ ଆସିଥିଲା, ସ୍ୱର୍ଣ୍ଣ-ଲତାଙ୍କର କରୁଣ କ୍ରନ୍ଦନ ଶୁଣି ତା'କୁଆଡ଼େ କ୍ଷଣକ ମଧ୍ୟରେ ଉଭେଇଗଲା । ନା, ନା, ଆଦ୍ୟ ଯୌବନର ସାଥୀ ମାନମୟୀ ସ୍ୱର୍ଣ୍ଣଲତାଙ୍କ ପ୍ରାଣରେ ସେ ଆଘାତ ଦେଇ ପାରିବେ ନାହିଁ । ସୁମନ୍ତର ସବୁ ଆକର୍ଷଣ, ସବୁ ମାୟାମମତା ତେଜି ସେ ଧାଇଁ ଯିବେ ତା' କୋଳକୁ—ତୋଳିଧରିବେ ତା'ସୁନ୍ଦର, ସୁଗୋଲ ମୁହଁଟିକି··· ଠିକ୍ ସେଇଆହିଁ ହେଲା । କାହାରି ଆଡ଼କୁ ଆଉ ଆଖିରେ ନ ଚାହିଁ ଛୁଟିପିଟି ହୋଇ ସନ୍ତୋଷକୁମାର ପଳେଇଗଲେ ଉପରକୁ । ତଥାପି—ତଥାପି ସୁମନ୍ତ ଆଖିରୁ ବୁନ୍ଦାଏ ହେଲେ ଲୁହ ଝରିନି, ସୁମନ୍ତ ପ୍ରାଣରେ ଏତେଟିକିଏ ହେଲେ ଦୁଃଖ ହେଇନି । କେଇଟି ମୁହୂର୍ତ୍ତ ପରେ ସିଏ ଧୀର ମନ୍ଥର ଗତିରେ ପାହାଚ ଉପରେ ଗୋଡ଼ ଦେଲା ଉପରକୁ ଉଠିବାକୁ ।

ଦିନଦିନ ହୋଇ କୋଡେଟି ଦିନ ଏହାଭିତରେ କଟିଗଲାଣି । ସ୍ୱାମୀଙ୍କ ମନ ଟିକିଏ ବଦଳିଛି, ହେଲେ ସ୍ୱର୍ଣ୍ଣଲତାଙ୍କ ମନ ଏବେ ଟିକିଏ ବି ପରିବର୍ତ୍ତନ ହୋଇନି । ସବୁବେଳେ ସିଏ ରଗରଗ— ସବୁବେଳେ ତା'ର ଝାଉଁଝାଉଁ କଥା । କିନ୍ତୁ ସୁମତି ମୋଟେ ସେ କଥାକୁ ଛଳକରେ ନା । ଯେତେ ଯା'କହିଲେ ବି ସେ ତା'ର ପଦିଏ ହେଲେ ଉତ୍ତର ଦିଏନା । ଗୋରୁଙ୍କଭଳି ସବୁ ଆଖିବୁଜି ମୁଣ୍ଡପୋତି ସହିଯାଏ । ସ୍ୱର୍ଣ୍ଣଲତା ଘରର ମାଲିକ । ଧନ, ଦଉଲତ, ଟଙ୍କା, ସୁନା—ସବୁ ତା'ହାତରେ; ଚେଷ୍ଟ୍ରେଜେରି, ସିନ୍ଦୁକ, ଅମାର, ଖମାର— ସବୁର ଚାବି ତା'ପଣତ କାନିରେ । ସେଥିରେ ପୁଣି ସ୍ୱାମୀ ବଡ଼ ଇଞ୍ଜିନିୟର—ଉଚ୍ଚ ପାହ୍ୟାର ସରକାରୀ ହାକିମ । ତେଣୁ ଦରମା ବାବଦ ପାଁ'ଶ ସାତ'ଶ ଛଡ଼ା ଫି'ମାସରେ ଉପୁରି ହଜାରେ ଦି'ହଜାର ଘରେ ପଶେ । ଧନ, ଐଶ୍ୱର୍ଯ୍ୟ, ଭୋଗବିଳାସରେ ଅଳକାପୁରୀ ବି ସରି ହେବ ନାହିଁ । ହେଲେ ସବୁର ମାଲିକ ସ୍ୱର୍ଣ୍ଣ । ଘିଅରେ ଖାଇ ସେ ଦୁଧରେ ହାତ ଧୁଏ; ଗୋଡ଼ରୁ ମୁଣ୍ଡଯାଏ ସୁନାଗହଣାରେ ଛୁଇ ହୋଇ ଦାମୀ ଦାମୀ ଜରଜେଟ୍ ଶାଢ଼ୀ ପିନ୍ଧି ସେ ମଟରରେ ଘୁରି ବୁଲେ; ଗ୍ଲିସରିନ୍‌ସ୍ନିଗ୍ଧ କୃଷ୍ଣବେଣୀରେ ଇଭନିଂ ପ୍ୟାରିସ୍‌ର ଗନ୍ଧ ଛୁଟାଇ ମନ୍ଦଗତିରେ ସେ ସ୍ୱାମୀ କୋଳରେ ଢଳିପଡ଼େ । ସୁମତି ସବୁ ଦେଖେ—ହେଲେ କେବେହେଲେ ଥରକପାଇଁ ସେ ଈର୍ଷା କରେନା ।

ସ୍ୱର୍ଣ୍ଣ ଗହଣା ପିନ୍ଧିଲେ ଏଇ ଧୂଳିମାଟି ଦୁନିଆର ମଣିଷପରି ଦିଶେନା, ଠିକ୍ ଦିଶେ ଶରତକାଳର ଦେବୀ ପ୍ରତିମାଭଳି, ଅଥଚ ସୁମତି ଏକାବେଳକେ ନିରାଭରଣା—ରୂପାକାଚ ଦି'ଦି'ପଟିକି

ତା'ର ଏକମାତ୍ର ଭୂଷଣ । ସ୍ୱର୍ଣ୍ଣ ଲୁଗା ପିନ୍ଧିଲେ କିନ୍ତୁ ନ ପିନ୍ଧିଲାପରି ଦିଶେ । ପୁଣି କେତେବେଳେ ବା ନାରଙ୍ଗୀ, କଳାମେଘୀ, ମଦୁରା, ମେଘମହ୍ଲାର, ଝରଣା, ପଦ୍ମମୟୂର ଆଦି କେତେ ଜାତିଜାତିକା ରଙ୍ଗ ବେରଙ୍ଗ ଶାଢ଼ୀରେ ବେଶ ବଦଳେଇ ଦେବସଭାର ରମ୍ଭା, ମେନକାଙ୍କଠାରୁ ବଳି ଶୋଭାପାଏ । ଘଡ଼ିକି ଘଡ଼ି ଫେସନ—ପହରକୁ ପହର ନୂଆ ନୂଆ ବ୍ଲାଉଜ, ଘଣ୍ଟା, ଜୋତା, ଚଷମା । ଅଥଚ ସୁମନ୍ତ ଖାଲି ପାଣି, ବାଉଗି ଘରଭଳି ସବୁବେଳେ ବେଢ଼େଇ ହୋଇଥାଏ ସେଇ ମୋଟା ମଇଳା ଲୁଗାଖଣ୍ଡିକ । ସ୍ୱର୍ଣ୍ଣଭଳି ମୁହଁରେ ଟିକିଏ ସ୍ନୋ ନାହିଁ, ଓଠରେ ଟିକିଏ ଲିପଷ୍ଟିକ୍ ନାହିଁ, ଗାଲରେ ଟିକିଏ ରୁଜ୍ ନାହିଁ କି ଗୋଡ଼ରେ ହଳେ ଚପଲ୍ ନାହିଁ । ସତେ ଯେମିତି ମଫସଲର ଗରିବ, ଅନାଥ, କୁଳି, ମୂଲିଆଘର ଝିଅଟି—ପାଠଶାଠ ପଢ଼ି ନାହିଁ, ସଭ୍ୟତା ଶିଖି ନାହିଁ । ଯା', ନଣନ୍ଦଙ୍କ କଥା ତେଣିକି ଥାଉ ଘରର ଦାସୀ ପରିବାରୀ ସୁଦ୍ଧା ତା'କୁ ଦେଖି ହସନ୍ତି—ଥଟ୍ଟା ପରିହାସ କରନ୍ତି । ସ୍ୱର୍ଣ୍ଣଲତା କଥା ନ କହିବା ହିଁ ଭଲ । ଯା'ର ଯୁଇ ପଡ଼ିଲେ ତା'ର ନାହିଁ ଜୁଇଁ । ପିନ୍ଧିବାକୁ ଖଣ୍ଡିଏ ଲୁଗା ଦିଏନା, ନଗେଇବାକୁ ଟିକିଏ ତେଲ ଦିଏନା, ଖାଇବାକୁ ମୁଠିଏ ସୁରୁଖୁରୁରେ ଦିଏନା । ତଥାପି ତା'କୁ ଦେଖିଲେ ସେ ଚଡ଼ଚଡ଼ ହୁଏ, ଦୂରଦୂର ଖୁରଖୁର ହୁଏ, ଭଲରେ ମନ୍ଦରେ ତା' ଚଉଦପୁରୁଷ ଉଖାଳେ । ଏମିତିକି ନୂଆନୂଆ ବନ୍ଧୁବାନ୍ଧବ କେହି ଆସି ତା' ପରିଚୟ ପଚାରିଦେଲେ ବେଳେବେଳେ ସେ ହସିହସି କହେ—"ମୋ ନୂଆ ଚାକରାଣୀ—ପୋଇଲି......"

ଶୁଣିଶୁଣି ସୁମନ୍ତ ବଧିର ହୋଇଗଲାଣି; ସହି ସହି ପଥର ପାଲଟି ଗଲାଣି । ତଥାପି ସେ ଦିନେହେଲେ ତୁଣ୍ଡ ଖୋଲି ପଦେ କହିନାହିଁ କି ଜୀବନ ଗଲେ ବି କେବେ କହିବ ନାହିଁ । ଖାଲି

‘ଗୃହକରଣୀ’ ବୋଲି କଥାରେ ନ କହି ସଙ୍କୁଚିତ ନାମରେ ଆଣି ତା’କୁ ଗୃହକରଣୀଭଳି ଖଟେଇଲେ ବି ସୁମନ୍ତ କେବେ ତହିଁରେ ଆପତ୍ତି କରିବ ନାହିଁ । କାରଣ ସେ ଜାଣେ, କହିବା ଲୋକ କେବେ ବଡ଼ ନୁହେଁ ସହିବା ଲୋକହିଁ ବଡ଼ । ପୁଣି ସହିସହି ଏ ଗୋଟିଏ ଲୋକର ମନ ପରିବର୍ତ୍ତନ କରି ନ ପାରିଲେ ସେ କୋଟିଏ ଲୋକର ସେବା କରିବ କିପରି ? ଗୋଟିଏ ଲୋକକୁ ସ୍ନେହପ୍ରେମରେ ଆପଣା ଆଡ଼କୁ ଟାଣିଆଣି ନ ପାରିଲେ ବିଶ୍ୱର ଅଗଣିତ ମାନବସମାଜକୁ ସେ ଭଲ ପାଇବ କିପରି ? ପରୀକ୍ଷା ତା’ର ବିଷମ ସ୍ଥାନରେ । ଜୀବନରେ ତା’ର ଯିଏ ପରମ ଶତ୍ରୁ ସେହି ସଉତୁଣୀକୁହିଁ ସେ ପ୍ରଥମେ ଭଲ ପାଇବ—ସେହି ସଉତୁଣୀର ସେବାରେହିଁ ସେ ପହିଲେ ମନପ୍ରାଣ ଢାଳିଦେବ । ଆଜି ସେଥିରେ ଯଦି ସେ କୃତକାର୍ଯ୍ୟ ହୁଏ, ତା’ହେଲେ ଲକ୍ଷ୍ୟ ତା’ର ନିଶ୍ଚୟ ପୂର୍ଣ୍ଣ ହେବ, ଜୀବନ ତା’ର ନିଶ୍ଚୟ ସାର୍ଥକ ହେବ ।

ସ୍ୱର୍ଣ୍ଣ ଦେଖିଲା, ଯେତେ ଅପମାନ ଦେଲେ ବି ସୁମନ୍ତ କେବେ ଛଳ କରୁନି । ସବୁବେଳେ ସବୁକଥା ମୁଣ୍ଡ ନୋଇଁ ସହି ଯାଉଛି ତୁଣ୍ଡ ଖୋଲି କେବେ ଥରେ ପ୍ରତିବାଦ କରୁନି । ଓଲଟି ରାତି—ନ ପାହୁଣୁ ଆସି ତା’ ବେଡ୍-ଟି ସଜାଡ଼ି ଦେଉଛି; ତା’ ଶୋଇଲା ଘରକୁ ଦିନ ଭିତରେ ସାତପରସ୍ତ ଓଲେଇଆଲେଇ ସଫାସୁତୁରା କରୁଛି; ଟିକିଏ କ’ଣ ଦେହମୁଣ୍ଡ ହେଲେ ରାତିରାତି ତା’ ପାଖରେ ବସି ମୁଣ୍ଡ ଚିପୁଛି, ପଙ୍ଖା କରୁଛି, ଗୋଡ଼ ଆଉଁସୁଛି । ସବୁବେଳେ ହସହସ, ସବୁବେଳେ ଉଦାର, ନିର୍ଲିପ୍ତ, ନିର୍ବିକାର । ସତେ ଯେମିତି ସ୍ୱର୍ଣ୍ଣ ତା’ର ଅଳିଅଳି ପିଲା ଭଉଣୀଟି । ଦୁନିଆ କ’ଣ ଦେଖିନାହିଁ, ଜୀବନ କ’ଣ ଜାଣି ନାହିଁ । ଯୌବନ ନିଶାରେ ଅମାନିଆ ହୋଇ ଯେ ଯେଣେ ଇଚ୍ଛା ତେଣେ ଧାଉଁଛି । ସୁମନ୍ତ ତା’କୁ ମଣିଷ ନ କରିବ ତ

ଆଉ କରିବ କଏ ? ସାନ ଚଢେଇଟି ଉଡ଼ା ଶିଖି ନ ଥିଲେ ବଡ଼ ଚଢେଇ ତା'କୁ କଷ୍ଟ କରି ଶିଖେଇଦେବ ସିନା, . ତା' ଉପରେ ଅଭିମାନ କରି ଦୂରକୁ ଚାଲିଯିବ କେମିତି ? ତେଣୁ ସ୍ୱର୍ଣ୍ଣ ସବୁବେଳେ ତା ମୁହଁରେ ଚାହିଁ ଦେଲେ ବି ସୁମନ୍ତ ସବୁ ଅପବାଦ ଭୁଲି ସବୁବେଳେ ତା'କୁ ତୋଳି ଧରିଥାଏ ।

ଫଗୁଣର ଏକ ଫଗୁଲ ସଞ୍ଜ । ସିନେମାରୁ ଫେରି ସ୍ୱର୍ଣ୍ଣ ଶୋଇଲା ଜ୍ୱରରେ । ଭୟଙ୍କର ତାତି—୧୦୩ ଡିଗ୍ରୀ ଉତ୍ତାପ । ତିନଦିନ ତିନରାତି କଟିଗଲା । ପାଣି ମୁନ୍ଦାଏ ପିଇ ନାହିଁ, ଆଖି ଖୋଲି ଥରେ ଚାହିଁ ନାହିଁ । ଚତୁର୍ଥ ଦିନ ଦେଖାଗଲା ଦେହରେ ବସନ୍ତ । ଗୋଟିଗୋଟି ହୋଇ ଦେହସାରା ଫୁଟି ଉଠିଲା—ସୋରିଷ ପକେଇବାକୁ ଗାଁ' ନାହିଁ । ଅଷ୍ଟାଙ୍ଗ ଶରୀର ସ୍ଥିର ହୋଇଗଲା ଅଖା ବସନ୍ତରେ । ସୁମନ୍ତ ଖିଆପିଆ ଭୁଲିଗଲା, ଦିନରାତି ଭୁଲିଗଲା । ଜୀବନ ପ୍ରାଣ ଦେଇ ଲାଗିପଡ଼ିଲା ତା' ସେବାରେ । ଦାସଦାସୀ, ପୋଇଲିପରିବାରୀ—କେହି ପାଖ ପଶିଲେ ନାହିଁ । ମା', ନଣନ୍ଦ, ସାଙ୍ଗସାଥୀ ସଭିଏଁ ଘୃଣାରେ ନାକଟେକି ଦୂରେଇ ଗଲେ । ଏପରିକି ଆପଣାର ପ୍ରିୟତମ ସ୍ୱାମୀ ମଧ୍ୟ କାମର ବାହାନା କରି ଚାଲିଗଲେ ଗସ୍ତରେ । କିନ୍ତୁ ମୁହୂର୍ତ୍ତକ ପାଇଁ ଅଲଗା ହୋଇ ନାହିଁ ସୁମନ୍ତ । ଆଖି ଆଗରେ ସେବାର ଏକ ପରମ ପବିତ୍ର ସୁଯୋଗ ଆସିଥିବାର ଦେଖି ଆନନ୍ଦରେ ସିଏ ମାତି ଉଠିଛି । ଟିକିଏ ଘୃଣା କରିନାହିଁ, ଟିକିଏ ପର ବୋଲି ଭାବି ନାହିଁ । ହସହସ ତା'ର ବିଛଣାପତ୍ର ସଫା କରିଛି, ତା' ପୂଜପାଣି ଆପଣା ହାତରେ ପୋଛି ଆଣିଛି, ତା' ମଳମୂତ୍ର ଆଂଜୁଳା ଆଂଜୁଳା କରି ଆଣି ବାହାରେ ଫିଙ୍ଗିଛି । ନ'ଦିନ, ନ'ରାତି ଆପଣାର ଅସ୍ତିତ୍ୱ ପର୍ଯ୍ୟନ୍ତ ସେ ଭୁଲି ଯାଇଛି; ଏକୋଇଶି ଦିନ କାଳ ଦିନରାତି ଚବିଶି ଘଣ୍ଟା ତା' ବିଛଣା ପାଖରେ

ଖାଡ଼ାପହରା ବସିବସି ମରଣର ଆରପାରିରୁ ତାଙ୍କୁ ଫେରେଇ ଆଣିଛୁ ।

ଭଲ ହୋଇ ଆଖି ମେଲେଇ ଯେତେବେଳେ ସ୍ୱର୍ଣ୍ଣଲତା ଚାରିଆଡ଼କୁ ଚାହିଁଲା, ସେତେବେଳେ ଦେଖିଲା—ପାଖରେ ତା'ର କେହିନାହିଁ । ତା' ବନ୍ଧୁବାନ୍ଧବ, ସାଙ୍ଗସାଥୀ, ଆତ୍ମୀୟସ୍ୱଜନ—ସମସ୍ତେ ଛାଡ଼ି ଯାଇଛନ୍ତି । କେବଳ ଛାଡ଼ି ନାହିଁ ଜଣେ । କେବଳ ଛାଡ଼ିନାହିଁ ତା'ର ସାରା ଜୀବନର ଶତ୍ରୁ—ସଉତୁଣୀ । ଲୁହ ଛଳଛଳ ଆଖିରେ ବସି ସେହି ତା'ର ପାଦ ଆଉଁଷୁଛି । ସୂର୍ଯ୍ୟକିରଣ ପାଇଁ ଥଣ୍ଡାଆ ନଦୀ ବରଫମୁଣ୍ଡା ଯେମିତି ଧୀରେଧୀରେ ତରଳି ଆସେ, ସ୍ୱର୍ଣ୍ଣଲତାର ଅଭିମାନୀ ଗର୍ବିଣୀ ମନ ସେମିତି ଆସ୍ତେଆସ୍ତେ ତରଳି ଆସିଲା । ମଣିଷ ସିଏ ଆଜିଯାଏ ଚିହ୍ନି ନ ଥିଲା । ଆଜିଯାଏ ସିଏ ଅନ୍ଧ ଭଳି ଖାଲି ଅନ୍ଧାର ଭିତରେ ଅଣ୍ଡାଳି ହେଉଥିଲା । ମଣିଷକୁ ଅପମାନ ଦେଇ ପଶୁକୁ ଆଦର କରି ଆସିଥିଲା ଆଜିଯାଏ । ଆଜି କିନ୍ତୁ ସିଏ ମଣିଷ ଚିହ୍ନିଛି—ଆଜି ସିଏ ମା'ର ସନ୍ଧାନ ପାଇଛି । ଆଖି ଆଗରେ ତା'ର ଦୟା, କରୁଣା, ସ୍ନେହ, ବାତ୍ସଲ୍ୟର ମୂର୍ତ୍ତିମୟୀ ଦେବୀପ୍ରତିମା । ପ୍ରାଣରେ ଅନୁତାପ ଭରିଗଲା । ଧୀରେଧୀରେ ବିଛଣାରୁ ଉଠିଆସି ସେ ସୁମତିର ଗୋଡ଼ତଳେ ମୁଣ୍ଡ ଲଗାଇ ଭୋ ଭୋ କାନ୍ଦି ଉଠିଲା ।

× × × ×

ଗସ୍ତରୁ ଫେରି ସ୍ୱାମୀ ଦେଖିଲେ, ସ୍ୱର୍ଣ୍ଣଲତା ଜୀବନରେ ଏକ ଘୋର ପରିବର୍ତ୍ତନ ଘଟିଛି । ତା'ର ସେହି ଦାମୀଦାମୀ ଶାଢ଼ୀ ଗହଣା ନାହିଁ କି ଆଗଭଳି ସେହି ଉଦ୍ଧତ, ଉପରମୁହାଁ, ମନମୋଟୀ ସ୍ୱଭାବ ନାହିଁ । ଠିକ୍ ସୁମତି ଭଳି ଦେହରେ ଖଣ୍ଡିଏ ମୋଟାଲୁଗା,

—ଶଏ ତେର—

ହାତରେ ଦି'ପଟି ରୂପାକାଚ । ଅ'ନ୍ତ, ବାଜୁ, ବ୍ରେସ୍‌ଲେଟ୍ ବା ଚେନ୍, ଇୟରିଂ, ମୁଦି—କିଛିବୋଲି କିଛି ନାହିଁ । ପାଦରେ ଜୋତା ନାହିଁ, ମୁହଁରେ ପାଉଡ଼ର ନାହିଁ, ଗଭାରେ ଜବାକୁସୁମର ଗନ୍ଧ ନାହିଁ । ସରଳା ନିରାହା ଗାଁଉଲି ଝିଅଟିଏ—ମୁଣ୍ଡରେ ଓଢ଼ଣା ଦେଇ ହସିହସି ଆସି ସ୍ୱାମୀ ଚରଣରେ ସେ ମଥା ନୋଇଁଲା । ନିଜକୁ ନିଜେ ବିଶ୍ୱାସ କରି ପାରିଲେ ନାହିଁ ସନ୍ତୋଷ-କୁମାର । ସ୍ୱପ୍ନ କି ବାସ୍ତବ କିଛି ଠିକ୍ କରିପାରିଲେନି ଭାବିଭାବି ।

ଧୀରେଧୀରେ ମଥାଟେକି ସ୍ୱର୍ଣ୍ଣ କହିଲା—"ମୋତେ ଅବିଶ୍ୱାସ କରୁଛ କି ? ସତରେ ଏକା ମୁଁ ବଦଳି ଯାଇଛି । ମଳୟର ପରଶ ପାଇ ନିମ ଆଜି ଚନ୍ଦନ ପାଲଟିଛି ।"

"ସତେ, କୋଉଠି ତମର ମଳୟ ଦେଖେ·····"

ଧାଇଁଯାଇଁ ସ୍ୱର୍ଣ୍ଣ ରୋଷଇଘରୁ ଟାଣିଆଣିଲା ସୁମନ୍ତଙ୍କ—"ଏଇ ନିଅ—ଏଇ ମୋର ମଳୟ—ଏଇ ମୋର ଗୁରୁ । ଗାଁରେ ଫୁଲିଫୁଲି ସେଦିନ ଯା'ଗୁଣ୍ଡରେ ଗୋଇଠା ମାରିଥିଲି, ସେଇ ମୋର ପଥପ୍ରଦର୍ଶକ—ତା'ର ଚରଣଧୂଳି ମଥାରେ ରଖି ମୁଁ ଆଜି ମଣିଷ·····"

ସୁମନ୍ତ ସହିପାରିଲେନି ନିଜର ପ୍ରଶଂସା । ସ୍ୱର୍ଣ୍ଣ ପାଟିରେ ହାତଦେଇ କହିଲା—"ଛି, କ'ଣ ଗୁଡ଼ାଏ କହୁଛୁ ? ମଣିଷ ମଣିଷର ପଥପ୍ରଦର୍ଶକ ନୁହେଁ । ସବୁ ସେହି ଅଦେଖାହାତର ଇଙ୍ଗିତ । ତାଙ୍କର ଅପାର କରୁଣାହିଁ ଆମକୁ ଘନ ଅନ୍ଧକାର ଭିତରେ ଆଲୋକ ଦେଖାଇ ବାଟ କଢ଼ାଇ ନେଉଛି ।"

ନୀରବରେ ବସିବସି ସବୁକଥା ଶୁଣି ଯାଉଥିଲେ ସନ୍ତୋଷ-କୁମାର । ବହୁଦିନୁ ସେ ଏହି ମଙ୍ଗଳମୟୀ ଦେବୀ ପ୍ରତିମାର ପରିଚୟ

ପାଇଛନ୍ତି । ବନ୍ଧୁଙ୍କୁ ସେ ଏହି ନିର୍ମଳ ହୃଦୟ ଭିତରେ ତ୍ୟାଗ, ସେବା, ଉଦାରତା, ମାନବିକତାର ପୂତ ନିର୍ଝର କୁଳୁକୁଳୁ ଭାବେ ବହି ଯାଉଥିବାର ଲକ୍ଷ୍ୟ କରିଛନ୍ତି । ଖାଲି ସ୍ୱର୍ଣ୍ଣ ଉପରେ ସେ ଯାହା ସାହାସ କରି ନାହାଁନ୍ତି ତା'କୁ ପାଖକୁ ଟାଣି ଆଣିବାକୁ । ଆଖି ତାଙ୍କର ଛଳଛଳ ହୋଇ ଉଠିଲା । କରୁଣ ଦୃଷ୍ଟିରେ ସେ ସୁମନ୍ତ ଆଡ଼କୁ ଥରେ ଚାହିଁଲେ । ଧୀରେଧୀରେ ସୁମନ୍ତ ଆସି ପାଖରେ ଠିଆହେଲା ଆଉ ତାଙ୍କ ଗୋଡ଼ଧରି ମଥାନୋଇଁ ବଡ଼ ବିକଳ-ଭାବେ କହିଲା—"ଭୁଲ କରିଛି ମୁଁ—କିଂନ୍ତୁ ବଅସରେ ହିତାହିତ ଜ୍ଞାନ ଭୁଲି ଥରେ ମୁଁ ଭୁଲ କରିଥିଲି । କିଂନ୍ତୁ ସେଥିପାଇଁ କ'ଣ ସାରା ଜୀବନ ମୋତେ କ୍ଷମା ଦେବନି ?" ହାତଧରି ଉଠାଇ ଉଠାଇ ସନ୍ତୋଷ କହିଲେ—"ନାଁ ନାଁ, ତମେ ଭୁଲ କରିନା । ଭୁଲ କରିଛି ମୁଁ । ଅନାଥିନୀ ରୂପେ ତମକୁ ନେଇ ମଝି ଦାଣ୍ଡରେ ଠିଆ କରାଇଦେଇ ମୁଁ ଯେଉଁ ଅପରାଧ କରିଛି, ସେଥିପାଇଁ ବରଂ କ୍ଷମା-ଦେବ ତମେ ।" ଦୁହିଁଙ୍କ ଆଖିରୁ ଝରିଆସିଲା ଲୁହ—ଦୁହିଁଙ୍କ ପ୍ରାଣରେ ଭରିଗଲା ଅନୁତାପ । ଲୁହରେ ଲୁହ ମିଶିଲା । ଆତ୍ମାରେ ଆତ୍ମା ମିଶିଯିବାକୁ ଚିତ୍କାର କଲା ।

ସୁମନ୍ତ ଆଖିରୁ ଲୁହ ପୋଛି ଦେଇଁଦେଇଁ ସ୍ୱର୍ଣ୍ଣ କହିଲା—"ତମ ଚରଣ ଧରୁଛି ଭଉଣି ! ତମ ପ୍ରାଣରେ ମୁଁ ଯେଉଁ ଆଘାତ ଦେଇଛି, ସେଥିପାଇଁ ମୋତେ କ୍ଷମା କରିବ । ସରଗର ଦେବୀ ତମେ !, ନରକର କୀଟ ହୋଇ ମୁଁ ତମକୁ ଚିହ୍ନି ପାରିଲି ନାହିଁ—ଘୃଣା କଲି, ଅପମାନ ଦେଲି । ତଥାପି ତମେ ପଦେହେଲେ ପାଟି ଫିଟାଇ ନାହଁ ! ମା' ପେଟର ଭଉଣୀ ଭଳି ଯେମିତି ହସିହସି ସବୁଦିନେ ସହିଯାଇଛ, ସେମିତି ଆଜି ହସିହସି ମୋତେ କ୍ଷମାଦିଅ ।"

—ଶଏ ପନ୍ଦର—

ଲୁହ କେଇବୁନ୍ଦା ଝରାଇ ଦେଇ ସୁମନ୍ତ କହିଲା—"ନାଁ, ନାଁ, ତୋତେ କ୍ଷମା ଦିଆଯିବ ନାହିଁ । ତୁ ଯେଉଁ ଦୋଷ କରିଛୁ, ସେଥିପାଇଁ ତୋତେ ଦିଆଯିବ ଏକ ଗୁରୁଦଣ୍ଡ·····" ପଣତ-କାନରୁ ଗୁଚ୍ଛବଲେଣ୍ଟାକ କାଢ଼ି ସୁମନ୍ତ ବାନ୍ଧିଲା ସ୍ୱର୍ଣ୍ଣ କାନରେ·····"ଜୀବନସାରା ତୋତେ ଦିଆଯିବ ଏଇ ଦଣ୍ଡ । ସେଦିନ ଜବରଦସ୍ତି ଆଣି ତୁ ଯେଉଁ ଗୁରୁଦାୟିତ୍ୱ ମୋ ମୁଣ୍ଡରେ ଲଦି ଦେଇଥିଲୁ ସେଥିପାଇଁ ମୁଁ ସମ୍ପୂର୍ଣ୍ଣ ଅଯୋଗ୍ୟ । ଏ ଘରଦ୍ୱାର, ଟଙ୍କାସୁନା, ଆସୂଅଲଙ୍କାର—ସବୁ ତୋ'ର, ସବୁର ମାଲିକ ତୁ । ମୁଁ ଖାଲି ତୋ' ପାଖରେ ବସିବସି ତୋତେ ସାହାଯ୍ୟ କରିବି, ସ୍ୱାମୀଙ୍କର ସେବା କରିବି । ଏ ଧନ, ଐଶ୍ୱର୍ଯ୍ୟ କିଛି ମୋର ଲୋଡ଼ା ନାହିଁ ; ଏ ଭୋଗବିଲାସ, ସୁଖସମ୍ଭୋଗ—କୌଣସିପାଇଁ ମୋର ଅଭିମାନ ନାହିଁ । ସବୁ ଭୋଗ କରିବୁ ତୁ—ସବୁଠି ରାଜରାଣୀ ହୋଇ ଶୋଭା ପାଇବ ମୋର ସାନଭଉଣୀ ଅଲିଅଳି ସ୍ୱର୍ଣ୍ଣ·····"

ସ୍ୱର୍ଣ୍ଣ କ'ଣ କହି ଆସୁଥିଲା, କିନ୍ତୁ ସୁମନ୍ତ ତା' ପାଟିରେ ହାତ ଦେଇ କହିଲା—"ନାଁ, ନାଁ, ତୁ କିଛି କହିପାରିବୁ ନାହିଁ । ବଡ଼ ଭଉଣୀ ମୁଁ—ମୋର ଆଦେଶ ତୋ'ତେ ମାନିବାକୁ ହେବ, ମୋର ଅନ୍ତରର ଇଚ୍ଛା ତୋତେ ଅକ୍ଷରେ ଅକ୍ଷରେ ପାଳିବାକୁ ହେବ ।" ସୁମନ୍ତ ସ୍ୱର୍ଣ୍ଣକୁ କୋଳକୁ ଟାଣି ଆଣି ତା' ମଥା ଉପରେ ଚୁମା ଦେଲା ।

ସନ୍ତୋଷକୁମାର ଦୂରରେ ଠିଆ ହୋଇ ଏହି ଅପୂର୍ବ ଦୃଶ୍ୟ ଦେଖି ଆନନ୍ଦରେ ଅଶ୍ରୁ ଝରାଉଥିଲେ ।

—୨୨—

ସୁମନ୍ତ ଦେଖିଲା, ବାହାରକୁ ଯିବା ପୂର୍ବରୁ ନିଜ ଘରକୁ ଆଗ ଭଲ ଭାବରେ ଠିକଏ ସଜାଡ଼ି ନେବା ଉଚିତ । ପରକୁ ଆଦର୍ଶ

ଶିଖାଇବା ଆଗରୁ ନିଜେ ଆଗ ସାଧୁ, ସଚ୍ଚୋଟ ହୋଇ ପାଞ୍ଚ ଜଣଙ୍କ ଆଖିରେ ଆଦର୍ଶ ସ୍ଥାନୀୟ ହେବା ଉଚିତ । ସେଥିପାଇଁ ଦାଣ୍ଡଲୋକଙ୍କ ଦୋଷଗୁଣ ବାଛି ନ ବସି ଆଗ ସେ ବାଛି ବସିଲା ଆପଣା ସ୍ୱାମୀଙ୍କ ଦୋଷ । ତାଙ୍କର ବିରୁଦ୍ଧରେହିଁ ତା'ର ପହିଲା ଅଭିଯୋଗ—“କାହିଁକି, ଧନ ଦଉଲତ--ଆମର ତ କୌଣସିଥିରେ ଅଭାବ ନାହିଁ । କାହିଁକି ତମେ ଲାଞ୍ଚ ନେଉଛ ? କାହିଁକି ତମେ କଣ୍ଟ୍ରାକ୍ଟରଙ୍କଠାରୁ ମୋଟା ମୋଟା ପରସେଣ୍ଟେଜ୍ ନେଇ ନିତିପ୍ରତି ପାପଧନ ଘରେ ପୂରାଉଛ ? ଭାବୁଛ କି, କଣ୍ଟ୍ରାକ୍ଟରେ ତା' ଘରୁ ଆଣି ତମ ହାତରେ ଟଙ୍କା ଅଜାଡ଼ି ଦେଉଛନ୍ତି ? କେବେ ନୁହେଁ । ସେମାନେ ବ୍ୟବସାୟୀ । ପଇସାଟିଏ ତାଙ୍କ ହାତରୁ ଏପାଖ ସେପାଖ ହେବ ନାହିଁ । ତେଣୁ ସରକାରୀ କାମରେ ବହୁ ଗିଲାଗୋଜର ରଖି, ତମର ଭଳିଆ ସରକାରୀ ହାକିମହୁକୁମାଙ୍କ ଆଖିରେ ଅନ୍ଧପୁଟୁଳି ବାନ୍ଧିଦେଇ ଭୁଲ୍ଲା ଫାଙ୍କରେ ସେମାନେ ଯେଉଁ ହଜାର ହଜାର ଟଙ୍କା ଦିନ ଦି'ପହରରେ ଲୁଟି ନେଉଛନ୍ତି, ସେଇଥିରୁ ହାତଟେକି ତମ ଆଗରେ ହୁଏ ତ ପାଁ'ଶ ହଜାର ପକେଇ ଦେଉଛନ୍ତି । ତମେ ପାଇ ଆପଣାକୁ କୃତକୃତ୍ୟ ମଣୁଛ । କିନ୍ତୁ ତମେ ଜାଣୁନା, ଏ ଟଙ୍କା ପ୍ରକୃତରେ ଆସୁଛି କୋଉଠୁ ? ତମେ ଯଦି ଜାଣନ୍ତ ଯେ ଏ ଟଙ୍କା ଛଣା ହୋଇ ଆସୁଛି ଦେଶର ଲକ୍ଷଲକ୍ଷ, କୋଟି କୋଟି ଜନତା । ଅଭେକା ମଳମୁଣ୍ଡିଆଙ୍କ ଭିତରୁ—ତମେ ଯଦି ଜାଣନ୍ତ ଯେ ଏ ଟଙ୍କା ଦୁହିଁ ହୋଇ ଆସୁଛି କେତେକେତେ ଭୋକିଲା ଲୋକର ତୁଣ୍ଡର ଆହାର ଭିତରୁ, କେତେକେତେ ଦୁଃଖୀ, ନିଆଶ୍ରା, ଅବଗୁରୁବାଙ୍କ ତତଲା ଲୁହ ଭିତରୁ, ତା'ହେଲେ ତମେ କେବେ ଲାଞ୍ଚ ନିଅନ୍ତ ନାହିଁ, ତା'ହେଲେ ତମେ କେବେ ଲକ୍ଷ ଲୋକଙ୍କ ମୁଖର ଗ୍ରାସ ଛଡ଼େଇ ଆଣି ନିଜେ ଭୋଗବିଳାସ କୋଳରେ ବୁଡ଼ି ରହି ଖିରପୁରି, ପଲଉମାଂସରେ ଦିନ କାଟନ୍ତ ନାହିଁ ।”

ସନ୍ତୋଷକୁମାର ଶୁଣି ନୀରବ ରହିଲେ । କଥାଟି ତ ନଗ୍ନ ସତ୍ୟ—ଉତ୍ତର ଦେବେ କ'ଣ ?

ସୁମନ୍ତ କହି ଚାଲିଲା—"ଧନ, ରତ୍ନ, ଜୀବନ, ଯୌବନ—ସବୁ କ୍ଷଣସ୍ଥାୟୀ । ସବୁ ଆଜି ଅଛି—ପାଣିଫୋଟକା ଭଳି ଚାହିଁ ଚାହିଁ କାଲି ସକାଳେ ମିଳେଇ ଯିବ । କେହି ମନେ ରଖିବେ ନାହିଁ । କେହି କହିବେ ନାହିଁ ଯେ ଅମୁକ ଲୋକ ହାକିମ ଥିଲା, ଅମୁକର ଏତେ ବାଟି ଜମି ଏତେ ଗାଡ଼ି ଟଙ୍କା ସୁନା ଥିଲା ବା ଅମୁକ ଏତେଟା ବୟସରେ ଏମ୍, ଏ. ପାଶ୍ କରି ଜଣେ ବଡ଼ ପଣ୍ଡିତ ହୋଇଥିଲା । ଆମ ମଲା ବାସୀ ଦିନ ସବୁ ଲୁଚିଯିବ କାଳର ଅନନ୍ତ ଗର୍ଭରେ । କିନ୍ତୁ ଆମେ ଯଦି ଟିକିଏ ପରୋପକାର କରିଥିବା, ଆମେ ଯଦି ଟିକିଏ ଆପଣା ପେଟରୁ କାଟି ଆପଣା ଭୋଗ ବିଳାସରୁ କମେଇ ଦୁଃଖୀରଙ୍କିଙ୍କ ସେବା କରିଥିବା, ଭୋକିଲା ତୁଣ୍ଡରେ ଆହାର ଦେଇଥିବା, ତେବେ ଆମେ ମରିହାଜି ମାଟିରେ ମିଳେଇ-ଗଲେ ବି ଲୋକେ ଆମକୁ ମନେ ପକେଇବେ, ଆମପାଇଁ ଝୁରି ହେବେ । ଆମେ ମରି ବି ଅମର ହୋଇ ରହିବା ।"

ସତେ ତ. ସନ୍ତୋଷକୁମାର ତ କେବେ ଏ ଆଡ଼କୁ ଦୃଷ୍ଟି ଦେଇ ନ ଥିଲେ । ସବୁବେଳେ ତ ସେ ଆପଣା ଚିନ୍ତାରେ ବ୍ୟସ୍ତ ଥିଲେ, ପରପାଇଁ ଭାବିବାକୁ ତାଙ୍କୁ ଅବସର କାହିଁ ? ଏତେଦିନେ ତାଙ୍କର ଆଖି ଖୋଲିଲା । ସେ ସୁମନ୍ତ ଆଡ଼କୁ ନୀରବରେ ଚାହିଁ ରହିଲେ ।

ଅନର୍ଗଳ କହି ଚାଲିଛି ସୁମନ୍ତ—"ଧନରେ କେହି ବଡ଼ ହୁଏ ନାହିଁ । ସମସ୍ତେ ବଡ଼ ହୁଅନ୍ତି ମନରେ । ନିଜର ସଙ୍କୀର୍ଣ୍ଣ ସ୍ୱାର୍ଥରେ ନ ମାତି ଯିଏ ପରର ହିତରେ ଧନ, ମନ, ଜୀବନ, ଯୌବନ ଢାଳିଦିଏ, ସେଇ ହେଉଛି ପ୍ରକୃତରେ ବଡ଼·····"

—ଶଏ ଅଠର—

କଥାରେ ବାଧା ଦେଇ ସ୍ୱର୍ଣ୍ଣ କହିଲା—"ହେଲା ଏବେ ତମର କଥା ଯେ ପରୋପକାର ଜୀବନରେ ସାରକାମ, କିନ୍ତୁ ତା'ବୋଲି ନିଜ ଭୋଗବିଳାସରୁ କମେଇ ପରହିତରେ ଅଜାଡ଼ି ଦେବ କାହିଁକି ? ବରଂ ଏଇ ଯୋଉ ଉପୁରି ପଇସା ଆସୁଛି, ତାକୁ ଘରେ ନ ରଖି ଉପରେ ଉପରେ ଦାନ ଖଇରାତ କଲେ ତ ଭଲ ହୁଅନ୍ତା ।"

ତା' କଅଁଳ ଗାଲରେ ସରୁ ଚିମୁଡ଼ାଟିଏ ମାରି ସୁମନ୍ତ କହିଲା—"ନାଁରେ ପାଗଳି ! ସେମିତିକା ଧନରେ ଧର୍ମ କରାଯାଏ ନାହିଁ । କେତେ ଲୋକଙ୍କ ଲୁହ, କେତେ ଲୋକଙ୍କ ନିଃଶ୍ୱାସ ମିଶିଛି ସେ ଧନରେ । ସେ ତ ଧନ ନୁହେଁ, ପ୍ରଳୟଙ୍କରୀ ବିଷ—ହଳାହଳ । ଦାନଧର୍ମ କରିବାକୁ ହେଲେ ସତ୍ ଅର୍ଜିତ ଧନ ଲୋଡ଼ା । ଡକେଇତି କରି ଦେଉଳ ତୋଳିଲେ କିଛି ଲାଭ ନାହିଁ, କଳା ପୋତେଇ କରି ହଜାର ହଜାର ଲୋକଙ୍କ ଆଖିରୁ ଲୁହ ବୁହାଇ ସେଇ ପଇସାରେ ବଡ଼ବଡ଼ ଧର୍ମଶାଳା ଗଢ଼ିଲେ କିଛି ଫାଇଦା ନାହିଁ । ଆମକୁ କଷ୍ଟ ସହିବାକୁ ହେବ । ଆମର ଝାଳବୁହା କମେଣିରୁ ଅଯାଚିତ ଭାବରେ ଦାନକରି ପରୋପକାର କରିବାକୁ ହେବ । ଭୋଗବିଳାସ କଥା ତୁ କହୁଛୁ । କିନ୍ତୁ ଜାଣୁ, ଭୋଗବିଳାସ ତ ଦୂରର କଥା, ଭାରତର କୋଟିକୋଟି ଲୋକ ପେଟ ପୂରେଇ ଦି'ଓଳି ଦି'ମୁଠା ଖାଇବାକୁ ପା'ନ୍ତି ନାହିଁ; ଲଜ୍ଜା ଢାଙ୍କିବାକୁ ଦି'ହାତ ପିନ୍ଧିବାକୁ ପା'ନ୍ତି ନାହିଁ । କଲିକତାରେ ବଢ଼ି ଆସିଛୁ ତୁ — ଗାଁ ଗହଳର ଗରିବ ଗୁରୁବାଙ୍କୁ ଦେଖି ନାହୁଁ । ଦେଖି ନାହୁଁ ତୁ ଅନ୍ଧ, ଅଶିକ୍ଷିତ, ପଙ୍ଗୁ, ସଢ଼ା ଗାଁ ଭିତରେ କେମିତି ଥାନ୍ତି ଲକ୍ଷଲକ୍ଷ କୃଷିମୂଲିଆ; ଦେଖିନାହୁଁ ତୁ କାଦୁଅ ପଚପଚ ବାଉଁଶ ବଣ ଭିତରେ ମଶା ଡାଆଁଶ, ସାପବେଙ୍ଗ ମେଳରେ କେମିତି ଥାଆନ୍ତି ଭୂମିହୀନ, ବାସହୀନ, ଆହାରହୀନ ହରିଜନ; ଦେଖିନାହୁଁ ତୁ ଗଛପତର,

ଗଛବକଳ ଅଣ୍ଟାରେ ଗୁଡ଼େଇ ଗେଣ୍ଡ଼ା ପାଣିରୁ ଚଳେଚଳେ ମୁହଁରେ ଦେଇ କେମିତି ଦିନପରେ ଦିନ ଶୋକ ଉପାସରେ କଟେଇ ଦିଅନ୍ତି ଭାରତର ଅଗଣିତ ଆଦିବାସୀ । ତାଙ୍କ ଅଳିଆ, ଅସନା, ରୋଗଣା ରୂପ ପାଖରେ ତୋ' ସିଲ୍କ ଶାର୍ଟ୍, ସୁନାଗହଣା ଫିକା ପଡ଼ିଯିବ; ତାଙ୍କ ସାତ ଦିନର ନାଳ କଟକଟ ପଚୁ ପଖାଳ ଦେଖିଲେ ତୋ' ହାତରୁ ମାଂସ ପଲଉର ଗୁଣ୍ଡାଟି ଆପଣା ଛୁଏଁ ଖସିପଡ଼ିବ.....”

ଆଉ ବେଶୀ କୁହାଇ ନ ଦେଇ ସ୍ୱର୍ଣ୍ଣ ଧାଇଁ ଆସି ତା' ପାଟିରେ ହାତ ଦେଇ ବନ୍ଦ କଲା । ସନ୍ତୋଷକୁମାର ଉଠି ଆସି ତା' ଦୁଇ ହାତ ଧରି ବାଷ୍ପ ଗଦ୍‌ଗଦ୍ କଣ୍ଠରେ କହିଲେ — “ତମରି କଥା ଆମେ ମାନିବୁ । ଅନ୍ଧ ଆଖିରେ ତମେ ଅଂଜନ ଦେଇଛ, ପାଷାଣ ଦେହରେ ତମେ ପ୍ରାଣ ଦେଇଛ । ତମେ ଯାହା କହିବ, ଯେଉଁ ପଥରେ ଚଳାଇବ, ଆମେ ସେହି ପଥରେ ଚାଲିବୁ ।”

ସୁମିତ୍ର ଆଖିରୁ ନିଆଁ ବାହାରୁଥିଲା । କହିଲା —“ଆସ ତେବେ, ଏଇ ଉତ୍କଳମଣିଙ୍କ ଚରଣତଳେ ମଥାନୋଇଁ ସମସ୍ତେ ଆଜି ଶପଥ କରିବା — ଆମେ ଜୀବନରେ ପରର ଅନିଷ୍ଟ କରିବା ନାହିଁ । ଅସାଧୁ ଉପାୟରେ, ଅନ୍ୟାୟ ପନ୍ଥାରେ ଅଧଲାଟିଏ କେଉଁଠୁ ଆଣିବା ନାହିଁ; ଦୀନ, ଦୁଃଖୀ ରୋଗୀ, ଶୋଷିତଙ୍କ ଲୁହରେ ଲୁହ ମିଶେଇ ଦେବା; ନିଜର ସକଳ ସୁଖ ସମ୍ଭୋଗ; ଭୋଗ-ବିଳାସରେ ଜଳାଂଜଳି ଦେଇ ଦେଶ, ଜାତି, ଭାଷା ତଥା ମାନବ ସମାଜର ସେବାରେ ଜୀବନକୁ ପଳେପଳେ ବିସର୍ଜନ କରିଦେବା ।”

ଉତ୍କଳମଣିଙ୍କର ଶାନ୍ତ, ସୌମ୍ୟ ବଦନକୁ ଚାହିଁ ସମସ୍ତେ ସେଇଆ ଶପଥ କଲେ — ସମସ୍ତେ ସାଷ୍ଟାଙ୍ଗ ପ୍ରଣିପାତ କରି ଏଇ ଦୁର୍ଗମ ପଥ ପାରିହେବାକୁ ସେହି ଦୀନ-ଦୁଃଖୀ-ଦେବତାର ଆଶୀର୍ବାଦ ଲୋଡ଼ିଲେ ।

—ଶେଷ କୋଡ଼ିଏ—

ଠିକ୍ ତା' ପରଦିନ— କଂସାନଈକୂଳର କେଉଁ ଏକ ଅଖ୍ୟାତ ପଲ୍ଲୀ କୋଳରେ ଖୋଲି ଦିଆଗଲା ଏକ କ୍ଷୁଦ୍ର ଅନୁଷ୍ଠାନର । ଦୁଃଖୀ, ନିଆଶ୍ରୀ, ନିପୀଡ଼ିତ, ନଙ୍ଗଳା, ରୋଗୀ, ଶୋଷୀ—ସମସ୍ତଙ୍କ ପାଇଁ ତାହା ଉନ୍ମୁକ୍ତ; ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ସେବା କରିବା ତା'ର ଲକ୍ଷ୍ୟ । ବାଛିବାଛି ସୁମତି ତା'ର ନାଁ ଦେଲା—"ସ୍ୱର୍ଣ୍ଣଲତା ସେବାଶ୍ରମ ।"

—୨୩—

ସମସ୍ତିଙ୍କି ସେ ନିଜ ଆଡ଼କୁ ଟାଣି ଆଣିଥିଲେ ବି କାହାରିକି ସେ ଆଜିପର୍ଯ୍ୟନ୍ତ ଆପଣାର କରି ପାରିନାହିଁ । ସେ ଓଡ଼ିଆ କହିଲେ ସମସ୍ତେ ବଙ୍ଗଳା କହୁଛନ୍ତି ; ସେ ଓଡ଼ିଶାର ପ୍ରଶଂସା କଲେ ସମସ୍ତେ ତା'କୁ ହସରେ ଉଡ଼େଇ ଦେଇ ଶତମୁଖରେ ବଙ୍ଗଳାର ଶିକ୍ଷା, ସଂସ୍କୃତି, ଭାଷାର ବଡ଼େଇ କରୁଛନ୍ତି । ଅଥଚ ସେମାନେ ବୁଝୁନାହାନ୍ତି ଯେ ସେମାନେ ପ୍ରକୃତରେ ବଙ୍ଗାଳି ନୁହଁନ୍ତି —ସ୍ରୋତଠୁ ବହିଯାଏ ସମସ୍ତେ ଓଡ଼ିଆ । ସେମାନଙ୍କ ବାପ ଓଡ଼ିଆ; ସେମାନଙ୍କ ଗୋସାପ ଓଡ଼ିଆ; ସେମାନଙ୍କ ରକ୍ତବିନ୍ଦୁ ରୁଷ ଓଡ଼ିଆ । ଆଜି ବି ମେଦିନୀପୁରର ଛାତି ଉପରେ ଓଡ଼ିଆର ଗର୍ବ, ଗୌରବର ଜୟଡଙ୍କା ବଜାଇ ଶୋଭାପାଉଛି ମୁକୁନ୍ଦଦେବଙ୍କ ଜଗନ୍ନାଥ ମନ୍ଦିର; ଆଜି ବି ସେହି ଦୁର୍ଦ୍ଧର୍ଷ ଓଡ଼ିଆ ଜାତିର ଦିଗ୍‌ବିଜୟର ପରିଚୟ ନେଇ ବଙ୍ଗଳା ବକ୍ଷରେ ଶୋଭା ପାଉଛି "ମୁକୁନ୍ଦଘାଟ" । ତଥାପି—ତଥାପି ସେମାନେ ରାଜି ନୁହଁନ୍ତି ଓଡ଼ିଆଙ୍କ ବଂଶଧର ବୋଲି କହିବାକୁ—ତଥାପି ସେମାନେ ଘୃଣା କରନ୍ତି ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାକୁ ।

ବହୁକଷ୍ଟରେ, ବହୁ ବାଦାନୁବାଦ ପରେ ସୁମତି ସ୍ୱାମୀଙ୍କୁ ବୁଝେଇ ପାରିଲା । ସନ୍ତୋଷକୁମାରି ବି ନାନାଦି ଗବେଷଣା କରି

ଦେଖିଲେ ପ୍ରକୃତରେ କଥାଟି ସତ । ତାଙ୍କ ବାପା ହୁଏତ ଓଡ଼ିଆ ନ ଥିଲେ । କିନ୍ତୁ ତାଙ୍କର ଟିକିଏ ଟିକିଏ ମନେ ଅଛି ତାଙ୍କ ସାʼନ୍ତବାପା ଓଡ଼ିଆ ଥିଲେ, ତାଙ୍କ ସାʼନ୍ତମା, ପାକଲ ବାଳରେ ଓଡ଼ିଆ ଭାଗବତ, ଓଡ଼ିଆ ପୋଥିପୁରାଣ, କାର୍ତ୍ତିକ ମହାତ୍ମ୍ୟ ଆଦି ବସିବସି ପଢ଼ୁଥିଲେ । ସ୍ୱର୍ଣ୍ଣଲତା କଲକତାରେ ପିଲାଟିଦିନୁ ବଢ଼ି ଆସିଥିଲେ ବି ତାʼ ଜନ୍ମିତ ସ୍ଥାନ କଣ୍ଟାଇ ସବ୍‌ଡିଭିଜନରେ —ତମଲୁକ୍ ବା ତାମ୍ରଲିପ୍ତ ବନ୍ଦର ନିକଟରେ । ତାʼ ବାପା ବି ଦିନେ ଓଡ଼ିଆ ଥିଲେ ; ତାʼ ପଡ଼ାପଡ଼ୋଶୀ, ବନ୍ଧୁବାନ୍ଧବ ସମସ୍ତେ କୁଆଡ଼େ ଦିନେ ଥିଲେ ଓଡ଼ିଆ—ୱାରେନ୍ ଶାସନଙ୍କ ଅମଳରେ ସମସ୍ତେ ଓଡ଼ିଶା ଛାଡ଼ି ବଙ୍ଗଳାରେ ରହି ବଙ୍ଗାଳୀ ହୋଇଛନ୍ତି ।

ମେଦିନୀପୁରର କେତେଜଣ ଦେଶପ୍ରେମୀ ଓଡ଼ିଆ ଓକିଲ, ଓଡ଼ିଆ ପ୍ରଫେସରଙ୍କୁ ଧରି ଗୋଟିଏ ସାଧାରଣ ସଭା ଡକେଇଲା ସୁମନ୍ତ । ବଙ୍ଗଳା ଭାଷାର ପ୍ରଭାବରେ ସମସ୍ତେ ପ୍ରଭାବାନ୍ୱିତ ହୋଇ ପଡ଼ିଥିଲେହେଁ ଆଜି ବି ମେଦିନୀପୁରେ କେତେକ ସ୍ୱାଧୀନଚେତା ଲୋକ ଅଛନ୍ତି ଯୋଉମାନେ ଓଡ଼ିଆ ଜାତିକି ଭଲ ପାʼନ୍ତି, ଓଡ଼ିଆ ଭାଷାକୁ ପୂଜା କରନ୍ତି । ସେମାନେ ସମସ୍ତେ ଆସି ଜମା ହେଲେ । କୌତୁହଳ ଦେଖିବାପାଇଁ ବଙ୍ଗାଳୀ ବୋଲାଉଥିବା ପ୍ରକୃତ ଓଡ଼ିଆ କେତେ ବି ଆସି ବ୍ୟଙ୍ଗ ବିଦ୍ରୂପ ଆରମ୍ଭ କରିଦେଲେ । ଆଜୀବନ ନୀରବକର୍ମୀ ପୂଜ୍ୟ ଭାଗବତ ଚରଣ ଦାସଙ୍କ ସଭାପତିତ୍ୱରେ କାର୍ଯ୍ୟ ଆରମ୍ଭ ହେଲା ।

ସମସ୍ତଙ୍କୁ ବିନୀତଭାବେ ପ୍ରଣାମ କରି ହାତଯୋଡ଼ି ସୁମନ୍ତ କହିଲା—“ମୁଁ ଅତି ଅକିଂଚନ । ଆପଣମାନଙ୍କୁ ଉପଦେଶ ଦେବା ଭଳି ଶକ୍ତି ମୋର ନାହିଁ । କେବଳ ଏତିକି କହିବି ଯେ ପଡ଼ୋଶୀ

ପ୍ରଦେଶର ଷଡ଼ଯନ୍ତ୍ରରେ ଭୁଲିଯାଇଁ ଆପଣମାନେ ଭୁଲିଗଲେଣି ନିଜକୁ—ଭୁଲିଗଲେଣି ଆପଣାର ଅସ୍ତିତ୍ୱ ପର୍ଯ୍ୟନ୍ତ । ଆଜି ଆପଣଙ୍କର ଭାଷା ଭୁଲିଛନ୍ତି, ସଂସ୍କୃତି ଭୁଲିଛନ୍ତି, ପରଂପରା ଭୁଲିଛନ୍ତି । କିଂତୁ ଭାବି ଦେଖନ୍ତୁ, ଆପଣମାନେ ପ୍ରକୃତରେ କେହି ବଙ୍ଗାଳୀ ନୁହନ୍ତି, ସମସ୍ତେ ଓଡ଼ିଆ—ଆପଣଙ୍କ ପୂର୍ବପୁରୁଷମାନେ ପ୍ରତ୍ୟେକ ଓଡ଼ିଆ । ଆଜି ବି ଆପଣମାନଙ୍କ ଘରେଘରେ ଯେଉଁ ଭାଗବତ ପୂଜା ହେଉଛି, ତା' ଖାଣ୍ଟି ଓଡ଼ିଆ ଭାଷାରେ ଲେଖା—ଖାଲି ବଙ୍ଗଳା ଭାଷାରେ ଛପା ହୋଇଛି ଯାହା; ଆଜି ବି ଆପଣମାନଙ୍କ ଘରେ ଓଡ଼ିଆ ପର୍ବପର୍ବାଣି, ଓଷାବ୍ରତ ଠିକ୍ ଆଗଭଳି ପାଳିତ ହେଉଛି । କିଂତୁ ତଥାପି ଓଡ଼ିଆ ଜାତିର ଐତିହ୍ୟ ଭୁଲିଯାଇଁ ଓଡ଼ିଆପୁଅର କଳା, କୃଷ୍ଟି, ସାଧନା ପାସୋର ଦେଇ ଆପଣମାନେ ଆଜି ସମସ୍ତେ ବୋଲଉଛନ୍ତି ବଙ୍ଗାଳୀ ବୋଲି । ଆଜି ପାଣି ହେଇଛନ୍ତି ପାଇନ, ଜେନା ହେଇଛନ୍ତି ଜାନା, ସାମଲ ହେଇଛନ୍ତି ଶାସମଲ, ମହାନ୍ତି ହେଇଛନ୍ତି ମାଇତି । କିଂତୁ କୁହନ୍ତୁ, ଚିରଦିନ ଆପଣମାନେ ମାତୃଭାଷା ଭୁଲି ଏମିତି ନିଜ ସାଙ୍ଗରେ ପ୍ରତାରଣା କରିକରି ଜୀବନକୁ ହତ୍ୟା କରିବେ ନା ଆପଣା ଆପଣା ଘରକୁ ଫେରିଯାଇଁ ବାପଗୋସାପଙ୍କ ଗୌରବରେ ଆପଣାକୁ ଗୌରବାନ୍ୱିତ ମଣି ଦେଶ ଓ ଜାତିର ଉନ୍ନତିରେ ମନ ଦେବେ ? ସ୍ଥିର କରନ୍ତୁ, ମା'ର ଖୁଦକଣିକା ଖାଇ ଭାଇଭଉଣୀଙ୍କ ସାଥିରେ ଆପଣ ସୁଖରେ ରହିବେ ନା ସାବତମା'ର ଖିରିଖିରସା ପାଇଁ ଗୋଡ଼ ଭାଙ୍ଗି ହାତ ପତେଇ ପଡ଼ୋଶୀ ଭାଇଙ୍କ ମୁହଁକୁ ଚିରଦିନ ଚାହିଁ ରହିଥିବେ ? ଆପଣମାନେ ଭାବନ୍ତୁ—ଆପଣମାନେ ବିଚାର କରନ୍ତୁ ।"

କେତେ ଥଟ୍ଟା କଲେ, କେତେ ପରିହାସରେ ଉଡ଼େଇଲେ । ହେଲେ ବୁଢ଼ାବୁଢ଼ୀ ସଭିଏଁ ତା'କୁ ସମର୍ଥନ କଲେ । ଓକିଲ,

ପ୍ରଫେସର, ଗୁରୁ, ଶିକ୍ଷକ—ସମସ୍ତେ ଓଡ଼ିଶାକୁ ଫେରିଯାଇଁ ଆପଣା ଆପଣା ମାତୃଭାଷାକୁ ଆଦର କରିବାକୁ ଲୋକଙ୍କୁ ବୁଝେଇଲେ । ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ପାଇଁ ସେହି ସଭାସ୍ଥଳରେ ଗୋଟିଏ କମିଟି ଗଢ଼ାଗଲା । ସୁମନ୍ତ ତହିଁରେ ଜଣେ ନଗଣ୍ୟ ସେବକ ହୋଇ ସେହିଦିନୁ ଜୀବନପ୍ରାଣ ଦେଇ ଲାଗିପଡ଼ିଲା କାମରେ । ଗାଁ ଗାଁ ସଭାକରି ଲୋକଙ୍କୁ ବୁଝେଇଲା—ଓଡ଼ିଆବହି, ଓଡ଼ିଆ ପତ୍ରପତ୍ରିକା ଆଣି ଲୋକଙ୍କ ଭିତରେ ବାଣ୍ଟିଲା । "ସେବାଶ୍ରମ"କୁ କେନ୍ଦ୍ର କରି ପ୍ରତ୍ୟେକ ଗାଁରେ ଗୋଟିଏ ଗୋଟିଏ ନୈଶବିଦ୍ୟାଳୟ ସ୍ଥାପନ କଲା—ଛୋଟଛୋଟ ପାଠାଗାର ବସେଇ ବହୁଳଭାବରେ ଓଡ଼ିଆ ଭାଷାର ପ୍ରଚାର କରିବାକୁ ଲାଗିଲା ।

ସନ୍ତୋଷକୁମାରଙ୍କ ଗୋଡ଼ ଆନନ୍ଦରେ ତଳେ ଲାଗେନାହିଁ । ହସିହସି ଅଜସ୍ର ଅର୍ଥ ନେଇ ସେ ଅଜାଡ଼ି ଦିଅନ୍ତି ସୁମନ୍ତ ହାତରେ । ସୁମନ୍ତ ସକାଳ ଛ'ଟାରୁ ରାତି ଦଶଟା ପର୍ଯ୍ୟନ୍ତ ଅନବରତ ଲାଗିଥାଏ କାମରେ । "ସେବାଶ୍ରମ"ର ଅନାଥ, ଅରକ୍ଷ ପିଲାଗୁଡ଼ିକଙ୍କର ଯତ୍ନ ନିଏ ; ଦୁଃଖୀରଙ୍କୀଙ୍କ ଖବର ବୁଝେ ; ରୋଗୀ ଶେଯରେ ବସି ତା' ଗୋଡ଼ ଆଉଁଷେ, କଅଁଳ କଥାକହି ହସିହସି ସେମାନଙ୍କର ସେବାକରେ । ଘରଦୁଆର, ଶାଶୁ ନଣନ୍ଦ—ସମସ୍ତଙ୍କ କଥା ସେ ଏକାବେଳକେ ଭୁଲିଯାଇଛି । ସେ ଭାର ସ୍ୱର୍ଣ୍ଣ ଉପରେ । ସେ କାହିଁକି ସେ ବିଷୟରେ ମୁଣ୍ଡ ଖେଳେଇବ ? କାମ କରିକରି ସେ ଆପଣାର ଖାଇବା ପିଇବା ଭୁଲିଯାଏ । ବିଶେଷତଃ ଏଇ ପାଠାଗାର, ପାଠଶାଳାଗୁଡ଼ି ଖୋଲିହେବା ଦିନୁ ତା' କାମ ବହୁଗୁଣରେ ବଢ଼ିଯାଇଛି । ନିତିପ୍ରତି ସେ ଗାଁ ଗାଁକୁ ଯାଇଁ ପାଠଶାଳାଗୁଡ଼ିକର ତତ୍ତ୍ୱ ନିଏ ; ପାଠାଗାର ପାଇଁ ନୂଆନୂଆ ନାଟକ, ଉପନ୍ୟାସ, ପୋଥିପୁରାଣ ମଗାଇବାର ବ୍ୟବସ୍ଥା କରେ ।

—ଶେଷ ଚରଣ—

ଖାଲି ସେତିକି ନୁହେଁ, ଓଡ଼ିଆ ଭାଷାକୁ ସେହି ପ୍ରାନ୍ତୀୟ ଅଂଚଳରେ ଜୋଇବଂଚେଇ ରଖିବାକୁ ସେ ଏହା ମଧ୍ୟରେ "ମୁକ୍ତି" ନାମକ ଗୋଟିଏ ପାକ୍ଷିକ ପତ୍ରିକା ବାହାର କରୁଛି । ତେଣୁ ସେଥିପାଇଁ ଲେଖାଲେଖି କରି ତା'ର ବହୁସମୟ କଟେ ।

ଏତେ କାମକାର୍ଯ୍ୟ ଭିତରେ ବୁଡ଼ିରହି ସେ ଭୁଲିଯାଏ ଦିନରାତି —ଭୁଲିଯାଏ ଖାଇବାପିଇବା । ହେଲେ ମା' ଭଳି ଜଗିଥାଏ ତା'କୁ ଜଣେ । ଟିକିଏ ଡେରିହେଲେ ସେ ନିଜେ ଧାଇଁଆସି ତା'କୁ ଟାଣିଟାଣି ଘୋଷାରି ନେଇଯାଏ ଆଉ ଆପଣା ହାତରେ ଗେଲକରି ଖୋଇଦିଏ ତା'କୁ ଭାତ । ସୁମନ୍ତ ଲୁହ ଛଳଛଳ ଆଖିରେ କୁହେ—"ସ୍ୱର୍ଣ୍ଣ ଲୋ ! କିଏ କହେ ତୁ ମୋର ସଉତୁଣୀ —ତୁ ତ ମୋର ମା' ପେଟର ଭଉଣୀଠୁ ବଳି ।"

ସ୍ୱର୍ଣ୍ଣ ମୁହଁରେ ଉକୁଟି ଉଠେ ହସ ।

—୨୪—

ଲୋକମୁଖରେ ଫୁଟି ଉଠିଲା ସୁମନ୍ତର ପ୍ରଶଂସା, ଖବର— କାଗଜର ସ୍ତମ୍ଭ ଭରିଗଲା ସୁମନ୍ତର ଯଶୋଗାନରେ । କିଂତୁ ଆଶ୍ଚର୍ଯ୍ୟ କଥା ସୁମନ୍ତ ପ୍ରାଣରେ ଦେଖାଦେଲାନି ଏତେଟିକିଏ ଆନନ୍ଦ । ଯିଏ ତା' କାମ ଦେଖି ଖୁସି ହୋଇଥାନ୍ତା, ଯିଏ ତା'ର ପ୍ରଶଂସା ଶୁଣି ଆନନ୍ଦରେ ଆତ୍ମହରା ହୋଇ ପଡ଼ିଥାନ୍ତା, ସିଏ ତ ନାହିଁ — କାହା ପାଇଁ ସୁମନ୍ତ ହସିବ ? କେଉଁ ସୁଖ ସରାଗରେ ସୁମନ୍ତ ଫୁଲି ଉଠିବ ?

ଅଜବ କଥା । ସ୍ୱପ୍ନରେ ଯାହା ଦିନେ କଳ୍ପନା କରି ନଥିଲା, ସତରେ ଆଜି ତା' ଦେଖିଲା । ମଂଜୁଷା "ସେବା-ସଦନ"ରୁ ନିମନ୍ତ୍ରଣ ଆସିଛି ତା' ପାଖକୁ । ସଂପାଦକ ଲେଖିଛନ୍ତି— "ଆସନ୍ତା ମାର୍ଗଶୀର ଶୁକ୍ଳ ତୃତୀୟା ଦିନ ପ୍ରତିଷ୍ଠାତାଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ । ସେଥିରେ ଆପଣଙ୍କ ଭଳି ସ୍ୱାଧୀନଚେତା ଦେଶ-ସେବକଙ୍କୁ ପୁରୋଧା ଭାବେ ପାଇଲେ ଏଠା ବିଚ୍ଛିନ୍ନ ଅଂଚଳର

ଓଡ଼ିଆମାନଙ୍କ ଭିତରେ ବହୁ ଉତ୍ସାହ ଉତ୍ତେଜନା ଖେଳିଯିବ । ବିନୀତ ଅନୁରୋଧ, ଆମ୍ଭମାନଙ୍କର ଏହି ଅନ୍ତରର ନିବେଦନ ଆପଣ ରକ୍ଷା କରିବେ ।"

ସୁମନ୍ତି ମୁଣ୍ଡରେ ମୁହୂର୍ତ୍ତକ ଭିତରେ ନିଆଁର ଏକ ତରଳ ସ୍ରୋତ ଖେଳିଗଲା । ଛାତି ଭିତର ହୁ ହୁ ଜଳି ଉଠିଲା । ନିଜକୁ ଲୁଚାଇବା ପାଇଁ ସେ ସ୍ୱାମୀଙ୍କ ଆଗରୁ ଉଠି ପଳେଇ ଯିବାକୁ ଛଟପଟ ହେଲା । ସନ୍ତୋଷ-କୁମାରଙ୍କ ପ୍ରାଣରେ କିନ୍ତୁ ଭରିଗଲା ଆନନ୍ଦ । ସେ ସୁମନ୍ତିଙ୍କ କୁଣ୍ଢେଇ ପକେଇ କହିଲେ—"ମନା କର ନାହିଁ ସୁମ ! ଲୋକଙ୍କର ଆଗ୍ରହ ଭାଙ୍ଗିଯିବ । ବିଚ୍ଛିନ୍ନ ଅଂଚଳର ଶୋଷିତ ଜନତା ଆମ ପ୍ରତି ଆସ୍ଥା ହରାଇବେ । ଚାଲ, ମୁଁ ମଧ୍ୟ ସାଙ୍ଗରେ ଯିବ । ସାଗରବାବୁଙ୍କ ନାଁ ଖବରକାଗଜରେ ବହୁବାର ପଢ଼ିଛି—ଆଜି ନିଜ ଆଖିରେ ତାଙ୍କ ହାତଗଢ଼ା ଅନୁଷ୍ଠାନ ଦେଖି ଆସିବ ।"

ମୁନ୍ନି ତେଣୁ ଧାଇଁ ଆସି କହିଲା—"ମୋତେ ଖାଲି ଏକା ଏକା ଛାଡ଼ିଯିବ—ନା ? ତା' କିନ୍ତୁ ହୋଇପାରିବ ନାହିଁ । ଆଉ କିଏ ପାଉ ବା ନ ପାଉ ମୁଁ ନିଶ୍ଚେ ଯିବ ସୁମ ଅପା ସାଙ୍ଗରେ ।"

ସନ୍ତୋଷକୁମାରଙ୍କ ମୁହଁରେ ଫୁଟି ଉଠିଲା ହସ—ସୁମନ୍ତି ଆଖିରୁ ଝରିପଡ଼ିଲା ଅଶ୍ରୁ ।

× × ×

ସାଗରର ସ୍ମୃତି-ସ୍ତମ୍ଭ । ହାତରେ ପୁଷ୍ପାଂଜଳି ଧରି ଆଗରେ ଠିଆ ହୋଇଛନ୍ତି "ସେବା-ସଦନ"ର ଅନ୍ଧ, ଅକ୍ଷମ, କେଂପାକୁଜା, କୁଷ୍ଠରୋଗୀ ଦଳ; ଆଖିରୁ ଲୁହ ଗଡ଼େଇ ତାଙ୍କ ପଛରେ ଠିଆ ହୋଇଛନ୍ତି ସଫାସୁତରା ପାଣ, କଣ୍ଡରା, ଶଅର, ବାଉରି ; ଓଡ଼ିଆ ବହି ଖଣ୍ଡିଏ ଲେଖା ହାତରେ ଧରି ପାଖକେ ଠିଆ ହୋଇଛନ୍ତି ଶହଶହ ବାଳକ ବାଳିକା ; ମାଳଚନ୍ଦନଚର୍ଚ୍ଚିତ ପତିତପାବନ ବାନା ଧରି ଆରପାଖରେ ଛିଡ଼ା ହୋଇଛନ୍ତି ହଜାର ହଜାର ବୁଢ଼ାବୁଢ଼ୀ,

ଯୁବକଯୁବତୀ—ସମସ୍ତେ ନୀରବ, ନିସ୍ତବ୍ଧ । କାହାର ମୁହଁରେ ଭାଷା ନାହିଁ—ସଭିଙ୍କ ପ୍ରାଣରେ କୋହ ।······ଆଖିରୁ ଲୁହଝରାଇ ଫୁଟନ୍ତ ଗୋଲାପର ସଜ ହାରଟି ନେଇ ସମାଧି ଉପରେ ଲମ୍ବାଇ ଦେଲା ସୁମନ୍ତ······ଚତୁର୍ଦ୍ଦିଗରୁ ଝରିପଡ଼ିଲା ପୁଷ୍ପ । ପୁରୁଷଙ୍କ ଭିତରୁ ବାଜି ଉଠିଲା ଜୟଶଙ୍ଖ; ନାରୀକଣ୍ଠରୁ ଉଚ୍ଛୁଳି ଉଠିଲା ହୁଳହୁଳି; ପିଲାଙ୍କ ଭିତରୁ ରୋଳ ଉଠିଲା—"ଆମେ ସାଗର ଭଳି ଉଦାର", "ଆମେ ସାଗର ଭଳି ଉନ୍ନତ" । କ୍ଷଣେକାଳ ଅବାକ୍ ହୋଇଗଲା ସୁମନ୍ତ । ଛାତି ତା'ର ସତେକି ଫାଟି ପଡ଼ିଲା । ଆଖି ତା'ର ସତେକି ଫୁଟି ଯାଉଁ ଅଝରଝରରେ ରକ୍ତର ଧାର ଝରି ପଡ଼ିଲା ।

କୋଳାହଳ କ୍ରମେ ସ୍ତବ୍ଧ ହୋଇଆସିଲା । ବାଷ୍ପାକୁଳ କଣ୍ଠରେ ସୁମନ୍ତ କହିଲା—"ଭଉଣି ଓ ଭାଇମାନେ ! ଯୋଉ ତ୍ୟାଗୀ, ଯୋଗୀ, ନୀରବକର୍ମୀଙ୍କର ପ୍ରତିଭା ପୂଜାକରି ଆପଣମାନେ ଆଜି ଅଶ୍ରୁସଜଳ ହୋଇ ଉଠିଛନ୍ତି, ସେହି ମହତ୍ ଆତ୍ମାଙ୍କୁ ମୁଁ ପ୍ରଥମେ ମୋର ପ୍ରାଣର ପ୍ରଣତି ଜଣାଉଛି । ଦିନେ ଗୋଟାଏ ଦୁଃସ୍ୱପ୍ନ ଦେଖି ମୁଁ ଭାବିଥିଲି, ସାଗର ବାବୁ ମରି ଯାଇଛନ୍ତି । କିନ୍ତୁ ଆଜି ଯା' ଦେଖୁଛି, ବାସ୍ତବରେ ସେ ମରି ନାହାଁନ୍ତି—ସେ ଜୀଇ ରହିଛନ୍ତି ଆପଣମାନଙ୍କ ଭଳି ଦେଶର ଲକ୍ଷଲକ୍ଷ ଲୋକଙ୍କ ଅନ୍ତର ତଳେ । ସେ ଚିରଦିନ ଅଜର ଅମର । ଜୀବନରେ ସେ ଯେତେ ଲୋକଙ୍କର ଉପକାର କରି ନାହାଁନ୍ତି, ଆଜି ମରଣରେ ହୁଏତ ସେ ତା'ଠୁ ବେଶୀ ଲୋକଙ୍କର ହିତ ସାଧୁଛନ୍ତି । ତାଙ୍କର ପ୍ରେରଣା, ତାଙ୍କର ଉତ୍ସାହ ପାଇ କେତେ ବିପଥଗାମୀ ଯୁବକଯୁବତୀଙ୍କର ଆଖି ଫିଟୁଛି—ଜଡ଼ତା ଭାଙ୍ଗି ସେମାନେ ମାତି ଉଠୁଛନ୍ତି ନୂଆ ଆଶା, ନୂଆ ଉତ୍ତେଜନାରେ ।······

······ଦୁନିଆରେ କେତେ ଧନୀ, ମାନୀ, ଜ୍ଞାନୀ, ଗୁଣୀ ଜନ୍ମ ହୁଅନ୍ତି । କିନ୍ତୁ ଯିଏ କେବେ ପରପାଇଁ ନ ଭାବେ, ଯିଏ କେବେ

ପରର ହିତରେ ଜୀବନ ଢ଼ାଳି ନ ହଏ, ତା' ଜୀବନ ବୃଥା—ତା' ବିଦ୍ୟା, ବୁଦ୍ଧି, ଜ୍ଞାନ, ଗରିମାକୁ ଶତ ଧିକ୍ । ଧନ ସାଇତି କେହି ବଡ଼ ହୋଇ ନାହିଁ, ପୋଥିପଢ଼ି କେହି ମହାତ୍ମା ହୋଇନାହିଁ । ସମସ୍ତେ ବଡ଼ ହୋଇଛନ୍ତି ଦାନରେ, ଧର୍ମରେ, ସେବାରେ, ପ୍ରେମରେ । ଏକମାତ୍ର ପୁଅକୁ ମରଣ ଶେଯରେ ଶୁଆଇ ଦେଇ ଗଣଙ୍କ ସେବା କରିବାକୁ ବାହାରି ଯାଇଥିଲେ ଗୋପବନ୍ଧୁ ; ବାରିଶ' ବଢ଼େଇଙ୍କ ଜୀବନ ବଂଚେଇ ଦେଇ ଦରିଆ କୋଳକୁ ଡେଇଁ ପଡ଼ିଥିଲା ଧରମା ; ତେତିଶ କୋଟି ଦେବତାଙ୍କୁ ଶୋଷଣ, ପେଷଣ, ଅନ୍ୟାୟ, ଅତ୍ୟାଚାରର ମୁହଁରୁ ରକ୍ଷା କରିବାକୁ ହସିହସି ଆପଣାର ଅସ୍ଥି ପର୍ଯ୍ୟନ୍ତ ଉତ୍ସର୍ଗ କରି ଦେଇଥିଲେ ଦଧୀଚି । ସେଇଥିପାଇଁ ଆଜି ସେମାନେ ବଡ଼ । ସେଇଥିପାଇଁ ଆଜି ସେମାନେ ମହାତ୍ମା—ମହାପୁରୁଷ ।……

……ସାଗର ବାବୁଙ୍କ ଜୀବନରୁ ଆମେ ଏଇ ମହତ୍ ଶିକ୍ଷା ପାଉଛେ । ଭୋଗ କରି ମଣିଷ ବଡ଼ ହୁଏ ନାହିଁ, ତ୍ୟାଗ କରି ମଣିଷ ବଡ଼ ହୁଏ । ତେଣୁ ଆସ ହେ ମୋର ଭାଇ ଭଉଣୀ ! ଏହି ପୁଣ୍ୟାତ୍ମା ସାଧକଙ୍କ ପଦାଙ୍କ ଅନୁସରଣ କରି ତ୍ୟାଗ, ନିଷ୍ଠା. ସେବା, ଆତ୍ମବଳରେ ଏହି ଉତ୍କଳର ଧର୍ମକ୍ଷେତ୍ରରେ କର୍ମର ପୁଣ୍ୟ ମନ୍ଦିର ଗଢ଼ିବା—ତା' ହେଲେ ଏ ମୁମୂର୍ଷୁ ଜାତି ସିଂହବିକ୍ରମରେ ମାତି ଉଠିବ, ଏ ପତିତ ଦେଶ ସୁଜଳା ସୁଫଳା ଶସ୍ୟଶ୍ୟାମଳା ହୋଇ ହସି ଉଠିବ, ଏ ମୃତ ଭାଷା ନୂଆ ଜୀବନ ନୂଆ ସ୍ପନ୍ଦନ ପାଇ ଗଙ୍ଗାଠାରୁ ଗୋଦାବରୀଯାଏ ପୁଣିଥରେ ସଭିଙ୍କ କଣ୍ଠରେ ଜାଗିଉଠିବ ।"

ଜୟ ଜଗନ୍ନାଥ ତାନରେ ସଭାସ୍ଥଳ ଉଚ୍ଛୁଳି ଉଠିଲା । ବଡ଼ ବଡ଼ ଆଖି ଦୁଇଟାରୁ ଉଦବେଦ ଲୁହ ଢାଳି ଦେଇ ସୁମତି ମୁହିଁ ରହିଲା ସମାଧି ଆଜ୍ଞେ—

---

କଟକ, ଓରିଏଣ୍ଟ ପ୍ରେସରେ ଶ୍ରୀ ସାଧୁଚରଣ ଦଳନାୟକଙ୍କ ଦ୍ୱାରା ମୁଦ୍ରିତ

—ଶେଷ ଅଟେଇଶ—